# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 88 ଭାଗ ୩୪ | ସଂଖ୍ୟା ୮୮ | Friday 19 June 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର, ୧୯ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




୬ ମାସ ଆଗରୁ ଆତ୍ମହତ୍ୟା ଯୋଜନା — ପୃଷ୍ଠା ୫

## ସ୍କୁଲ ବହିରେ ମୁଦ୍ରଣ ତ୍ରୁଟି

# ତଦନ୍ତ କମିଟିରେ ସାମିଲ ହେଲେ ଆଉ ଦୁଇ ସଦସ୍ୟ



ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ରାଜ୍ୟର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଠ୍ୟ ପୁସ୍ତକରେ ବ୍ୟାପକ ମୁଦ୍ରଣଜନିତ ତ୍ରୁଟି ଯୋଗୁ ଏ ସମ୍ପର୍କରେ କମିଟି ଗଠନ କରି ତଦନ୍ତ କରିବ ବୋଲି ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଥିଲେ।

- ୭ ଦିନ ମଧ୍ୟରେ ଦେବେ ରିପୋର୍ଟ
- ଆସନ୍ତା ବର୍ଷ ଆସିବ ସଂଶୋଧିତ ପୁସ୍ତକ

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ଏହି କମିଟି ଗଠନ କରାଯାଇଛି। ଉନ୍ନୟନ କମିଶନର (ଡିସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ କମିଟିର ଅଧ୍ୟକ୍ଷ ରହିଥିବା ବେଳେ ଏଥିରେ ଦୁଇ ଜଣଙ୍କୁ ସଦସ୍ୟ ଭାବେ ମଧ୍ୟ ନିଆଯାଇଛି। ସେମାନେ ହେଲେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ଏବଂ ସାଧାରଣ ପ୍ରଶାସନ ବିଭାଗର ଉପସଚିବ ସ୍ମିତା ପାଣି। ଏହି କମିଟି ମୁଦ୍ରଣଜନିତ ତ୍ରୁଟିର ତଦନ୍ତ କରି ଏହା କେଉଁ ସ୍ତରରେ ହୋଇଛି ଓ କେଉଁ ଅଧିକାରୀ ବା ସଂସ୍ଥା ଏଥିପାଇଁ ଦାୟୀ, ତାହା ନିର୍ଣ୍ଣୟ କରିବେ। ୭ ଦିନ ମଧ୍ୟରେ ତଦନ୍ତ ସମ୍ପୂର୍ଣ୍ଣ କରି ରିପୋର୍ଟ ପ୍ରଦାନ କରିବାକୁ କମିଟିକୁ କୁହାଯାଇଛି।

ଅନ୍ୟପକ୍ଷରେ ଆଜିଠାରୁ ସ୍କୁଲ ଖୋଲିଥିବା ବେଳେ ତ୍ରୁଟିଯୁକ୍ତ ବହି ପଢ଼ିବାକୁ ଛାତ୍ରଛାତ୍ରୀ ବାଧ୍ୟ ହୋଇଛନ୍ତି। ତେବେ ସେମାନଙ୍କୁ ଏବେ ସଂଶୋଧିତ ପୁସ୍ତକ ମିଳିବ ନାହିଁ। ତେଣୁ ସେମାନଙ୍କୁ ଚଳିତ ବର୍ଷଯାକ ➪ପୃଷ୍ଠା-୬

# ଆମେରିକା-ଇରାନ୍ ଶାନ୍ତିଚୁକ୍ତିରେ ବାଜିଲା ମୋହର

ଏଭିଆନ୍-ଲେସ୍-ବାଏନ୍ସ,୧୮।୬: ପାରସ୍ୟ ଉପସାଗର ଅଞ୍ଚଳରେ ଯୁଦ୍ଧବିରତି ବୃଦ୍ଧି କରିବା ତଥା ବିଶ୍ୱର ପ୍ରମୁଖ ତୈଳ ପରିବହନ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ପୁନଃମୁକ୍ତ କରିବା ଲକ୍ଷ୍ୟ ନେଇ ଆମେରିକା ଓ ଇରାନ୍ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି। ଉଭୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଇରାନ୍‌ର ରାଷ୍ଟ୍ର ମାସୁଦ୍ ପେଜେସକିଆନ୍ ୧୪ ସର୍ତ୍ତାବଳୀ ବିଶିଷ୍ଟ ଏମଓୟୁରେ ସ୍ୱାକ୍ଷର କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ରାଷ୍ଟ୍ରପତି ଟ୍ରମ୍ପ୍ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କ ସହ ଏକ ବୈଠକ ଅବସରରେ ଏହି ରାଜିନାମାରେ ସ୍ୱାକ୍ଷର କରିଛନ୍ତି। ଦୁଇ ପକ୍ଷ ସ୍ୱାକ୍ଷର କରିବା ପରେ ରାଜିନାମା ତୁରନ୍ତ କାର୍ଯ୍ୟକ୍ଷମ ହୋଇଥିବା ସିଏନଏନ ରିପୋର୍ଟ କରିଛି। ବୁଝାମଣାପତ୍ରରେ ସ୍ୱାକ୍ଷର କରିବା ପରେ ଇରାନ ରାଷ୍ଟ୍ରପତି ପେଜେସକିଆନ୍ ଏହାକୁ ଐତିହାସିକ



- ହାର୍ଡକପିରେ ଦସ୍ତଖତ କଲେ ଟ୍ରମ୍ପ୍
- ବୁଝାମଣାପତ୍ରରେ ୧୪ ସର୍ତ୍ତ
- ଆଣବିକ ପରୀକ୍ଷଣ କରିବନି ଇରାନ୍

ବୋଲି ଦର୍ଶାଇବା ସହ ପାରସ୍ପରିକ ସମ୍ମାନରୁ ଶାନ୍ତି ମିଳିପାରିବ ବୋଲି ତାଙ୍କର 'ଏକ୍ସ' ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ଇରାନ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଇସମାଇଲ୍ ବାଘେଇ ଏହାକୁ ମଧ୍ୟ ପୁଷ୍ଟି କରିଛନ୍ତି। ସେ କହିଛନ୍ତି ଯେ ଇରାନ ଓ ଆମେରିକା ପରସ୍ପର ସହ ବୁଝାମଣା କରିବାକୁ ରାଜି ହୋଇଛନ୍ତି ଓ ବୁଧବାର ବିଳମ୍ବିତ ରାତିରେ ରାଜିନାମାକୁ କାର୍ଯ୍ୟକାରୀ କରାଯାଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଦସ୍ତଖତ (ସ୍ୱାକ୍ଷର) ସହ ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥତା କରୁଥିବା ଇସଲାମାବାଦ ଦ୍ୱାରା ପ୍ରସ୍ତୁତ ବୁଝାମଣାପତ୍ରର ପାଠ୍ୟ ଚୂଡ଼ାନ୍ତ ହୋଇଛି ବୋଲି ବାଘେଇ ଇରାନର ସରକାରୀ ସମାଚାର ଏଜେନ୍ସି ଇର୍‌ନାକୁ କହିଛନ୍ତି। ଏବେ ରାଜିନାମାର କାର୍ଯ୍ୟାନ୍ୱୟନକୁ ପରୀକ୍ଷା କରିବାର ସମୟ ବୋଲି ସେ କହିଛନ୍ତି। ସେହିଭଳି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍ ସମୀପବର୍ତ୍ତୀ ଭର୍ସାଇଲେସ୍ ପ୍ୟାଲେସରେ ଇରାନ ସହ ରାଜିନାମା ସ୍ୱାକ୍ଷରିତ ହୋଇଛି। ସେ ଏଥିରେ ଦସ୍ତଖତ କରିଛନ୍ତି। ବାସ୍ କେବଳ ଦସ୍ତଖତ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ରାଜିନାମାରେ ଟ୍ରମ୍ପ୍ ସ୍ୱାକ୍ଷର କରିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ ମଧ୍ୟ ସ୍ପଷ୍ଟ କରାଯାଇଛି।

ଗତ ଫେବ୍ରୁଆରୀ ୨୮ ତାରିଖରେ ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିବା ପରଠାରୁ ମଧ୍ୟପ୍ରାଚ୍ୟ ଅଶାନ୍ତ ହୋଇ ରହିଥିଲା। ଏପ୍ରିଲ୍ ୮ ତାରିଖରେ ଏକ ଅସ୍ଥାୟୀ ଯୁଦ୍ଧବିରତି ଘୋଷଣା କରାଯିବା ପରେ ପଶ୍ଚିମ ଏସିଆରେ ଯୁଦ୍ଧଜନିତ ଉତ୍ତେଜନା କିଛି ପରିମାଣରେ ପ୍ରଶମିତ ହୋଇଥିଲା। ତେବେ ବୁଧବାର ବିଳମ୍ବିତ ରାତିରେ ହୋଇଥିବା ବୁଝାମଣା ୬୦ ଦିନର ଯୁଦ୍ଧବିରତିକୁ ବୃଦ୍ଧି କରିଛି। ଏଥିସହ ଇରାନ ଧୀରେ ଧୀରେ ହର୍ମୁଜ ଜଳପଥକୁ ପୁନଃମୁକ୍ତ କରିବ ଓ ଇରାନର ବନ୍ଦରଗୁଡ଼ିକ ଉପରୁ ଆମେରିକା ତା'ର ପ୍ରତିବନ୍ଧକକୁ ହଟାଇନେବ ବୋଲି ଆଶା କରାଯାଉଛି। ➪ପୃଷ୍ଠା-୬

## ନିଟ୍ ପୁନଃପରୀକ୍ଷା ପ୍ରସ୍ତୁତିର ସମୀକ୍ଷା କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ସ୍ୱଚ୍ଛତା, ଦକ୍ଷତା ଓ ସାଧୁତା ବଜାୟ ରଖିବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୮।୬(ସଂଚାର ବ୍ୟୁରୋ): ଆସନ୍ତା ଜୁନ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ ପୁନଃ ପରୀକ୍ଷାରେ ସ୍ୱଚ୍ଛତା, ଦକ୍ଷତା ଓ ସାଧୁତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହି ପ୍ରକ୍ରିୟାରେ ଜଡ଼ିତ ସବୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏ ସମ୍ପର୍କରେ ଜାତୀୟ ଟେଷ୍ଟିଂ ଏଜେନ୍ସି (ଏନଟିଏ), କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ବିଭିନ୍ନ ରାଜ୍ୟ ସରକାର ଓ ପରୀକ୍ଷା ପରିଚାଳନାରେ ଜଡ଼ିତ ଉଚ୍ଚ ଶିକ୍ଷାନୁଷ୍ଠାନର ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ପରୀକ୍ଷା ପ୍ରସ୍ତୁତିର ସମୀକ୍ଷା କରିଥିଲେ।

**ବିଭିନ୍ନ ରାଜ୍ୟ, ଏନଟିଏ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ସହ ଆଲୋଚନା**

ପୁନଃପରୀକ୍ଷାର ମୁକ୍ତ ଓ ନିରପେକ୍ଷ ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ସମସ୍ତ ସ୍ତରରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ଅଧିକାରୀମାନେ ପୁନଃପରୀକ୍ଷା ପ୍ରକ୍ରିୟା ସମ୍ବନ୍ଧୀୟ କାର୍ଯ୍ୟକଳାପର ସମନ୍ୱୟ ପାଇଁ ସମସ୍ତ ରାଜ୍ୟକୁ ପହଞ୍ଚିବେ ଏବଂ ଏନଟିଏ ଡିଜିଙ୍କ ନେତୃତ୍ୱରେ ଗଠିତ କମାଣ୍ଡ ସେଣ୍ଟରକୁ ରିପୋର୍ଟ କରିବେ। ସେ ରାଜ୍ୟ ସରକାରଙ୍କ ନିଯୁକ୍ତ ନୋଡାଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଛାତ୍ରଛାତ୍ରୀମାନଙ୍କୁ ଚାପମୁକ୍ତ ପରିବେଶରେ ପୁନଃପରୀକ୍ଷା ଦେବା ପାଇଁ ସମସ୍ତ ଆବଶ୍ୟକୀୟ ସୁବିଧା ଯୋଗାଇ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସ୍କୁଲ ଶିକ୍ଷା ଓ ସାକ୍ଷରତା ସଚିବ ସଞ୍ଜୟ କୁମାର ଛାତ୍ରଛାତ୍ରୀମାନେ ଯେପରି ଚାପମୁକ୍ତ ରହିବେ, ସେଥିପାଇଁ ସେମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପରୀକ୍ଷା ହଲକୁ ପ୍ରବେଶ ପୂର୍ବରୁ ବସିବା ପାଇଁ ଓ ପାନୀୟ ଜଳର ବ୍ୟବସ୍ଥା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ➪ପୃଷ୍ଠା-୬

# ଦୟାଲ ଗଙ୍ଗୱାର ନିଲମ୍ବିତ

## ଡେପୁଟେସନରୁ ଫେରିଲେ ଭେଙ୍କଟ ସ୍ୱାମୀ

ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ରାଜ୍ୟ ପ୍ରଶାସନରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୃହ ବିଭାଗର ଓଏସଡି ଥିବା ବରିଷ୍ଠ ଆଇପିଏସ ଅଫିସର ଦୟାଲ ଗଙ୍ଗୱାରଙ୍କୁ ନିଲମ୍ବିତ କରିଛନ୍ତି ମୁଖ୍ୟମନ୍ତ୍ରୀ। ନିକଟରେ ଜିଆରପି କନଷ୍ଟେବଲ



ସୌମ୍ୟରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ମାମଲାକୁ ନେଇ ଦୟାଲ ଗଙ୍ଗୱାର ବିବାଦ ଘେରକୁ ଆସିଥିଲେ। କନଷ୍ଟେବଳଙ୍କ ପରିବାର ଲୋକେ ଶ୍ରୀ ଗଙ୍ଗୱାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ସୌମ୍ୟରଞ୍ଜନଙ୍କୁ ସରକାରୀ କାର୍ଯ୍ୟ ବ୍ୟତୀତ ନିଜର ବ୍ୟକ୍ତିଗତ କାମରେ ଖଟାଇବା ଓ ମାନସିକ ନିର୍ଯାତନା ଦେବା ଭଳି ସଙ୍ଗିନ ଅଭିଯୋଗ ହୋଇଥିଲା। ଏହି ବିବାଦ ପରେ ତାଙ୍କୁ ଏଡିଜି କମ୍ୟୁନିକେସନ ପଦବୀରୁ ବଦଳି କରାଯାଇ ଗୃହ ବିଭାଗର ଓଏସଡି କରାଯାଇଥିଲା। ସେପଟେ ଆଇଏଏସ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରାଯାଇଛି। କେନ୍ଦ୍ରୀୟ ➪ପୃଷ୍ଠା-୬

## ଡାକ୍ତରଙ୍କ ଦୀର୍ଘକାଳୀନ ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ

# ୧୨୮ ମେଡିକାଲ ଅଫିସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ଦୀର୍ଘଦିନ ଧରି ଡାକ୍ତରଖାନା ନ ଆସି ରୋଗୀ ସେବାରୁ ବିରତ ରହୁଥିବା ଡାକ୍ତରମାନଙ୍କ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଓଡ଼ିଶାର ବିଭିନ୍ନ ଡାକ୍ତରଖାନାରେ ୧୨୮ ଜଣ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନ ଦୀର୍ଘ ୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି। ସେମାନଙ୍କ ସ୍ଥିତି ବିଷୟରେ ଜଣାଇବା ପାଇଁ ଖବରକାଗଜରେ ଇସ୍ତାହାର ମଧ୍ୟ ଦିଆଯାଇଥିଲା। ସେମାନଙ୍କର ଏହି ଅନଧିକୃତ ଉପସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ



- କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ବହିଷ୍କୃତ

ନେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି। ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି। ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ଏବଂ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ ତାହାର ଅନୁପାଳନ କରି ନ ଥିଲେ। ରୋଗୀ ସେବାରେ ତାଙ୍କର ଏହି ଅନାଗ୍ରହ ଯୋଗୁ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି, ଡାକ୍ତରଖାନାଗୁଡ଼ିକର ଆଧୁନିକୀକରଣ ➪ପୃଷ୍ଠା-୬

# ବାରିପଦାରୁ ମିଳିଲା ୧.୫ କୋଟି ବର୍ଷ ତଳର ସାମୁଦ୍ରିକ ଜୀବାଶ୍ମ



ବାରିପଦା,୧୮।୬(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରରୁ ପ୍ରାୟ ୧.୫ କୋଟି ବର୍ଷ ତଳର ମାୟୋସିନ୍ ଯୁଗର ସାମୁଦ୍ରିକ ଜୀବାଶ୍ମ ମିଳିଛି। ଏହି ଜୀବାଶ୍ମରୁ ଏହା ସ୍ପଷ୍ଟ ହୋଇଛି ଯେ ଏବର ସ୍ଥଳଭାଗ ବାରିପଦା ଦିନେ ଏକ ଗଭୀର ସମୁଦ୍ର ଗର୍ଭରେ ଥିଲା। ଗବେଷକମାନେ ଏଠାରୁ ପ୍ରାଚୀନ ସାର୍କର ଦାନ୍ତ, ମେରୁଦଣ୍ଡ ଓ ଶଙ୍କର ମାଛର ଜୀବାଶ୍ମ ପାଇଛନ୍ତି। ଏଥିସହ କୁମ୍ଭୀର, ବିଭିନ୍ନ ପ୍ରକାରର ମାଛ ଓ ଶାମୁକା ଜାତୀୟ ଜୀବଙ୍କ ଅବଶେଷ ମଧ୍ୟ ମିଳିଛି। ଏହି ଜୀବାଶ୍ମଗୁଡ଼ିକ ଦର୍ଶାଉଛି ଯେ ସମୁଦ୍ର ଏବେ ବାରିପଦାଠାରୁ ପ୍ରାୟ ୬୦ କିଲୋମିଟର ଦୂରକୁ ଘୁଞ୍ଚିଯାଇଛି। ଏହି ପଥର ପାଲଟିଯାଇଥିବା ଶକ୍ତ ଅବଶେଷଗୁଡ଼ିକୁ ସ୍ଥାନୀୟ ଲୋକେ ପୂର୍ବରୁ ଅସୁର ହାଡ଼ ବୋଲି କହୁଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଗବେଷକ ଓ ଇନ୍‌ଟାକ୍ ପକ୍ଷରୁ ଏହି ସ୍ଥାନର ସୁରକ୍ଷା ପାଇଁ ଦାବି କରାଯାଇଛି। ବୁଢ଼ାବଳଙ୍ଗ ନଦୀ ➪ପୃଷ୍ଠା-୬

## ହିଟ୍‌ୱେଭ୍‌ର ପ୍ରଭାବ

# ଖୋର୍ଦ୍ଧାରେ ସକାଳୁଆ ସ୍କୁଲ

**ପୁରୀରେ ୨୨ ଯାଏଁ ବନ୍ଦ**



ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ସରକାରଙ୍କ ପୂର୍ବ ନିଷ୍ପତ୍ତି ଅନୁସାରେ, ଆଜି ହାତଗଣତି ଜିଲ୍ଲାକୁ ବାଦ୍ ଦେଲେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ସ୍କୁଲଗୁଡ଼ିକ ଖୋଲିଥିଲା। ସରକାର ସ୍କୁଲ୍ ଛୁଟି ଅବଧି ବଢ଼ାଯିବ ନାହିଁ ବୋଲି ସ୍ପଷ୍ଟ କରିବା ପରେ ଧାର୍ଯ୍ୟ ସମୟରେ ଆଜି ସ୍କୁଲ୍ ଖୋଲିଥିଲା। ତେବେ ଆଜି ମଧ୍ୟ ହିଟ୍‌ୱେଭ୍ ଜାରି ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି କେତେକ ଜିଲ୍ଲାରେ ସ୍କୁଲ୍ ସମୟରେ ପରିବର୍ତ୍ତନ କରାଯାଇଛି ତ ଆଉ କେଉଁଠି ଛୁଟି ଅବଧିକୁ ବଢ଼ାଇ ଦିଆଯାଇଛି। ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତାକାଲିଠାରୁ ସକାଳୁଆ ସ୍କୁଲ ହେବ ବୋଲି ସରକାର ଘୋଷଣା କରିଛନ୍ତି। ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକରେ ସକାଳ ସାଢ଼େ ୬ଟାରୁ ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ହେବ। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଏପରି ନିଷ୍ପତ୍ତି ନେଇଛନ୍ତି। ଗତକାଲି ୬ଟି ଜିଲ୍ଲାରେ ଗରମ ଯୋଗୁ ଖରା ଛୁଟି ବୃଦ୍ଧି ଘୋଷଣା କରାଯାଇଥିଲା। ଆଜି ମଧ୍ୟ ଖରାକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲାରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସ୍କୁଲ ➪ପୃଷ୍ଠା-୬

# ଡିଜିଟାଲ ହେବ ଦୁର୍ଗମ ଅଞ୍ଚଳ ଓ ଗ୍ରାମାଞ୍ଚଳ



- ୭୦୭ ସ୍ଥାନରେ ତିଆରି ହେବ ୪ଜି ମୋବାଇଲ ଟାୱାର
- ଏନଓସି ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ଏସିଏସଙ୍କ ଚିଠି
- ଭାରତ ନେଟ୍ ପରିଯୋଜନାରେ ଖର୍ଚ୍ଚ ହେବ ୪ ହଜାର କୋଟି

ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ରାଜ୍ୟର ଦୁର୍ଗମ ଓ ସେବାବଞ୍ଚିତ ଅଞ୍ଚଳଗୁଡ଼ିକରେ ମୋବାଇଲ ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଡିଜିଟାଲ ଭାରତ ନିଧି (ଡିବିଏନ)ରେ ଓଡ଼ିଶାର ୭୦୭ଟି ନୂତନ ସ୍ଥାନରେ ୪ଜି ମୋବାଇଲ ଟାୱାର ସ୍ଥାପନ କରାଯିବ। ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳରେ ଡିଜିଟାଲ ସଂଯୋଗ ବ୍ୟବସ୍ଥାର ବ୍ୟାପକ ବିକାଶ ସମ୍ଭବ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଡିଜିଟାଲ ଇଣ୍ଡିଆ ମିଶନର ସଫଳ ରୂପାନୟନ ପାଇଁ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହେଉଥିବାରୁ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଧନ୍ୟବାଦ ଜଣାଇଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ସମ୍ବନ୍ଧିତ ୨୫ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ଶୀଘ୍ର ଆବଶ୍ୟକ ଜମି ଉପଲବ୍ଧ କରାଇବା ସହ ବିଏସଏନଏଲ୍ ପକ୍ଷରେ ଏନଓସି (ଏନଓସି) ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ପ୍ରତ୍ୟେକ ସ୍ଥାନରେ ପ୍ରାୟ ୨ ହଜାର ବର୍ଗଫୁଟ ସରକାରୀ ଜମିରେ ଟାୱାର ସ୍ଥାପନ କରାଯିବ। ଏପର୍ଯ୍ୟନ୍ତ ୨୯୪ଟି ସ୍ଥାନ ପାଇଁ ଏନଓସି ପ୍ରଦାନ କରାଯାଇଥିବାରୁ ସେହି ଅଞ୍ଚଳଗୁଡ଼ିକରେ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ➪ପୃଷ୍ଠା-୬

# ଗୁଜରାଲଙ୍କ ପୁଅଙ୍କଠୁ ଠକିନେଲେ ୭.୮ କୋଟି

ନୂଆଦିଲ୍ଲୀ, ୧୮।୬:ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଆଇ.କେ.ଗୁଜରାଲଙ୍କ ପୁଅ ତଥା ପୂର୍ବତନ ରାଜ୍ୟସଭା ସାଂସଦ ନରେଶ ଗୁଜୁରାଲଙ୍କଠାରୁ ସାଇବର ଠକମାନେ ୭ କୋଟି ୮୦ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଅଜ୍ଞାତ ସାଇବର ଅପରାଧୀମାନେ ତାଙ୍କ ହ୍ୱାଟ୍ସଆପ୍ ବ୍ୟବହାର କରି ତାଙ୍କ କମ୍ପାନୀର ଜଣେ କର୍ମଚାରୀଙ୍କୁ ଟାର୍ଗେଟ୍ କରିଥିଲେ ଓ ପାଞ୍ଚଦିନ ମଧ୍ୟରେ ଆରଟିଜିଏସ୍ ଜରିଆରେ ୭.୮୦ କୋଟି ଟଙ୍କା ଟ୍ରାନ୍ସଫର କରିବାକୁ କହିଥିଲେ। କର୍ମଚାରୀଜଣଙ୍କ ଏହା ସାଇବର ଠକଙ୍କ ଚାଲ ବୁଝି ନପାରି ଠକକୁ ନରେଶ ଗୁଜୁରାଲ୍ ବୋଲି ଭାବି ଟଙ୍କା ଟ୍ରାନ୍ସଫର କରିଦେଇଥିଲେ। ଏହା ଜଣାପଡ଼ିବା ପରେ ନରେଶ ଦିଲ୍ଲୀ ପୁଲିସର ଇଣ୍ଟେଲିଜେନ୍ସ ଫ୍ୟୁଜନ୍ ଆଣ୍ଡ ଷ୍ଟ୍ରାଟେଜିକ୍ ଅପରେସନରେ ଏକ ମାମଲା ଦାଏର କରିଛନ୍ତି।

# ବ୍ରେଣ୍ଟ କ୍ରୁଡ୍ ୨.୩% ହ୍ରାସ

ଟୋକିଓ, ୧୮।୬: ଆମେରିକା ଓ ଇରାନ ମଧ୍ୟରେ ୬୦ ଦିନର ଯୁଦ୍ଧବିରତି ବୃଦ୍ଧି ଲାଗି ଏକ ଅନ୍ତରୀଣ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର ହେବା ପରେ ତାହାର ତୁରନ୍ତ ପ୍ରଭାବ ବିଶ୍ୱ ତୈଳ ବଜାରରେ ଅନୁଭୂତ ହୋଇଛି। ବୁଧବାର ବିଳମ୍ବିତ ରାତିରେ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ଗୁରୁବାର ଏସିଆ ମହାଦେଶରେ ବ୍ରେଣ୍ଟ କ୍ରୁଡ୍ ୨.୩ ପ୍ରତିଶତ ହ୍ରାସ ପାଇଛି। ସେହିପରି ରାତାରାତ ୱାଲଷ୍ଟ୍ରିଟ୍‌ରେ ଉତ୍ସାହ ବୃଦ୍ଧି ପାଇବା ଫଳରେ ଏସୀଆର ଷ୍ଟକ୍ ବଜାରରେ ସକାରାତ୍ମକ ଫଳାଫଳ ଦେଖିବାକୁ ମିଳିଛି। ଜାପାନର ବେଞ୍ଚମାର୍କ ନିକେଇ ୨୨୫ ଓ ଦକ୍ଷିଣ କୋରିଆର କୋସ୍ପି ଉଭୟ ଯଥାକ୍ରମେ ୨ ପ୍ରତିଶତ ଏବଂ ୧.୭ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛନ୍ତି।

# ମସ୍କୋରେ ବିଷାକ୍ତ ତୈଳବର୍ଷା

ମସ୍କୋ,୧୮।୬:ୟୁକ୍ରେନ୍‌ର ଆକ୍ରମଣ ପରେ ବହୁସ୍ଥାନରେ କଳାବର୍ଷା ହୋଇଥିବା ରୁଷ୍‌ର ନାଗରିକମାନେ ଅଭିଯୋଗ କରିଛନ୍ତି। ୟୁକ୍ରେନ୍ ବୁଧବାର ରୁଷ୍‌ର ତୈଳ ବିଶୋଧନାଗାର ଉପରେ ପାଖାପାଖି ୨ଶହ ଡ୍ରୋନ୍ ମାଡ଼ କରିବା ପରେ ରାଜଧାନୀ ମସ୍କୋ ଓ ତା'ର ଆଖପାଖ ଅଞ୍ଚଳରେ ଏଭଳି ବିଷାକ୍ତ ତୈଳ ବର୍ଷା ହୋଇଥିବା ଲୋକମାନେ କହିଛନ୍ତି। ୟୁକ୍ରେନର ପ୍ରଚଣ୍ଡ ଡ୍ରୋନ ମାଡ଼ରେ ମସ୍କୋର ଆକାଶ ମୋଟ କଳାଧୂଆଁରେ ଢାଙ୍କି ହୋଇଯାଇଥିଲା ଓ ଏଥିରେ ୧୭ ଜଣ ଆହତ ହୋଇଥିଲେ ବୋଲି ସ୍ଥାନୀୟ ଗଭର୍ଣ୍ଣର ଆଣ୍ଡ୍ରେଇ ଭୋରୋବ୍ୟୋଭ୍ କହିଛନ୍ତି। କିଭ୍ ଉପରେ ରୁଷିଆର ଆକ୍ରମଣର ଏହା ସାମାନ୍ୟ ଉତ୍ତର ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନ୍‌ସ୍କି କହିଛନ୍ତି।



## କାନ ଡେରିଥା

ମାଗଣାରେ ପିଲେ ଶିକ୍ଷା
ପାଉଛନ୍ତି
ଏକଥା କି ମନେ ନାହିଁ
ପିଲାଏ ଟିକିଏ ଭୁଲ
ପଢ଼ିଦେଲେ
କେତେ କଥା ଦେଲ କହି
ମାଗଣା ବହି ବା ଏଇ...
ମାଗଣା ଚାଉଳେ ଗୋଡ଼ି ବାଲି ଥିଲେ
କେମିତି ଦେଉଛ ଧୋଇ ।

ଦେବାଶିଷ

# ଦ୍ରୌପଦୀ ନୁହେଁ, ଦୁଃଶିଳା ଦୁର୍ଯ୍ୟୋଧନଙ୍କ ଭଉଣୀ

ମହାକାଳପଡ଼ା,୧୮।୬(ସଂଚାର ବ୍ୟୁରୋ): ମହିଳା ସରପଞ୍ଚ ଚାମେଲି ଓଝାଙ୍କ ପାଇଁ ମହାକାଳପଡ଼ା ବିଡିଓଙ୍କ ଦପ୍ତରରେ କୁରୁସଭା ପ୍ରସ୍ତୁତ କରିଥିବା ବିଧାୟକ ଏବେ ଚାମେଲିଙ୍କୁ ଭଉଣୀ କହି ଲୋକହସା ହେବାରେ ଲାଗିଛନ୍ତି। ବିଧାୟକ ଦୁର୍ଗାପ୍ରସନ୍ନ ନାୟକ

## କୁରୁସଭା ରଚିଥିବା ବିଧାୟକ ଏବେ ଭୟଭୀତ କି?

ବୋଧହୁଏ ଭୁଲିଯାଇଛନ୍ତି ଯେ ମହାଭାରତରେ ଦୁର୍ଯ୍ୟୋଧନଙ୍କ ଭଉଣୀ ଦ୍ରୌପଦୀ ନୁହେଁ, ଦୁଃଶିଳା ଥିଲେ। ଚାମେଲିଙ୍କୁ ନିଜର ଭଉଣୀ ବୋଲି ଗଣମାଧ୍ୟମରେ କହିବା ପରେ ପୁଣି ସୋସିଆଲ ମିଡିଆରେ ସମାଲୋଚନାର ଶିକାର ହୋଇଛନ୍ତି ବିଧାୟକ।

ମହାକାଳପଡ଼ା ବିଡିଓଙ୍କ ଦପ୍ତରରେ ମହିଳା ସରପଞ୍ଚ ଚାମେଲି ଓଝାଙ୍କୁ ଗେରୁଆ ଗାମୁଛା ପକା





ଲୋକେ ବେଇଜ୍ଜତ କଲେ ଓ ବିଡିଓଙ୍କ ଏତଲା ଆଧାରରେ ଚାମେଲି ଜେଲ ଗଲେ। ଜେଲ୍ ଯିବା ସମୟରେ ପୁଲିସ୍ ମାଡ଼ରେ ଆହତ ହେବା ଯୋଗୁଁ ଡାକ୍ତରଖାନାରେ ରହି ଚିକିତ୍ସିତ ହେଲେ। ତେବେ ଚାମେଲି ତାଙ୍କ ଜବତ ମୋବାଇଲ୍ ଫେରି ପାଇବା ପରେ ଯେଉଁସବୁ ଭିଡିଓ ସାମ୍ନାକୁ ଆସିଲା, ସେଥିରୁ ସ୍ପଷ୍ଟ ଦେଖାଗଲା ଯେ ବିଡିଓଙ୍କ ଦପ୍ତରରେ ବିଧାୟକଙ୍କ ଗୁଣ୍ଡାମାନେ ଚାମେଲିଙ୍କୁ ଘେରି ଅଶ୍ଳୀଳ ଭାଷା ପ୍ରୟୋଗ ସହ ଧମକଚମକ ଦେଇଥିଲେ। ଏହାକୁ ଦେଖିବା ପରେ ବିଧାୟକ ଦୁର୍ଯ୍ୟୋଧନ ସାଜି ବିଡିଓଙ୍କ ଦପ୍ତରରେ ଚାମେଲିଙ୍କ ପାଇଁ କୁରୁସଭା ପ୍ରସ୍ତୁତ କରିଥିଲେ ବୋଲି କେନ୍ଦ୍ରାପଡ଼ାରେ ଆଲୋଚନା ଜୋର ଧରିଥିଲା।

ଚାମେଲି ଘଟଣାରେ ରାଜନୀତି ଜୋର୍ ଧରିବା ସହ ନ୍ୟାୟ ପାଇଁ ଚାମେଲି ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖିଲେ। କିଛି ସଂଗଠନ ମଧ୍ୟ ଚାମେଲି ମାମଲାକୁ ନେଇ ହାଇକୋର୍ଟ ଯାଇଛନ୍ତି। ଚାମେଲି ମୁଖ୍ୟମନ୍ତ୍ରୀଙ୍କ ଲେଖିଥିବା ପତ୍ରରେ ବିଧାୟକ ଦୁର୍ଗା ପ୍ରସନ୍ନ ତାଙ୍କୁ ଇଜ୍ଜତ ମାଗୁଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଥିଲେ ଓ ସେ ଏଥିରେ ରାଜି ନ ହେବାରୁ ନିଜ ଗୁଣ୍ଡାଙ୍କୁ ଓ ପୁଲିସ୍ ଲଗାଇ ତାଙ୍କୁ ମାଡ଼ ମାରିଥିବା କହିଥିଲେ। ସେହିଭଳି ଚାମେଲି ଅନୁରୂପ ଚିଠି ସିଧାସଳଖ ପ୍ରଧାନମନ୍ତ୍ରୀଙ୍କୁ ବି ଲେଖିଛନ୍ତି ।

ମାମଲା ବିଗୁଡୁଥିବା ଦେଖି ବିଧାୟକ ଦୁର୍ଗା ପ୍ରସନ୍ନ ଆଜି ଗଣମାଧ୍ୟମରେ ➪ପୃଷ୍ଠା-୬

# ନୂଆ ବହି, ତ୍ରୁଟି ଭରା ବହି: ଶିକ୍ଷକ କହୁଛନ୍ତି ନିଜେ ବୁଝିନୁ, ପିଲାଙ୍କୁ କଣ ପଢ଼ାଇବୁ?

## ଅଭିଭାବକ କହିଲେ ଭୁଲ ଶିଖିଲେ ଜୀବନ ସରିଯିବ

କାକଟପୁର /ଅସ୍ତରଙ୍ଗ ,୧୮।୬(ସଂଚାର ବ୍ୟୁରୋ): ରଜ ଛୁଟି ପରେ ଗୁରୁବାର ଠାରୁ ଅସ୍ତରଙ୍ଗ ବ୍ଲକ ଅଧୀନରେ ଥିବା ସମସ୍ତ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟ ଖୋଲିଛି। ନୂଆ ଶିକ୍ଷା ବର୍ଷ ଆରମ୍ଭ ସହ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟର ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ଭାବେ ବଦଳିଛି। ଜାତୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ପ୍ରସ୍ତୁତ ହୋଇଥିବା ଏହି ନୂତନ ବହି ଛାତ୍ରଛାତ୍ରୀଙ୍କ ହାତକୁ ଆସିସାରିଥିଲେ ମଧ୍ୟ ଏହାକୁ ନେଇ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ପ୍ରବଳ ଉଦ୍‌ବେଗ ଓ ଅସନ୍ତୋଷ ଦେଖାଦେଇଛି। ପୁସ୍ତକ ହାତରେ ଆସିବା ପରେ ଶିକ୍ଷକମାନେ ଭଲ ଭାବେ ପରଖିବା ପରେ ଜଣାପଡ଼ିଛି ଯେ ଅନେକ ବହିରେ ଗମ୍ଭୀର ତ୍ରୁଟି ରହିଛି। କେତେକ ବହିରେ ଛାପା ଭୁଲ, ବାକ୍ୟ ରଚନା ତ୍ରୁଟି ଥିବା ବେଳେ କେତେକ ଅଧ୍ୟାୟରେ ତଥ୍ୟ ଭୁଲ ରହିଛି। ବିଜ୍ଞାନ, ଭୂଗୋଳ, ଗଣିତ ଶହ ବହି ପରି ବିଷୟରେ ପ୍ରଶ୍ନର ଭୁଲ ଉତ୍ତର ଦିଆଯାଇଥିବା ବେଳେ କେତେକ ସ୍ଥାନରେ ଅଧ୍ୟାୟର କ୍ରମ ବି ଅସମ୍ପୂର୍ଣ୍ଣ ରହିଛି। ଏହି ଭୁଲ ବହି ପଢ଼ି ପିଲାମାନେ




ଭୁଲ ଶିଖିବେ ବୋଲି ଶିକ୍ଷକମାନେ ଆଶଙ୍କା କରୁଛନ୍ତି। ସମସ୍ୟା ଆଉ ଗୋଟିଏ ପଟେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନରେ ୧୩୧ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟ କରୁଛି।

ଏହି ସ୍କୁଲଗୁଡ଼ିକରେ କାର୍ଯ୍ୟରତ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଅଧିକାଂଶ ନୂତନ ପାଠ୍ୟକ୍ରମ ଓ ନୂଆ ବହି ଉପରେ କୌଣସି ପ୍ରକାର ତାଲିମ ପାଇନାହାନ୍ତି। ପୁରୁଣା ପାଠ୍ୟକ୍ରମରେ ବର୍ଷ ବର୍ଷ ଧରି ଅଭ୍ୟସ୍ତ ହୋଇଥିବା ଶିକ୍ଷକମାନେ ନୂଆ ବହିର ଶିକ୍ଷଣ ଶୈଳୀ, କାର୍ଯ୍ୟକଳାପ ଆଧାରିତ ଶିକ୍ଷା ଓ ନୂଆ ମୂଲ୍ୟାଙ୍କନ ପ୍ରଣାଳୀ ସହ ଜଡ଼ିତ ନୁହଁନ୍ତି। ଫଳରେ କ୍ଲାସରେ ପିଲାଙ୍କୁ କେମିତି ବୁଝାଇବେ ସେ ନେଇ ସେମାନେ ଦ୍ୱନ୍ଦରେ ପଡ଼ିଛନ୍ତି। ଅନେକ ଶିକ୍ଷକ ନାଁ ନ କହିବା ସର୍ତ୍ତରେ କହିଛନ୍ତି ଯେ ବହି ପଢ଼ିଲେ ନିଜେ ହିଁ ସମ୍ପୂର୍ଣ୍ଣ ବୁଝିପାରୁନାହାନ୍ତି, ତେବେ ପିଲାଙ୍କୁ କ'ଣ ପଢ଼ାଇବେ। ଏହି ସ୍ଥିତିକୁ ନେଇ ଅଭିଭାବକମାନେ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି।

ସେମାନଙ୍କ କହିବା କଥା, ଗୋଟିଏ ପଟେ ବହିରେ ଭୁଲ ଥିବା ବେଳେ ଅନ୍ୟ ପଟେ ଶିକ୍ଷକଙ୍କୁ ଯଦି ତାଲିମ୍ ମିଳିନାଥାଏ, ତେବେ ସେମାନଙ୍କ ପିଲାଙ୍କ ପାଠପଢ଼ା ଭବିଷ୍ୟତ କ'ଣ ହେବ। ପରୀକ୍ଷା ପାଇଁ ପିଲାମାନେ କ'ଣ ପଢ଼ିବେ ଓ କେଉଁଟା ଠିକ୍ ବୋଲି ବିଚାର କରିବେ ତାହା ଏବେ ବଡ଼ ପ୍ରଶ୍ନ ହୋଇଛି। ଶିକ୍ଷା ବର୍ଷ ଆରମ୍ଭରୁ ଏଭଳି ଅବ୍ୟବସ୍ଥା ସମଗ୍ର ଶିକ୍ଷା ବ୍ୟବସ୍ଥାର ଗୁଣବତ୍ତାକୁ ପ୍ରଶ୍ନ କରୁଛି।

ଏନେଇ ଅସ୍ତରଙ୍ଗ ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ଲୋଡ଼ିବାକୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ କିନ୍ତୁ ସ୍କୁଲ ଖୋଲିଛି, ଏବେ ତାଲିମ୍ ଆୟୋଜନ କେତେ ଫଳପ୍ରଦ ହେବ ତାହାକୁ ନେଇ ସନ୍ଦେହ ଉଠୁଛି। ଶିକ୍ଷାବିତ୍ ମହଲରେ କହିଛନ୍ତି, ଶିକ୍ଷା ବିଭାଗ ତୁରନ୍ତ ପଦକ୍ଷେପ ନେଇ ବହିରେ ଥିବା ତ୍ରୁଟି ସୁଧାରିବା ସହ ସମସ୍ତ ଶିକ୍ଷକଙ୍କୁ ଜରୁରୀ କାଳୀନ ତାଲିମ୍ ଦେବା ଉଚିତ।

# ଚୋରା ମଦ ଜବତ, ୯ ଗିରଫ



କେନ୍ଦ୍ରାପଡ଼ା,୧୮।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ସଦର, ଡେରାବିଶ ଓ ରାଜନଗର ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଠାକୁରପାଟଣା ଗ୍ରାମର କାଳିନ୍ଦୀ ଖାନ(୩୮)ଙ୍କ ଠାରୁ ୩୫ ଲିଟର ଚୋରା ଦେଶୀ ମଦ, ବାଡପାଟଣା ଗ୍ରାମର ରଘୁନାଥ ନାୟକ(୫୧)ଙ୍କ ଠାରୁ୨୮ ଲିଟର ଚୋରା ଦେଶୀ ମଦ, ବାଘିଲୋ ଗ୍ରାମର ଅକ୍ଷୟ କୁମାର ମଲିକ(୬୮)ଙ୍କ ଠାରୁ ୨୩ ଲିଟର ଚୋରା ବିଦେଶୀ ମଦ, ପୁଗାଛକ ଗ୍ରାମର ସନ୍ତୋଷ ସେଠୀ(୩୨)ଙ୍କ ଠାରୁ ୩୧ଲିଟର ଚୋରା ବିଦେଶୀ ମଦ, ରାଜନଗର ଗ୍ରାମର ସର୍ବେଶ୍ୱର ମଲିକ(୪୨)ଙ୍କ ଠାରୁ ୨୪ ଲିଟର ଚୋରା ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ, କଳରାମ ସେଠୀ(୨୭)ଙ୍କ ଠାରୁ ୨୫ ଲିଟର ଚୋରା ବିଦେଶୀ ମଦ, ଗୋବିନ୍ଦପୁର ଗ୍ରାମର ଅନିରୁଦ୍ଧ ମଲିକ(୪୨)ଙ୍କ ଠାରୁ ୧୫ ଲିଟର ଚୋରା ବିଦେଶୀ ମଦ, ଓଳନ୍ଦ ଗ୍ରାମର ଲକ୍ଷ୍ମୀପ୍ରିୟା ବେହେରା(୩୨)ଙ୍କ ଠାରୁ ୧୦ ଲିଟର ଚୋରା ଦେଶୀ ରନ୍ଧା ମଦ ଓ ସାନ୍ତରହି ଗ୍ରାମର ସର୍ଯ୍ୟପ ସୁବ୍ରମଣିୟମ(୨୪)ଙ୍କ ଠାରୁ ୧୫ ଲିଟର ଚୋରା ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୨୦୬ଲିଟରର ବିଦେଶୀ, ଦେଶୀ ଓ ଦେଶୀ ରନ୍ଧା ଚୋରା ମଦ ଜବତ କରାଯାଇ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମଦ ବ୍ୟବସାୟ ବନ୍ଦ କରିବାକୁ ଦାବି



କେନ୍ଦ୍ରାପଡ଼ା,୧୮।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ପଞ୍ଚାୟତ ଅନ୍ତର୍ଗତ ବଡ ତେରଗାଁ ଗ୍ରାମରେ ଅସାଧୁ ବ୍ୟକ୍ତି ଖୋଲାରେ ଚୋରା ମଦ ବ୍ୟବସାୟ କରୁଥିବାରୁ ଗ୍ରାମବାସୀଙ୍କ ଚଳ ପ୍ରଚଳରେ ବାଧା ସୃଷ୍ଟି ହେଉଛି। ମହିଳା, ବୟସ୍କ ଓ ସ୍କୁଲ ଛାତ୍ରଛାତ୍ରୀ ଯିବା ଆସିବାରେ ଅସୁରକ୍ଷିତ ଅନୁଭବ କରୁଛନ୍ତି। ମଦ ବ୍ୟବସାୟୀ ଜଣକ ଗ୍ରାମବାସୀଙ୍କ କଥାକୁ ଖାତିର ନ କରି ସେ ମଦ ବ୍ୟବସାୟ ବନ୍ଦ କରିବେ ନାହିଁ ବୋଲି ଠୋକ୍‌ଠାକ୍ କହୁଛି। ଏ ନେଇ ଗ୍ରାମବାସୀମାନେ ଜିଲ୍ଲାପାଳ, ଅବକାରୀ ଅଧୀକ୍ଷକ ଏବଂ ଥାନା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ଫଳ ନ ମିଳିବାରୁ ଗ୍ରାମବାସୀମାନେ ଏକତ୍ରିତ ହୋଇ ଗ୍ରାମରେ ମଦ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଗ୍ରାମର ସଞ୍ଜୟ ସ୍ୱାଇଁ, ଚୈତନ୍ୟ ସେଠୀ, କବିନ୍ଦ୍ର ସାହାଣୀ, ଅନିଲ ପରିଡ଼ା, ପ୍ରଭାତ ସାହାଣୀ, ସରୋଜ ସେଠୀ ପ୍ରମୁଖ ଗ୍ରାମବାସୀମାନେ ଏକ ଦାବିପତ୍ର ଅବକାରୀ ଅଧିକ୍ଷକଙ୍କୁ ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ରାଜ୍ୟ ସରକାରଙ୍କ ସଫଳତା ବଖାଣିଲେ ମନ୍ତ୍ରୀ

କେନ୍ଦ୍ରାପଡ଼ା,୧୮।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଯୋଗଦେବା ପାଇଁ ଆଜି କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା, ଜିଲ୍ଲାସ୍ତରୀୟ ସମ୍ମିଳନୀ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ, ଶିକ୍ଷା, କ୍ରୀଡ଼ା, ଜନଜାତି କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ପରିବହନ, ପର୍ଯ୍ୟଟନ ଓ ଭିତ୍ତିଭୂମି କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି। କ୍ରୀଡ଼ା କ୍ଷେତ୍ରରେ ରୋନିତ ରୋଶନ ସ୍ୱାଇଁ, ଶିବାନୀ ପ୍ରିୟଦର୍ଶିନୀ, ଅର୍ପିତା ସ୍ୱାଇଁ ଓ ଟ୍ୱିଙ୍କଲ ସ୍ୱାଇଁଙ୍କ ଉଲ୍ଲେଖନୀୟ ସଫଳତା ଜିଲ୍ଲାକୁ ଗୌରବାନ୍ୱିତ କରିଛି। ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ପିଏମଏଜିୱାଇ, ଅନ୍ତଃଜାତି ବିବାହ ଓ ଛାତ୍ରବୃତ୍ତି ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ ସମାଜ ମଙ୍ଗଳ ବିଭାଗ ଅଧିନରେ ହଜାର ହଜାର ଶିଶୁ, ମହିଳା ଓ ପରିବାର ବିଭିନ୍ନ ଯୋଜନାରେ ଉପକୃତ ହୋଇଛନ୍ତି। ରାଜ୍ୟ ବଜେଟ୍ ୨୦୨୬-୨୭ରେ କେନ୍ଦ୍ରାପଡ଼ାରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ଘୋଷଣା କରାଯାଇଥିବା ବେଳେ ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ନଦୀ ଉପରେ ପ୍ରାୟ ୯୦୦ କୋଟି ଟଙ୍କା ବ୍ୟୟରେ ତିନୋଟି ଉଚ୍ଚସ୍ତରୀୟ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେ ଆହୁରି କହିଥିଲେ ଯେ, ବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ, ଡାଙ୍ଗମାଳ-ଗୁପ୍ତି-ଖୋଲା ପର୍ଯ୍ୟଟନ ଭିତ୍ତିଭୂମି ବିକାଶ, ବଡପାଳ ଟ୍ରକ ଟର୍ମିନାଲ, ଅଟୋମେଟେଡ୍ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ଓ ଟେଷ୍ଟିଂ ଷ୍ଟେସନ ଭଳି ପ୍ରକଳ୍ପଗୁଡ଼ିକ ଜିଲ୍ଲାର ବିକାଶକୁ ନୂଆ ଦିଗ ଦେବ। ରାଜନଗର ବ୍ଲକର କୁସୁନପୁର ଗ୍ରାମକୁ ସ୍ମାର୍ଟ ଭିଲେଜ ପଦକ୍ଷେପରେ ସାମିଲ କରାଯାଇଥିବା ବେଳେ ଜନସାଧାରଣଙ୍କ ଭୂମି ଓ ରାଜସ୍ୱ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରତି ତହସିଲରେ ମାସିକ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଆରମ୍ଭ କରାଯାଇଛି। ମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ଲିଡ୍ ବ୍ୟାଙ୍କିଂ ବ୍ୟବସ୍ଥା ଦ୍ୱାରା ୨୦୨୫-୨୬ ବର୍ଷ ପାଇଁ ସମସ୍ତ ୨୧ଟି ପାରାମିଟରରେ 'ଆୱାର୍ଡ ଅଫ ଏକ୍ସିଲେନ୍ସ' ହାସଲ କରି ରାଜ୍ୟ ସ୍ତରରେ ସ୍ୱତନ୍ତ୍ର ସଫଳତା ଅର୍ଜନ କରିଥିବା ନେଇ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଏମ୍‌ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ୩ୟ ବାର୍ଷିକ ବନ୍ଧୁମିଳନ ଉତ୍ସବ

ପଟ୍ଟାମୁଣ୍ଡାଇ,୧୮।୬(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟର ୧୯୭୮ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ର ସଂସଦର ୩ୟ ବାର୍ଷିକ ବନ୍ଧୁ ମିଳନ ଉତ୍ସବ ନିକଟସ୍ଥ ମଙ୍ଗଳା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରାଧ୍ୟାପକ ବିରଜାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ପୁରାତନ ଛାତ୍ର ସଂସଦ ସଂଗଠନ ସମ୍ପାଦକ ସନ୍ତୋଷ ରାଉତ ପୁରାତନ ଛାତ୍ର ପ୍ରମୋଦ ସାହୁ, ଶିକ୍ଷାବିତ ବଳଭଦ୍ର ରାଉତ ଆଇନଜୀବୀ ଅଜିତ ପ୍ରସାଦ ସିଂ, ନରେନ୍ଦ୍ର ବଳ, ଉପ-ସଭାପତି ସାମ୍ବାଦିକ ଧୀରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍କୁଲ ଜୀବନର ସ୍ମୃତି ଚାରଣ



କରିବା ସହିତ ଏହି ମହାନ ଶିକ୍ଷାନୁଷ୍ଠାନର ଐତିହ୍ୟ ଓ ଗୌରବ ରକ୍ଷା କରିବା ପାଇଁ ପୁରାତନ ଛାତ୍ରମାନେ ଶପଥ ନେଇଥିଲେ ଓ ଏହି ବନ୍ଧୁମିଳନ ଉତ୍ସବ କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସରୋଜ କୁମାର ଦାସ, ଧୀରେନ୍ଦ୍ର ବାରିକ, ଗୟାଧର ବେହେରା, ରମେଶ ବାରିକ, ଦିଲ୍ଲୀପ ମହାନ୍ତି, ସନ୍ତୋଷ ପଣ୍ଡା, ଅଚ୍ୟୁତାନନ୍ଦ ଶତପଥି, କଳ୍ପତରୁ ମଲ୍ଲିକ, ଲମ୍ବୋଧର ଜେନା, ଶରତ ମିଶ୍ର, ତପନ ଭୂୟାଁ, ରାଜକିଶୋର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କର୍କଟ ପୀଡ଼ିତାଙ୍କୁ ସହାୟତା



ଡେରାବିଶ,୧୮।୬(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲହଣ ଶାସନ ଗ୍ରାମର ମମତା ଦାଶ ଦୀର୍ଘ ୭ ବର୍ଷ ହେଲା ଦୂରାରୋଗ୍ୟ କର୍କଟ ରୋଗରେ ପୀଡ଼ିତା ଥାଇ ଚିକିତ୍ସିତ ହେଉଛନ୍ତି। ଏବେ ସେ କେମୋ ଥେରାପି ଦ୍ୱାରା ଚିକିତ୍ସିତ ହେଉଛନ୍ତି। ରୋଗର ଗୁରୁତ୍ୱ ଦୃଷ୍ଟିରୁ ସେ ନିୟମିତ ଭାବରେ ଭୁବନେଶ୍ୱରର ଏକ ହସପିଟାଲକୁ ଯାତାୟତ କରୁଛନ୍ତି। ଖବର ପାଇ ମାର୍ଶାଘାଇ ବ୍ଲକ ଦୁମୁକା ପଞ୍ଚାୟତ ଅନ୍ତର୍ଗତ କୁସୁନୁପୁର ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ସମାଜସେବୀ ପର୍ଶୁରାମ ନାୟକ ମମତାଙ୍କ ଲହଣ ଶାସନ ସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଅବସ୍ଥା ସମ୍ପର୍କରେ ବୁଝିଥିଲେ ଏବଂ ଏହି ରୋଗର ଉନ୍ନତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶ୍ରୀ ନାୟକଙ୍କ ସହିତ ଚାନ୍ଦୋଳ ପଞ୍ଚାୟତର ସମିତିସଭ୍ୟା ମଞ୍ଜୁଲତା ମିଶ୍ର ଓ ସମାଜସେବୀ ଜୟନ୍ତ କୁମାର ଶତପଥି ଉପସ୍ଥିତ ରହିଥିଲେ।

# ରଜ ମହୋତ୍ସବ ଉଦ୍‌ଯାପିତ



କେନ୍ଦ୍ରାପଡ଼ା,୧୮।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ସାନଅଡଙ୍ଗା ଗ୍ରାମ ପଞ୍ଚାୟତର ଧନୀରାମପୁର ଗ୍ରାମ ଓ ବିଜେପୁର ଠାରେ ଭୁବନେଶ୍ୱରର ପ୍ରତିଭା ସମ୍ମାନ ଓଡ଼ିଶା ତରଫରୁ ତିନିଦିନ ବ୍ୟାପୀ ରଜପର୍ବର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇଥିଲେ। ଉକ୍ତ ସମାରୋହରେ ମୁଖ୍ୟ ବକ୍ତାରୂପେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତୀ ପ୍ରଫେସର କୁମରବର ଦାସ, ଶିକ୍ଷା ବିଭାଗର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଶୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଛାତ୍ରୀମାନଙ୍କ ଦ୍ୱାରା ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପେକ୍ଷୀରେ ଗ୍ରାମର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ସୁନାମଧନ୍ୟ ଚିକିତ୍ସକ ଡକ୍ଟର ଆଦିକନ୍ଦ ବାରିକ, ଆଦର୍ଶ ଶିକ୍ଷକ କପିଳ ଚନ୍ଦ୍ର ମଲିକ, କୁଳମଣୀ ସାମଲ, ବିକାଶ କୁମାର ଗିରି ପ୍ରମୁଖଙ୍କୁ ଗ୍ରାମ ଗୌରବରେ ସମ୍ମାନୀତ କରାଯାଇଥିଲା। ଶେଷରେ ଭାରତୀୟ ରେଳ ବିଭାଗର ପୂର୍ବତନ ପ୍ରଶାସକ ରାଜବିହାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ୨୫ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସ୍କୁଲ ସକାଳୁଆ ହେବ

କେନ୍ଦ୍ରାପଡ଼ା,୧୮।୬(ସଂଚାର ବ୍ୟୁରୋ): ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ତାତିକୁ ଲକ୍ଷ୍ୟକରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ରଘୁରାମ ଆର୍ ଆୟାର ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରି ଖରାଛୁଟି ପରେ ଚଳିତ ମାସ ୧୮ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ସକାଳ ୬.୩୦ ରୁ ୧୦.୩୦ ପର୍ଯ୍ୟନ୍ତ ଚାଲିବ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଜିଲ୍ଲାର ସମସ୍ତ ପ୍ରକାର ସ୍କୁଲ ଯଥା ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, ସରକାରୀ, ବେସରକାରୀ, ଅନୁମୋଦିତ, ଅନୁଦାନ ପ୍ରାପ୍ତ, ଆଦର୍ଶ ବିଦ୍ୟାଳୟ, ନବୋଦୟ, କେନ୍ଦ୍ରୀୟ ବିଦ୍ୟାଳୟ ତଥା ଘରୋଇ ବିଦ୍ୟାଳୟ ଓ ଆଶ୍ରମ ସ୍କୁଲ ମାନଙ୍କ ପ୍ରତି ଅନ୍ୟାଦେଶ ପର୍ଯ୍ୟନ୍ତ ଲାଗୁ ହେବ ବୋଲି ଜଣାପଡ଼ିଛି।

# ବ୍ଲକସ୍ତରୀୟ ବ୍ରାହ୍ମଣ ସଂଘର ବୈଠକ

ଡେରାବିଶ,୧୮।୬(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ସ୍ଥିତ ଭୈରବୀଲାଲ ମଠ ପ୍ରାଙ୍ଗଣରେ ବ୍ଲକ ସ୍ତରୀୟ ବ୍ରାହ୍ମଣ ସଂଘର ଏକ ବୈଠକ ଅନୁଷ୍ଠିତ



ହୋଇଯାଇଛି। ଅନିଲ କୁମାର ଶତପଥିଙ୍କ ଆବାହକତ୍ୱରେ ଆହୂତ ଏହି ବୈଠକରେ ପଣ୍ଡିତ ଜୟନ୍ତ କୁମାର ଶତପଥି ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ସଂଘର ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ମୁଖ୍ୟ ଅତିଥିଭାବରେ ଯୋଗଦେଇଥିବା ବେଳେ ପଣ୍ଡିତ କ୍ଷିରୋଦ କୁମାର ପଣ୍ଡା ମୁଖ୍ୟ ବକ୍ତା ଓ ସଂଗଠନ ସମ୍ପାଦକ ତପଦ ଦାଶ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ ଏବଂ ସଂଯୋଜକ ଦିପକ କୁମାର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ଶାରଦା ପ୍ରସନ୍ନ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଣ୍ଡିତ ନିଶିକାନ୍ତ ପଣ୍ଡାଙ୍କ ବେଦପାଠ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଂଯୋଜକ ଶ୍ରୀ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦରଶତପଥି ସଂଗଠନର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବ୍ଲକର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବରେ ଉମାକାନ୍ତ ମିଶ୍ର, ସମ୍ପାଦକ ଅନିଲ କୁମାର ଶତପଥି, ସଂଗଠନ ସମ୍ପାଦକ ଧିରେନ୍ଦ୍ର ପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ଜୟନ୍ତ କୁମାର ଶତପଥି ମନୋନିତ ହୋଇଥିଲେ। ଏଥିସହିତ ପଞ୍ଚାୟତ ସ୍ତରୀୟ କର୍ମକର୍ତା ଭାବେ ଇନ୍ଦାଲୋ ପଞ୍ଚାୟତର ସୁକାନ୍ତ କୁମାର ତ୍ରିପାଠୀ, ହରିଅଙ୍କର ସୁଦର୍ଶନ ଶତପଥି, ଯଅଁରାବାରିମୂଳର ରଞ୍ଜିତ ପତି ଓ ଭଗବାନପୁର ପଞ୍ଚାୟତର ରବୀନ୍ଦ୍ର ନାଥ ତ୍ରିପାଠୀଙ୍କୁ ମନୋନିତ କରାଯାଇଥିଲା। ଶେଷରେ ସୁରେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଚାମେଲିଙ୍କୁ ଭେଟିଲେ ରାଜୀବ ଗାନ୍ଧି ପଞ୍ଚାୟତିରାଜ ସଂଗଠନର କର୍ମକର୍ତ୍ତା

କେନ୍ଦ୍ରାପଡା,୧୮।୬(ସଂଚାର ବ୍ୟୁରୋ): ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ଶ୍ରୀ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଆସି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତିଖିରୀ ସରପଞ୍ଚ ଚାମେଲୀ ଓଝାଙ୍କୁ ସାକ୍ଷାତ କରି ପଞ୍ଚାୟତ ବ୍ୟବସ୍ଥାରେ ଥିବା ଅବ୍ୟବସ୍ଥା ବିରୋଧରେ ତାଙ୍କ ସଂଗ୍ରାମ ପ୍ରତି ସମର୍ଥନ ଜଣାଇଛନ୍ତି।ଚାମେଲୀ ଓଝା ସମ୍ପ୍ରତି ପଞ୍ଚାୟତ ପ୍ରତିନିଧିମାନଙ୍କ ଅଧିକାର ସୁରକ୍ଷା ପାଇଁ ଏକ ଦୃଢ଼ ଓ ସଶକ୍ତ ସ୍ୱର ଭାବେ ଉଭା ହୋଇଛନ୍ତି। ସରପଞ୍ଚ ଭାବେ ସେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପ୍ରୟାସରତ ଥିବା ବେଳେ ସମ୍ପୃକ୍ତ ବିଡିଓ ତାଙ୍କୁ ସହଯୋଗ କରିବା ପରିବର୍ତ୍ତେ ଅସମ୍ମାନଜନକ ଓ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଘଟଣାକୁ ପ୍ରତିନିଧି ଦଳ ନିନ୍ଦା କରିଛି। ଏହାର ପ୍ରତିବାଦ କରିବାକୁ ଯାଇ ଚାମେଲୀ ଶାସକ ଦଳର କିଛି ଦୁର୍ବୃତ୍ତଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ବେଳେ ପୁଲିସ ମଧ୍ୟ ତାଙ୍କୁ ଆବଶ୍ୟକ ସୁରକ୍ଷା



ପ୍ରଦାନ କରିବାରେ ବିଫଳ ହୋଇଥିବା ଅଭିଯୋଗ କରାଯାଇଛି। ଚାମେଲୀଙ୍କୁ ଭେଟିବା ପରେ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସମ୍ପୃକ୍ତ ବିଡିଓ ଓ ସ୍ଥାନୀୟ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ଼ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କୁ ନିଲମ୍ବନ କରିବା ପାଇଁ ଦାବି ଜଣାଇଥିଲେ। ଏହା ସହ ବିଡିଓ କାର୍ଯ୍ୟାଳୟରେ ଚାମେଲୀଙ୍କ ପ୍ରତି ଅଶାଳୀନ ବ୍ୟବହାର କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ କରି ଗିରଫ କରାଯିବାକୁ ମଧ୍ୟ ଦାବି କରାଯାଇଥିଲା। ୨୨ ଜୁନ ତାରିଖରେ "ଲୋକତନ୍ତ୍ର ବଞ୍ଚାଅ ସତ୍ୟାଗ୍ରହ"ଆୟୋଜିତ ହେବାକୁ ଯାଉଥିବା ବେଳେ ସେଥିରେ ଯୋଗଦେବା ପାଇଁ ଚାମେଲୀ ଓଝାଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ପ୍ରତିନିଧି ଦଳରେ ପୂର୍ବତନ ବିଧାୟିକା ଶ୍ରୀମତୀ ସିପ୍ରା ମଲ୍ଲିକ, ରାଜ୍ୟ କାର୍ଯ୍ୟକାରୀ ସଭାପତି ନିରୁପମା ପାତ୍ର, କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟିର ସାଂଗଠନିକ ଉପସଭାପତି ସତ୍ୟପ୍ରିୟ ସାମଲ, ପୂର୍ବତନ ଜିଲ୍ଲା ସଂଯୋଜକ ପ୍ରଫୁଲ ଦାସ, ନଗର ସଭାପତି ଦିଲ୍ଲୀପ କୁମାର ପ୍ରଧାନ, ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ଭାଗିରଥୀ ଜେନା, ପ୍ରମୁଖ ସାମିଲ ହୋଇଥିଲେ।

# ତିଖିରି ସରପଞ୍ଚଙ୍କୁ ଭେଟିଲେ ରାଜ୍ୟ ଜିଲ୍ଲା ପରିଷଦ ସଭାପତି ସଂଘ

କେନ୍ଦ୍ରାପଡ଼ା,୧୮।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ସରପଞ୍ଚ ଚମେଲୀ ଓଝାଙ୍କ ବିରୋଧରେ



ଷଡଯନ୍ତ୍ର କରି ତାଙ୍କୁ ବିଭିନ୍ନ ପ୍ରକାର ମିଥ୍ୟା ମକଦ୍ଦମାରେ ଫସାଇବା ସହ ନିର୍ଯ୍ୟାତନା ଦେଇଥିବାର ରାଜ୍ୟ ସାରା ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ହେବା ପରେ ବିଭିନ୍ନ ସଂଗଠନ, ଅନୁଷ୍ଠାନ ଓ ରାଜନୈତିକ ଦଳର ନେତୃବୃନ୍ଦମାନେ ଚମେଲୀ ଓଝାଙ୍କୁ ଭେଟିବାକୁ ଆସୁଛନ୍ତି। ଏହି ପରିପେକ୍ଷୀରେ ଗୁରୁବାର ରାଜ୍ୟ ଜିଲ୍ଲା ପରିଷଦ ସଭାପତି ସଂଘ ପକ୍ଷରୁ ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଭେଟି ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ ଉପରେ ହୋଇଥିବା ଅନ୍ୟାୟ, ଅତ୍ୟାଚାରର ଦୃଢ଼ ନିନ୍ଦା କରିଥିଲେ। ଏଥିସହିତ ତାଙ୍କ ନାମରେ ଥିବା ମିଥ୍ୟା ମାମଲାକୁ ପ୍ରତ୍ୟାହାର କରିବା ସହିତ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ମହାକାଳପଡ଼ା ବିଧାୟକ, ବିଡିଓ ଓ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ଆର୍‌ଆଇ ଅଫିସ୍ ଓ ମନ୍ଦିର ନିକଟରୁ ମଦ ଦୋକାନ ଉଚ୍ଛେଦ ଦାବି

କେନ୍ଦ୍ରାପଡ଼ା,୧୮।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ମଦ ଦୋକାନ ଥିବାରୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାଫଳରେ ସେମାନେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ଗୁରୁବାର କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଧୋୟା ଅଞ୍ଚଳର ଅଣ୍ଡରା, ଅମୃତ ମଣୋହୀ, ବଲୁରିଆ ପ୍ରଭୃତି ଗ୍ରାମରେ ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ବାସଗୃହ, ଆର୍ .ଆଇ. କାର୍ଯ୍ୟାଳୟ, ଉଷାଦେବୀ ମହିଳା ମହାବିଦ୍ୟାଳୟ, ଜଗନ୍ନାଥ ମନ୍ଦିର, କାନାରା ବ୍ୟାଙ୍କ, ମିନି ବ୍ୟାଙ୍କ, ବାଳିକା ଉଚ୍ଚ ବିଦ୍ୟାଳୟ ଥିବା ନିକଟରେ ଏକ ମଦ ଦୋକାନ ରହିଅଛି। ଯାହାଫଳରେ ଗ୍ରାମବାସୀଙ୍କ ସହିତ ସ୍କୁଲ୍ ଛାତ୍ର/ଛାତ୍ରୀ, ମହିଳା ଯାତାୟତରେ ଅସୁବିଧା ଅନୁଭବ କରିବା ସହିତ ଧାର୍ମିକ ପରିବେଶକୁ ନଷ୍ଟ କରୁଛି। ତୁରନ୍ତ ଅଣ୍ଡରା ଗ୍ରାମରେ ଥିବା ମଦ



ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ଗ୍ରାମର ଶତାଧିକ ଯୁବକ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ସେଠାରୁ ମଦ ଦୋକାନ ଉଚ୍ଛେଦ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ବାଣୀପ୍ରସାଦ ସେଠୀ, ଜ୍ୟୋତି ପ୍ରକାଶ ଦାସ, ସରୋଜକାନ୍ତ ବେହେରା, ଶେଖର କୁମାର ସେଠୀ, ପ୍ରକାଶ କୁମାର ମାହାଳିକ, ଅଶୋକ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ତିନିଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୧୮।୬(ସଂଚାର ବ୍ୟୁରୋ): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଚମେଲୀ ଓଝାଙ୍କୁ ନ୍ୟାୟ ଦେବା ପାଇଁ ଏକ ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ତିଖିରିର ମହିଳା ସରପଞ୍ଚ ଚମେଲୀ ଓଝାଙ୍କ ଉପରେ ହୋଇଥିବା ଉଦ୍ଦେଶ୍ୟମୂଳକ ଭାବେ ମକଦ୍ଦମା ଓ ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହିତ ତାଙ୍କୁ ନ୍ୟାୟ ଦେବାପାଇଁ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ତିଖିରି ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ଅର୍ଥକୁ ତୁରନ୍ତ ପ୍ରଦାନ କରିବା, ସରପଞ୍ଚଙ୍କ ବିରୋଧରେ ଷଡଯନ୍ତ୍ର କରି ତାଙ୍କୁ ମିଥ୍ୟା ମକଦ୍ଦମାରେ ଫସାଇଥିବା ସରକାରୀ ଅଧିକାରୀ ଓ ରାଜନୈତିକ ନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବା ସହିତ ସରପଞ୍ଚ ଚମେଲୀ ଓଝାଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତିର କୋଷାଧ୍ୟକ୍ଷ ତାପସୀ ପ୍ରହରାଜ, ଚିନ୍ମୟୀ ରାଉତ ଓ ସିପିଆଇଏମ୍‌ର ବରିଷ୍ଠ ନେତା ଗୟାଧର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ପାଓାରଲିଫ୍ଟିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଲେ ବ୍ରହ୍ମାଂଶୁ

## ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ହାସଲ

ଡେରାବିଶ,୧୮।୬(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅଧିନସ୍ଥ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ଗ୍ରାମର ସୁଷମା ଓଝାଙ୍କ ପୁଅ ବ୍ରହ୍ମାଂଶୁ ମହାରଣା(୧୭) ଜାତୀୟ ପାଓରଲିଫ୍ଟିଂ ଯୁବ ବର୍ଗ ବିଭାଗ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ସେ ଆଗାମୀ ଦିନରେ ନରୱେରେ ହେବାକୁ ଥିବା ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ଯୋଗ୍ୟତା ହାସଲ କରି ଡେରାବିଶ ବ୍ଲକକୁ ଗୌରବାନ୍ୱିତ କରିଛନ୍ତି। ଉତରପ୍ରଦେଶର ମଥୁରା ରାଧାକୁଣ୍ଡ ସ୍ଥିତ ଶ୍ରୀ ଆଦିଗୌଡ ବିଦ୍ୟାଳୟ ପରିସରରେ ଗତ ୪ତାରିଖରୁ ୮ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାର ସ୍ୱର୍ଣ୍ଣ ବଜେତା ବ୍ରହ୍ମାଂଶୁ ମୋଟ ୪୭୨.୫କେଜି ଓଜନର



ଭାରୋତଳନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ବିଭାଗରେ ଦେଶର ବିଭିନ୍ନ ରାଜ୍ୟରୁ ବହୁ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ ସୁଦ୍ଧା ବ୍ରହ୍ମାଂଶୁ ଏଥିରେ ସଫଳତା କରି ସ୍ୱର୍ଣ୍ଣ ବିଜେତା ହୋଇ ପାରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଡେରାବିଶ ବ୍ଲକ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଅନ୍ୟପକ୍ଷରେ ପ୍ରତିଯୋଗିତାରେ ସଫଳ ହୋଇ ବ୍ରହ୍ମାଂଶୁ ନିଜ ଘରକୁ ଫେରିବା ପରେ ଅଞ୍ଚଳର ବହୁ କ୍ରୀଡାବିତ ଓ ବୁଦ୍ଧିଜୀବୀମାନେ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇବାରେ ଲାଗିଛନ୍ତି। ସୂଚନାଯୋଗ୍ୟ ଅବସରପ୍ରାପ୍ତ ସେନାଧିକାରୀ ନୃସିଂହ ଚରଣ ଓଝାଙ୍କ ନାତି ବ୍ରହ୍ମାଂଶୁ ମାର୍ଶାଘାଇ ସ୍ଥିତ ଏକ ଘରୋଇ କଲେଜରେ ଡିପ୍ଲୋମା ପଢୁଥିବା ବେଳେ କୋଚ ସଞ୍ଜୟ ନାୟକ ଓ ଟ୍ରେନର ବିଭୁତିଭୂଷଣ ବେହେରାଙ୍କ ତତ୍ୱାବଧାନରେ ପାଓରଲିଫ୍ଟିଂ ଅଭ୍ୟାସ ଜାରି ରଖିଥିଲେ। ତେବେ ଆଗାମୀ ଦିନରେ ଆନ୍ତର୍ଜାତୀୟ ପ୍ରତିଯୋଗିତା ଜିତିବାକୁ ଲକ୍ଷ୍ୟ ରଖିଥିବା ବ୍ରହ୍ମାଂଶୁ ନିଜ ଅଭ୍ୟାସକୁ ଆହୁରି ଯୋରଦାର କରିଥିଲେ ସୁଦ୍ଧା ଅର୍ଥାଭାବ ହେତୁ ଏଥିପାଇଁ ଦରକାର ରହିଥିବା ଆଧୁନିକ କୌଶଳ ଓ ଶିକ୍ଷାରୁ ବଞ୍ଚିତ ହେବା ନେଇ ସନ୍ଦେହ ଉପୁଜିଛି।

### ପିକକ୍ ସୁରକ୍ଷିତ ଶୈଶବ କର୍ମଶାଳା

# ଭୁବନେଶ୍ୱରକୁ ଶିଶୁ ଶ୍ରମମୁକ୍ତ ସହର କରିବାକୁ ପରାମର୍ଶ

ଭୁବନେଶ୍ୱର, ୧୮।୬ (ସଂଚାର ବ୍ୟୁରୋ):'ବିକଶିତ ଓଡ଼ିଶା: ସୁରକ୍ଷିତ ଶୈଶବ, ଶିଶୁ ଶ୍ରମମୁକ୍ତ ଓ ଶିଶୁ-ଅନୁକୂଳ ଭୁବନେଶ୍ୱର' ଶୀର୍ଷକ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରକୁ ଶିଶୁ ଶ୍ରମମୁକ୍ତ ଓ ଶିଶୁ ଅନୁକୂଳ ସହର କରିବା ସହ ପ୍ରତ୍ୟେକ ୱାର୍ଡକୁ ଶିଶୁ ସୁରକ୍ଷା ୱାର୍ଡ ଭାବେ ଗଢି ତୋଳିବାକୁ ବକ୍ତାମାନେ ପରାମର୍ଶ ଦେଇଛନ୍ତି। ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍), ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ, ଓଡ଼ିଶା ସରକାର ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର)ର ସହଭାଗିତାରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା।




ଓଡ଼ିଶାର ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ଅତିରିକ୍ତ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ କହିଥିଲେ ଯେ, ଶିଶୁଶ୍ରମ ନିରାକରଣ ପାଇଁ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା, ସୁରକ୍ଷା ଏବଂ ସୁସ୍ଥ ବିକାଶ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଡଃ ମିନାକ୍ଷୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଧିବେଶନରେ ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ପ୍ରାରମ୍ଭିକ ଭାଷଣ ଦେଇଥିଲେ ଓ ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।

ଉଦ୍‌ଯାପନୀ ଅଧିବେଶନରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଯୋଗଦେଇ ପ୍ରତ୍ୟେକ ଶିଶୁର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ପ୍ୟାନେଲ୍ ଆଲୋଚନାକୁ ଖୋର୍ଦ୍ଧା ଜିଲ୍ଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି)ର ଅଧ୍ୟକ୍ଷା କାନ୍ତା ମହାନ୍ତି ସଭାପତିତ୍ୱ କରିଥିଲେ। ଏହି ପରାମର୍ଶ କର୍ମଶାଳାରେ ଇନରହୁଇଲର ପ୍ରତିଭା ନଳିନୀ ପତି, ପାରା ଅଲମ୍ପିୟାନ ଲୀନା ସ୍ୱାଇଁ ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ପିକକ୍‌ର କୋଷାଧକ୍ଷା ରତ୍ନା ଦାଶ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ସହରାଞ୍ଚଳ ପରିବହନର ନୂଆ ପରିଭାଷା 'କ୍ରୁଟ୍'



ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): କମ୍ପ୍ରେହେନ୍‌ସିଭ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏକ ସ୍ଥାୟୀ ଓ ନାଗରିକ-କୈନ୍ଦ୍ରିକ ସାର୍ବଜନୀନ ପରିବହନ ବ୍ୟବସ୍ଥା ଭାବେ ଜାତୀୟ ସ୍ତରରେ ଏକ ମାପଦଣ୍ଡ ସାଜିଛି। ବୈଦ୍ୟୁତିକ ଗତିଶୀଳତାର ଦ୍ରୁତ ସମ୍ପ୍ରସାରଣ, ପ୍ରଯୁକ୍ତିବିଦ୍ୟା-ଆଧାରିତ ଯାତ୍ରୀ ସେବା, ଉନ୍ନତ ସୁରକ୍ଷା ବ୍ୟବସ୍ଥା ଓ ଅନ୍ତର୍ଭୁକ୍ତୀକରଣ କର୍ମଚାରୀ ବିକାଶ ମାଧ୍ୟମରେ ଏହା ସମଗ୍ର ରାଜ୍ୟରେ ସହରାଞ୍ଚଳ ପରିବହନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି।

୨୦୨୪ରୁ ଏପ୍ରିଲ ୨୦୨୬ ମଧ୍ୟରେ କ୍ରୁଟ୍ ନିଜର ସାର୍ବଜନୀନ ପରିବହନ ନେଟୱର୍କକୁ ଯଥେଷ୍ଟ ସମ୍ପ୍ରସାରିତ କରିଛି, ଯାହା ଫଳରେ ଏହାର ସକ୍ରିୟ ବସ୍ ସଂଖ୍ୟା ୭୬୦ରେ ପହଞ୍ଚିଛି ଓ ଓଡ଼ିଶାର ସବୁଜ ଗତିଶୀଳତା ଆଡ଼କୁ ଯାତ୍ରାକୁ ଅଧିକ ତ୍ୱରାନ୍ୱିତ କରିଛି। ୨୦୨୪ରେ ସମ୍ବଲପୁର ଓ ବ୍ରହ୍ମପୁରରେ ସଫଳତାର ସହ ଇଲେକ୍ଟ୍ରିକ୍ ବସ୍ ସେବା ଆରମ୍ଭ କରାଯାଇଥିଲା। ଏହାପରେ ୨୦୨୫ରେ ରାଜଧାନୀରେ ୮୦ଟି ମିଡି ଇଲେକ୍ଟ୍ରିକ୍ ବସ୍, ୫ଟି ଇଲେକ୍ଟ୍ରିକ୍ ଡବଲ୍-ଡେକର୍ ବସ୍, ପୁରୀରେ ୩୫ଟି ଇଲେକ୍ଟ୍ରିକ୍ ବସ୍ ଓ ନରାଜରେ ୧୦୦ଟି ଇଲେକ୍ଟ୍ରିକ୍ ବସ୍ ଗଡ଼ିଥିଲା। ଚଳିତ ବର୍ଷ କେନ୍ଦୁଝର ୨୫ଟି ଇଲେକ୍ଟ୍ରିକ୍ ବସ ସହ ଓଡ଼ିଶା ଏହି ବର୍ଦ୍ଧିତ ବୈଦ୍ୟୁତିକ ଗତିଶୀଳତା ନେଟୱର୍କରେ ଯୋଗ ଦେଇଛି।

ଏହି ବର୍ଦ୍ଧିତ ବସ୍ ସଂଖ୍ୟାକୁ ସହାୟତା ପ୍ରଦାନ କରିବା ପାଇଁ କ୍ରୁଟ୍ ଗାଡ଼କଣ, ନରାଜ, ପୁରୀ, ସମ୍ବଲପୁର, ବ୍ରହ୍ମପୁର ଓ କେନ୍ଦୁଝରଠାରେ ଆଧୁନିକ ଇଲେକ୍ଟ୍ରିକ୍ ବସ୍ ଡିପୋ କାର୍ଯ୍ୟକ୍ଷମ କରିଛି। ଚନ୍ଦ୍ରଶେଖରପୁର ଓ ମାଷ୍ଟର କ୍ୟାଣ୍ଟିନ୍‌ଠାରେ ସ୍ୱତନ୍ତ୍ର 'ଇଲେକ୍ଟ୍ରିକ୍ ଟର୍ମିନାଲ୍' ସହ କଟକରେ ନୂତନ ଭାବେ ବିକଶିତ ୧୫୩ଟି ବସ୍ ରାଜ୍ୟରେ ସାର୍ବଜନୀନ ପରିବହନ ଭିତ୍ତିଭୂମିକୁ ଅଧିକ ମଜବୁତ କରିଛି। ଆଧୁନିକ ଓ ସ୍ଥାୟୀ ସହରାଞ୍ଚଳ ପରିବହନ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ରାଜ୍ୟ ସରକାର ସବୁ ଲୋକଙ୍କୁ ସୁରକ୍ଷିତ, ସୁଲଭ, ପରିବେଶ ଅନୁକୂଳ ଓ ପ୍ରଯୁକ୍ତିବିଦ୍ୟା-ଆଧାରିତ ସାର୍ବଜନୀନ ପରିବହନ ସେବା ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ସଫଳତା ଆଗାମୀ ପିଢ଼ି ପାଇଁ ଅଧିକ ସବୁଜ, ସ୍ମାର୍ଟ ଓ ସମାବେଶୀ ସହର ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି ବୋଲି ସେ କହିଛନ୍ତି।

# ବିଫଳତାର ୧୨ ସୂତ୍ରୀ ଅଭିଯୋଗ ଫର୍ଦ୍ଦ ଦେଲା କଂଗ୍ରେସ

■ ହଜାର କୋଟିର ବଜେଟ, କିନ୍ତୁ ରୋଗୀଙ୍କୁ ବେଡ୍ ମିଳୁନି

■ କମ୍ପାନୀ ହାତରେ ଜମି ମାଲିକାନା, କୃଷକ ପେଟରେ ଲାତ




ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ବିଫଳତାକୁ ନେଇ କଂଗ୍ରେସ ଏକ ୧୨ ସୂତ୍ରୀ ବଳିଷ୍ଠ ଅଭିଯୋଗ ଫର୍ଦ୍ଦ ପ୍ରକାଶ କରିଛି। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ସରକାରଙ୍କ ବିଫଳତା ବିଷୟରେ କହିଛନ୍ତି ଯେ ସରକାର ଏଭଳି ଆର୍ଥିକ ଅନିୟମିତତା ଅବସ୍ଥା କଲେଣି ଯେ ବର୍ତ୍ତମାନ ସମସ୍ତ ବିଭାଗରେ ଆର୍ଥିକ ସଙ୍କଟ ଦେଖାଗଲାଣି। କୌଣସି ବିଭାଗକୁ ସରକାର ସୁଚାରୁ ରୂପେ ଚଳାଇବାରେ ଅସମର୍ଥ ହେଉଛନ୍ତି। ସେହିପରି ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି କହିଛନ୍ତି ଯେ ଏଇ ସରକାର ବଦଳିବା ଦରକାର। ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ, ଯୋଜନା କାଗଜରେ ସୀମିତ ମାତ୍ର ଭୂମିରେ ନୁହେଁ, ଘୋଷଣା ବହୁତ କିନ୍ତୁ କାର୍ଯ୍ୟକାରୀ ହେଉନି। ସରକାରଙ୍କ ବିଫଳତାକୁ ନେଇ ସେ କହିଥିଲେ ଯେ ଅର୍ଥନୀତି ଉଡୁଛି କିନ୍ତୁ ଯୁବକ ବୁଡୁଛି, ବିକାଶ ହେଉଛି ଫାଇଲରେ, ବେକାରୀ ବଢୁଛି ଗାଁରେ, ଗ୍ରାଫ ଉପରକୁ ମାତ୍ର ଆୟ ତଳକୁ ହେଉଛି, ଏହା କି ବିକାଶ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିଭଳି ସରକାର ଏମଓୟୁ ଦେଖାଇ ଭୋଟ ମାଗୁଛନ୍ତି, ହେଲେ କାରଖାନା ସ୍ଥାପନ ହେଉନି। ରାଜ୍ୟ ରାଜକୋଷ ବୃଦ୍ଧି ପାଉଛି, ହେଲେ ଗରିବଙ୍କ ଚୁଲି ଜଳିବାରେ ସମସ୍ୟା ହେଉଛି। ବିକାଶ କେବଳ ସହରରେ ଅଟକି ରହିଛି। ସ୍ମାର୍ଟ ସିଟି ନାମରେ କୋଟି କୋଟି ଖର୍ଚ୍ଚ ହେଉଥିବା ବେଳେ ଗାଁରେ ପାଣି ମୁନ୍ଦିଏ ମିଳିବାରେ କଷ୍ଟ ହେଉଛି। ବିକାଶ ଯଦି ହୋଇଛି ତେବେ ହଜାର ହଜାର ଯୁବକ ଭିଟାମାଟି ଛାଡ଼ି ଦାଦନ କାହିଁକି ଯାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଶିଳ୍ପାୟନରେ କମ୍ପାନୀ ଆସୁଛି ଲାଭ କରୁଛି ଅନ୍ୟ ରାଜ୍ୟର ଲୋକଙ୍କୁ କାମର ସୁଯୋଗ ଦେଉଛି। ହେଲେ ଓଡ଼ିଶା ପୁଅ ଜଳକା ହୋଇ ଚାହିଁ ରହିଛି। ବଜେଟ୍‌ରେ ଆମର ହଜାର କୋଟିର ବ୍ୟୟବରାଦ ହେଉଛି, କିନ୍ତୁ ରୋଗୀଙ୍କୁ ଡାକ୍ତରଖାନାରେ ବେଡ୍ ମିଳୁନି କି ଡାକ୍ତର ବି ପର୍ଯ୍ୟାପ୍ତ ମାତ୍ରାରେ ନାହାନ୍ତି। ସେହିଭଳି କୋଟି କୋଟି ଟଙ୍କାର ରାସ୍ତା ନିର୍ମାଣ ଚାଲିଛି, କିନ୍ତୁ ଲୋକଙ୍କୁ ଚାଉଳ ମୁଠାଏ ପାଇବା ପାଇଁ ଡହଳ ବିକଳ ହେବାକୁ ପଡୁଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି।

### ● ପାଠ୍ୟପୁସ୍ତକରେ ତ୍ରୁଟି ନେଇ ବର୍ଷିଲା ଓଜେସି

# ଇସ୍ତଫା ଦିଅନ୍ତୁ ମନ୍ତ୍ରୀ, କ୍ଷମା ପ୍ରାର୍ଥନା କରନ୍ତୁ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ପାଠ୍ୟପୁସ୍ତକ ପ୍ରକାଶନରେ ଦେଖାଦେଇଥିବା ଯାବତୀୟ ତ୍ରୁଟି ଓ ବିଭ୍ରାଟରେ ସମ୍ପୃକ୍ତ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ରୁଜୁ ସହ ଛାତ୍ରଛାତ୍ରୀଙ୍କୁ ତୁରନ୍ତ ସଠିକ୍ ତ୍ରୁଟିମୁକ୍ତ ପୁସ୍ତକ ଯୋଗାଇ ଦେବା ପାଇଁ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ଦାବି କରିଛି। ରାଜ୍ୟରେ ସରକାରୀ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯୋଗାଯାଇଥିବା ପାଠ୍ୟପୁସ୍ତକରେ ମୁଖ୍ୟତଃ ଭାଷା ସାହିତ୍ୟ ବହିରେ ବ୍ୟାପକ ତ୍ରୁଟି, ଭାଷା ସଂଯୋଜନାରେ ମାଳ ମାଳ ଭୁଲ୍ ଯୋଗୁଁ ପ୍ରାଥମିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଯାବତୀୟ ବିଭ୍ରାଟ ସୃଷ୍ଟି ହୋଇଛି ଓ ଶିକ୍ଷାଦାନ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏହି ପୁସ୍ତକ ପ୍ରକାଶନରେ ୫୦ରୁ ୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମୁଖ୍ୟମନ୍ତ୍ରୀ ଏହାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି। ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପାର୍ଟି ସରକାରଙ୍କ ଏହି ଦାୟିତ୍ୱହୀନତା ଓ ଓଡ଼ିଆ ଭାଷା ବିରୋଧୀ କାର୍ଯ୍ୟକୁ ଭର୍ତ୍ସନା କରିବା ସହ ଏଭଳି ଓଡ଼ିଆ ଭାଷା ବହି ପ୍ରକାଶନରେ ତ୍ରୁଟି ଯୋଗୁଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ଦାବି କରିଛି। ଏଥିସହ ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିବା ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିବା ଅଧିକାରୀ ଓ ସଂସ୍ଥାଙ୍କଠାରୁ ତୁରନ୍ତ ଉକ୍ତ ଅର୍ଥ ଆଦାୟ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଏହି ପାର୍ଟି ଦାବି କରିଛି। ସେହିପରି ଯୋଗାଇ ଦିଆଯାଇଥିବା ତ୍ରୁଟିପୂର୍ଣ୍ଣ ସମସ୍ତ ପୁସ୍ତକ ପ୍ରତ୍ୟାହାର କରାଯାଇ ପୁସ୍ତକଗୁଡ଼ିକର ପୁନଃସଂସ୍କରଣ କରାଯାଇ ତୁରନ୍ତ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଉ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ସଠିକ୍ ଭାଷା ସାହିତ୍ୟ ବହି ପଢ଼ିପାରିବେ ଓ ଜ୍ଞାନ ଅର୍ଜନ କରିପାରିବେ। ଏପରି ଏକ ବିଭ୍ରାଟ ପାଇଁ ଶିକ୍ଷାମନ୍ତ୍ରୀ ସମ୍ପୂର୍ଣ୍ଣ ଦାୟୀ। ତେଣୁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ତୁରନ୍ତ ପଦରୁ ଇସ୍ତଫା ଦେବା ସକାଶେ ଦଳ ପକ୍ଷରୁ ଦାବି ହୋଇଛି। ଏଥିସହ ଆଗାମୀ ଦିନରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନ କରାନଯିବା ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେବା ଦରକାର ବୋଲି ଦଳ ପକ୍ଷରୁ କୁହାଯାଇଛି।

### ଡବଲ ଇଞ୍ଜିନ ସରକାରରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ କଥାରେ ତାଳମେଳ ନାହିଁ

# ୩୬ ହଜାର ଶିକ୍ଷକ ନିଯୁକ୍ତି ଦାବି ତଥ୍ୟଭିତ୍ତିକ ନୁହେଁ: ବିଜେଡି




ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ଓଡ଼ିଶାରେ ଶିକ୍ଷକ ନିଯୁକ୍ତି କରି ନିର୍ବାଚନ ପ୍ରତିଶ୍ରୁତି ପାଳନ କରିଥିବା ନେଇ ବାହାସ୍ଫୋଟ ମାରୁଥିବା ବିଜେପି ସରକାରର ଅସଲ ମୁଖା ଖୋଲିଯାଇଛି। ଗତ ୨ ବର୍ଷରେ ୩୬ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ନେଇ ବିଜେପିର ଦାବି ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହି କଡ଼ା ସମାଲୋଚନା କରିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ ବିବୃତିରେ କହିଛନ୍ତି ବିଜେପି ସରକାର ଗତ ଦୁଇ ବର୍ଷରେ ୩୬ ହଜାର ଶିକ୍ଷକ ନିଯୁକ୍ତି ଦେଇଛନ୍ତି ଓ ଚଳିତ ବର୍ଷ ଆଉ ୧୮ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଆଇନ ମନ୍ତ୍ରୀ ଦେଇଥିବା ବିବୃତି ସମ୍ପୂର୍ଣ୍ଣ ମିଥ୍ୟା, କେବଳ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ ସେ ଶିକ୍ଷକ ନିଯୁକ୍ତି ନେଇ ଦାବି ଉପସ୍ଥାପନା କରୁଛନ୍ତି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

ବିଧାନସଭାରେ ବିଧାୟକ ଡ ଅରୁଣ କୁମାର ସାହୁଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାର ରାଜ୍ୟରେ ମୋଟ ବିଭିନ୍ନ ବିଭାଗରେ ୩୯,୫୦୫ କର୍ମଚାରୀ ନିଯୁକ୍ତି କରିଛନ୍ତି। ତେବେ ସରକାର କେମିତି ୩୬ ହଜାର ଶିକ୍ଷକ ନିଯୁକ୍ତି ନେଇ ଆଇନ ମନ୍ତ୍ରୀ ଦାବି କରୁଛନ୍ତି ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି। ପୂର୍ବ ବିଜେଡି ସରକାର ସମୟରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ୧୬,୦୦୯ ଜଣ ଶିକ୍ଷକ ନିଯୁକ୍ତି ନେଇ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିଲା ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ସ୍ୱୀକାର କରିଥିଲେ। କିନ୍ତୁ ବିଜେପି କ୍ଷମତାକୁ ଆସିଲା ପରେ କେବଳ ନିଯୁକ୍ତି ପତ୍ର ବାଣ୍ଟି ସରକାର ଏହା ନିଜର ସଫଳତା ବୋଲି ଦାବି କରୁଛନ୍ତି। ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟକୁ ଆଇନ ମନ୍ତ୍ରୀ ଗ୍ରହଣ ନ କରି ନିଜକୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଊର୍ଦ୍ଧ୍ୱରେ ରହିଥିବା ଦର୍ଶାଇ ତାଙ୍କ ଉତ୍ତରକୁ କାଉଣ୍ଟର କରୁନାହାନ୍ତି କି ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।

# ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ଲୋକେ ଦେଲେ ଉତ୍ତମମଧ୍ୟମ

ବାଲେଶ୍ୱର,୧୮।୬(ସଂଚାର ବ୍ୟୁରୋ): ଲିଫ୍ଟ ଦେଇ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ। ଲୋକଙ୍କ ହାତରେ ଧରାପଡ଼ି ଅଭିଯୁକ୍ତ ଯୁବକ ଲହୁଲୁହାଣ। ବାଲେଶ୍ୱର ଜାତୀୟ ରାଜପଥ କଡ଼ରେ ଦୁଷ୍କର୍ମ ଉଦ୍ୟମ ବେଳେ ଯୁବକଙ୍କୁ ଧରି ଲୋକେ ଉତ୍ତମମଧ୍ୟମ ଦେଇଛନ୍ତି। ଗୁରୁତର ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି ହଳଦୀପଦା ଫାଣ୍ଡି ପୁଲିସ। ଗୁରୁତର ଯୁବକ ବାଲେଶ୍ୱର ସଦର ବ୍ଲକ ଓଡ଼ଙ୍ଗୀ ପଞ୍ଚାୟତର ଚନ୍ଦନ ମଲ୍ଲିକ ବୋଲି ଜଣାପଡ଼ିଛି। ଯୁବତୀ ଜଣକ ବାଲେଶ୍ୱର ଆସିଥିବା ବେଳେ ଚନ୍ଦନ ତାଙ୍କୁ ଲିଫ୍ଟ ଦେଇ ଜାତୀୟ ରାଜପଥ କଡ଼ରେ ଏକ ପୋଲ ତଳକୁ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲା । ଯୁବତୀ ଚିତ୍କାର କରିବା ପରେ ଲୋକେ ରୁଣ୍ଡ ହୋଇ ଚନ୍ଦନକୁ ମାଡ଼ ମାରି ଲହୁଲୁହାଣ କରିଛନ୍ତି। ପୁଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

### ● ପ୍ରଧାନମନ୍ତ୍ରୀଙ୍କୁ ଗାନ୍ଧି ବିଚାର ଚିନ୍ତକଙ୍କ ନିବେଦନ

# ନିଶାମୁକ୍ତ ଓଡ଼ିଶା ପାଇଁ କାର୍ଯ୍ୟକାରୀ ହେଉ ମୋଦିଙ୍କ ଗ୍ୟାରେଣ୍ଟି



ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): 'ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି'ର ଅନୁପାଳନ ଲାଗି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି ଜଣାଶୁଣା ଗାନ୍ଧି ବିଚାର ଚିନ୍ତକ ପ୍ରହ୍ଲାଦ କୁମାର ସିଂହ। ଏହି ମର୍ମରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଏକାଧିକ ଚିଠି ଲେଖିବା ପରେ ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଗୁରୁତର ସହ ନିଜ ଗ୍ୟାରେଣ୍ଟିକୁ ନିଜେ ଅନୁପାଳନ କରାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସେ ନିବେଦନ କରିଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ମେ'ରେ ତତ୍କାଳୀନ ବିଜେପି କେନ୍ଦ୍ରୀୟ ସଭାପତି ଜେପି ନଡ୍ଡା 'ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି' ସଂକଳ୍ପପତ୍ର ଉନ୍ମୋଚନ କରିଥିଲେ। ଏହି ସଂକଳ୍ପପତ୍ରରେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଓଡ଼ିଶାକୁ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ଲାଗି ମୋଦିଙ୍କ ନାମରେ ଗ୍ୟାରେଣ୍ଟି ଦିଆଯାଇଥିଲା। ୨୦୨୪ ଜୁନ୍ ୧୨ରେ ଓଡ଼ିଶାରେ ବିଜେପି ସରକାର ଗଠନ ପରେ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ଏହି ସଂକଳ୍ପପତ୍ର ବା ଗ୍ୟାରେଣ୍ଟିକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯିବାକୁ ମଧ୍ୟ କୁହାଯାଇଥିଲା। ଦୁଇ ବର୍ଷ ଭିତରେ ଓଡ଼ିଶାରେ ନିଶା ନିବାରଣ ହେବା ପରିବର୍ତ୍ତେ କିଭଳି ପ୍ରସାରିତ ହେଉଛି, ସେ ସଂକ୍ରାନ୍ତରେ ଶ୍ରୀ ସିଂହ ବିସ୍ତୃତ ବିବରଣୀ ଦେଇଛନ୍ତି। ୨୦୨୧-୨୨ ବେଳକୁ ଓଡ଼ିଶାରେ ସରକାର ପ୍ରାୟ ୨୦ କୋଟି ଲିଟର ମଦ ବିକ୍ରି କରାଯାଇଥିବା ବେଳେ ୨୦୨୪-୨୫ ବେଳକୁ ତାହା ପ୍ରାୟ ୪୦ କୋଟି ୧୭ ଲକ୍ଷ ଲିଟରରେ ପହଞ୍ଚିଥିଲା। ସେହିଭଳି ରାଜ୍ୟର ଅବକାରୀ ରାଜସ୍ୱ ୨୦୦୦ରେ ବିଜେପି-ବିଜେଡି ମିଳିତ ସରକାର ସମୟରେ ୧୩୫ କୋଟି ୩୫ ଲକ୍ଷ ଟଙ୍କା ଥିବା ବେଳେ ଚଳିତ ବର୍ଷ ତାହା ୧୦ ହଜାର କୋଟି ଟଙ୍କାରୁ ଅଧିକ ହେବ ବୋଲି ନିଜେ ସରକାର ଅନୁମାନ ରଖିଛନ୍ତି।

ଓଡ଼ିଶାବାସୀଙ୍କୁ ଡବଲ ଇଞ୍ଜିନ ସରକାର ଓ ଗୁଜରାଟ ମଡେଲ୍‌ର ବିକାଶ କଥା ବାରମ୍ବାର କୁହାଯାଉଥିବା ବେଳେ ଗୁଜରାଟ, ବିହାର ଭଳି ବିଜେପିଶାସିତ ରାଜ୍ୟମାନଙ୍କରେ ସମ୍ପୂର୍ଣ୍ଣ ନିଶା ନିବାରଣ ଲାଗୁ କରାଯାଇଥିବା ବେଳେ ଓଡ଼ିଶାରେ ଏହା ମୋଦିଙ୍କ ଗ୍ୟାରେଣ୍ଟି ସହ ତୁରନ୍ତ ଲାଗୁ କରିବାକୁ ସେ ନିବେଦନ କରିଛନ୍ତି। ଏହାଛଡ଼ା ସଦ୍ୟ ପ୍ରକାଶିତ କେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୬ ରିପୋର୍ଟରେ ଓଡ଼ିଶାରେ ମଦୁଆଙ୍କ ହାର ଜାତୀୟ ସ୍ତରଠାରୁ ଏମିତିକି ଆନ୍ଧ୍ର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଗୁଜରାଟ, ଦିଲ୍ଲୀ, ବିହାର ଆଦି ବହୁ ରାଜ୍ୟଠାରୁ ଢେର ଅଧିକ ଥିବା ଦର୍ଶାଯାଇଛି। ନିଶା ପ୍ରସାର ଯୋଗୁଁ ବିଭିନ୍ନ କିସମର ଅପରାଧ, ହିଂସା, ନାରୀ ଓ ଶିଶୁ ନିର୍ଯାତନା, ରୋଗବ୍ୟାଧି, ଦୁର୍ଘଟଣା, ଆତ୍ମହତ୍ୟା ଆଦି ବଢ଼ିବା ସହିତ ଅନେକ ପରିବାର ଉଜୁଡ଼ି ଯାଉଛି। 'ମୋନା' ପକ୍ଷରୁ ମୋଦିଙ୍କ ଗ୍ୟାରେଣ୍ଟିର ଅନୁପାଳନ ଓ ସମ୍ପୂର୍ଣ୍ଣ ନିଶା ନିବାରଣ ଦାବିରେ ବିଧାନସଭା ମୁଖ୍ୟ ଫାଟକ ନିକଟରୁ ରାଜଭବନ ଛକ ପର୍ଯ୍ୟନ୍ତ ସବୁଦିନ ଜାତୀୟ ପତାକା ଯାତ୍ରା ଚାଲିଛି। କେନ୍ଦ୍ର ସରକାର ନିଶାମୁକ୍ତ ଭାରତ ଅଭିଯାନରେ ଓଡ଼ିଶାର ୩୦ଟି ଜିଲ୍ଲାକୁ ସାମିଲ କରି କୋଟି କୋଟି ଟଙ୍କାର ଅନୁଦାନ ଦେଉଥିବା ବେଳେ ଓଡ଼ିଶାରେ କିନ୍ତୁ ନିଶା ପ୍ରସାର ଉଦ୍‌ବେଜନକ ଭାବେ ଚାଲିଥିବା ସେ ଅଭିଯୋଗ କରିଛନ୍ତି।



ଖୋଲିଲା ସ୍କୁଲ୍, କ୍ଲାସ୍ ଅଭିମୁଖେ ଛାତ୍ରୀଗଣ...

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ, ମନ୍ତ୍ରୀ ସୁରକ୍ଷିତ

ବାଂଶପାଳ,୧୮।୬(ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ। କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥରେ ଘଟିଛି ଦୁର୍ଘଟଣା। ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମ୍ବଲପୁରରୁ ମୟୂରଭଞ୍ଜ ଯାଉଥିବା ବେଳେ ଜଗମୋହନପୁର ଛକରେ ହମ୍ପସ ଥିବା ସ୍ଥାନରେ ଆଗରେ ଯାଉଥିବା ପାଇଲଟିଂ ଗାଡ଼ି ହଠାତ ବ୍ରେକ ମାରିବାରୁ ପଛରେ ଥିବା ମନ୍ତ୍ରୀଙ୍କ ଗାଡ଼ି ଯାଇ ଧକ୍କା ହୋଇଥିଲା। ମନ୍ତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ସୌଭାଗ୍ୟବଶତଃ ଗାଡିର ସୁରକ୍ଷା ବେଲୁନ ବାହାରିବାରୁ ମନ୍ତ୍ରୀ ସୁରକ୍ଷିତ ରହିଥିଲେ। ଦୁର୍ଘଟଣା ପରେ ଅନ୍ୟ ଏକ ଗାଡ଼ିରେ ମୟୂରଭଞ୍ଜ ଯାଇଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ।

### ● ଡବଲ ଇଞ୍ଜିନ୍ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ

# କେନ୍ଦ୍ର ଓ ରାଜ୍ୟ ମନ୍ତ୍ରିମଣ୍ଡଳର ଇସ୍ତଫା ଦାବି



ଭୁବନେଶ୍ୱର,୧୮।୬ (ସଂଚାର ବ୍ୟୁରୋ):ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ଦୁଇବର୍ଷର ଶାସନ ଏବଂ କେନ୍ଦ୍ରରେ ୧୨ ବର୍ଷର ଶାସନରେ ସରକାର ଦେଶର ଅର୍ଥ, କୃଷି, ଶିଳ୍ପ ବିକାଶରେ ବିଫଳ ହୋଇଛନ୍ତି। ସେହିପରି ନାରୀ ସୁରକ୍ଷା ଓ ଭ୍ରଷ୍ଟାଚାରକୁ ରୋକିବାରେ ଡବଲ ଇଞ୍ଜିନ୍ ସରକାର ବିଫଳ ହୋଇଛି ବୋଲି ନବନିର୍ମାଣ କୃଷକ ସଂଗଠନ ଅଭିଯୋଗ କରିଛି। ଜୁନ୍ ୨୦ ତାରିଖରେ ଏହାର ପ୍ରତିବାଦରେ ରାଜ୍ୟ ଓ କେନ୍ଦ୍ରର ସମସ୍ତ ମନ୍ତ୍ରୀ ଇସ୍ତଫା ଦାବି କରି ଏକ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହେବ ବୋଲି ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସଂଗଠନ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ କି କେନ୍ଦ୍ର ଚାଷୀକୁ ସୁରକ୍ଷା ଭତ୍ତା ଦେବା କଥା ଚିନ୍ତା କଲେନି। ରାଜ୍ୟ ସରକାର କ୍ୱିଣ୍ଟାଲ ଧାନ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତା ଦେଇ ପ୍ରତି କ୍ୱିଣ୍ଟାଲରେ ୫ କେଜିରୁ ୧୫ କେଜି ପର୍ଯ୍ୟନ୍ତ କାଟି ନେଉଛନ୍ତି। ଟୋକନ ମିଳୁନାହିଁ। ଟୋକନ୍ ମିଳିଲେ ବି ୮୦ କ୍ୱିଣ୍ଟାଲ ଜାଗାରେ ୮ କ୍ୱିଣ୍ଟାଲ ଆସିବା, ୧୫୦ କ୍ୱିଣ୍ଟାଲ ପରେ ଇନପୁଟ୍ ସହାୟତା ୮୦୦ ଟଙ୍କା ଦେଉନାହାନ୍ତି। ଦିଲ୍ଲୀରେ ସଂଯୁକ୍ତ କିଷାନ ମୋର୍ଚ୍ଚାର କୃଷକ ଆନ୍ଦୋଳନରେ ୭୦୦ କୃଷକ ସହୀଦ ହୋଇଥିଲେ ବି କେନ୍ଦ୍ର ସରକାର ୨୩ଟି ଫସଲ ଉପରେ ଏମ୍‌ଏସ୍‌ପି ଦେଲେନାହିଁ। ସେ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାରଙ୍କର ପ୍ରଥମ ୧୮ ମାସରେ ନାରୀ ନିର୍ଯାତନା ମାମଲା ୧୮ ହଜାର ଅତିକ୍ରମ କରିଛି। ଚାମେଲି ଓଝାଙ୍କ ପ୍ରସଙ୍ଗ ରାଜ୍ୟ ରାଜନୀତି ଓ ନୈତିକତାକୁ ଦୋହଲାଇ ଦେଇଛି। ଥାନାରେ ଥାର୍ଡ ଡିଗ୍ରୀ ଦେଇ ମାରିଦେବା ଓଡ଼ିଶା ପୁଲିସ ଲାଗି ଏକ ସାଧାରଣ କଥା ହୋଇଛି। କିରାଣୀ ଓ ଯନ୍ତ୍ରୀଙ୍କ ବାସଭବନରୁ କୋଟି କୋଟି ଟଙ୍କାର ନୋଟ୍ ମିଳିବା, ଏସ୍‌ଆଇ, ନିଟ୍ ଭଳି ପରୀକ୍ଷା ବିଭ୍ରାଟ ହେବା ମୋଦୀ ସରକାରଙ୍କର ଗୋଟିଏ ଗୋଟିଏ ବିଫଳତା। ଏଭଳି ସ୍ଥିତିରେ ବର୍ଷପୂର୍ତ୍ତି ଉତ୍ସବ ପାଳିବା ଲୋକଙ୍କ ସହିତ ଧୋକା ବୋଲି ସେ କହିବା ସହ ଲୋକଙ୍କୁ ଅନ୍ଧାର ଭିତରକୁ ଠେଲିଦେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ସେ ଦାବି କରିଛନ୍ତି।

# ଛୋଟ ପିଲାଙ୍କୁ କଫ ସିରପ ଦେଇ ରାଜଧାନୀରେ ଭିକ୍ଷାବୃତ୍ତି

ଭୁବନେଶ୍ୱର,୧୮।୬: ରାଜଧାନୀରେ ଭିକାରୀମାନେ ଛୋଟ ଛୋଟ ଛୁଆଙ୍କୁ କଫସିରପ ପିଆଇ ନିଶାଗ୍ରସ୍ତ କରିବା ପରେ କାଖରେ ଧରି ଭିକ ମାଗୁଛନ୍ତି। ପୁଲିସ୍ ଏମାନଙ୍କୁ ଗିରଫ କରୁନଥିବାରୁ ଭିକାରୀମାନେ ଭୁବନେଶ୍ୱର ଛାଡୁନାହାନ୍ତି।

ରାଜଧାନୀକୁ ଶିଶୁ ଅନୁକୂଳ କରିବା ପାଇଁ ଆୟୋଜିତ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଏହା କହିଛନ୍ତି ମେୟର ସୁଲୋଚନା ଦାସ। ମେୟର କହିଛନ୍ତି ଯେ ରାଜଧାନୀର ବିଭିନ୍ନ ଛକରେ ମହିଳାମାନେ ଭିକ ମାଗୁଛନ୍ତି। ଏମାନେ ସାଧାରଣତଃ ଅନ୍ୟ ରାଜ୍ୟର। ଏହି ମହିଳାମାନେ ଧୁ ଧୁ ଖରାରେ ଛୋଟ ଛୋଟ ପିଲାଙ୍କୁ କାଖରେ ଧରି ଭିକ ମାଗୁଛନ୍ତି। ପିଲାମାନଙ୍କୁ କଫସିରପ ପିଆଇ ନିଶାଗ୍ରସ୍ତ କରିବା ପରେ ଧରି ବୁଲୁଛନ୍ତି। ଏହି ମହିଳାମାନେ କୁଆଡୁ ଆସୁଛନ୍ତି ଓ କୁଆଡ଼େ ଯାଉଛନ୍ତି, ତାହା ସହଜରେ ଜଣାପଡୁନାହିଁ।




ତେବେ ଏମାନଙ୍କୁ ଧରିବାର କାମ ପୁଲିସ୍‌ର ହୋଇଥିବା ବେଳେ ଏମାନଙ୍କ ବିରୁଦ୍ଧରେ କମିଶନରେଟ ପୁଲିସ୍ କିନ୍ତୁ କୋହଳ ମନୋଭାବ ପୋଷଣ କରୁଛି। ଯଦି ଏମାନଙ୍କୁ ଭିକ ମାଗିବା ସମୟରେ ଧରି ଗିରଫ କରି ଜେଲ୍‌ରେ ଭର୍ତ୍ତି କରାଯାଆନ୍ତା, ତା'ହେଲେ ସେମାନେ ଆଉ ଏଭଳି କାମ କରିବାକୁ ସାହସ କରନ୍ତେ ନାହିଁ। ବିଏମସି କେବଳ ଭିକ୍ଷାବୃତ୍ତିକୁ ବାରଣ କରିବା। ହେଲେ କାର୍ଯ୍ୟାନୁଷ୍ଠାନର ଦାୟିତ୍ୱ ହେଉଛି ପୁଲିସ୍‌ର।

ମେୟର କହିଛନ୍ତି ଯେ ଭୁବନେଶ୍ୱରକୁ ଭିକାରୀମୁକ୍ତ କରିବା ପାଇଁ ବିଏମ୍‌ସି ଏକାଧିକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ରାଜ୍ୟ ବାହାରର ଏହି ଭିକାରୀମାନେ ଛୋଟ ଛୋଟ ପିଲାଙ୍କୁ ଭିକ୍ଷାବୃତ୍ତିରେ ନିୟୋଜିତ କରୁଛନ୍ତି। ଟ୍ରାଫିକ ଛକରେ ଗାଡ଼ିମୋଟର ରହିବାମାତ୍ରେ ଏହି ପିଲାମାନେ ହାତରେ କଲମ, ଫୁଲ ଓ ଖେଳଣା ଆଦି ଧରି ଅତି ବିପଜ୍ଜନକ ଭାବେ ଗାଡ଼ି ନିକଟକୁ ମାଡ଼ିଆସୁଛନ୍ତି। ଟ୍ରାଫିକ ଛାଡ଼ିବା ସମୟରେ ଏମାନେ ଯେଭଳି ଭାବେ ଗାଡ଼ିମୋଟର ଆଗରେ ପଡୁଛନ୍ତି, ତାହା ଅତ୍ୟନ୍ତ ବିପଜ୍ଜନକ।

ରାଜଧାନୀକୁ ଶିଶୁ ଅନୁକୂଳ କରିବା ସହ ଏହାକୁ ଶିଶୁ ଶ୍ରମମୁକ୍ତ କରିବା ଏତେଟା ସହଜ ନୁହେଁ ବୋଲି ମେୟର ମତ ଦେଇଛନ୍ତି। ସେ କହିଛନ୍ତି ଯେ ଏଠାରେ ବିଭିନ୍ନ କାମଦାମ ପାଇଁ ରାଜ୍ୟ ବାହାରୁ ଶହ ଶହ ଲୋକେ ନିଜ ପରିବାର ସହ ଆସୁଛନ୍ତି। ସହରରେ ଏବେ ୪୮୦ଟି ପଞ୍ଜିକୃତ ବସ୍ତି ରହିଥିବା ବେଳେ ଅଣପଞ୍ଜିକୃତ ବସ୍ତି ବି ରହିଛି। ଏଠାରେ ସେମାନେ ନିଜେ କାମଧନ୍ଦା କରିବା ସହ ଛୋଟ ଛୋଟ ପିଲା ଓ ମହିଳାଙ୍କୁ ଭିକ୍ଷାବୃତ୍ତି ଭଳି ଧନ୍ଦାରେ ନିୟୋଜିତ କରୁଛନ୍ତି। ଖରା ବର୍ଷାରେ ଗଛମୂଳେ ଏମାନେ ପାଲ ଟାଣି ରହି ଭିକ୍ଷାବୃତ୍ତି କରୁଥିବା ବେଳେ ପୁଲିସ୍ କାହିଁକି ସେମାନଙ୍କୁ ଗିରଫ କରୁନାହିଁ ବୋଲି ମେୟର ପ୍ରଶ୍ନ କରୁଛନ୍ତି।

ଉଲ୍ଲେଖନୀୟ ଯେ ରାଜଧାନୀର ବିଭିନ୍ନ ଛକରେ ମହିଳା ଓ ପିଲା ଭିକ ମାଗିବା ସବୁଦିନିଆ ଘଟଣା ହୋଇଥିବା ବେଳେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଭୟରେ କିଛିଦିନ ପାଇଁ ପଳାଉଥିଲେ ହେଁ ପୁଣି ସେମାନେ ରାସ୍ତାକୁ ଆସୁଛନ୍ତି। ତେବେ ଏହାକୁ କେତେକ ଗ୍ୟାଙ୍ଗ୍ ପରିଚାଳନା କରୁଥିବା ବେଳେ କମିଶନରେଟ ପୁଲିସ୍ କାହିଁକି କୋହଳ ମନୋଭାବ ଗ୍ରହଣ କରୁଛନ୍ତି, ତାହା ଏବେ ପ୍ରଶ୍ନବାଚୀ ହୋଇଛି। (ତଥ୍ୟ)

# ଭାରତୀୟ ରାଜନୀତିର ଗୈରିକୀକରଣ




ସ୍ୱାଧୀନତା ପରଠାରୁ ଭାରତୀୟ ରାଜନୀତି ବିବିଧତା, ଧର୍ମନିରପେକ୍ଷତା ଏବଂ ସମାନତାର ଆଦର୍ଶରେ ଚାଲିଥିଲା। କିନ୍ତୁ ଗତ କେଇ ଦଶକ ଧରି ଏହି ରାଜନୈତିକ ପରିଦୃଶ୍ୟରେ ଏକ ନୂତନ ଧାରା ଦେଖାଯାଉଛି- ଗୈରିକୀକରଣ। କେଶରୀ ରଙ୍ଗ ହିନ୍ଦୁ ଧର୍ମର ପ୍ରତୀକ ଭାବରେ ପରିଚିତ ହେବା ସହ ଏହା ଏବେ ଏକ ରାଜନୈତିକ ଆଦର୍ଶର ପ୍ରତୀକ ହୋଇ ଉଠିଛି। ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ଆରଏସ୍ଏସ୍ ପରି ସଂଗଠନଗୁଡ଼ିକର ପ୍ରଭାବରେ ରାଜନୀତିର ଏହି କେଶରୀ ରଙ୍ଗ ଦେଶର ବିଭିନ୍ନ କ୍ଷେତ୍ରରେ ପ୍ରଭାବ ପକାଉଛି। ଏହା କେବଳ ଏକ ନିର୍ବାଚନୀ ରଣନୀତି ନୁହେଁ, ବରଂ ସଂସ୍କୃତି, ଶିକ୍ଷା, ଇତିହାସ ଏବଂ ସମାଜର ପୁନର୍ନିର୍ମାଣର ଏକ ବୃହତ୍ତର ପ୍ରକ୍ରିୟା।

ଗୈରିକୀକରଣର ମୂଳ ହିନ୍ଦୁତ୍ୱବାଦୀ ଆଦର୍ଶରେ ନିହିତ। ଏହା ଭାରତକୁ ଏକ ହିନ୍ଦୁ ରାଷ୍ଟ୍ର ଭାବରେ ପ୍ରତିଷ୍ଠା କରିବାର ସ୍ୱପ୍ନ ଦେଖୁଛି। ୨୦୧୪ ଏବଂ ୨୦୧୯ ନିର୍ବାଚନରେ ବିଜେପିର ବିଜୟ ପରେ ଏହି ଧାରା ତୀବ୍ର ହୋଇଛି। ରାମ ମନ୍ଦିର ନିର୍ମାଣ, ଧାର୍ମିକ ଉତ୍ସବଗୁଡ଼ିକର ରାଜନୈତିକ ପ୍ରଚାର, ଗୋରକ୍ଷା ଆଇନ୍ ଏବଂ ସଂଶୋଧିତ ନାଗରିକତ୍ୱ ଆଇନ୍ (ସିଏଏ) ପରି ପଦକ୍ଷେପ ଏହାର ଉଦାହରଣ। ଏହି ପ୍ରକ୍ରିୟା କେବଳ ଉତ୍ତର ଭାରତରେ ସୀମିତ ନରହି ଦକ୍ଷିଣ ଏବଂ ପୂର୍ବ ଭାରତରେ ମଧ୍ୟ ପ୍ରସାରିତ ହେଉଛି। ଓଡ଼ିଶାରେ ମଧ୍ୟ ବିଜେପିର ବଢୁଥିବା ପ୍ରଭାବ ଏହାର ପ୍ରମାଣ।

ସକାରାତ୍ମକ ଦିଗ ସମ୍ପର୍କରେ ଗୈରିକୀକରଣର ସମର୍ଥକମାନେ କହନ୍ତି ଯେ ଏହା ଭାରତୀୟ ସଂସ୍କୃତିର ପୁନରୁତ୍ଥାନ ହେଉଛି। ଶତାବ୍ଦୀ ଧରି ବିଦେଶୀ ଶାସନ ଏବଂ ପରବର୍ତ୍ତୀ ଧର୍ମନିରପେକ୍ଷ ରାଜନୀତି ହିନ୍ଦୁ ପରମ୍ପରାକୁ କ୍ଷୁଣ୍ଣ କରିଥିଲା ବୋଲି ସେମାନେ ଯୁକ୍ତି ଦିଅନ୍ତି। ଏହା ଜାତୀୟତାବାଦକୁ ମଜବୁତ୍ କରି ଦେଶର ଏକତା ବଢ଼ାଉଛି। ଆର୍ଥିକ ସମୃଦ୍ଧି, ସୁରକ୍ଷା ଏବଂ ହିନ୍ଦୁ ପରିଚୟର ଗର୍ବ ଏହାର ଫଳ। ଉଦାହରଣସ୍ୱରୂପ, ଯୋଗ, ଆୟୁର୍ବେଦ ଏବଂ ପ୍ରାଚୀନ ଜ୍ଞାନର ପ୍ରଚାର ଏହି ଧାରାର ସକାରାତ୍ମକ ଦିଗ। ଏହା ହିନ୍ଦୁ ଭୋଟ୍ ବ୍ୟାଙ୍କକୁ ଏକତ୍ରିତ କରି ରାଜନୀତିରେ ସ୍ଥିରତା ଆଣିଛି।

କିନ୍ତୁ ଏହି ଗୈରିକୀକରଣ ଭାରତର ବହୁତ୍ୱବାଦୀ ସମାଜ ପାଇଁ ବିପଦ ସୃଷ୍ଟି କରୁଛି। ଧର୍ମନିରପେକ୍ଷତାର ମୂଳ ଆଦର୍ଶ ଦୁର୍ବଳ ହେଉଛି। ମୁସଲିମ୍, ଖ୍ରୀଷ୍ଟିୟାନ୍ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ମଧ୍ୟରେ ଅସୁରକ୍ଷା ବଢ଼ୁଛି। ଲିଞ୍ଚିଂ, ଧାର୍ମିକ ହିଂସା ଏବଂ ମେଧାବୃତ୍ତିକ ମେରୁକରଣ ଭାଙ୍ଗିବାର ଘଟଣା ବଢ଼ିଛି। ଶିକ୍ଷା କ୍ଷେତ୍ରରେ ପାଠ୍ୟକ୍ରମ ପରିବର୍ତ୍ତନ, ଇତିହାସର ପୁନର୍ଲେଖନ, ସଂସ୍କୃତ ପ୍ରାଧାନ୍ୟ ଏବଂ ବିଜ୍ଞାନର ଧର୍ମୀୟ ବ୍ୟାଖ୍ୟା ଯୁବପିଢ଼ିର ବୌଦ୍ଧିକ ବିକାଶକୁ ପ୍ରଭାବିତ କରୁଛି।

ରାଜନୀତିରେ ଧର୍ମର ବ୍ୟବହାର ଭୋଟ୍ ବ୍ୟାଙ୍କ ରାଜନୀତିକୁ ପ୍ରୋତ୍ସାହିତ କରୁଛି। ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହି ଧାରାକୁ ପ୍ରତିରୋଧ କରିବା ପାଇଁ କେତେକ କ୍ଷେତ୍ରରେ ନିଜର ଧର୍ମୀୟ କାର୍ଡ ଖେଳୁଛନ୍ତି, ଯାହା ସମଗ୍ର ରାଜନୈତିକ ବ୍ୟବସ୍ଥାକୁ ପ୍ରଦୂଷିତ କରୁଛି। ଓଡ଼ିଶା ପରି ରାଜ୍ୟରେ ଯେଉଁଠାରେ ଜଗନ୍ନାଥ ସଂସ୍କୃତି ସମନ୍ୱୟର ପ୍ରତୀକ, ସେଠାରେ ମଧ୍ୟ ଏହି ଧାରା ସ୍ଥାନୀୟ ରାଜନୀତିକୁ ପ୍ରଭାବିତ କରୁଛି। ଏହା ସାମ୍ପ୍ରଦାୟିକ ସମ୍ପର୍କକୁ ବିଘ୍ନିତ କରିପାରେ। ଗୈରିକୀକରଣ ଭାରତର ବିଶ୍ୱ ମଞ୍ଚରେ ଶକ୍ତିଶାଳୀ ହିନ୍ଦୁ ପରିଚୟ ପ୍ରତିଷ୍ଠା କରୁଛି ସତ, କିନ୍ତୁ ଏହା ଗଣତନ୍ତ୍ରର ମୂଳ ଆଦର୍ଶ- ସମସ୍ତ ନାଗରିକଙ୍କ ସମାନ ଅଧିକାରକୁ ଦୁର୍ବଳ କରୁଛି କି ନାହିଁ ତାହା ବିଚାର୍ଯ୍ୟ। ଭାରତ ଭଳି ଦେଶ ପାଇଁ ଧର୍ମ ଏବଂ ରାଜନୀତିର ପୃଥକୀକରଣ ଆବଶ୍ୟକ। ରାଜନୈତିକ ଦଳଗୁଡ଼ିକୁ ଉନ୍ନୟନ, ଶିକ୍ଷା ଏବଂ ଆର୍ଥିକ ନ୍ୟାୟ ଉପରେ ଧ୍ୟାନ ଦେବା ଉଚିତ୍। ଯୁବକମାନେ ଏହି ଧାରା ଉପରେ ପ୍ରଶ୍ନ କରି ଏକ ଅନ୍ତର୍ଭୁକ୍ତିମୂଳକ ଭାରତ ଗଢ଼ିବା ଦାୟିତ୍ୱ ନେବା ଉଚିତ। ଗୈରିକୀକରଣ ଭାରତୀୟ ରାଜନୀତିର ଏକ ଅବିସ୍ମରଣୀୟ ପରିବର୍ତ୍ତନ ଆଣିଛି। ଏହା ଗର୍ବର ଉତ୍ସ ହୋଇପାରେ, କିନ୍ତୁ ଏହା ବିଭାଜନର ବୀଜ ମଧ୍ୟ ବୁଣିପାରେ। ଏକ ଶକ୍ତିଶାଳୀ ଏବଂ ଏକୀକୃତ ଭାରତ ପାଇଁ ଆମେ ବିବିଧତାରେ ଏକତା ଖୋଜିବା ଉଚିତ୍, ନୁହେଁ କେବଳ ଏକ ରଙ୍ଗର ପ୍ରାଧାନ୍ୟ। ରାଜନୀତି ଧର୍ମର ଦାସ ନୁହେଁ, ବରଂ ଜନସାଧାରଣଙ୍କ କଲ୍ୟାଣର ସାଧନ ହେବା ଉଚିତ।

# କେବଳ ପୁଲିସ ନୁହେଁ, ସମାଜର ବି ଦାୟିତ୍ୱ ଅଛି

**ଅଖିଳ ତରାଇ**



ଆଜିର ସକାଳ ଜଣେ ସଚେତନ ଓ ସଭ୍ୟ ନାଗରିକ ପାଇଁ ଆଉ ଆଗେ ଶାନ୍ତିପୂର୍ଣ୍ଣ କିମ୍ବା ଆନନ୍ଦଦାୟକ ହୋଇ ରହିନାହିଁ। ସକାଳୁ ଉଠି ଖବରକାଗଜ ପୃଷ୍ଠା ଓଲଟାଇଲେ କିମ୍ବା ଟେଲିଭିଜନର ପରଦା ଉପରେ ନଜର ପକାଇଲେ ମନ ଆନ୍ଦୋଳିତ ଓ ଭୟଭୀତ ହୋଇଉଠୁଛି। କେଉଁଠି ଦିନଦ୍ୱିପ୍ରହରରେ ଜଣେ ନିରୀହ ବ୍ୟକ୍ତିକୁ ଅତି ନିର୍ମମ ଭାବେ ହତ୍ୟା କରାଯାଉଛି ତ କେଉଁଠି ସଶସ୍ତ୍ର ଲୁଟପାଟ୍ ଓ ଡକାୟତିର ଭୟାବହ ଚିତ୍ର ସାମ୍ନାକୁ ଆସୁଛି। ସେହିପରି ମୋବାଇଲ୍ ଫୋନରେ ସୋସିଆଲ ମିଡିଆ ଖୋଲିବା କ୍ଷଣି ମାନସିକ ଅବସାଦର ଶିକାର ହୋଇ କାହାର ଆତ୍ମହତ୍ୟା ଭଳି ଚରମ ତଥା ଦୁଃଖଦାୟକ ନିଷ୍ପତ୍ତିର ଖବର ସମସ୍ତଙ୍କୁ ଚକିତ ଓ ସ୍ତବ୍ଧ କରୁଛି। ସାମ୍ପ୍ରତିକ ଓଡ଼ିଶାର ଏଭଳି ପରିସ୍ଥିତି ଆଜି ଏକ ଅତି ଚିନ୍ତାଜନକ ମୋଡ଼ରେ ପହଞ୍ଚିଛି। ପ୍ରତିଦିନ କିଛି ନା କିଛି ଅପରାଧିକ ଘଟଣା ଆମ ରାଜ୍ୟର ସୁରକ୍ଷା ବ୍ୟବସ୍ଥା, ସାମାଜିକ ସ୍ଥିରତା ଓ ଜନମାନସର ମାନସିକ ସ୍ଥିତି ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କିନ୍ତୁ ଏ ସମସ୍ତ ପରିସ୍ଥିତି ପାଇଁ କେବଳ ସରକାର କିମ୍ବା ପୋଲିସ ପ୍ରଶାସନକୁ ଦୋଷ ଦେଇ ଆମେ ନିଜ ନିଜର ବ୍ୟକ୍ତିଗତ ତଥା ସାମାଜିକ ଦାୟିତ୍ୱରୁ ମୁକ୍ତ ହୋଇପାରିବା ନାହିଁ। ଏହି ବଢୁଥିବା ଅପରାଧ ଓ ମାନବୀୟ ମୂଲ୍ୟବୋଧର ଅବକ୍ଷୟକୁ ରୋକିବା ପାଇଁ ଜନସାଧାରଣଙ୍କ ସାମୁହିକ ସହଯୋଗ ଓ ସଚେତନତା ହିଁ ଆଜିର ସମୟରେ ସବୁଠାରୁ ବଡ଼ ଆୟୁଧ ପାଲଟିଛି।

ନିଶ୍ଚିତ ଭାବରେ, ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଉଛି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ଠାରୁ ଆରମ୍ଭ କରି ଅପରାଧୀଙ୍କୁ ଉପଯୁକ୍ତ ଦଣ୍ଡ ଦେବା ପାଇଁ ଆମର ନ୍ୟାୟିକ ବ୍ୟବସ୍ଥା ମଧ୍ୟ ନିରନ୍ତର କାର୍ଯ୍ୟ କରୁଛି। ତଥାପି, ବିଡ଼ମ୍ବନାର ବିଷୟ ହେଉଛି ଅପରାଧୀଙ୍କ ମନରୁ ଆଇନର ଭୟ ଧୀରେ ଧୀରେ କମିବା ପରି ମନେହେଉଛି। ଏହାର ମୂଳ କାରଣ ଖୋଜିବାକୁ ଗଲେ ଜଣାପଡ଼େ ଯେ ଆମ ସମାଜରେ ନୈତିକ ମୂଲ୍ୟବୋଧର ଘୋର ଅଭାବ ପରିଲକ୍ଷିତ ହେଉଛି ଏବଂ ମଣିଷ ଭିତରେ ଧୈର୍ଯ୍ୟହୀନତା ବୃଦ୍ଧି ପାଉଛି। ଖୁବ୍ ଛୋଟ ଛୋଟ ଏବଂ ସାଧାରଣ କଥାରେ ଆଜିର ଲୋକେ ଉଗ୍ର ହୋଇଉଠୁଛନ୍ତି ଏବଂ ଭବିଷ୍ୟତର ପରିଣାମ ବିଷୟରେ ବିନା ଚିନ୍ତା କରି ବଡ଼ ଧରଣର ଅପରାଧ ଘଟାଇବାକୁ ପଛାଉନାହାନ୍ତି। ସେହିପରି ମାନସିକ ଚାପ, ଆର୍ଥିକ ଅନଗ୍ରସରତା, ବେରୋଜଗାରୀ କିମ୍ବା ପାରିବାରିକ କଳହ ଯୋଗୁଁ ନିଜର ଅମୂଲ୍ୟ ଜୀବନ ହାରିବା ବା ଆତ୍ମହତ୍ୟା ଭଳି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏସବୁ କ୍ଷେତ୍ରରେ ପୋଲିସ ପ୍ରଶାସନ ସବୁ ସମୟରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଘର ଭିତରକୁ ଯାଇ ପରିସ୍ଥିତି ସୁଧାରି ପାରିବ ନାହିଁ କିମ୍ବା କାହାର ମନକୁ ପରିବର୍ତ୍ତନ କରିପାରିବ ନାହିଁ। ଏଥିପାଇଁ ଆମକୁ ପରିବାର, ପଡ଼ୋଶୀ ଓ ସମାଜ ସ୍ତରରେ ପ୍ରଥମେ ନିଜ ଭିତରେ ସଚେତନତା ଜାଗ୍ରତ କରିବାକୁ ପଡ଼ିବ।

ବର୍ତ୍ତମାନର ଡିଜିଟାଲ୍ ଯୁଗରେ ସବୁଠାରୁ ବଡ଼ ସଙ୍କଟ ହେଉଛି କୌଣସି ଘଟଣାର 'ପ୍ରକୃତ ସତ୍ୟତା'ର ସଠିକ୍ ଆକଳନ ନହେବା। ସୋସିଆଲ ମିଡିଆର ଅପବ୍ୟବହାର ଯୋଗୁଁ ଅନେକ ସମୟରେ ମିଥ୍ୟା ଗୁଜବ ଖୁବ୍ ଶୀଘ୍ର ବ୍ୟାପିଥାଏ, ଯାହା ସମାଜରେ ଅନାବଶ୍ୟକ ହିଂସା, ଆକ୍ରୋଶ କିମ୍ବା ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବାରେ ଇନ୍ଧନ ସଦୃଶ କାର୍ଯ୍ୟ କରେ। ଜନସାଧାରଣଙ୍କ ମଧ୍ୟରେ ଏଥିର ପ୍ରତି ବିବେକବାନ ପ୍ରବୃତ୍ତି ଆସିବା ଉଚିତ ଯେ, ସେମାନେ କୌଣସି ଘଟଣା ପଛର ପ୍ରକୃତ ସତ୍ୟତା ନ ଜାଣି ନିଜେ ଆଇନକୁ ହାତକୁ ନେବେ ନାହିଁ କିମ୍ବା କୌଣସି ଭୁଲ୍ ତଥା ଉତ୍ତେଜନାମୂଳକ ଖବରକୁ ପ୍ରସାରଣ କରିବେ ନାହିଁ। ଯଦି ଆମ ଚାରିପାଖରେ କୌଣସି ସ୍ଥାନରେ ଅସାମାଜିକ ବା ସନ୍ଦେହଜନକ କାର୍ଯ୍ୟକଳାପ ଦେଖାଯାଏ, ତେବେ ଜଣେ ସଜାଗ ନାଗରିକ ଭାବେ ତୁରନ୍ତ ପ୍ରଶାସନ ଓ ପୋଲିସକୁ ସୂଚନା ଦେବା ଆମର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ।

ଅପରାଧୀ ଓ ବଢ଼ୁଥିବା ଅପରାଧିକ ମାନସିକତାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ପାଇଁ ସର୍ବସାଧାରଣ ସହଯୋଗ ଅପରିହାର୍ଯ୍ୟ ଅଟେ। ପ୍ରତ୍ୟେକ ଗାଁ, ସହର ଏବଂ ଆବାସିକ ପଡ଼ାରେ ନାଗରିକ ସୁରକ୍ଷା କମିଟି ଗଠନ ହେବା ଆବଶ୍ୟକ, ଯାହା ସ୍ଥାନୀୟ ଅଞ୍ଚଳରେ ଘଟୁଥିବା ଛୋଟବଡ଼ ଘଟଣା ଉପରେ ସତର୍କ ନଜର ରଖିବ। ଆଜିର ଯୁବପିଢ଼ିଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟର ବ୍ୟବହାର ଓ ଅନ୍ଧ ଅନୁକରଣ ମଧ୍ୟ ଅପରାଧ ବୃଦ୍ଧିର ଅନ୍ୟ ଏକ ପ୍ରମୁଖ କାରଣ ସାଜିଛି। ଏହି କ୍ଷେତ୍ରରେ ପିତାମାତା ଓ ଅଭିଭାବକମାନେ ନିଜ ପିଲାମାନଙ୍କର ସଙ୍ଗତି, ଆଚରଣ ଏବଂ ସେମାନଙ୍କର ମାନସିକ ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଜରୁରୀ। ସେହିପରି, ଆତ୍ମହତ୍ୟା ଭଳି ଅତ୍ୟନ୍ତ ସ୍ପର୍ଶକାତର ଘଟଣାକୁ ରୋକିବା ପାଇଁ ଆମକୁ ପରିବାର ମଧ୍ୟରେ ପରସ୍ପର ସହ ସମୟ ବିତାଇବାକୁ ହେବ, ବାର୍ତ୍ତାଳାପ ବଢ଼ାଇବାକୁ ହେବ ଏବଂ ମାନସିକ ସ୍ତରରେ ଦୁର୍ବଳ ବା ଏକାକୀ ଅନୁଭବ କରୁଥିବା ବ୍ୟକ୍ତିଙ୍କୁ ସ୍ନେହ ଓ ସାହସ ଦେବାକୁ ହେବ। ଆମେ ଯଦି ଆମର ପଡ଼ୋଶୀ କିମ୍ବା ଆତ୍ମୀୟଙ୍କ ସୁଖ-ଦୁଃଖର ପ୍ରକୃତ ସାଥୀ ହୋଇପାରିବା, ତେବେ ଅନେକ ନିରୀହ ଜୀବନ ଅକାଳରେ ଯିବାରୁ ବଞ୍ଚିଯାଇପାରିବ। ସରକାରଙ୍କ ଆଇନ ବ୍ୟବସ୍ଥା କେବଳ ଅପରାଧ ଘଟିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ, କିନ୍ତୁ ଅପରାଧ ଯେପରି ସମାଜରେ ପୁନର୍ବାର ନ ଘଟିବ, ସେହିପରି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା କେବଳ ଆମ ସମାଜର ହିଁ ଦାୟିତ୍ୱ।


ଗଞ୍ଜାମ, ମୋବାଇଲ୍:୭୭୮୭୦୦୧୦୦୧


# ଭାଗବତ କେବଳ ଧର୍ମ ଗ୍ରନ୍ଥ ନୁହଁ, ଏକ ଜୀବନ ଦିଗଦର୍ଶନ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**




ଭାଗବତ ପଦାବଳୀ ଆବୃତ୍ତି କରି ଓଡ଼ିଆ ଜାତିର ପ୍ରାଣସତ୍ତା ତୃପ୍ତ ହୋଇଉଠେ। ଭାଗବତ (ସଂସ୍କୃତ) ଐକାନ୍ତିକ ଶୁଦ୍ଧାଭକ୍ତି ଧର୍ମର ଶାସ୍ତ୍ର ହୋଇଥିଲେ ହେଁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ଶୁଦ୍ଧ ଭକ୍ତିଭାବ ପରିବର୍ତ୍ତେ ଜ୍ଞାନମିଶ୍ରା ଭକ୍ତିଧର୍ମ ଓ ଶୂନ୍ୟ ସାଧନା ପ୍ରବର୍ତ୍ତିତ ହୋଇଅଛି। ଏହା ମୂଳ ଭାଗବତ ସମର୍ଥିତ ନୁହେଁ। ଏହା ନବାକ୍ଷରୀ ଛନ୍ଦ ବା ଗୁଜ୍ଜରୀ ଛନ୍ଦରେ ଲିଖିତ। ଅଲୌକିକ ସାଧନା ବା ସିଦ୍ଧିସମ୍ପନ୍ନ ଅତିବଡ଼ି ରୂପେ ନୁହେଁ, ନୈସର୍ଗିକ କବିତ୍ୱର ଅଧିକାରୀ, ଓଡ଼ିଆ ଜନଜୀବନର ଅଗ୍ରପୂଜ୍ୟ ହିଁ ଜଗନ୍ନାଥ ଦାସ। ଓଡ଼ିଶାର ବେଦ ହିଁ ଜଗନ୍ନାଥ ଦାସ କୃତ ଓଡ଼ିଆ ଭାଗବତ। ଓଡ଼ିଶାର ଆଧ୍ୟାତ୍ମିକ ଜାଗରଣ, ସାଂସ୍କୃତିକ ବିକାଶ, ପାରସ୍ପରିକ ସଦ୍ଭାବ ପ୍ରତିଷ୍ଠା, ଶୃଙ୍ଖଳିତ ସମାଜ ଗଠନ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଗ୍ରାମ୍ୟ ଏକତା, ଭେଦାଭେଦ ନିରୋଧ, ଚାରିତ୍ରିକ ଶିକ୍ଷା, ପାରିବାରିକ ଏକତ୍ୱ ଏବଂ ସର୍ବୋପରି ଓଡିଆଙ୍କ ଅଭ୍ୟୁଦୟ ହିଁ ଜଗନ୍ନାଥ ଦାସ କୃତ ଭାଗବତ ! ଏବଂ ସେଇଥିପାଇଁ -"ସକଳ ଶାସ୍ତ୍ର ଭାଗବତ। ଅଭ୍ୟାସ କରୁଥିବ ନିତ୍ୟ।।" ଜଗନ୍ନାଥ ଦାସ କୃତ ଭାଗବତ ସତେ ଯେମିତି ଆମର ଲୋକସାହିତ୍ୟ ! ଏହାର ବହୁ ପଦ, ସଦୁକ୍ତି ବା ସୁଭାଷିତ ରୂପେ ଓଡ଼ିଶାର ଜନମାନସରେ ଦୈନନ୍ଦିନ ଜୀବନରେ ଉଚ୍ଚାରିତ ହୋଇଥାଏ, ଯଥା- ଆତ୍ମା କୌଶଳେ ସର୍ବସିଦ୍ଧି। ତରଇ ସଂସାର ଜଳଧି।। ଭାଗବତ ଶବ୍ଦର ଅର୍ଥ ହେଲା "ଭା"ର ଅର୍ଥ ଭାବ, "ଗ"ର ଅର୍ଥ ଜ୍ଞାନ "ବ" ର ଅର୍ଥ ବୈରାଗ୍ୟ ଏବଂ "ତ"ର ଅର୍ଥ ତତ୍ତ୍ୱ କିନ୍ତୁ ବ୍ୟାକରଣ ସୂତ୍ରାନୁସାରେ ଭାଗବତ କୃତଂ ଭାଗବତମ୍, ଅର୍ଥାତ୍ ଯାହା ଭଗବାନଙ୍କ କୃତ ତାହାହିଁ ଭାଗବତ। ଏହି ଭାଗବତରେ ଭଗବାନଙ୍କ କିର୍ତ୍ତୀ ଏବଂ ମାହାତ୍ମ୍ୟ ବର୍ଣ୍ଣିତ। ଷୋଡଶ ଶତାବ୍ଦୀରେ ଯେଉଁ ମହାମନିଷୀମାନେ ଶ୍ରୀମଦ ଭାଗବତକୁ ଆଧାରକରି ପ୍ରାନ୍ତୀୟ ଭାଷାରେ ନିଜନିଜ ଭକ୍ତିପୂର୍ଣ୍ଣ କୃତିସମୂହ ଦ୍ୱାରା ସମାଜରେ ଭକ୍ତିଧାରା ସୃଷ୍ଟି କରିବାରେ ମହାନ କାର୍ଯ୍ୟ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡିଶାର ମାହାନ ସନ୍ଥ ଅତିବଡୀ ଜଗନ୍ନାଥ ଦାସ ଅନ୍ୟତମ। ତାଙ୍କ ପ୍ରଣୀତ ଓଡିଆ ଭାଗବତ ଉତ୍କଳୀୟ ଜନଜୀବନ ଓ ଉତ୍କଳୀୟ ସଂସ୍କୃତିର ଏକ ବଳିଷ୍ଠ ଅଙ୍ଗ ପାଲଟି ଯାଇଛି।

ଶ୍ରୀମଦ ଭାଗବତ ଭଗବାନଙ୍କ ମୁଖ ନିସୃତବାଣୀ ବୋଲି ସମସ୍ତେ ପ୍ରାୟତଃ ଜାଣନ୍ତି। ଭାଗବତ ପାଠ କଲେ ସମସ୍ତ ପାପ ତାପ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି। ଭାଗବତରେ ଭଗବାନଙ୍କ ଲୀଳା, ରୂପ, ଧାମ ଓ ମାହାତ୍ମ୍ୟ ଆଦିର ବର୍ଣ୍ଣନା କରାଯାଇଛି। ଭଗବାନ ଅନେକ ରୂପ ଧାରଣ କରି ନାନା ପ୍ରକାର ଲୀଳା କରନ୍ତି। ଭାଗବତ କଥା ଶ୍ରବଣରେ ସମସ୍ତ ପ୍ରକାର ଅଶୁଭ ତଥା ଯାବତୀୟ ଦୁଃଖ ତଥା ବହୁବିଧ ବିଘ୍ନ ଦୂର ହୋଇଥାଏ। ମହର୍ଷି ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ସଂସ୍କୃତ ଭାଷାରେ ଧର୍ମୋପନିଷେଦ ମଧ୍ୟରେ ଏକ ସର୍ବୋକଷ୍ଟ ପରିଣତି L ଏହାର ଆଧ୍ୟାତ୍ମିକ ମୂଲ୍ୟବୋଧ ତଥା ଏଥିରେ ବର୍ଣ୍ଣିତ ସାଧନା ଭକ୍ତି, ଜ୍ଞାନ, ବୈରାଗ୍ୟ, ସମାଜ ଗଠନ ପ୍ରଣାଳୀ ପ୍ରଭୃତି ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଉପାଦେୟ। ମାନବର କଲ୍ୟାଣ ନିମନ୍ତେ ବ୍ୟାସଦେବ ଏହି ଗ୍ରନ୍ଥକୁ ରଚନା କରିଥିଲେ। ଏହି ଦୃଷ୍ଟିରୁ ଶ୍ରୀମଦ ଭାଗବତ ଗ୍ରନ୍ଥ ସାକ୍ଷାତ ଭଗବାନଙ୍କର ପରମ ମଙ୍ଗଳମୟ ମୂର୍ତ୍ତି ବୋଲି କୁହାଯାଏ। ଦିନେ ବ୍ୟାସଦେବ ଅନ୍ୟମନସ୍କ ଭାବରେ ବସିଥିଲେ। ତାଙ୍କ ପାଖରେ ପହଞ୍ଚିଥିଲେ ନାରଦ ମୁନି। ନାରଦ ମୁନି ବ୍ୟାସଦେବଙ୍କ ମୁହଁକୁ ଦେଖି ପଚାରିଥିଲେ ତୁମ ମୁହଁ ଦେଖିଲେ ମନେ ହେଉଛି ତୁମେ ଦୁଖରେ ଅଛ ? ତୁମ ଭଳି ମହାନ ଜ୍ଞାନି, ଗୁଣୀ, ପଣ୍ଡିତ, ଋଷିବରଙ୍କର ପୁଣି ମନଦୁଖ କାହିଁକି ? ବେଦ, ପୁରାଣ ମହାଭାରତ ଭଳି ମହାନ ଗ୍ରନ୍ଥ ଯିଏ ରଚନା କରିଛନ୍ତି ତାଙ୍କଠାରୁ ଆଉ କିଏ ମହାନ ଅଛନ୍ତି ? ସେତେବେଳେ ନାରଦ ମୁନିଙ୍କ କଥା ଶୁଣି ବ୍ୟାସଦେବ କହିଛନ୍ତି। ହଁ ମୁନିବର ତୁମ କଥାଅନୁସାରେ ମୁଁ ବୋହୁତ କିଛି ରଚନା କରିସାରିଛି। କିନ୍ତୁ କାହିଁକି କେଜାଣି ମୋ ମନରେ ଅବସୋସ ରହିଯାଇଛି। ଆହୁରି କିଛି ରଚନା କରିବା ପାଇଁ, ଯଦିଓ ମୁଁ ବେଦ, ମହାଭାରତ ଇତ୍ୟାଦି ରଚନା କରିଛି କିନ୍ତୁ ମୁଁ ଚାହୁଁଛି ଏଭଳି ଏକ ଗ୍ରନ୍ଥ ରଚନା କରିବା ପାଇଁ ଯାହାକୁ ସାଧାରଣ ଲୋକମାନେ ପଢିପାରିବେ, ବୁଝିପାରିବେ ଏବଂ କୃଷ୍ଣଙ୍କର ଗୁଣ ଗାନ କରି ସୁଖରେ ରହିପାରିବେ। ସେତେବେଳେ ନାରଦ ମୁନି ଓ ବ୍ୟାସଦେବ ଉଭୟ ଆଲୋଚନା କରି ସ୍ଥିର କଲେ ଭାଗବତ ନାମକ ମହାନ ଗ୍ରନ୍ଥ ରଚନାର କଥା। ତାପରେ ବ୍ୟାସଦେବ ଆରମ୍ଭ କରିଥିଲେ ଭାଗବତ ରଚନା ଏବଂ ତାକୁ ଖୁବ ଶୀଘ୍ର ସାରିଥିଲେ ମଧ୍ୟ। ଭାଗବତ ମାହାପୁରାଣରେ ଜନ୍ମମୃତ୍ୟୁ କଥା କୁହା ଯାଇଛି। ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ପାଇବାକୁ ନିର୍ବାଣ, ମୋକ୍ଷ ବା ସ୍ୱର୍ଗପ୍ରାପ୍ତି କୁହାଯାଏ। ଭାଗବତ ମହାପୁରାଣରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ଯେ ଚଉରାଶି ଲକ୍ଷ ଯୋନି ଅତିକ୍ରମ କରିବା ପରେ ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ନଅ ଲକ୍ଷ ପ୍ରକାର ଜଳ ଜୀବ, କୋଡିଏ ଲକ୍ଷ ପ୍ରକାର ବୃକ୍ଷ, ଏଗାର ଲକ୍ଷ ପ୍ରକାର କୃମି କୀଟ, ଦଶଲକ୍ଷ ପ୍ରକାର ପକ୍ଷୀ, ତିରିଶଲକ୍ଷ ପ୍ରକାର ପଶୁ, ଓ ଚାରିଲକ୍ଷ ପ୍ରକାର ମନୁଷ୍ୟ ଯୋନି ଇତ୍ୟାଦି।

ପୌରାଣିକ କଥା ଅନୁସାରେ ମୃତ୍ୟୁ ଭୟରୁ ରାଜା ପରୀକ୍ଷିତଙ୍କୁ ଉଦ୍ଧାର କରିବାକୁ ଶୁକମୁନି ତାଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କର ଯେଉଁ ଅମୃତ ଆଖ୍ୟାନ ସାତଦିନ ଧରି ଶୁଣାଇଥିଲେ ତାହା ହେଉଛି "ଶ୍ରୀମଦ୍ଭାଗବତ"। ବ୍ୟାଖ୍ୟାକାରମାନଙ୍କ କଥନରେ ଏବଂ ଲୋକ ପରମ୍ପରାରେ ପ୍ରଚଳିତ ଅଛି, ଯେ ରାଜା ପରୀକ୍ଷିତଙ୍କୁ ଶୁକମୁନି ଭାଦ୍ରବ ଶୁକ୍ଳ ନବମୀ ଦିନ ଭଗବାନଙ୍କର ସେହି ଅମୃତ ଆଖ୍ୟାନ ଶୁଣାଇବା ଆରମ୍ଭ କରିଥିଲେ ଏବଂ ତାହା ଭାଦ୍ରବ ପୂର୍ଣ୍ଣିମା ଦିନ ସଂପୂର୍ଣ୍ଣ ହୋଇଥିଲା। ସେଇଥିପାଇଁ 'ଭାଦ୍ରବ ପୂର୍ଣ୍ଣମୀ'କୁ 'ଭାଗବତ ଜନ୍ମ' ଭାବରେ କାହିଁ କେଉଁ କାଳରୁ ପାଳିନ କରାଯାଉଛି।ଶ୍ରୀମଦ ଭାଗବତ ଭଗବାନଙ୍କ ମୁଖ ନିସୃତବାଣୀ ବୋଲି ସମସ୍ତେ ପ୍ରାୟତଃ ଜାଣନ୍ତି। ଭାଗବତ ପାଠ କଲେ ସମସ୍ତ ପାପ ତାପ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି। ଭାଗବତରେ ଭଗବାନଙ୍କ ଲୀଳା, ରୂପ, ଧାମ ଓ ମାହାତ୍ମ୍ୟ ଆଦିର ବର୍ଣ୍ଣନା କରାଯାଇଛି। ଭଗବାନ ଅନେକ ରୂପ ଧାରଣ କରି ନାନା ପ୍ରକାର ଲୀଳା କରନ୍ତି। ଭାଗବତ କଥା ଶ୍ରବଣରେ ସମସ୍ତ ପ୍ରକାର ଅଶୁଭ ତଥା ଯାବତୀୟ ଦୁଃଖ ତଥା ବହୁବିଧ ବିଘ୍ନ ଦୂର ହୋଇଥାଏ। ମହର୍ଷି ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ସଂସ୍କୃତ ଭାଷାରେ ଧର୍ମୋପନିଷେଦ ମଧ୍ୟରେ ଏକ ସର୍ବୋକଷ୍ଟ ପରିଣତି L ଏହାର ଆଧ୍ୟାତ୍ମିକ ମୂଲ୍ୟବୋଧ ତଥା ଏଥିରେ ବର୍ଣ୍ଣିତ ସାଧନା ଭକ୍ତି, ଜ୍ଞାନ, ବୈରାଗ୍ୟ, ସମାଜ ଗଠନ ପ୍ରଣାଳୀ ପ୍ରଭୃତି ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଉପାଦେୟ। ମାନବର କଲ୍ୟାଣ ନିମନ୍ତେ ବ୍ୟାସଦେବ ଏହି ଗ୍ରନ୍ଥକୁ ରଚନା କରିଥିଲେ। ଏହି ଦୃଷ୍ଟିରୁ ଶ୍ରୀମଦ ଭାଗବତ ଗ୍ରନ୍ଥ ସାକ୍ଷାତ ଭଗବାନଙ୍କର ପରମ ମଙ୍ଗଳମୟ ମୂର୍ତ୍ତି ବୋଲି କୁହାଯାଏ।

ଓଡ଼ିଆ ଭାଗବତକୁ କେବଳ ଧର୍ମତତ୍ତ୍ୱ ସମ୍ବଳିତ ଏକ ପୁରାଣ ଭାବରେ ଗ୍ରହଣ କରାଯାଇ ନପାରେ। ଏହା ଭକ୍ତିଭାବ, ଜନଚେତନା, ସାହିତ୍ୟିକ ବୈଶିଷ୍ଟ୍ୟ ବହନକାରୀ ଏକ ଗ୍ରନ୍ଥ ମଧ୍ୟ। କବିତ୍ୱ ଚାତୁରୀ, ଛନ୍ଦ ସଂଯୋଜନା, ଅଳଙ୍କାର, ଶବ୍ଦ ନିର୍ବାଚନ, ସୁଭାଷିତ ପଦାବଳୀ ଏକ ଐନ୍ଦ୍ରଜାଲିକ ବିଭୂତି ଆହରଣ କରିଛି ଏହି ଗ୍ରନ୍ଥ। ଏଥିରେ ଯେଉଁ ରୂପଲୋକ, ଭାବଲୋକ ସୃଷ୍ଟି ହୋଇପାରିଛି, ତାହା ସବୁ ବିଚାର ଓ ବିଶ୍ଳେଷଣର ଉର୍ଦ୍ଧ୍ୱରେ ଏକ ଅପୂର୍ବ କାବ୍ୟ ସୁଷମାର ଗନ୍ତାଘର। ଏହାର ମୌଳିକତା ଅନନ୍ୟ। କାବ୍ୟମୟ କୋମଳତା ହିଁ 'ଓଡ଼ିଆ ଭାଗବତ'। ପାଠକର ଭାବଲୋକରେ କେବଳ ଉପଲବ୍ଧି କରାଯାଇପାରେ ଭାଗବତକୁ, "ସମଗ୍ର ଭାଗବତ ଏହିପରି ବହୁ ଅନବଦ୍ୟ କବିତ୍ୱରେ ପୂର୍ଣ୍ଣ। ଭକ୍ତମାନଙ୍କର ଚନ୍ଦନଛିଟା ତଳେ, ପୁଣି ବଲ୍ମୀକମାନଙ୍କର ଗର୍ଭରେ 'ଭାଗବତ'ର ଅପୂର୍ବ କବିତ୍ୱ ଅଧୁନା ଲୁପ୍ତ ହୋଇଅଛି। ତାହାର ପୁନରୁଦ୍ଧାନ ହୋଇପାରିଲେ , ସାରସ୍ୱତ ଉପବନରେ ଏହା ପୁଣି ଏକ ଅମ୍ଳାନ କମଳ ପରି ପ୍ରସ୍ଫୁଟିତ ହୋଇ ପାରିବ।


ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ୍:୮୨୪୯୫୦୨୭୭୬


# ଆର୍‌ଏସ୍‌ଏସ୍‌କୁ ନେଇ ବିବାଦ

**ଗୋପାଳ ମହାପାତ୍ର**





ରାଷ୍ଟ୍ରଗଠନ ଏବଂ ରାଷ୍ଟ୍ରଭକ୍ତିର କଥା କହୁଥିବା ଦେଶର ଏକ ଅଣ ପଞ୍ଜିକୃତ ସଂଗଠନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘକୁ ନେଇ ଏବେ ବିବାଦ ଘନେଇବାରେ ଲାଗିଛି। ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ଶତବାର୍ଷିକୀ ବର୍ଷରେ ସଂଗଠନକୁ ନେଇ କର୍ଣ୍ଣାଟକର ରାଜ୍ୟ ସରକାର ଅନେକ ପ୍ରଶ୍ନ ଉଠାଇଛନ୍ତି ଓ ସଂଘର ପ୍ରମୁଖ ମୋହନ ଭାଗବତକୁ ଦୁଇ ପୃଷ୍ଠାର ପତ୍ର ଲେଖି ଲିଖିତ ଉତ୍ତର ଦେବାକୁ କହିଛନ୍ତି। କର୍ଣ୍ଣାଟକର ଗୃହମନ୍ତ୍ରୀ ପ୍ରିୟାଙ୍କ ଖଡ଼ଗେ କହିଛନ୍ତି ଯେ ଆରଏସ୍ଏସ୍ ରାଷ୍ଟ୍ରନିର୍ମାଣ କରୁଛି ବୋଲି କହୁଥିଲେ ମଧ୍ୟ ଦେଶରେ ସାମ୍ପ୍ରଦାୟିକତା ସୃଷ୍ଟି କରୁଛି। ବିନା ପଞ୍ଜିକରଣରେ କୌଣସି ସଂଗଠନ ଚାଲିପାରିବ ନାହିଁ ବୋଲି ମଧ୍ୟ ଖଡ଼ଗେ କହିଛନ୍ତି। ଆରଏସ୍ଏସ୍‌ର ପାରଦର୍ଶିତା, ଅର୍ଥର ସ୍ରୋତ ବାବଦରେ ମଧ୍ୟ ତଥ୍ୟ ମାଗିଛନ୍ତି ଖଡ଼ଗେ। ପ୍ରିୟଙ୍କା ଖଡ଼ଗେ ତାଙ୍କ ପତ୍ରରେ ଆରଏସ୍ଏସ୍‌ର ୧୦୦ବର୍ଷ ପୂର୍ତ୍ତି ପାଇଁ ଶୁଭେଚ୍ଛା ଜଣାଇବା ସହ ସଂଘକୁ ଘେରିବାକୁ ଉଦ୍ୟମ କରିଛନ୍ତି। ଖଡ଼ଗେ ତାଙ୍କ ପତ୍ରର ଦର୍ଶାଇଛନ୍ତି ଯେ ଭାରତରେ ଓ ବିଦେଶରେ ସଂଘର ୬୦ ହଜାରରୁ ଅଧିକ ଶାଖା ଓ କୋଟି କୋଟି ସ୍ୱୟଂ ସେବକ ଅଛନ୍ତି ବୋଲି କହୁଥିବା ସଂଗଠନ ନିସନ୍ଦେହ ଭାବେ ସାର୍ବଜନିକ ଜୀବନ ଏବଂ ସମାଜରେ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ରଖିଥାଏ। ଏହାର ବ୍ୟପକତା, ପ୍ରଭାବ କାରଣରୁ ଆରଏସ୍ଏସ୍ ପାରଦର୍ଶିତା, ଉତ୍ତରଦାୟୀ ଏବଂ ସାମ୍ବିଧାନିକ ଅନୁଶାସନର ସର୍ବୋଚ୍ଚ ମାନକ ଅନୁଯାୟୀ ହେବା ଆବଶ୍ୟକ। ପ୍ରିୟାଙ୍କ ଖଡ଼ଗେ ଙ୍କ ଏହି ପତ୍ର ବାବଦରେ ଇଂରାଜୀ ଦୈନିକ "ଦି ହିନ୍ଦୁ" ଓ ଅନ୍ୟ କେତେକ ସମ୍ବାଦପତ୍ରରେ ପ୍ରକାଶିତ ହେବାପରେ ସଂଘର ଅନେକ ଭିତିରିକଥା ସମାନାକୁ ଆସିବାରେ ଲାଗିଛି।

କର୍ଣ୍ଣାଟକର ଗୃହମନ୍ତ୍ରୀ ପ୍ରିୟାଙ୍କ ଖଡ଼ଗେ ଆରଏସ୍ଏସ୍‌ର ମୁଖ୍ୟ ମୋହନ ଭାଗବତଙ୍କୁ ପତ୍ରଲେଖି କହିଛନ୍ତି ଯେ ଏକ ସାମ୍ବିଧାନିକ ଗଣତନ୍ତ୍ରରେ କୌଣସି ବି ସଂଗଠନ ତଦନ୍ତର ଉର୍ଦ୍ଧ୍ୱରେ ନୁହେଁ। ସଂଗଠନର ଆଇନଗତ ସ୍ଥିତି ଏବଂ ସଂଗାଠନାତ୍ମକ ସଂରଚନା ସମ୍ପର୍କୀତ ତଥ୍ୟ, ଟିକସ ବାବଦ ଦେୟ ଏବଂ ଚାନ୍ଦା ବାବଦରୁ ଆୟ ବାବଦରେ ସଂଘ ସାର୍ବଜନୀନ କରୁବୋଲି ମଧ୍ୟ ଖଡଗେ କହିଛନ୍ତି। ଆରଏସ୍ଏସ୍ ଦାୟୀତ୍ୱବାନ ହୋଇ ସମ୍ବିଧାନର ପାଳନ କରିବା ଉଚିତ୍ ଏବଂ ସଂସ୍ଥାର ପଞ୍ଜିକରଣ କରାଇବା ଉଚିତ୍ ଏପରିକି ସଂଘ ସମ୍ବିଧାନ ପରିସରରେ ରହି କାମ କରିବା ଆବଶ୍ୟକ ବୋଲି କହିଛନ୍ତି ଖଡ଼ଗେ। ସଂଘ ଦ୍ୱାରା ଜାରି କରାଯାଇଥିବା ୨୦୨୫-୨୬ ବର୍ଷର ଆର୍ôଥକ ରିପୋର୍ଟରେ କର୍ଣ୍ଣାଟକରେ ୪୧୩୭ଟି ସଂଘ ଶାଖା ଅଛି ବୋଲି ଦର୍ଶାଯାଇଛି। ଏହି ରିପୋର୍ଟକୁ ଉଦ୍ଧୃତ କରି ଖଡ଼ଗେ କହିଛନ୍ତି ଯେ ସଂଘର ଜନସମ୍ପର୍କ ଏବଂ ସଂଗଠନ କ୍ଷମତା ରହିଛି। ସଂଘର ସାର୍ବଜନୀକ ସମ୍ପର୍କ, ସାମାଜିକ କାର୍ଯ୍ୟକ୍ରମକୁ କୌଣସି ବ୍ୟକ୍ତଗତ ବା ଅନୌପଚାରିକ ବ୍ୟବସ୍ଥା ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ। ଏଥିରୁ ସଂଗଠନର ଆଇନଗତ ସ୍ଥିତି ଆର୍ଥୀକ ପାରଦର୍ଶିତା, ଆଇନ ବ୍ୟବସ୍ଥା, ଆର୍ଥୀକ ସ୍ରୋତ ଏପରିକି ଭାରତର ସମ୍ବିଧାନ ଏବଂ ଆଇନ୍‌ର ଅନୁପାଳନକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ୍।

ଖଡ଼ଗେ ତାଙ୍କ ପତ୍ରରେ ମୋହନ ଭାଗବତଙ୍କୁ ଅନୁରୋଧ କରିଛନ୍ତି ଯେ ସଂଘକୁ ପଞ୍ଜିକୃତ କରାଇଦିଅନ୍ତୁ। କେଉଁ ଅଇେନ୍ ଆଧାରରେ ଆରଏସ୍ଏସ୍ ନିଜର ପରିଚୟକୁ ଔପଚାରିକ ଭାବେ ପଞ୍ଜିକୃତ ନକରାଇ କାମ କରୁଛି କେମିତି ବୋଲି ମଧ୍ୟ ଖଡ଼ଗେ ପ୍ରଶ୍ନ କରିଛନ୍ତି। ଖଡ଼ଗେ କହିଛନ୍ତି ଯେ ଧାର୍ମିକ ଟ୍ରଷ୍ଟ ଏବଂ ଧାର୍ମିକ ସଂସ୍ଥାର ଅଡ଼ିଟ କରାଯାଉଛି। ଧାର୍ମିକ ସଂସ୍ଥା, ଅଣ ସରକାରୀ ସଂଗଠନ (ଏନଜିଓ), ଟ୍ରଷ୍ଟ, ସୋସାଇଟି, କମ୍ପାନୀ ଏବଂ ଅନ୍ୟ ସଂସ୍ଥା ମାନଙ୍କ ସଂରଚନା, କାର୍ଯ୍ୟକଳାପ, ଅର୍ଥୀକ ସ୍ଥିତି ବାବଦରେ ତଥ୍ୟ ପ୍ରଦାନ କରିବା ଜରୁରୀ। ଆରଏସ୍ଏସ୍ ତାର ସଂଗଠନାତ୍ମକ ଢ଼ାଞ୍ଚା, ପଦାଧିକାରୀ ଏବଂ ଅଧିକୃତ ପ୍ରତିନିଧିଙ୍କ ବିବରଣୀ, ଦାନ, ଯୋଗଦାନ, ଖର୍ଚ୍ଚ ଏବଂ ସମ୍ପତ୍ତିର ବିବରଣୀ, ଏପରିକି ସଂଗଠନ ଆଇନ୍ ଅନୁସାରେ ଟିକସ ପ୍ରଦାନ କରୁଛି କି ନାହିଁ ଓ ବିନା ପଞ୍ଜୀକରଣ ସଂଘ କେଉଁ ଆଇନ୍ ଅନୁସାରେ କାର୍ଯ୍ୟ କରୁଛି ଏବଂ ଏଭଳି କରିବାକୁ ସଂଘକୁ ଅଧିକାର ଦେଲା କିଏ ବୋଲି ଖଡ଼ଗେ ମଧ୍ୟ ପ୍ରଶ୍ନ କରିଛନ୍ତି। ଖଡ଼ଗେ ଲେଖିଛନ୍ତି ଯେ ଯେଉଁ ସଂଗଠନ ରାଷ୍ଟ୍ରବାଦ, ଅନୁଶାସନ ଏବଂ କର୍ତ୍ତବ୍ୟର କହୁଛି ସେହି ସଂଗଠନ ସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ଦେଶର ନିୟମକୁ ପାଳନ କରିବା ଆବଶ୍ୟକ। ଦେଶର ଆଇନ୍ ଅନୁସାରେ ସଂଘର ସଂସ୍ଥା ତଦନ୍ତର ଉର୍ଦ୍ଧ୍ୱରେ ନୁହେଁ ବୋଲି ମଧ୍ୟ ଖଡ଼ଗେ ସ୍ପଷ୍ଟ କରିଦେଇଛନ୍ତି।

କର୍ଣ୍ଣାଟକର ଗୃହମନ୍ତ୍ରୀଙ୍କ ପତ୍ରର ଉତ୍ତରରେ ସଂଘ ପ୍ରମୁଖ ମୋହନ ଭାଗବତ କହିଛନ୍ତି ଯେ ଖଡ଼ଗେଙ୍କ ପତ୍ର ରାଜନୈତିକ ଉଦେଶ୍ୟ ପ୍ରଣୋଦିତ ଅଟେ ଏବଂ ସଂଘର ପଞ୍ଜିକରଣର ଆବଶ୍ୟକତା ନାହିଁ। କର୍ଣ୍ଣାଟକର ଗୃହମନ୍ତ୍ରୀଙ୍କ ପତ୍ର ଏବଂ ମୋହନ ଭାଗବତଙ୍କ ଉତ୍ତରରୁ ସ୍ପଷ୍ଟ ଯେ ଏବେ ଏହା ଏକ ବିବାଦୀୟ ଘଟଣା ପାଲଟିଛି। କିନ୍ତୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଯଦି ସଂଘକୁ ପଞ୍ଜିକୃତ କରିବାର ଆବଶ୍ୟକତା ନାହିଁ ତେବେ ଏକ ଅଣ ପଞ୍ଜିକୃତ ସଂସ୍ଥାର ମୁଖ୍ୟକୁ କେନ୍ଦ୍ରସରକାର ସର୍ବୋଚ୍ଚ ସୁରକ୍ଷା ଦେଉଛନ୍ତି କାହିଁକି? ସଂଘର କାର୍ଯ୍ୟକ୍ରମ ପାଇଁ ଅର୍ଥଆସୁଛି କେଉଁଠୁ? ସଂଘ କ'ଣ ଆଇନର ଉର୍ଦ୍ଧ୍ୱରେ? ସଂଘର ଉତ୍ପତି ଏବଂ କାର୍ଯ୍ୟକୁ ନେଇ ପୁର୍ବରୁ ମଧ୍ୟ ଅନେକ ବିବାଦ ରହିଛି। ସ୍ୱାଧିନତା ପୁର୍ବରୁ ଏହି ସଂଗଠନ ଜନ୍ମ ନେଇଥିଲେ ମଧ୍ୟ ସ୍ୱାଧିନତା ସଂଗ୍ରାମରେ ସଂଘର ଅବଦାନ ନାହିଁ। ସ୍ୱାଧିନତା ପରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦାର ବଲ୍ଲଭ ଭାଇ ପଟେଲ ଆରଏସ୍ଏସ୍ ଉପରେ କିଛି ସମୟ ପାଇଁ ପ୍ରତିବନ୍ଧ ଲଗାଇଥିଲେ। ଏତିକି ନୁହେଁ ଅଭିଯୋଗର ଫର୍ଦ ମଧ୍ୟ ଲମ୍ବା। ପ୍ରିୟଙ୍କା ଖଡ଼ଗେଙ୍କ ପତ୍ରର ଉତ୍ତରରେ ମୋହନ ଭାଗବତ ଯାହା କହୁଛନ୍ତି ତାହା ସନ୍ଦେଶ ସୃଷ୍ଟି କରୁଛି। ଖଡ଼ଗେଙ୍କ ପ୍ରଶ୍ନର ସିଧା ଉତ୍ତର ନ ଦେଇ ହିନ୍ଦୁଧର୍ମ ସଂଘକୁ ଯୋଡିବା ପାଇଁ ଉଦ୍ୟମ କରି ଭାଗବତ ଠିକ୍ କରିନାହାଁନ୍ତି। ଯଦି ସଂଘ କିଛି ଲୁଚାଉନାହିଁ ତେବେ ସଂଘର ପଞ୍ଜିକରଣ କରାନ୍ତୁ ଭାଗବତ। କିନ୍ତୁ ହିନ୍ଦୁ ଧର୍ମ ନାମରେ ଆଇନଗତ ଔପଚାରିକତାରୁ ବର୍ତ୍ତିବା ପାଇଁ ଯଦି ଖେଳ ଆରମ୍ଭ ହୁଏ ତେବେ ତାହା ଆଗାମୀ ଦିନରେ କ'ଣ ରୂପ ନେବ ସେକଥା କହିବା ମୁସ୍କିଲ। ସବୁଠାରୁ ଆଶ୍ଚର୍ଯ୍ୟ ଜନକ କଥା ହେଉଛି ଏକ ଅଣପଞ୍ଜିକୃତ ସଂସ୍ଥା ଏତେବର୍ଷ ହେଲା ଚାଲିଛି କେମିତି? ଘଟଣା ଯାହା ବି ହେଉନା କାହିଁକି ଏବେ ଦେଖିବାକୁ ବାକି ରହିଲା ଆରଏସ୍ଏସ୍ ନିଜକୁ ପଞ୍ଜିକୃତ କରିବ କି ନାହିଁ? କର୍ଣ୍ଣାଟକ ସରକାରଙ୍କ ପରବର୍ତ୍ତୀ କାର୍ଯ୍ୟ ପନ୍ଥା କ'ଣ?


ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍:୯୪୩୮୪୮୫୦୯୪

# ଅସ୍ଥିର ଭୂରାଜନୈତିକ ସ୍ଥିତି ସତ୍ତ୍ୱେ ସହଯୋଗ ବୃଦ୍ଧି



ଏଭିଆନ୍-ଲେସ୍-ବାଏନ୍ସ,୧୮।୬: ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ମହତ୍ତ୍ୱାକାଂକ୍ଷୀ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ସ୍ୱାକ୍ଷର ହେବ ବୋଲି ବୁଧବାର ଇୟୁ ନେତା ଉର୍ସୁଲା ଭନ୍ ଡେର୍ ଲେୟେନ୍ ଘୋଷଣା କରିଛନ୍ତି। ଜି-୭ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ପରେ ଲେୟେନ୍ ଏହା କହିଛନ୍ତି। ଅସ୍ଥିର ଭୂରାଜନୈତିକ ସ୍ଥିତି ସତ୍ତ୍ୱେ ୨ ଦେଶ ମଧ୍ୟରେ ଅର୍ଥନୈତିକ ଓ ବାଣିଜ୍ୟିକ ସମ୍ପର୍କ ବଢ଼ାଇବା ଉପରେ ୨ ନେତା ଗୁରୁତ୍ୱ ଦେଇଥିଲେ। ଏଥିସହିତ ସୁରକ୍ଷା ଓ ପ୍ରତିରକ୍ଷା ସହଯୋଗ ବଢ଼ାଇବା ପାଇଁ ଉଭୟ ନେତା ସଂକଳ୍ପ ନେଇଛନ୍ତି। ବୈଠକରେ ୟୁରୋପିଆନ୍ କାଉନ୍‌ସିଲ୍ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ମଧ୍ୟ ସାମିଲ ହୋଇଥିଲେ। ସେମାନେ ବାଣିଜ୍ୟ ଚୁକ୍ତିରେ ତୁରନ୍ତ ସ୍ୱାକ୍ଷର ଏବଂ ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଫ୍‌ଟିଏ ବାଣିଜ୍ୟ ଓ ନିବେଶ କ୍ଷେତ୍ରରେ ବିଶାଳ ସୁଯୋଗ ଖୋଲିଦେବ ବୋଲି କୁହାଯାଇଛି। ଗତ ଜାନୁଆରୀ ୨୭ରେ ମୋଦି ଏବଂ ୟୁରୋପୀୟ ୟୁନିୟନର ଶୀର୍ଷ ନେତାମାନଙ୍କ ବୈଠକ ପରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ବୁଝାମଣା ସମ୍ପୂର୍ଣ୍ଣ ହେଲା ବୋଲି ଘୋଷଣା କରାଯାଇଥିଲା।

## ଭାରତ-ବ୍ରିଟେନ୍ ଚୂଡ଼ାନ୍ତ ଟ୍ରେଡ୍ ଡିଲ୍

ଭାରତ ଓ ବ୍ରିଟେନ୍ ମଧ୍ୟରେ ବିସ୍ତୃତ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ଜୁଲାଇ ୧୫ରୁ କାର୍ଯ୍ୟକାରୀ ହେବ। ଏହି ଐତିହାସିକ ଚୁକ୍ତି ସ୍ୱାକ୍ଷର ହେବାର ପ୍ରାୟ ବର୍ଷେ ପରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ବ୍ରିଟେନ୍ ପ୍ରତିପକ୍ଷ କିର୍ ଷ୍ଟାର୍ମର ଏହା ଘୋଷଣା କରିଛନ୍ତି। ଜି-୭ ସମିଟ୍ ଅବସରରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦି ଫ୍ରାନ୍ସର ଏଭିଆନ୍-ଲେସ୍-ବାଏନ୍ସରେ ଷ୍ଟାର୍ମରଙ୍କ ସହ ଆଲୋଚନା କରିଥିଲେ। ଜୁଲାଇ ୧୫ରୁ ଭାରତ-ବ୍ରିଟେନ୍ ବିସ୍ତୃତ ଅର୍ଥନୈତିକ ଓ ବାଣିଜ୍ୟ ରାଜିନାମା କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ଏହା ୨ ଦେଶର ସମ୍ପର୍କରେ ଏକ ଐତିହାସିକ ସଫଳତା ବୋଲି ମୋଦି ସୋସିଆଲ ମିଡିଆରେ ଲେଖିଛନ୍ତି। ଏହା ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶରେ ଉଲ୍ଲେଖନୀୟ ବୃଦ୍ଧି କରିବ ବୋଲି ସେ କହିଛନ୍ତି। ଗତବର୍ଷ ଜୁଲାଇରେ ପ୍ରଧାନମନ୍ତ୍ରୀଙ୍କ ଲଣ୍ଡନ ଗସ୍ତ ଅବସରରେ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ହୋଇଥିଲା।

## ମୋଦି ଜଣେ ଦେବଦୂତ: ଟ୍ରମ୍ପ୍



ଆପଣ ଏହି ବ୍ୟକ୍ତିଙ୍କୁ ଦେଖନ୍ତୁ, ସେ ଖୁବ ସୁନ୍ଦର ଦେଖାଯାଉଛନ୍ତି, ବିଲକୁଲ ଜଣେ ଫରିସ୍ତାଙ୍କ ପରି, କିନ୍ତୁ ତାଙ୍କର ଏହି ସରଳତାକୁ କେବେ ହେଲେ ଦୁର୍ବଳ ବୋଲି ଭାବିବେ ନାହିଁ, ସେ କଥାବାର୍ତ୍ତା ମାମଲାରେ ସେତିକି ହିଁ 'କିଲର୍' (ଧୁରନ୍ଧର), ସେ ଜଣେ ଖୁବ କଠୋର ବ୍ୟବସାୟୀ (ଟଫ ଟ୍ରେଡର)। ଫ୍ରାନ୍ସର ଏଭିଆନଠାରେ ଅନୁଷ୍ଠିତ ଜି-୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ଅବସରରେ ମୋଦିଙ୍କୁ ନେଇ ଏଭଳି କହିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଆମେରିକା ରାଷ୍ଟ୍ରପତିଙ୍କ କଥା ଶୁଣି ପ୍ରଧାନମନ୍ତ୍ରୀ ମୋଦି ଗଦ୍‌ଗଦ୍ ହେଇ ହସୁଥିବା ଦେଖାଯାଇଥିଲା। ଆମେରିକା ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ଓ ଦକ୍ଷତାର ପ୍ରଶଂସା କରିଥିଲେ।

### ମମତାଙ୍କୁ ହାଇକୋର୍ଟ ଝଟ୍‌କା

# ଋତବ୍ରତ ବାନାର୍ଜୀ ବିରୋଧୀ ଦଳ ନେତା



କୋଲକାତା, ୧୮।୬: ବିଧାନସଭାରୁ ସଂସଦ ଯାଏଁ ବିଦ୍ରୋହର ସାମନା କରୁଥିବା ମମତା ବାନାର୍ଜୀଙ୍କୁ ଏବେ ହାଇକୋର୍ଟରୁ ବଡ଼ ଝଟକା ଲାଗିଛି। କଲିକତା ହାଇକୋର୍ଟ ଟିଏମସିର ବିଦ୍ରୋହୀ ବିଧାୟକ ଋତବ୍ରତ ବାନାର୍ଜୀଙ୍କୁ ବିଧାନସଭାରେ ବିରୋଧୀ ଦଳ ନେତା ମାନ୍ୟତାକୁ ଠିକ୍ ବୋଲି କହିଛନ୍ତି।ଏଠାରେ ବିଧାନସଭା ବାଚସ୍ପତି ରଥେନ୍ଦ୍ର ବୋଷଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ଦିଆଯାଇଥିଲା। ଟିଏମସି ପକ୍ଷରୁ ଶୋଭନଦେବ ଚଟ୍ଟୋପଧ୍ୟାୟ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମବଙ୍ଗ ନିର୍ବାଚନରେ ଟିଏମକୁ ମାତ୍ର ୮୦ ଆସନ ମିଳିଥିଲା। ଏହା ପରେ ମୁଖ୍ୟ ବିରୋଧୀ ଦଳ ହୋଇଥିବାରୁ ବିରୋଧୀ ଦଳ ନେତା ଟିଏମସି ପାଖରେ ଥିଲା। କିନ୍ତୁ ଟିଏମସିର ଆଭ୍ୟନ୍ତରୀଣ କଳହ କଥା ସାମନାକୁ ଆସିବାରେ ଲାଗିଥିଲା। ଟିଏମସି ନେତୃତ୍ୱରେ ବରିଷ୍ଠ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ବିରୋଧୀ ଦଳ ନେତା ଏବଂ ମୁଖ୍ୟ ସଚେତକ କରିବା ପାଇଁ ବାଚସ୍ପତିଙ୍କୁ ଚିଠି ଲେଖିଥିଲେ। କିନ୍ତୁ ଋତବ୍ରତ ବାନାର୍ଜୀ ଓ ସନ୍ଦୀପାନ ଶାହା ସମେତ ଅନେକ ବିଧାୟକ ଏହାକୁ ବିରୋଧ କରିଥିଲେ। ବାଚସ୍ପତିଙ୍କୁ ଯେଉଁ ଲିଷ୍ଟ ଦିଆଯାଇଛି, ସେଥିରେ ଅନେକ ବିଧାୟକଙ୍କ ମିଛ ଦସ୍ତଖତ ଥିବା ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗ ପରେ ଜୁନ୍ ୧ରେ ଋତବ୍ରତ ବାନାର୍ଜୀ ଏବଂ ସନ୍ଦୀପାନ ଶାହାଙ୍କୁ ପାର୍ଟିରୁ ବାହାର କରାଯାଇଥିଲା। ଏତିକିରେ ଥମି ନଥିଲା ବିଦ୍ରୋହ। ଏହା ପରେ ଋତବ୍ରତ ବାନାର୍ଜୀ ଓ ସନ୍ଦୀପାନ ଶାହା ପାର୍ଟିର ଅନ୍ୟ ଅସନ୍ତୁଷ୍ଟ ବିଧାୟକଙ୍କ ସମର୍ଥନ ନେଇ ବିଧାନସଭାରେ ପହଞ୍ଚିଥିଲେ। ଋତବ୍ରତ ବାନାର୍ଜୀ ବିରୋଧୀ ଦଳ ନେତା ପାଇଁ ଦାବି ଉପସ୍ଥାପନ କରିଥିଲେ। ଋତବ୍ରତଙ୍କ ପାଖରେ ୫୮ ବିଧାୟକଙ୍କ ସମର୍ଥନ ଥିବାରୁ ବାଚସ୍ପତି ରଥନ୍ଦ୍ର ବୋଷ ବିଦ୍ରୋହୀ ଗୋଷ୍ଠୀଙ୍କ ଦାବି ଶୁଣିଥିଲେ ଏବଂ ବିରୋଧୀ ଦଳ ନେତାର ମାନ୍ୟତା ଦେଇଥିଲେ।

# ପଞ୍ଜୀକରଣ ପାଇଁ ତାମିଲନାଡୁ ସିଜେପିର ଆବେଦନ

ଚେନ୍ନାଇ, ୧୮।୬: ତାମିଲନାଡୁର ଆଞ୍ଚଳିକ ଦଳ 'କକ୍ରୋଚ୍ ଜନତା ପାର୍ଟି' ନିର୍ବାଚନ କମିଶନଙ୍କ ନିକଟରେ ଦ୍ୱାରସ୍ଥ ହୋଇଛି। 'ତାମିଲନାଡୁ କକ୍ରୋଚ୍ ଜନତା ପାର୍ଟି' ନାମରେ ନାମିତ ଏହି ଦଳ ଅଭିଜିତ୍ ଦୀପକେଙ୍କ ନେତୃତ୍ୱାଧୀନ କକ୍ରୋଚ୍ ଜନତା ପାର୍ଟିଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ସଫେଇ ଦେଇଛନ୍ତି ଦଳର ମୁଖ୍ୟ। ତାମିଲନାଡୁ କକ୍ରୋଚ୍ ଜନତା ପାର୍ଟି ଏକ ଆଞ୍ଚଳିକ ରାଜନୈତିକ ଦଳ ଭାବରେ ପଞ୍ଜୀକରଣ ପାଇଁ ଆବେଦନ କରିଛି। ଏହି ଦଳ ସି. ବ୍ରହ୍ମା ବାଲାସୁବ୍ରମଣ୍ୟମଙ୍କ ନେତୃତ୍ୱରେ ପରିଚାଳିତ ହେଉଛି। ସେ ଜଣେ ପେଶାରେ ଜଣେ ଓକିଲ। ଜୁନ୍ ୧୬ ତାରିଖରେ, ବାଲାସୁବ୍ରମଣ୍ୟମ, ଦଳୀୟ କର୍ମୀ ଆର.ଜନାର୍ଦ୍ଦନ ଏବଂ ମୁଖପାତ୍ର ପି.ଶିବକୁମାରଙ୍କ ସହିତ ଦିଲ୍ଲୀରେ ନିର୍ବାଚନ କମିଶନ କାର୍ଯ୍ୟାଳୟ ଯାଇଥିଲେ। ବାଲାସୁବ୍ରମଣ୍ୟମଙ୍କ କହିବା ଅନୁଯାୟୀ, ସେ ଜୁନ୍ ୬ ତାରିଖରେ ତାଙ୍କ ଦଳର ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ତାଙ୍କ ଦଳ ଦୀପକେଙ୍କ ସିଜେପି ଏବଂ ଏହାର ଅନଲାଇନ୍ ଆନ୍ଦୋଳନଠାରୁ ଭିନ୍ନ। ଗୋଟିଏ ପଟେ ସିଜେପି ଦିଲ୍ଲୀ ରାସ୍ତାରେ ବିରୋଧ କରୁଥିବାବେଳେ ଅନ୍ୟ ପଟେ ତାମିଲନାଡୁରେ ସମାନ ନାମରେ ଏକ ରାଜନୈତିକ ଦଳ ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।




## ଜଳିଗଲା ଇଭି ଶୋ'ରୁମ୍



ନୂଆଦିଲ୍ଲୀ,୧୮।୬: ଗୁଜରାଟର ସୁରଟ ସହରରେ ଗୁରୁବାର ସକାଳେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅନେକ ବୈଦ୍ୟୁତିକ ଯାନ (ଇଭି) ନଷ୍ଟ ହୋଇଯାଇଥିବା ବେଳେ ଏକ ଇଭି ଶୋ'ରୁମ୍ ସହିତ ଆଖପାଖର ତିନୋଟି ବ୍ୟବସାୟିକ ପ୍ରତିଷ୍ଠାନ ଜଳିପୋଡ଼ି ଛାରଖାର ହୋଇଯାଇଛି ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ସହରର ଅଡ଼ାଜଣ ଅଞ୍ଚଳରେ ଘଟିଥିବା ଏହି ଦୁର୍ଘଟଣାରେ କେହି ମୃତାହତ କିମ୍ବା ଆହତ ହୋଇନଥିବା ସୂଚନା ମିଳିଛି। ଅଧିକାରୀଙ୍କ କହିବା ଅନୁଯାୟୀ, ପ୍ରଥମେ ଇଭି ଶୋ'ରୁମ୍ ଭିତରେ ନିଆଁ ଲାଗିଥିଲା ଏବଂ ସେଠାରେ ଗଚ୍ଛିତ ଥିବା ବ୍ୟାଟେରୀ ତଥା ଅନ୍ୟାନ୍ୟ ଯନ୍ତ୍ରାଂଶ ଯୋଗୁଁ ଏହା ଅତି ଦ୍ରୁତ ଗତିରେ ଚାରିଆଡ଼େ ବ୍ୟାପି ଯାଇଥିଲା। ଶୋ'ରୁମ୍ ଭିତରେ ରଖାଯାଇଥିବା ଅନେକ ଇଲେକ୍ଟ୍ରିକ୍ ଗାଡ଼ି ଏହି ନିଆଁରେ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି।

## ଚିନ୍ତାରେ ଉଦ୍ଧବ: ୯ରୁ ପହଞ୍ଚିଲେ ୩



ମୁମ୍ବାଇ,୧୮।୬: ଗୁରୁବାର ଉଦ୍ଧବଙ୍କ ଶିବସେନା (ୟୁବିଟି) ସାଂସଦଙ୍କ ବୈଠକ ଡକାଇଥିବା ବେଳେ ୯ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ଏହି ବୈଠକରେ ସାମିଲ ହୋଇନଥିଲେ। ପହଞ୍ଚିଥିଲେ ମାତ୍ର ୩ ଜଣ। ସଂସଦ ଭବନ ସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଡକାଯାଇଥିବା ବୈଠକରେ ରବିନ୍ଦ ସାୱନ୍ତ, ଅନିଲ ଦେସାଇ ଓ ରାଜା ବାଜେ ଉପସ୍ଥିତ ଥିଲେ। ସୂତ୍ରର ସୂଚନା ଅନୁସାରେ ସଞ୍ଜୟ ଦିନା ପାଟିଲ, ସଞ୍ଜୟ ଦେଶମୁଖ, ନାଗେଶ ପାଟିଲ ଅଷ୍ଟିକର, ଓମରାଜେ ନିବାଲାକର, ଭାଉ ସାହେବ ଭାକଚୋରେ ଓ ସଞ୍ଜୟ ଯାଦବ ବୈଠକରେ ପହଁଞ୍ଚି ନଥିଲେ। ଦାବି କରାଯାଉଛି ଯେ, ଏହି ୬ ସାଂସଦ ନିଜର ଅଲଗା ସଂସଦୀୟ ଗୋଷ୍ଠୀ ତିଆରି କରିଛନ୍ତି। ସେମାନେ ଏ ସମ୍ପର୍କରେ ବୁଧବାର ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ପତ୍ର ଦେଇଛନ୍ତି। ଶିବସେନା ଏହି ଅନୁପସ୍ଥିତ ସାଂସଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବୋଲି କହିଛି।

## ଟେଲିଗ୍ରାମ୍ ଟୁଲ୍ସରେ ହେଉଥିଲା ପେପର ଲିକ୍




ନୂଆଦିଲ୍ଲୀ, ୧୮।୬: କେନ୍ଦ୍ର ସରକାର ନିଟ୍-ପୁନଃପରୀକ୍ଷା ପୂର୍ବରୁ ଟେଲିଗ୍ରାମ ଉପରେ ଅସ୍ଥାୟୀ ରୋକ ଲଗାଇବା ସହ ଏହାର ଖାସ ଫିଚରକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ କହିବା କଥା ହେଉଛି ଟେଲିଗ୍ରାମର 'ଏଡିଟେଡ୍ ମେସେଜ' କିଛି ଲୋକଙ୍କ ଲାଗି ଏପରି ଅସ୍ତ୍ର ପାଲଟିଛି ଯାହାଦ୍ୱାରା ସେମାନେ ଛାତ୍ରଙ୍କୁ ପରୀକ୍ଷାର ପେପର ପୂର୍ବରୁ ଲିକ୍ ହୋଇ ସାରିଥିବା ବିଶ୍ୱାସ ଦିଆଉଥିଲେ। ସେମାନଙ୍କ ଏହି ଜାଲରେ ପଡି ଅନେକ ଛାତ୍ର କୋଟି କୋଟି ଟଙ୍କା ହରାଇଛନ୍ତି। ଏନ୍‌ଟିଏ ଅନୁସାରେ ଟେଲିଗ୍ରାମର ମେସେଜ ଏଡିଟିଂ ଫିଚର ଜାଲିଆତଙ୍କ ଲାଗି ହେରଫେର ଲୁଚାଇବା ଓ ମିଥ୍ୟା ପେପର ଲିକ୍‌ର ପ୍ରମାଣ ପ୍ରସ୍ତୁତ କରିବାର ଏକ ବଡ଼ ଟୁଲ୍ ପାଲଟିଥିଲା। ଏହି ଫିଚରକୁ ଉପଯୋଗ କରି ସ୍କାମର୍ସ ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ମିଛ ଭ୍ରମ ସୃଷ୍ଟି କରୁଥିଲେ ଯେ ଅସଲି ପ୍ରଶ୍ନପତ୍ର ପରୀକ୍ଷା ପୂର୍ବରୁ ଲିକ୍ ହୋଇଯାଇଥିଲା।

# ଶିବସେନା-ୟୁବିଟି ବିଭାଜନକୁ ଅସ୍ୱୀକାର



ମୁମ୍ବାଇ, ୧୮।୬: ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ପାର୍ଟିରେ କଥିତ ବିଭାଜନ ଓ ଅସନ୍ତୋଷ ଖବର ଉପରେ ପ୍ରତିକ୍ରିୟା ରଖିଛନ୍ତି। ପାର୍ଟିର ୯ ଜଣ ସାଂସଦ ଲୋକସଭାରେ ସକ୍ରିୟ ଅଛନ୍ତି ଓ କୌଣସି ପ୍ରକାରର ବଡ଼ ବିଭାଜନ ନେଇ ଆଧିକାରୀକ ପୁଷ୍ଟି ହୋଇ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି ଯେ ଗଣମାଧ୍ୟମରେ ଲଗାତାର ଖବର ଚାଲିଛି ଯେ ପାର୍ଟିର କିଛି ସାଂସଦ ବା ନେତା ପୃଥକ ହେବାକୁ ପ୍ରସ୍ତୁତ। ଏପରି ଖବର ଭ୍ରମାତ୍ମକ ଓ ଏହାର କୌଣସି ସ୍ପଷ୍ଟ କାରଣ ସାମ୍ନାକୁ ଆସିନି। ସେ ଏହା ବି କହିଛନ୍ତି ଯେ ଏହି ପୂରା ମାମଲାକୁ ନେଇ ପାର୍ଟି ପକ୍ଷରୁ ଲୋକସଭା ବାଚସ୍ପତି ଓମ ବିରଳାଙ୍କୁ ଭେଟ କରାଯାଇଥିଲା। ବାଚସ୍ପତିଙ୍କୁ ଜଣାଇ ଦିଆଯାଇଛି ଯେ ଯଦି କୌଣସି ସଦସ୍ୟ ପାର୍ଟିରୁ ଅଲଗା ହେବା ଅଥବା ନୂଆ ପାର୍ଟି ଗଢିବାର କୌଣସି କଥା ସାମ୍ନାକୁ ଆସେ ତେବେ ତା' ପୂର୍ବରୁ ପାର୍ଟିର ପକ୍ଷକୁ ମଧ୍ୟ ଶୁଣାଯାଉ ଓ ସାମ୍ବିଧାନିକ ପ୍ରକ୍ରିୟାର ପାଳନ ସୁନିଶ୍ଚିତ କରାଯାଉ।

ରାଉତ କହିଛନ୍ତି ଯେ ପାର୍ଟି ଏହି ମାମଲାରେ ଏକ ଔପଚାରିକ ଆବେଦନ ମଧ୍ୟ ଦାଖଲ କରିଛି। ଏଥିରେ ଦଳବଦଳ ସମ୍ପର୍କିତ ମାମଲାରେ ସମ୍ବିଧାନ, ଆଇନ ଓ ସୁପ୍ରିମକୋର୍ଟଙ୍କ ଦିଶାନିର୍ଦ୍ଦେଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରାଯାଇଛି। ରାଉତ କହିଛନ୍ତି ଯେ ଗତ ଦିନମାନଙ୍କରେ କିଛି ରାଜନୈତିକ ଚର୍ଚ୍ଚା ଏହି କଥା ଆଡକୁ ଇଶାରା କରୁଛି ଯେ ବିଧାୟକ ଓ ସାଂସଦଙ୍କୁ ପ୍ରଭାବିତ କରିବା ପାଇଁ ଟଙ୍କା ସମ୍ପର୍କିତ ଅଭିଯୋଗ କରାଯାଉଛି। ତେବେ ଏଥିରେ ସେ କୌଣସି ବ୍ୟକ୍ତି ଅଥବା ପାର୍ଟିର ନାମ ନେଇ ନାହାନ୍ତି ଓ କହିଛନ୍ତି ଏପରି ମାମଲାର ସତ୍ୟତା ସାମ୍ନାକୁ ଆସିବା ଦରକାର।

### ଟ୍ରମ୍ପଙ୍କୁ ଲୁଲାଙ୍କ ଖୋଲା ଚେତାବନୀ

# ବ୍ରାଜିଲ୍ ବ୍ୟାପାରରେ ଆମେରିକା ମୁଣ୍ଡ ନ ଖେଳାଉ



ପ୍ୟାରିସ୍, ୧୮।୬: ଆମେରିକା ଓ ଇରାନ ମଧ୍ୟରେ ଚୁକ୍ତିନାମା ପରେ ଗଲ୍ଫ ଅଞ୍ଚଳରେ ଉତ୍ତେଜନା ବଢ଼ିଛି, ହେଲେ ଏବେ ଆମେରିକାର ବ୍ରାଜିଲ ସହ ବିବାଦ ତେଜିବାରେ ଲାଗିଛି। ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ଡୋନାଲ୍ଡ ଟ୍ରମ୍ପଙ୍କୁ କଡ଼ା ଭାଷାରେ ଚେତାବନୀ ଦେଇଛନ୍ତି। ଆସନ୍ତା ଅକ୍ଟୋବର ମାସରେ ବ୍ରାଜିଲରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଆମେରିକା କୌଣସି ପ୍ରକାରର ହସ୍ତକ୍ଷେପ ନକରୁ ବୋଲି ଲୁଲା ସ୍ପଷ୍ଟ କରିଛନ୍ତି।

ବ୍ରାଜିଲର ବିରୋଧୀ ଦଳର ନେତାମାନଙ୍କ ବିରୋଧରେ ହେଉଥିବା ଆଇନଗତ କାର୍ଯ୍ୟାନୁଷ୍ଠାନକୁ ନେଇ ନିକଟରେ ଡୋନାଲ୍ଡ ଟ୍ରମ୍ପ ବ୍ରାଜିଲ ସରକାରଙ୍କୁ ସମାଲୋଚନା କରିଥିଲେ। ଏହାର ଜବାବରେ ଲୁଲା ଏହି କଡ଼ା ବୟାନ ଦେଇଛନ୍ତି। କେବଳ ସେତିକି ନୁହେଁ, ଟ୍ରମ୍ପ ପ୍ରଶାସନ ବ୍ରାଜିଲରୁ ଆସୁଥିବା ସାମଗ୍ରୀ ଉପରେ ଅଧିକ ଟ୍ୟାରିଫ୍ ଲଗାଇବାକୁ ପ୍ରସ୍ତାବ ଦେଇଛି ଏବଂ ବ୍ରାଜିଲର ଦୁଇଟି ପ୍ରମୁଖ ଡ୍ରଗ୍ସ ମାଫିଆ ଗ୍ୟାଙ୍ଗକୁ 'ବିଦେଶୀ ଆତଙ୍କବାଦୀ ସଂଗଠନ' ଘୋଷଣା କରିଛି, ଯାହାକୁ ଲୁଲା ସରକାର ତୀବ୍ର ବିରୋଧ କରୁଛନ୍ତି। ଟ୍ରମ୍ପ କହିଛନ୍ତି, "ବ୍ରାଜିଲ 'ରାଜନୈତିକ ଭାବେ ବିପଜ୍ଜନକ' ହୋଇପଡ଼ିଛି ଏବଂ ସେଠାକାର ସରକାର 'ବୋଲସୋନାରୋ ଜୁନିୟର'ଙ୍କୁ ଗିରଫ କରିବାକୁ ଚାହୁଁଛନ୍ତି, ଯିଏ କି ନିର୍ବାଚନରେ ଭଲ ପ୍ରଦର୍ଶନ କରୁଥିଲେ।" ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାୟର ବୋଲସୋନାରୋଙ୍କୁ ୨୦୨୨ ନିର୍ବାଚନ ହାରିବା ପରେ କ୍ଷମତାରେ ରହିବା ପାଇଁ ସେନା ବିଦ୍ରୋହ ଉଦ୍ୟମ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଟ୍ରମ୍ପ ଏହାକୁ ଏକ ରାଜନୈତିକ ପ୍ରତିଶୋଧ ବା "ୱିଚ୍-ହଣ୍ଟ" ବୋଲି କହି ବ୍ରାଜିଲ ଉପରେ ଶୁଳ୍କ ଲଗାଇଥିଲେ। ଏହା ଉପରେ ମନ୍ତବ୍ୟ ଦେଇ ଲୁଲା କହିଛନ୍ତି, ଯଦି ଟ୍ରମ୍ପ କେବଳ ବୋଲସୋନାରୋ ପରିବାର ଜରିଆରେ ବ୍ରାଜିଲକୁ ଚିହ୍ନିଛନ୍ତି, ତେବେ ସେ ପ୍ରକୃତ ବ୍ରାଜିଲକୁ ଜାଣିନାହାନ୍ତି। ଟ୍ରମ୍ପ ବୋଲସୋନାରୋ ପରିବାରକୁ ପସନ୍ଦ କରିପାରନ୍ତି, ସେଥିରେ ଆମର କିଛି କହିବାର ନାହିଁ। କିନ୍ତୁ ବ୍ରାଜିଲ ନିର୍ବାଚନ ସମ୍ପୂର୍ଣ୍ଣ ଭାବେ ଆମର ଆଭ୍ୟନ୍ତରୀଣ ବ୍ୟାପାର, ଏଥିରେ ଆମେରିକା ହସ୍ତକ୍ଷେପ ନକରୁ।

# ଜି-୭ ଶିଖର ସମ୍ମିଳନୀରୁ ଚୀନ୍ ବାଦ୍

### ଜିନପିଙ୍ଗ୍ ଗଠନ କଲେ ଗ୍ଲୋବାଲ୍ ଏଆଇ ସହଯୋଗ ସଂଗଠନ



ବେଜିଂ, ୧୮।୬: ବିଶ୍ୱର ଧନୀ ରାଷ୍ଟ୍ରମାନଙ୍କୁ ନେଇ ଜି-୭ ଶିଖର ସମ୍ମିଳନୀ ଫ୍ରାନ୍ସରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ବୈଠକରେ ଚୀନକୁ ନିମନ୍ତ୍ରଣ କରାଯାଇ ନାହିଁ। ଏହା ବେଜିଂକୁ ଏକ ଶକ୍ତ ଧକ୍କା ଦେଇଛି। ଏହାର ପ୍ରତିବାଦରେ ସି ଜିନପିଙ୍ଗ ଚୀନ୍ 'ଗ୍ଲୋବାଲ୍ ଏଆଇ ସହଯୋଗ ସଂଗଠନ' ନାମକ ନିଜର ପୃଥକ ବିଶ୍ୱ ଗୋଷ୍ଠୀ ଗଠନ ଘୋଷଣା କରିଛି। ଏହି ନୂତନ ଗୋଷ୍ଠୀରେ ଯୋଗଦେବା ପାଇଁ ସି ଜିନପିଙ୍ଗ କେଉଁ ଦେଶକୁ ନିମନ୍ତ୍ରଣ କରୁଛନ୍ତି ଓ ଏହା ପଛରେ ପ୍ରକୃତ ଯୋଜନା କ'ଣ ତାହା ଉପରେ ନଜର କେନ୍ଦ୍ରୀଭୂତ ହୋଇଛି। ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ବିଶ୍ୱର ସାମ୍ବାଦିକମାନଙ୍କୁ ସ୍ପଷ୍ଟ କରିଛନ୍ତି ଯେ, ଚୀନ ଏବେ ସମଗ୍ର ବିଶ୍ୱର ନିୟନ୍ତ୍ରଣ ନେବାକୁ ପ୍ରସ୍ତୁତ। ଗ୍ଲୋବାଲ ଏଆଇ ସହଯୋଗ ସଂଗଠନ ମାଧ୍ୟମରେ ଅନେକ ଦେଶ ସହିତ ଏକ ପୃଥକ ଗୋଷ୍ଠୀ ଗଠନ କରିବାକୁ ଚାହୁଁଛି।

ଏସିଆ, ଆଫ୍ରିକା ଏବଂ ଲାଟିନ୍ ଆମେରିକାର ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକ ଉପରେ ଚୀନ୍‌ର ନଜର ରହିଛି। ଚୀନ୍ ସେମାନଙ୍କୁ ଟେକ୍ନୋଲୋଜି ପ୍ରଲୋଭନ ଦେଖାଇ ନିଜ ଆଡ଼କୁ ଆଣିପାରେ ବୋଲି ଚର୍ଚ୍ଚା ହେଉଛି। ଚୀନର ଶୀର୍ଷ ଅର୍ଥନୈତିକ ନୀତି ନିର୍ଦ୍ଧାରକ ଝାଓ ହାଇବିଙ୍ଗ ସ୍ପଷ୍ଟ କରିଛନ୍ତି ଯେ ବେଜିଂ ଏହି ନୂତନ ଗୋଷ୍ଠୀକୁ ସୁଦୃଢ଼ କରିବା ପାଇଁ ବ୍ରିକ୍ସ ଏବଂ ସାଂଘାଇ ସହଯୋଗ ସଂଗଠନର ପ୍ଲାଟଫର୍ମକୁ ସମ୍ପୂର୍ଣ୍ଣ ଉପଯୋଗ କରିବ। ଏହାର ଅର୍ଥ ହେଉଛି ରୁଷ ଏବଂ ଇରାନ ଭଳି ଦେଶ ମଧ୍ୟ ଏହି ଗୋଷ୍ଠୀର ଆଗରେ ରହିବେ। ସେହିଭଳି ଆମେରିକା ଉପରେ କ୍ଷୁବ୍ଧ ଦେଶଗୁଡ଼ିକୁ ଚୀନ୍ ଅସ୍ତ୍ର କରିବାର ସମ୍ଭାବନା ସୃଷ୍ଟି ହୋଇଛି।

# ଖାଇକୁ ଖସିଲା କାର, ୩ ଭାଇ ସମେତ ୭ ମୃତ



ନୂଆଦିଲ୍ଲୀ ୧୮।୬; ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା। ୫୦୦ ମିଟର ଗଭୀର ଖାଇକୁ ଖସିଲା କାର। ମୁଣ୍ଡନ ସମାରୋହରୁ ଫେରୁଥିବା ବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଚାଲିଗଲା ୭ ଜୀବନ। ବୁଧବାର ବିଳମ୍ବିତ ରାତିରେ ପୁଖରୀ ମସରୁଣ୍ଡ ମାର୍ଗରେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ୩ ଭାଇ ଅଛନ୍ତି। ଡ୍ରାଇଭର୍ ନିୟନ୍ତ୍ରଣ ହରାଇବାରୁ ବୋଲେରୋଟି ୫୦୦ ମିଟର ଗଭୀର ଖାଇକୁ ଖସି ପଡିଥିଲା। ସମସ୍ତ ମୃତକ ମହଲ ଗାଁର ହୋଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଶବ ଗୁଡ଼ିକୁ ଖାଇରୁ ଉଦ୍ଧାର କରିଛି।

ଘଟଣାର ଖବର ପାଇ ସ୍ଥାନୀୟ ଲୋକମାନେ ଘାଟିରୁ ମୃତଦେହ ଉଦ୍ଧାର କରିଥିଲେ ଏବଂ ପୋଲିସ ପରେ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ ରାସ୍ତା କଡ଼ରେ କୌଣସି କ୍ରାସ୍ ବ୍ୟାରିକେଡ ନଥିଲା; ଯଦି ବ୍ୟାରିକେଡ ଥାଆନ୍ତା, ତେବେ ଏହି ବ୍ୟକ୍ତିମାନଙ୍କ ଜୀବନ ବଞ୍ଚାଯାଇପାରିଥାଆନ୍ତା। ଚମ୍ବା ଏସପି ଦୁର୍ଘଟଣାର ବିବରଣୀକୁ ନିଶ୍ଚିତ କରି କହିଛନ୍ତି ଯେ ସମସ୍ତ ମୃତଦେହ ଘାଟିରୁ ଉଦ୍ଧାର କରାଯାଇଛି ଏବଂ ମୃତକଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଜାରି ରହିଛି।

# ୬ ମାସ ଆଗରୁ ଆତ୍ମହତ୍ୟା ଯୋଜନା କରିଥିଲେ

### ଡାଇଲଗ୍ ଭୁଲିଯାଉଥିଲେ, ଅବସାଦରେ ଥିଲେ



ନୂଆଦିଲ୍ଲୀ ୧୮।୬: ଟେଲି ଅଭିନେତ୍ରୀ ସଞ୍ଚିତା ଉଗଲେଙ୍କ ଆତ୍ମହତ୍ୟା ପରେ କଳାକାରଙ୍କ ମାନସିକ ସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ପୁଲିସ ସଞ୍ଚିତାଙ୍କ ମୋବାଇଲ ଫୋନ୍‌ର ହ୍ୱାଟ୍ସଆପ୍ ଚାଟ୍ ଓ କଲ୍ ରେକର୍ଡ ଯାଞ୍ଚ କରୁଛି। ସଞ୍ଚିତା ଓ ଅନେକ ମନସ୍ତତ୍ତ୍ୱବିତ୍‌ଙ୍କ ମଧ୍ୟରେ ହ୍ୱାଟ୍ସଆପ୍ ଆଲୋଚନା ସାମ୍ନାକୁ ଆସିଛି। ଏଥିରୁ ଜଣାପଡୁଛି, ସଞ୍ଚିତା ନିଜ ଭବିଷ୍ୟତକୁ ନେଇ ଖୁବ୍ ଭୟଭୀତ ଥିଲେ। ଗତ କିଛି ମାସ ହେଲା ଜଣେ ମନୋଚିକିତ୍ସକଙ୍କ ପାଖରେ ସେ ଚିକିତ୍ସା କରାଉଥିଲେ। ଏବେ ସଞ୍ଚିତାଙ୍କ ସାଙ୍ଗ ଗୀତାଞ୍ଜଳି ଏକ ଗଣମାଧ୍ୟମକୁ କହିଛନ୍ତି, ଗତ ୬ ମାସ ହେଲା ସେ ଆତ୍ମହତ୍ୟା କଥା କହୁଥିଲେ। ସଞ୍ଚିତା ଦୀର୍ଘ ଦିନ ଧରି ଅବସାଦରେ ଥିଲେ। ବଞ୍ଚିବାକୁ ଚାହୁଁନାହାନ୍ତି ବୋଲି କହୁଥିଲେ।

ସଞ୍ଚିତାଙ୍କ ହ୍ୱାଟ୍ସଆପ୍ ଚାଟ୍‌ରୁ ଅଭିନୟ କ୍ୟାରିଅର୍‌ରେ ସେ ସମ୍ମୁଖୀନ ହେଉଥିବା ସମସ୍ୟା ସାମ୍ନାକୁ ଆସିଛି। ସେ ଡାକ୍ତରଙ୍କୁ କହିଥିଲେ ଯେ ଡାଇଲଗ୍ ଭୁଲିଯାଉଛନ୍ତି। ପୂର୍ବ ଭଳି ଠିକ୍‌ରେ କାମ କରିପାରୁନାହାନ୍ତି।

ସଞ୍ଚିତାଙ୍କ ବାପା ମଚ୍ଛିନ୍ଦ୍ର ଉଗଲେ କହିଛନ୍ତି, ଝିଅ ପ୍ରାୟତଃ ଚିନ୍ତାରେ ରହୁଥିଲା। ଆମକୁ ସେ କେବେ ବି କାରଣ କହୁନଥିଲା। ଅନେକ ସମୟରେ ସେ ପୂରାପୂରି ଠିକ୍ ଓ ଖୁସି ଜଣାପଡୁଥିଲା। କିନ୍ତୁ ହଠାତ୍ ଅବସାଦର ଶିକାର ହୋଇଯାଉଥିଲା। ଏ କଥା ଆମ ନଜରକୁ ଆସିବା ପରେ ତା' ସହ ଆମ ଯିବା ଆସିବା ଲାଗି ରହୁଥିଲା। କେବଳ ଅଧ ଘଣ୍ଟା ଆମେ ତା'ସହ ନ ଥିଲୁ। ତାହା ଆମର ଭୁଲ। କିନ୍ତୁ ସେ ଅବସାଦଗ୍ରସ୍ତ ହୋଇ ଏଭଳି ନିଷ୍ପତ୍ତି ନେବ ବୋଲି ଆମେ କେବେ କଳ୍ପନା କରିନଥିଲୁ। ତାକୁ କେହି ଟଙ୍କା କିମ୍ବା ଅନ୍ୟ କୌଣସି କଥାକୁ ନେଇ ନିର୍ଯାତନା ଦେଉଥିଲା।

ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ସଞ୍ଚିତାଙ୍କ ଔପଚାରିକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରୁ ଏକ ରିଲ୍ ପୋଷ୍ଟ ହୋଇଥିଲା। ଭିଡିଓରେ ସେ 'ଡଫଲି ୱାଲେ, ଡଫଲି ବଜା' ଗୀତରେ ଭାବଭଙ୍ଗୀ ପ୍ରଦର୍ଶନ କରୁଥିଲେ। ଭିଡିଓର କାପ୍ସନ ଲେଖିଥିଲେ 'ମେଁ ନାଚୁଁ, ତୁ ନଚା।' ସୋସିଆଲ ମିଡିଆରେ ସଞ୍ଚିତା ଖୁବ୍ ସକ୍ରିୟ ଥିଲେ ଏବଂ ଲଗାତାର ପୋଷ୍ଟ ଶେୟାର କରୁଥିଲେ। ଇନ୍‌ଷ୍ଟାଗ୍ରାମରେ ତାଙ୍କର ୧.୩୯ ଲକ୍ଷ ଫଲୋଅର୍ ଅଛନ୍ତି।

# ବାୟୁରେ ବଢୁଛି ବିଷାକ୍ତ କାର୍ବନ ମନୋକ୍ସାଇଡ୍ ମାତ୍ରା



ନୂଆଦିଲ୍ଲୀ,୧୮।୬: ଦେଶର ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ପୁଣି ଥରେ ସାଂଘାତିକ ରୂପ ଧାରଣ କରିଛି। ଗବେଷଣା ସଂସ୍ଥା 'ଏନଭାଇରୋକାଟାଲିଷ୍ଟ'ର ଆକଳନ ଅନୁଯାୟୀ, ଚଳିତ ବର୍ଷ ଜାନୁଆରୀ ୧ ରୁ ମେ' ୩୧ ମଧ୍ୟରେ ଦିଲ୍ଲୀରେ ବିଷାକ୍ତ 'କାର୍ବନ ମୋନୋକ୍ସାଇଡ୍'ର ହାରାହାରି ସାନ୍ଦ୍ରତା କ୍ୟୁବିକ୍ ମିଟର ପିଛା ୧.୮୯ ମିଲିଗ୍ରାମ୍ ରେକର୍ଡ କରାଯାଇଛି, ଯାହା ୨୦୨୨ ମସିହା ପରଠାରୁ ବିଗତ ଚାରି ବର୍ଷ ମଧ୍ୟରେ ସର୍ବୋଚ୍ଚ ଅଟେ।

ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଏହି ବୃଦ୍ଧି ଅତ୍ୟନ୍ତ ଚିନ୍ତାଜନକ ସ୍ତରରେ ପହଞ୍ଚିଛି, ଯାହା ଭାରତୀୟ ପରମିସିବଲ୍ ଲିମିଟ୍ (୨ ମିଲିଗ୍ରାମ୍) ର ଅତି ନିକଟତର ଅଟେ। ସଂସ୍ଥାର ପ୍ରତିଷ୍ଠାତା ସୁନୀଲ ଦାହିୟା କହିଛନ୍ତି ଯେ, ସହରରେ ଅହେତୁକ ଭାବେ ବଢୁଥିବା ବେସରକାରୀ ଯାନବାହନ ଓ ବର୍ଜ୍ୟବସ୍ତୁ ଜଳାଯିବା କାରଣରୁ ଏହି ଗ୍ୟାସ୍ ବୃଦ୍ଧି ପାଉଛି, ଯାହାକୁ ରୋକିବା ପାଇଁ ସରକାର ବୈଦ୍ୟୁତିକ ସାଧାରଣ ପରିବହନ ବ୍ୟବସ୍ଥା ଉପରେ ଜୋର ଦେବା ଆବଶ୍ୟକ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, କାର୍ବନ ମୋନୋକ୍ସାଇଡ୍ ଏକ ଗନ୍ଧହୀନ ଓ ରଙ୍ଗହୀନ ବିଷାକ୍ତ ଗ୍ୟାସ୍, ଯାହା ଶରୀର ଭିତରକୁ ଗଲେ ରକ୍ତରେ ଥିବା ହେମୋଗ୍ଲୋବିନ୍ ସହ ମିଶି ଅମ୍ଳଜାନ ପରିବହନ କ୍ଷମତାକୁ କମାଇଦିଏ। ଯଶୋଦା ମେଡିସିଟିର ଶ୍ୱାସକ୍ରିୟା ରୋଗ ବିଶେଷଜ୍ଞ ଡାକ୍ତର ରାଜେଶ କୁମାର ଗୁପ୍ତା ସତର୍କ କରାଇଛନ୍ତି ଯେ, ଏହା ଦ୍ୱାରା ମୁଣ୍ଡବିନ୍ଧା,

### ଉତ୍କଟ ହେବ ଶ୍ୱାସଜନିତ ବ୍ୟାଧି

କ୍ଲାନ୍ତି, ମୁଣ୍ଡ ବୁଲାଇବା ଏବଂ କୌଣସି ଜିନିଷରେ ମନୋଯୋଗ ଦେବାରେ ସମସ୍ୟା ଦେଖାଦିଏ। ଏହି ସାଧାରଣ ଲକ୍ଷଣ ଯୋଗୁଁ ଲୋକେ ବାୟୁ ପ୍ରଦୂଷଣର ପ୍ରଭାବକୁ ବୁଝିପାରନ୍ତି ନାହିଁ। ବିଶେଷ କରି ବୃଦ୍ଧବୃଦ୍ଧା, ଯେଉଁମାନେ ପୂର୍ବରୁ ହୃଦରୋଗ କିମ୍ବା ଫୁସଫୁସ ଜନିତ ସମସ୍ୟାରେ ପୀଡ଼ିତ, ସେମାନଙ୍କ ପାଇଁ ଏହି ପ୍ରଦୂଷିତ ବାୟୁ ଶ୍ୱାସକ୍ରିୟାରେ ପ୍ରବଳ କଷ୍ଟ ଦେବା ସହ ହାର୍ଟ ଆଟାକ୍ ଭଳି ମାରାତ୍ମକ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି।

## ସିପେଟ ଓ ସିଟିସିସି ପରିଦର୍ଶନ କଲେ ରାଜ୍ୟପାଳ

# ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶକୁ ଗୁରୁତ୍ୱ



ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆଜି ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ) ଏବଂ ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିସିସି) ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି।

ଗସ୍ତ ଅବସରରେ ରାଜ୍ୟପାଳ ଉଭୟ ଅନୁଷ୍ଠାନର ଅଧ୍ୟାପକ, ଅଧିକାରୀ ଓ ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରି ସେମାନଙ୍କୁ ନବସୃଜନ, ଦକ୍ଷତା ବିକାଶ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଅବଦାନ ରଖିବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ ଯୁବପିଢ଼ିଙ୍କୁ ଚାକିରି ଖୋଜୁଥିବା ବ୍ୟକ୍ତି ନୁହେଁ, ବରଂ ଚାକିରି ସୃଷ୍ଟିକାରୀ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଆବଶ୍ୟକ। ଏଥିପାଇଁ ବିଭିନ୍ନ ଉତ୍ପାଦକୁ ନେଇ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକର ସୂଚନା ସେଥିରେ ସାମିଲ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଆଗ୍ରହୀ ଉଦ୍ୟୋଗୀମାନେ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉପଲବ୍ଧ ଆର୍ଥିକ ଓ ବୈଷୟିକ ସହାୟତା ସମ୍ପର୍କରେ ସଚେତନ ହୋଇପାରିବେ ଏବଂ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଉତ୍ସାହ ବୃଦ୍ଧି ପାଇବ। ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟପାଳ ଉଭୟ ଅନୁଷ୍ଠାନରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ବୈଦ୍ୟୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟାୟ କ୍ରମେ ପେଟ୍ରୋଲ ଓ ଡିଜେଲଚାଳିତ ଯାନ ଉପରେ ନିର୍ଭରଶୀଳତା କମାଇବାକୁ ଆହ୍ୱାନ ଜଣାଇଥିଲେ। ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ କ୍ୟାମ୍ପସ ପରିସରରେ ସୌର ପ୍ୟାନେଲ ସ୍ଥାପନ କରିବା ଉପରେ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

## ୱାର୍ଡ ବୁଲିଲେ ମେୟର



କଟକ,୧୮।୬ (ସଂଚାର ବ୍ୟୁରୋ):କଟକ ମହାନଗର ନିଗମର ମେୟର ସୁବାସ ସିଂହ ଗୁରୁବାର ବିଭିନ୍ନ ୱାର୍ଡ ପରିଦର୍ଶନ କରି ଏସଆଇଆର ବିକାଶ କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରିଛନ୍ତି। ଏହି ପରିଦର୍ଶନ ସମୟରେ ଶ୍ରୀଯୁକ୍ତ ମେୟର ବିଦ୍ୟାଧରପୁର, ବିଡ଼ାନସୀ, ଗୋରାକବର, ସନତ ନଳିନୀ ଗର୍ଲ୍ସ ହାଇସ୍କୁଲ ଏବଂ ଡଗରପଡ଼ା ଆଦି ସ୍ଥାନ ବୁଲି ଦେଖିଥିଲେ। ସେ ସେଠାରେ ଚାଲିଥିବା ବିକାଶ କାର୍ଯ୍ୟଗୁଡ଼ିକର ଗୁଣବତ୍ତା ଓ ଅଗ୍ରଗତି ଯାଞ୍ଚ କରିବା ସହ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ମେୟରଙ୍କ ସହ ଏହି ପରିଦର୍ଶନରେ ସମ୍ପୃକ୍ତ ୱାର୍ଡର କର୍ପୋରେଟର ଯଥା ଆରତୀ ସାହୁ, ଦୀପଜାଳି ସିଂ, ପ୍ରଦୀପ କୁମାର ରାଉତ, ଲକ୍ଷ୍ମୀପ୍ରିୟା ବେହେରା, ପୁଷ୍ପିତା ମହାନ୍ତି, ମୋନାଲିସା ଦାସ, ବିକାଶ ରଞ୍ଜନ ବେହେରା ସହିତ କଟକ ମହାନଗର ବିଜୁ ଜନତା ଦଳର ସାଂଗଠନିକ ଜିଲ୍ଲା ସଭାପତି ସ୍ୱଦେଶ ଦାସ, ଅଶୋକ କୁମାର ସିଂ ,ସୌମ୍ୟ ଦର୍ଶନ ବେହେରା, ରମଜାନ୍ ଖାନ୍, ବର୍ଷା ପ୍ରିୟଦର୍ଶିନୀ, ପ୍ରଦିପ ବାରିକ, ସୁବୋଧ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି କର୍ମୀଙ୍କୁ ବୋମା ମାଡ଼, ୫ ଆହତ

କୋଲକାତା,୧୮।୬(ସଂଚାର ବ୍ୟୁରୋ): ନଦିଆର କରିମପୁରରେ ବିଜେପି କର୍ମୀଙ୍କୁ ଟାର୍ଗେଟ କରି ବୋମା ମାଡ଼ ହୋଇଥିବା ଅଭିଯୋଗକୁ ନେଇ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଏହି ଘଟଣାରେ ଅତି କମରେ ପାଞ୍ଚ ଜଣ ବିଜେପି କର୍ମୀ ଆହତ ହୋଇଛନ୍ତି। ସ୍ଥାନୀୟ ସୂତ୍ର ଅନୁଯାୟୀ, କରିମପୁର ୨ ନମ୍ବର ବ୍ଲକର ସାହେବପଡା ଅଞ୍ଚଳରେ ଏକ ଜନ କଲ୍ୟାଣ ଶିବିରରୁ କର୍ମୀମାନେ ଘରକୁ ଫେରୁଥିବା ସମୟରେ ଆକ୍ରମଣ ହୋଇଥିଲା। ଅଭିଯୋଗ ହୋଇଛି ଯେ ଦୁର୍ବୃତ୍ତମାନେ ସେମାନଙ୍କ ଉପରକୁ ବୋମା ଫିଙ୍ଗିଥିଲେ, ଯେଉଁଥିରେ ଅତି କମରେ ପାଞ୍ଚ ଜଣ ଆହତ ହୋଇଛନ୍ତି। ବର୍ତ୍ତମାନ ସେମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଥାନାରେ ହାଜର ହେଲେ ଅରୂପ ବିଶ୍ୱାସ

କୋଲକାତା,୧୮।୬(ସଂଚାର ବ୍ୟୁରୋ): ସେ ପୂର୍ବରୁ ଲଗାତାର ତିନୋଟି ନୋଟିସକୁ ଅଣଦେଖା କରିଥିଲେ। ତଦନ୍ତରେ ଅସହଯୋଗ ଅଭିଯୋଗ ଯୋଗୁଁ ତାଙ୍କ ଗିରଫଦାରୀ ସମ୍ପର୍କରେ କଳ୍ପନାଜଳ୍ପନା ବୃଦ୍ଧି ପାଉଥିଲା। ଶେଷରେ ପୂର୍ବତନ ରାଜ୍ୟ କ୍ରୀଡା ମନ୍ତ୍ରୀ ଅରୂପ ବିଶ୍ୱାସ ଥାନାରେ ହାଜର ହୋଇଛନ୍ତି। ସେ ଗୁରୁବାର ସକାଳ ୯ଟା ୫୫ ସମୟରେ କଳାକାଚ ଲାଗିଥିବା ଏକ କାରରେ ବିଧାନନଗର ଦକ୍ଷିଣ ଥାନାରେ ପହଞ୍ଚିଥିଲେ। ମେସିକାଣ୍ଡରେ ଇଭେଣ୍ଟ ଆୟୋଜକ ଶତାଦ୍ରୁ ଦତ୍ତ ପୂର୍ବତନ କ୍ରୀଡାମନ୍ତ୍ରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ବିଧାନନଗର ଦକ୍ଷିଣ ଥାନାର ପୁଲିସ ଦାଦାବଟି ଆଦାୟ ଏବଂ ଠକେଇ ସମେତ ପାଞ୍ଚଟି ଅଭିଯୋଗରେ ଏକ ଏଫ୍ଆଇଆର୍ ରୁଜୁ କରିଥିଲା। ପୁଲିସ ଏହି ଘଟଣା ସମ୍ପର୍କରେ ଗତ ଶନିବାର ଅରୂପଙ୍କୁ ତୃତୀୟ ନୋଟିସ ଜାରି କରିଥିଲା, ଯେଉଁଥିରେ ତାଙ୍କୁ ୪୮ ଘଣ୍ଟା ମଧ୍ୟରେ ବିଧାନନଗର ଦକ୍ଷିଣ ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ପୂର୍ବ ଦୁଇଟି ଘଟଣା ପରି ଏହି ପ୍ରଭାବଶାଳୀ ପୂର୍ବତନ ତୃଣମୂଳ ନେତା ପୁଣି ଥରେ ପଚରାଉଚରାରୁ ଏଡାଇ ଯାଇଥିଲେ। ମେସିକାଣ୍ଡରେ ଅରୂପ ପୂର୍ବରୁ କୋଲକାତା ହାଇକୋର୍ଟରୁ ସୁରକ୍ଷା ପାଇସାରିଛନ୍ତି। କୋର୍ଟ ରାୟ ଦେଇଛନ୍ତି ଯେ ପୁଲିସ ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ତାଙ୍କ ବିରୁଦ୍ଧରେ କୌଣସି ଜୋରଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। ତେବେ ହାଇକୋର୍ଟ ତାଙ୍କୁ ତଦନ୍ତରେ ସହଯୋଗ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ମନ୍ତ୍ରୀଙ୍କୁ ସୁରକ୍ଷା ପ୍ରଦାନ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବା ପାଇଁ ଶତାଦ୍ରୁ ଡିଭିଜନ୍ ବେଞ୍ଚରେ ଆବେଦନ କରିଛନ୍ତି।

● ଅନୁଗୋଳ ଓ ଢେଙ୍କାନାଳରେ ଏସଆଇଆରର ସମୀକ୍ଷା

## ଓଡ଼ିଶାରେ ଶୃଙ୍ଖଳିତ ଭୋଟର ତାଲିକା ପ୍ରସ୍ତୁତିକୁ ପ୍ରଶଂସା



ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬' କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଦୁଇଟି ପୃଥକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରାଯାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ପ୍ରମୁଖ ସଚିବ ଏସ୍‌ବି ଯୋଶୀ ଢେଙ୍କାନାଳ ଜିଲ୍ଲା ଓ ସଚିବ ସୁଜିତ କୁମାର ମିଶ୍ର ଅନୁଗୋଳ ଜିଲ୍ଲା ଗସ୍ତ କରି ପ୍ରସ୍ତୁତିର ସମୀକ୍ଷା କରିବା ସହ କ୍ଷେତ୍ରସ୍ତରୀୟ କାର୍ଯ୍ୟଧାରା ପ୍ରତି ସନ୍ତୋଷ ବ୍ୟକ୍ତ କରିଛନ୍ତି।

ଢେଙ୍କାନାଳ ଜିଲ୍ଲାରେ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ସଚିବ ଏସ୍‌ବି ଯୋଶୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସମସ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ନିବେଦିତା ରାଉତଙ୍କ ସହ ଜିଲ୍ଲାରେ ଚାଲିଥିବା ଏସଆଇଆର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ବାଚନ କମିଶନଙ୍କ ପ୍ରତିନିଧି ଦଳ ବିଭିନ୍ନ ମତଦାନ କେନ୍ଦ୍ର ଓ ଡିଜିଟାଇଜେସନ୍ ସେଣ୍ଟରଗୁଡ଼ିକୁ ପରିଦର୍ଶନ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟକାରିତାର ପ୍ରତ୍ୟକ୍ଷ ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଛନ୍ତି।

ସେହିପରି ଭାରତ ନିର୍ବାଚନ ଆୟୋଗର ସଚିବ ସୁଜିତ କୁମାର ମିଶ୍ର ଅନୁଗୋଳ ଜିଲ୍ଲା ଗସ୍ତ କରି ଏସଆଇଆର କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ଅଗ୍ରଗତିର ସମୀକ୍ଷା କରିଛନ୍ତି। ଅନୁଗୋଳଠାରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅବଦ୍ଧାଲ ଏମ୍. ଅଖତର ଜିଲ୍ଲାରେ ଚାଲିଥିବା ବିଭିନ୍ନ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ଉପସ୍ଥାପନ କରିଥିଲେ। ସଠିକ୍, ସ୍ୱଚ୍ଛ, ତ୍ରୁଟିମୁକ୍ତ ଏବଂ ସର୍ବସମାବେଶୀ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ସେ ସ୍ୱାଗତ କରିଥିଲେ।

● ଛାତ୍ର କଂଗ୍ରେସ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

## ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରିଲା ଛାତ୍ର କଂଗ୍ରେସ




ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ଆଜି ଛାତ୍ର କଂଗ୍ରେସ ପକ୍ଷରୁ ବରିଷ୍ଠ ଛାତ୍ର କଂଗ୍ରେସ ନେତା ବିଭୁତି ଭୂଷଣ ମହାପାତ୍ର ଓ ସ୍ପନ୍ଦନ ସ୍ୱାଇଁଙ୍କ ନେତୃତ୍ୱରେ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରତିବାଦରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସରକାରୀ ବାସଭବନକୁ ଘେରାଉ କରାଯାଇଥିଲା। ଏହି ଅବସରରେ ବିଭୁତି ଭୂଷଣ ମହାପାତ୍ର କହିଛନ୍ତି ଯେ ଓଡ଼ିଶାର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପ୍ରତି ସରକାର ବିଶ୍ୱାସଘାତକତା କରିଛନ୍ତି। ଏହି ପାଠ୍ୟପୁସ୍ତକରେ କିଭଳି ୧୬୦୦ରୁ ଉର୍ଦ୍ଧ୍ୱ ତ୍ରୁଟି ରହିଲା ଓ ଏହି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କିଭଳି ଏତେ ସାଂଘାତିକ ତ୍ରୁଟି କଲେ, ତାହା ଦୁର୍ଭାଗ୍ୟଜନକ। ସରକାରଙ୍କର ମୌଳିକ ଶିକ୍ଷାରେ ଥିବା ପାଠ ସମ୍ପର୍କରେ ଜ୍ଞାନ ନ ଥିବା ଦର୍ଶାଇ ଏହି ବିକ୍ଷୋଭରେ ଛବିଳ ମଧୁ ବର୍ଣ୍ଣବୋଧ ବହି ପ୍ରଦର୍ଶନ କରାଯାଇଥିଲା।

ଗଣଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ଓଡ଼ିଶାର ଲକ୍ଷ ଲକ୍ଷ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ବ୍ୟଥିତ କରିଛି। ଏହି ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କୁ ବହିଷ୍କାର କରାଯିବା ସହ ପୁସ୍ତକ ପ୍ରସ୍ତୁତି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଥିସହ ପୁନଃମୁଦ୍ରଣ କରି ଛାତ୍ରଛାତ୍ରୀଙ୍କୁ ନିର୍ଭୁଲ ପୁସ୍ତକ ଯୋଗାଇ ଦିଆଯାଉ ବୋଲି ଦାବି କରାଯାଇଥିଲା। ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି ଯେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଓଡ଼ିଆ ଅସ୍ମିତାର ଆହ୍ୱାନ ଦେଉଥିବା ସରକାର ଏହି ତ୍ରୁଟି ପାଇଁ ସାଧାରଣ ଜନତାଙ୍କ ନିକଟରେ ଜବାବ ରଖନ୍ତୁ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ଏକ ଅକ୍ଷମଣୀୟ ଅପରାଧ। ଶିକ୍ଷା ବ୍ୟବସ୍ଥାକୁ ଏଭଳି ଦୟନୀୟ ପରିସ୍ଥିତିକୁ ଠେଲି ଦିଆଯାଉଛି ବୋଲି ସେ କହିଥିଲେ।

## ଆବୁଧାବୀ ଓଡ଼ିଆ ସମାଜ ପକ୍ଷରୁ ରଜପର୍ବ ପାଳିତ



ଆବୁଧାବି, ୧୮।୬ (ସଂଚାର ବ୍ୟୁରୋ):ଆବୁଧାବିସ୍ଥିତ ଓଡ଼ିଆ ସମାଜ ପକ୍ଷରୁ ପବିତ୍ର ରଜପର୍ବ ଉତ୍ସାହ ଓ ଆନନ୍ଦର ସହ ପାଳନ କରାଯାଇଛି। ମହିଳାମାନେ ପାରମ୍ପରିକ ବେଶଭୂଷା ପରିଧାନ କରି ରଜର ବିଭିନ୍ନ ରୀତିନୀତି ପାଳନ କରିଛନ୍ତି। ଏହି ଅବସରରେ ଆୟୋଜିତ ପାରମ୍ପରିକ ରଜଗୀତ, ଦୋଳିଖେଳ, ପିଠାପଣା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା।

ମହିଳାମାନେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ପ୍ରବାସୀ ମାଟିରେ ଜୀବନ୍ତ ରଖିବା ପାଇଁ ଏପରି ଆୟୋଜନର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ରଜପର୍ବ ମାଧ୍ୟମରେ ପ୍ରବାସୀ ଓଡ଼ିଆ ପରିବାରମାନଙ୍କ ମଧ୍ୟରେ ସଂପ୍ରୀତି ଓ ଭାତୃତ୍ୱର ବାର୍ତ୍ତା ପ୍ରସାରିତ ହୋଇଥିଲା। କାର୍ଯ୍ୟକ୍ରମରେ ଆବୁଧାବିର ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଓଡ଼ିଆ ମହିଳା ଯୋଗଦେଇ ରଜପର୍ବର ମହତ୍ତ୍ୱ ଓ ଗୌରବକୁ ସ୍ମରଣ କରିଥିଲେ। ସିପ୍ରା ଦାସ, ଅସ୍ମିତା ପଟେଲ, ଅର୍ଚ୍ଚନା ନାୟକ,ସୁଭ୍ରା ସାମଲ, ସ୍ୱାତୀ ଦାସ ଓ ନୀତାଶା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବର ଶେଷରେ ସମସ୍ତେ ଏକାଠି ହୋଇ ପୋଡ଼ପିଠା, ରଜପାନ ଖାଇବା ସହିତ ଉପହାର ଆଦାନ ପ୍ରଦାନ କରିଥିଲେ।

# ଶ୍ରୀମନ୍ଦିରରେ ନିଷିଦ୍ଧ ଘିଅ, ଅନ୍ୟ ମନ୍ଦିରରେ ଯାଞ୍ଚ କେବେ ?



ଭୁବନେଶ୍ୱର,୧୮।୬: କଡ଼ା ସୁରକ୍ଷା ବଳୟରେ ଥିବା ପୁରୀ ଶ୍ରୀମନ୍ଦିରରୁ ବିପୁଳ ପରିମାଣର ନିଷିଦ୍ଧ ଘିଅ ଜବତ କରାଯିବା ପରେ ରାଜ୍ୟର ଅନ୍ୟ ମନ୍ଦିରଗୁଡ଼ିକରେ କିଭଳି ଘିଅରେ ପ୍ରସାଦ ତିଆରି ହେଉଛି ଓ ଦୀପ ଜଳାଯାଉଛି, ତା'ର ଗୁଣବତ୍ତା ଘେନି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏଠାରେ ଉଲ୍ଲେଖନୀୟ ଯେ ଶ୍ରୀମନ୍ଦିରରେ ପ୍ରସ୍ତୁତ କରାଯାଉଥିବା ମହାପ୍ରସାଦ ଓ ଅନ୍ୟାନ୍ୟ ଭୋଗ ସାମଗ୍ରୀର ଗୁଣବତ୍ତା ଉନ୍ନତ ମାନର ରଖିବା ସହ ପ୍ରଦୀପ ପ୍ରଜ୍ୱଳନରେ ବି କେବଳ ଓମଫେଡ୍ ଘିଅ ବ୍ୟବହାର କରାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଘୋଷଣା ପରେ ଶ୍ରୀମନ୍ଦିରରେ ମହାପ୍ରସାଦର ମୂଲ୍ୟ ପାଖାପାଖି ତିନି ଗୁଣ ବଢ଼ିଯାଇଥିଲା। ସେହିଭଳି ଫେଣି ଓ ଅନ୍ୟ ଶୁଖିଲି ଭୋଗର ଦର ସହ ଦୀପ ଦର ବି ବଢ଼ିଥିଲା। ଭକ୍ତମାନେ ବିଶ୍ୱାସର ସହ ଶ୍ରୀଜୀଉଙ୍କ ଉନ୍ନତ ମାନର ମହାପ୍ରସାଦ ଓ ଶୁଖିଲା ଭୋଗ ଯାହାସବୁ କିଣୁଥିଲେ, ସେଗୁଡ଼ିକ ଓମଫେଡ୍ ପ୍ରସ୍ତୁତ ଖାଣ୍ଟି ଗାଈ ଘିଅରେ ତିଆରି ହେଉଥିଲା କି ବଜାରରେ ମିଳୁଥିବା ଅନ୍ୟ ବନସ୍ପତିରେ ତିଆରି କରି ଭକ୍ତମାନଙ୍କ ବିଶ୍ୱାସରେ ବିଷ ଦିଆଯାଉଥିଲା ସେଥିଘେନି ଚର୍ଚ୍ଚା ଜୋର୍ ଧରିଛି। ଅବଶ୍ୟ ଶ୍ରୀମନ୍ଦିର ପ୍ରଶାସନ ଏହି ଘଟଣାର ତଦନ୍ତ କରୁଥିବା ପ୍ରକାଶ କରିଥିଲେ ବି ଯେଉଁମାନେ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିଲେ ସେମାନଙ୍କ ନାମ ଏଯାବତ୍ ପ୍ରକାଶ କରିନାହାନ୍ତି।

ଶ୍ରୀମନ୍ଦିରରେ ଓମଫେଡ୍ ଘିଅ ମହାପ୍ରସାଦ ପ୍ରସ୍ତୁତ ଓ ପ୍ରଦୀପ ପ୍ରଜ୍ୱଳନ ପାଇଁ ବ୍ୟବହାର କରାଯିବା ବୋଲି ନିଷ୍ପତ୍ତି ନିଆଯିବା ପରେ ରାଜ୍ୟର ଅନ୍ୟ ବହୁ ଉପାସନା ପୀଠରେ ମଧ୍ୟ ପରିଚାଳନା କମିଟିମାନ ଅନୁରୂପ ନିଷ୍ପତ୍ତି ନେଇ ପ୍ରସାଦ ଓ ଦୀପ ମୂଲ୍ୟ ବଢ଼ାଇଛନ୍ତି। ଶ୍ରୀମନ୍ଦିରରେ ଓମଫେଡ୍ ଘିଅ ପରିବର୍ତ୍ତେ ବନସ୍ପତି ଘିଅ ଧରାପଡ଼ିବା ପରେ ରାଜ୍ୟସାରା ଏଭଳି ଠକେଇ ଚାଲିଥିବା ଘେନି ବିଭିନ୍ନ ମହଲରୁ ଅଭିଯୋଗ ଆସୁଛି। ତେବେ ଅନ୍ୟ ମନ୍ଦିରଗୁଡ଼ିକ ସଂକ୍ରାନ୍ତରେ ଏଯାବତ୍ କିନ୍ତୁ ତଦନ୍ତ ଆରମ୍ଭ ହୋଇଥିବା କଥା ବିଭାଗୀୟ କର୍ତ୍ତୃପକ୍ଷ କହିନାହାନ୍ତି। ପୂର୍ବରୁ ସୀମିତ ସଂଖ୍ୟକ ମନ୍ଦିରରେ ରନ୍ଧା ପ୍ରସାଦ ବିକ୍ରି କରାଯିବାର ପରମ୍ପରା ଥିଲା। ଏବେ କିନ୍ତୁ ସଂଖ୍ୟାଧିକ ମନ୍ଦିର ଏକପ୍ରକାର ଭୋଜନାଳୟରେ ପରିଣତ ହୋଇଛି। ବିଶୁଦ୍ଧ ନିରାମିଷ ଖାଦ୍ୟ ଏଠାରେ ମିଳୁଥିବା ବିଶ୍ୱାସ କରି ଅନେକ ଲୋକ ନିୟମିତ ଏଠାରୁ ଭୋଜନ ସଂଗ୍ରହ କରିଥାନ୍ତି। ତେବେ ଏହି ପ୍ରସାଦ ଗାଈଘିଅରେ ତିଆରି ହୋଇଛି କି ପୋଡ଼ା ମୋବିଲରୁ ପ୍ରସ୍ତୁତ ନକଲି ଗାଈଘିଅରେ ତିଆରି ହୋଇଛି, ସେଥିଘେନି କିନ୍ତୁ କେହି ପାଟି ଫିଟାଉନାହାନ୍ତି।

ହାଟ ବଜାରରେ ଥିବା ପୂଜା ଦୋକାନଠାରୁ ଆରମ୍ଭ କରି ତେଜରାତି ଦୋକାନ ପର୍ଯ୍ୟନ୍ତ ଯେତେସବୁ ଗାଈଘିଅ ବିକ୍ରି ହେଉଛି, ତା'ର ବି ନିୟମିତ ଗୁଣବତ୍ତା ଯାଞ୍ଚ ହେଉନାହିଁ। ଫଳରେ ପୋଡ଼ା ମୋବିଲ ଓ ଅନ୍ୟାନ୍ୟ ସାମଗ୍ରୀରୁ ପ୍ରସ୍ତୁତ ହେଉଥିବା ଘିଅ ବଜାରରେ ହାଉଯାଉ ହେଉଛି। ଏମିତିକି ହୋମଯଜ୍ଞଠାରୁ ଆରମ୍ଭ କରି ବିଭିନ୍ନ ମନ୍ଦିରରେ ବି ଏହି ନକଲି ଘିଅ ଖୋଲାଖୋଲି ଭାବେ ବ୍ୟବହୃତ ହେଉଛି। ଅବଶ୍ୟ ମଝିରେ ମଝିରେ ବିଭାଗୀୟ ଚଢ଼ାଉରୁ ଭୁବନେଶ୍ୱର, କଟକ ଉପକଣ୍ଠ ସମେତ ରାଜ୍ୟର ଅନ୍ୟ କେତେକ ଅଞ୍ଚଳରେ ଅପମିଶ୍ରିତ ଓ ନକଲି ତେଲ ଘିଅ କାରଖାନା ବାରମ୍ବାର ଠାବ ହେଉଥିବାର ପ୍ରକାଶ ଗଣମାଧ୍ୟମରେ ପ୍ରକାଶ ପାଉଛି। କେବଳ ସେତିକି ନୁହେଁ, ପୁରୀ, ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ସମେତ ରାଜ୍ୟର ପ୍ରାୟ ସମସ୍ତ ସହରରେ ଯେତେସବୁ ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ମିଳୁଛି, ସେଗୁଡ଼ିକ ଅସଲି ନକଲି ତାହାର ନିୟମିତ ଯାଞ୍ଚ ହେଉ ନ ଥିବାରୁ ଏହା ମାଧ୍ୟମରେ ଲୋକେ ରୋଗ କିଣୁଛନ୍ତି। କିଛିଦିନ ତଳେ ଲୁଗାସଫା ପାଉଡର ଓ ଅନ୍ୟାନ୍ୟ ରାସାୟନିକ ସାମଗ୍ରୀ ବ୍ୟବହାର କରି ପ୍ରସ୍ତୁତ ହୋଇଥିବା ଗୋଟିଏ ଟ୍ୟାଙ୍କର ଦୁଗ୍ଧ କଟକ ଉପକଣ୍ଠରେ ଧରାପଡ଼ିଥିଲା ଓ କର୍ତ୍ତୃପକ୍ଷ ତାହାକୁ ନଷ୍ଟ କରିଦେଇଥିଲେ। ଦୁଗ୍ଧ, ଘିଅ, ଛେନା, ପନିର, ଦହି ଆଦିର ମାନ ସରକାରୀ ସଂସ୍ଥାମାନେ ନିୟମିତ ଯାଞ୍ଚ କରି ଅପମିଶ୍ରଣକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତଦନ୍ତ କମିଟିରେ...

ଏହି ତ୍ରୁଟିଯୁକ୍ତ ବହିରେ ପାଠ ପଢ଼ିବାକୁ ପଡ଼ିବ ବୋଲି ଆଜି କହିଛନ୍ତି ଏସ୍‌ସିଇଆର୍‌ଟି ନିର୍ଦ୍ଦେଶିକା କହିଛନ୍ତି। ଆସନ୍ତା ଶିକ୍ଷା ବର୍ଷରୁ ପିଲାମାନଙ୍କୁ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ। କିନ୍ତୁ ଚଳିତ ବର୍ଷ ବିଭିନ୍ନ ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ସମ୍ପର୍କରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଇ ଦିଆଯାଇଛି। ସେମାନେ ଛାତ୍ରଛାତ୍ରୀଙ୍କୁ ସେଇ ଅନୁସାରେ ସଂଶୋଧନ କରି ପାଠ ପଢ଼ାଇବେ ବୋଲି ନିର୍ଦ୍ଦେଶିକା କହିଛନ୍ତି।

### ଆମେରିକା-ଇରାନ୍...

କେବଳ ସେତିକି ନୁହେଁ, ଏହି ରାଜିନାମାରେ ଇରାନ୍ କୌଣସି ପ୍ରକାର ଆଣବିକ ଅସ୍ତ୍ରଶସ୍ତ୍ର ରଖିବ ନାହିଁ କି ନିଜେ ପରୀକ୍ଷଣ କରିବ ନାହିଁ ବୋଲି ରାଜି ହୋଇଛି। ଏହାକୁ ରାଜିନାମାର ଅଷ୍ଟମ ପଏଣ୍ଟ ଭାବେ ଦର୍ଶାଯାଇଛି। ତେବେ ଇରାନ୍ ପାଖରେ ଥିବା ୟୁରାନିୟମ୍ ଦେଶ ବାହାରକୁ ପଠାଯିବ କି ନାହିଁ, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ପ୍ରତିବଦଳରେ ଆମେରିକା ଇରାନ ବିରୁଦ୍ଧରେ ଜାରି କରିଥିବା ବ୍ୟାପକ କଟକଣାଗୁଡ଼ିକୁ ଉଠାଇନେବାର ସମ୍ଭାବନା ବି ସୃଷ୍ଟି ହୋଇଛି। ଏହି ଅବସରରେ ବାଘେଇ କହିଛନ୍ତି ଯେ ଉଭୟ ପକ୍ଷ ବୁଧବାର ଇଲେକ୍‌ଟ୍ରୋନିକ୍ ଭାବେ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ତେଣୁ ଶୁକ୍ରବାର ଜେନେଭାରେ ପୂର୍ବ ଘୋଷଣା ଅନୁଯାୟୀ ଆଉ କୌଣସି ସ୍ୱାକ୍ଷର ଉତ୍ସବ ହେବନାହିଁ। ବାଘେଇ କହିଛନ୍ତି ଯେ, ଯଦିଓ ମଧ୍ୟସ୍ଥ ଦଳ ସ୍ୱିଜରଲାଣ୍ଡ ସହରରେ ବୈଠକ ଉପରେ ଯୋଜନା କରୁଛନ୍ତି, ମାତ୍ର ବର୍ତ୍ତମାନ ସେମିତି କୌଣସି କାର୍ଯ୍ୟସୂଚୀ ନାହିଁ। ଭର୍ସାଇଲେସ୍ ପ୍ୟାଲେସରେ ଟ୍ରମ୍ପ ଏମଓୟୁ ସ୍ୱାକ୍ଷରିତ କରିବାର ଭିଡିଓ ମଧ୍ୟ ପ୍ରସାରିତ ହୋଇଛି। ଉକ୍ତ ଭିଡିଓରେ ଦେଖାଯାଉଛି ଯେ ସ୍ୱାକ୍ଷର କରିବା ପାଇଁ କଲମକୁ କାଗଜ ଉପରକୁ ନେବା ପୂର୍ବରୁ ଟ୍ରମ୍ପ କିଛି ସମୟ ଲାଗି ଅଟକିଯାଉଛନ୍ତି। ଏହା ଉପରେ ମନ୍ତବ୍ୟ ଦେଇ ଟ୍ରମ୍ପ କହିଛନ୍ତି ଯେ ମୁଁ ଏତିକି କହିପାରିବି ଯେ ଏହା କରିବା ଏତେ ସହଜ ନ ଥିଲା। ଏମଓୟୁ ସ୍ୱାକ୍ଷର ପରେ ବାଘେଇ ଇରାନର ମିଡିଆଗୁଡ଼ିକୁ ସମ୍ବୋଧିତ କରି କହିଛନ୍ତି ଯେ ରାଜିନାମାକୁ ଆମେରିକା କିପରି ପାଳନ କରୁଛି ଇରାନ୍ ତା' ଉପରେ ନଜର ରଖିବ। ଏଥିରେ କୌଣସି ନମନୀୟତା କିମ୍ବା ଅନୁଗ୍ରହ ପ୍ରଦର୍ଶନ କରିବ ନାହିଁ ଯଦି ୱାଶିଂଟନ ନିଜ ଦାୟିତ୍ୱରୁ ଓହରିଯାଏ, ତା'ହେଲେ ତେହରାନ ମଧ୍ୟ ତା'ର ପ୍ରତିଶ୍ରୁତି ପାଳନ କରିବ ନାହିଁ। ସେ କହିଛନ୍ତି ଯେ ୬୦ ଦିନର ଯୁଦ୍ଧବିରତି ସମୟରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଓ ଆମେରିକାର କଟକଣା ଉଠାଇବା ଉପରେ ଆଲୋଚନା କରାଯିବ। ତେବେ ତେହରାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ଆଲୋଚନା ଟେବୁଲରୁ ଦୂରେଇ ରଖାଯିବ। ଏହି ଅବସରରେ ବାଘେଇ ସ୍ପଷ୍ଟ କରିଦେଇଛନ୍ତି ଯେ ଇରାନର ମିସାଇଲ କେବଳ ଫାୟାରିଂ ପାଇଁ, କଥାବାର୍ତ୍ତା ପାଇଁ ନୁହେଁ। ଇରାନର ପ୍ରତିରକ୍ଷା ସାମର୍ଥ୍ୟକୁ ନେଇ କୌଣସି ବି ପରିପ୍ରେକ୍ଷୀରେ କୌଣସି ପକ୍ଷ ସହ ଆଲୋଚନା କରାଯିବ ନାହିଁ। ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣ ସମ୍ପର୍କରେ ମତ ବ୍ୟକ୍ତ କରି ବାଘେଇ କହିଛନ୍ତି ଯେ ଇରାନ କେବେ ବି ତା'ର ବନ୍ଧୁମାନଙ୍କୁ ହାତ ଛାଡ଼ିବ ନାହିଁ। ଇସ୍ରାଏଲକୁ କିପରି ଏଥିରୁ ନିବୃତ୍ତ କରାଯିବ, ତାହା ମଧ୍ୟ ଏବେ ଆମେରିକାର ଦାୟିତ୍ୱ।

### ସ୍ୱଚ୍ଛତା, ଦକ୍ଷତା...

ସେ ରାଜ୍ୟ ନୋଡାଲ ଅଫିସରଙ୍କୁ କହିଥିଲେ। ଉଚ୍ଚଶିକ୍ଷା ସଚିବ ଭିନିତ ଯୋଶୀ କହିଥିଲେ ଯେ ବର୍ତ୍ତମାନର ସମୟ ଓ ପୁନଃପରୀକ୍ଷା ସମୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ସବୁ ନିର୍ଦ୍ଧାରିତ ମାନଦଣ୍ଡର ଅନୁପାଳନ ସହ ସମୟ ଅନୁସାରେ ତଳ ସ୍ତର ପର୍ଯ୍ୟନ୍ତ ସୂଚନା ଓ ନିର୍ଦ୍ଦେଶ ପହଞ୍ଚିବା ଉଚିତ। ସେଥିପାଇଁ ଏନଟିଏ ସବୁ ଜିଲ୍ଲାପାଳ, ପୁଲିସ ଅଧିକାରୀ ଓ ଗୁଇନ୍ଦା ସଂସ୍ଥା ସହ ପରୀକ୍ଷା ସୁପରିଚାଳନା ନେଇ ଯୋଗାଯୋଗରେ ଥିବା କହିଛନ୍ତି ଏନଟିଏ ଡିଜି ଅଭିଷେକ ସିଂ। ଆଜିର ବୈଠକରେ ବିଭିନ୍ନ ରାଜ୍ୟର ବରିଷ୍ଠ ଅଧିକାରୀ, ନୋଡାଲ ଅଫିସର, ଉଚ୍ଚ ଶିକ୍ଷାନୁଷ୍ଠାନର କୁଳପତିଙ୍କ ସମେତ ୨୨୨ ଜଣ ଅଧିକାରୀ ଯୋଗ ଦେଇଥିଲେ। ପରୀକ୍ଷା ସୁପରିଚାଳନା ନେଇ ସବୁ ପ୍ରକ୍ରିୟା ପ୍ରତିଶ୍ରୁତି ମିଳିଥିବା ବେଳେ ଛାତ୍ରଛାତ୍ରୀଙ୍କୁ ଚାପମୁକ୍ତ ଓ ବାଧାମୁକ୍ତ ପରୀକ୍ଷା ଦେବାର ସୁଯୋଗ ଦେବାକୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା କହିଛନ୍ତି।

### ୧୨୮ ମେଡିକାଲ...

କରାଯାଇଛି ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ନୂଆ ନୂଆ ମେଡିକାଲ କଲେଜ ମଧ୍ୟ ଖୋଲାଯାଉଛି। ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗ ନ ଦେଇ ଅନୁପସ୍ଥିତ ରହୁଛନ୍ତି। ଏହାକୁ କୌଣସି ପରିସ୍ଥିତିରେ ବି ଗ୍ରହଣ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ବାରିପଦାରୁ ମିଳିଲା...

ଶଯ୍ୟାରେ ଥିବା ଏହି ଅଞ୍ଚଳକୁ ଏକ ସଂରକ୍ଷିତ ସାମୁଦ୍ରିକ ଜୀବାଶ୍ମ ପାର୍କ ଭାବେ ଘୋଷଣା କରିବାକୁ ରାଜ୍ୟ ସରକାରଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ଏହାଦ୍ୱାରା ଏଠାରେ ବୈଜ୍ଞାନିକ ଗବେଷଣା ଓ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି କୁହାଯାଇଛି।

### ଡିଜିଟାଲ ହେବ...

ଅବଶିଷ୍ଟ ସ୍ଥାନଗୁଡ଼ିକରେ ମଧ୍ୟ ଶୀଘ୍ର କାର୍ଯ୍ୟ ସମାପ୍ତ କରିବା ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି।କେନ୍ଦ୍ର ସରକାରଙ୍କ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ୪ଜି ସାଚୁରେସନ ପ୍ରକଳ୍ପ ରାଜ୍ୟର ଦୁର୍ଗମ ଅଞ୍ଚଳରେ ଡିଜିଟାଲ ସମାବେଶକୁ ନୂଆ ଦିଗ ଦେବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ଣ୍ଣାନ୍ସ ଓ ବିଭିନ୍ନ ଡିଜିଟାଲ ସେବାର ପହଞ୍ଚକୁ ଅଧିକ ସୁଦୃଢ଼ କରିବ। ଡିଜିଟାଲ ମିଶନ କ୍ଷେତ୍ରରେ 'ଭାରତ ନେଟ୍ ପରିଯୋଜନା' ଫେଜ୍-୩ରେ ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ହାଇସ୍ପିଡ ଇଣ୍ଟରନେଟ୍ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଅର୍ଥନୀତିକୁ ଗ୍ରାମ ସ୍ତରରେ ଆହୁରି ସୁଦୃଢ଼ କରାଯିବା ପାଇଁ କେନ୍ଦ୍ର ସରକାର ଓଡ଼ିଶାରେ ପ୍ରାୟ ୪ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବ। ବ୍ଲକ୍‌କୁ ଗୋଟିଏ ୟୁନିଟ୍ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ ସେଠାରୁ ପଞ୍ଚାୟତକୁ ଯୋଡ଼ି ପଞ୍ଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଞ୍ଚାୟତରୁ ଘରକୁ ଘର ସଂଯୋଗ କରାଯିବ।

### ଦ୍ରୌପଦୀ ନୁହେଁ...

ଚାମେଲିଙ୍କୁ ନିଜର ଭଉଣୀ ବୋଲି କହିବା ସହ ସେ ବିରୋଧୀଙ୍କ ଚକ୍ରାନ୍ତରେ ପଡ଼ିଯାଇଥିବା କହିଛନ୍ତି। ତେବେ ଦୁର୍ଗାଙ୍କର ଏଭଳି କଥା ଶୁଣିବା ପରେ ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କୁ କିଭଳି ଭଉଣୀ କହିଲେ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଦୁର୍ଯ୍ୟୋଧନର ଭଉଣୀ ଦ୍ରୌପଦୀ ନୁହେଁ, ଦୁଃଶିଳା ବୋଲି ଆଲୋଚନା ହେଉଛି। ଇତି ମଧ୍ୟରେ ଚାମେଲି ଡାକ୍ତରଖାନାରୁ ସୁସ୍ଥ ହୋଇ ନିଜ ଘରକୁ ଫେରିଛନ୍ତି। ସେ ଯେଉଁ ୭ ଜଣଙ୍କ ବିରୋଧରେ ଏତଲା ଦେଇଥିଲେ, ସେମାନଙ୍କ ମଧ୍ୟରୁ ଜଣେ ବି କେହି ଗିରଫ ହୋଇ ନ ଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ସେ ଅବଗତ କରିଛନ୍ତି। ତେବେ ସବୁ ନାଟର ଗୋବର୍ଦ୍ଧନ କୁହାଯାଉଥିବା ବିଧାୟକ ଚାମେଲିଙ୍କୁ ଭଉଣୀ ବୋଲି କହିବାକୁ ସପ୍ତାହଟିଏ ଲାଗିଯାଇଥିବାରୁ ପରିସ୍ଥିତିର ଚାପରେ ସେ ଅତ୍ୟନ୍ତ ଭୟଭୀତ ହୋଇ ନିଜ ସୁରକ୍ଷା ପାଇଁ ଏଭଳି କରିଥିବା କୁହାଯାଉଛି। କାରଣ କଥା କେନ୍ଦ୍ରାପଡ଼ାରୁ ଭୁବନେଶ୍ୱର ବାଟ ଦେଇ ଦିଲ୍ଲୀରେ ପହଞ୍ଚିବା ପରେ ଭୟରେ ଏବେ ଦୁର୍ଯ୍ୟୋଧନ ଥରହର ବୋଲି ଆଲୋଚନା ଜୋର୍ ଧରିଛି।

### ଦୟାଲ ଗଙ୍ଗୱାର...

ଡେପୁଟେସନରୁ ଫେରିଛନ୍ତି ୨୦୦୧ ବ୍ୟାଚର ଆଇଏଏସ ଅଫିସର ଡୋଡା ଭେଙ୍କଟ ସ୍ୱାମୀ। ଡେପୁଟେସନରୁ ଫେରିବା ପରେ ତାଙ୍କୁ ଶ୍ରମ ଓ ଇଏସଆଇ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ପୂର୍ବରୁ ଏହି ବିଭାଗର ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗଂମଙ୍କୁ ଗୋପବନ୍ଧୁ ଏକାଡେମୀର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଏଥିସହ ସେ ବିଜ୍ଞାନ ଓ କାରିଗରୀ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ।

### ଖୋର୍ଦ୍ଧାରେ ସକାଳୁଆ...

ଛୁଟି ଅବଧି ବୃଦ୍ଧି କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷାଧିକାରୀ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଯେଉଁଠି ସକାଳୁଆ ସ୍କୁଲ୍ ହେବ, ସେଠାରେ ପିଏମ୍-ପୋଷଣ ଓ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ସୁଚାରୁ ରୂପେ ଜାରି ରଖିବା ସକାଶେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଦାଦାବଟି ଆଦାୟ ଅଭିଯୋଗରେ ଶ୍ରମିକ ନେତା ଗିରଫ

କୋଲକାତା,୧୮।୬(ସଂଚାର ବ୍ୟୁରୋ): ବୁଧବାର ସନ୍ଧ୍ୟାରେ ହଳଦିଆ ଥାନାର ପୁଲିସ ତୃଣମୂଳର ଜଣେ ପ୍ରଭାବଶାଳୀ ଟ୍ରେଡ ୟୁନିଅନ ନେତା ତଥା ପୂର୍ବତନ ବିଧାୟକ ତାପସୀ ମଣ୍ଡଳଙ୍କ ଘନିଷ୍ଠ ସହଯୋଗୀ ଶ୍ୟାମଲ ମାଇତିଙ୍କୁ ଦାଦାବଟି ଆଦାୟ ଅଭିଯୋଗରେ ଗିରଫ କରିଛି। ବୁଧବାର ସକାଳେ ତାଙ୍କ ବିରୁଦ୍ଧରେ ହଳଦିଆ ଥାନାରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ପୁଲିସ ଜଣାଇଛି ଯେ ହଳଦିଆ ଟାଉନସିପର ପ୍ରମୋଟର ମାନସ ଭୂୟାଁ ମାଇତିଙ୍କ ଉପରେ ପ୍ରାୟ ୪ ଲକ୍ଷ ଟଙ୍କା ଆଦାୟ କରିବାର ଅଭିଯୋଗ ଆଣିଥିଲେ। ପୁଲିସ ବୁଧବାର ଅପରାହ୍ନରେ ଶ୍ୟାମଲ ବାବୁଙ୍କୁ ପଚରାଉଚରା ପାଇଁ ଡକାଇଥିଲା ଏବଂ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ତାଙ୍କୁ ଗିରଫ କରିଥିଲା। ତାଙ୍କୁ ପୂର୍ବରୁ ଜୁନ୍ ୧୪ ତାରିଖରେ ଥାନାକୁ ଡକାଯାଇଥିଲା। ତଦନ୍ତକାରୀମାନେ ତାଙ୍କୁ ଏକ ପୁରୁଣା ମାମଲା ସମ୍ପର୍କରେ ଡକାଇଥିଲେ।

# ରାସ୍ତା କଡ଼ରେ ମିଳୁନି ପାଣି, ମିଳୁଛି ମଦ

- କୁହୁଡି ଛକରୁ ବ୍ଲକ ଛକ ପର୍ଯ୍ୟନ୍ତ ତୃଷାର୍ତ୍ତ ଲୋକଙ୍କ କାହାଣୀ
- ବିକାଶର କଥା ହେଉଛି, ମୌଳିକ ପାଣି ହଜିଗଲା

କାକଟପୁର /ଅସ୍ତରଙ୍ଗ,୧୮।୬ (ସଂଚାର ବ୍ୟୁରୋ): ବିକାଶ ମାନେ କ'ଣ ? ବଡ଼ ବଡ଼ କଥା, ନୂଆ ରାସ୍ତା, ନୂଆ ଘର, ନା କର୍ମୀ ସଂଖ୍ୟା ବଢାଇବା, ନା ସରକାରୀ ଟଙ୍କା କୁ ଲୁଟ କରିବା ? ନା ମଣିଷର ମୌଳିକ ଆବଶ୍ୟକତା ପୂରଣ ? ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର କୁହୁଡି ଛକ ରୁ ଷ୍ଟେଟ ବ୍ୟାଙ୍କ, ତାରିଣୀ ମନ୍ଦିର ଛକ, ମେଡିକାଲ ଛକ, ଥାନା ଛକ ଓ ବ୍ଲକ ଛକ ପର୍ଯ୍ୟନ୍ତ ଯାଇ ଦେଖନ୍ତୁ - ଉତ୍ତର ମିଳିଯିବ। ଏଇ ପ୍ରାୟ ଏକ କିଲୋମିଟର ରାସ୍ତା ଉପରେ ଦୈନିକ ହଜାର ହଜାର ଲୋକ ଯାଆସ କରନ୍ତି। ଯାତ୍ରୀ, ଛାତ୍ର, ମହିଳା, ବୟସ୍କ ଲୋକ - ସମସ୍ତେ। କିନ୍ତୁ ପ୍ରଶାସନ ପକ୍ଷରୁ ଗୋଟିଏ ବି ସୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଗ୍ରୀଷ୍ମରେ ଲୋକେ ତୃଷାରେ କଷ୍ଟ ପାଉଛନ୍ତି। ଯେତେବେଳେ କାହାକୁ ଶୋଷ ହେଉଛି କିଏ ମିଠା ଦୋକାନ ରେ ହାତ ପତାଇ ପାଣି ମାଗୁଛି, କିଏ ପାଣି ବୋତଲ ୨୦ଟଙ୍କାରେ କିଣୁଛି। ଅନ୍ୟପକ୍ଷରେ ଏଇ ସମାନ ରାସ୍ତା ଉପରେ ତିନୋଟି ମଦ ଦୋକାନ ଖୋଲା ଅଛି। ମଦ ପାଇଁ ପୂରା ସୁବିଧା, ପାଣି ପାଇଁ ଶୂନ। ଏଇଟା ହିଁ ଆମ ବିକାଶର ପରିଭାଷା? ସବୁଠୁ ଲଜ୍ଜାଜନକ କଥା ହେଲା - ଅସ୍ତରଙ୍ଗ ବ୍ଲକର ଦୁଇ ପାର୍ଶ୍ୱରେ ଦୁଇ ପ୍ରତିଦ୍ୱନ୍ଦୀ ରାଜନୈତିକ ନେତାଙ୍କ ଘର। ସେମାନେ ପୂର୍ବରୁ ବହୁବାର ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା ହୋଇସାରିଛନ୍ତି। କ୍ଷମତା ଉପଭୋଗ କରିଛନ୍ତି। କିନ୍ତୁ ନିଜ ଘର ପାଖ ମୁଖ୍ୟ ବଜାରରେ ଗୋଟିଏ ପାନୀୟ ଜଳ କେନ୍ଦ୍ର କରିପାରିଲେ ନାହିଁ। ସ୍ଥାନୀୟ ବିକାଶ କର୍ମୀ ବିକାଶ ଜେନା କୁହନ୍ତି, 'ଏଇ ଦୁଇ ନେତାଙ୍କୁ କେବଳ କ୍ଷମତା ଓ ପଦବୀ ଦରକାର। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିକାଶ ସେମାନଙ୍କ ପାଇଁ ଗୌଣ ବିଷୟ। ମୁଖ୍ୟ ବଜାରରେ ସୁଦ୍ଧ ପାନୀୟ ଜଳ କି ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ହୋଇପାରିଲା ନାହିଁ। ସିଧା ପ୍ରଶ୍ନ - କ'ଣ ବିକାଶ କଲ ? ପାଣି ତ ନାହିଁ। ସ୍ୱାଗତ କରୁଛି ତ୍ରିଭୁଜ ମଦ ଦୋକାନ। 'ବିଧାୟକ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ଥାନୀୟ ଅଞ୍ଚଳ ବିକାଶର ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ କ୍ଷମତାରେ ଥିବା ଲୋକ ଯେତେବେଳେ ନିଜ ଘର ପାଖରେ ପାଣି ବ୍ୟବସ୍ଥା କରିପାରୁନାହାନ୍ତି, ତେବେ ସେମାନଙ୍କ ବିକାଶ କଥାକୁ କିଏ ବିଶ୍ୱାସ କରିବ ? ପ୍ରଶାସନକୁ ଅନୁରୋଧ - କୁହୁଡି ଛକ, ଷ୍ଟେଟ ବ୍ୟାଙ୍କ ଛକ, ତାରିଣୀ ମନ୍ଦିର ନିକଟ, ମେଡିକାଲ ଛକ, ହାଇସ୍କୁଲ ଛକ, ଥାନା ଛକ, ବ୍ଲକ ଛକରେ ତୁରନ୍ତ ପାନୀୟ ଜଳ କେନ୍ଦ୍ର କରନ୍ତୁ। ଲୋକଙ୍କ ତୃଷା ମେଣ୍ଟାନ୍ତୁ। ନଚେତ୍ ଆପଣଙ୍କ ବିକାଶ କଥା ଲୋକେ ଆଉ ଶୁଣିବେ ନାହିଁ।ନେତା ଓ ପ୍ରଶାସନିକ ଅଧିକାରୀ ଆପଣ ଭାବନ୍ତୁ ସୁଦ୍ଧ ପାନୀୟ ବ୍ୟବସ୍ଥା ଆବଶ୍ୟକ ନା ଆବଶ୍ୟକ ନୁହେଁ।

## ବଜ୍ରାଘାତରେ ବୃଦ୍ଧାଙ୍କ ମୃତ୍ୟୁ

ସୁନ୍ଦରଗଡ଼,୧୮।୬ (ସଂଚାର ବ୍ୟୁରୋ): ଜୁନ ୧୮ ତାରିଖ ଗୁରୁବାର ଦିନ ଲେଫ୍ରିପଡା ପୋଲିସ ଲେଫ୍ରିପଡା ଥାନା ଅପମୃତ୍ୟୁ ମାମଲା -୨୦ ରେ ଏକ ମାମଲା ରୁଜ୍ଜୁ କରି ଶବ ବ୍ୟବଚ୍ଛେଦ କରାଇ ମୃତକଙ୍କ ପରିବାରଙ୍କୁ ଶବ ହସ୍ତାନ୍ତର କରିଛି। ମୃତ ମହିଳା ହେଲେ - ମେରି ତିର୍କି, ବୟସ -୭୫ ବର୍ଷ। ଗତ କାଲି ଅପରାହ୍ନ ୪:୦୫ ପାଖାପାଖି ସମୟରେ ହଠାତ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହ ପୋଲିସ ମିଶି ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ଆଣିଥିଲେ। ତେବେ ବାଟରେ ତାଙ୍କ ମୃତ୍ୟୁ ହୋଇ ଯାଇଥିଲା। ଡାକ୍ତରଖାନାରେ ଡକ୍ଟର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମେରୀ ଏକ ଗଛ ମୂଳରେ ବସି ଟୋଲ ମଞ୍ଜି ସଫା କରୁଥିବା ବେଳେ ଚଡ଼କ ମାରିବାରୁ ଚେତାଶୂନ୍ୟ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଡାକ୍ତରଖାନା ଅଣା ଯାଇଥିଲା, ହେଲେ ଡ଼ାକ୍ତର ଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣା ପଡ଼ିଛି।

## ଚାମେଲି ଓଝାଙ୍କୁ ନ୍ୟାୟ ପାଇଁ ଅଣ୍ଟା ଭିଡ଼ିଲା ବଲାଙ୍ଗୀର ସରପଞ୍ଚ ମହାସଂଘ

- ରାଜ୍ୟପାଳଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ



ବଲାଙ୍ଗିର,୧୮।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ଆକ୍ରମଣ ଘଟଣାର ନିରପେକ୍ଷ ତଦନ୍ତ ଏବଂ ନ୍ୟାୟ ପ୍ରଦାନ ପାଇଁ ବଲାଙ୍ଗିର ଜିଲ୍ଲା ସରପଞ୍ଚ ମହାସଂଘ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଆଜି ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ହୋଇଥିବା ଅମାନୁଷିକ କାର୍ଯ୍ୟକଳାପ ଘଟଣାକୁ ନେଇ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତୀବ୍ର ପ୍ରତିବାଦ କରିଥିଲେ। ପରେ ନ୍ୟାୟ ଦାବିନେଇ ସରପଞ୍ଚ ଓ ସମିତିସଭ୍ୟଙ୍କ ଦସ୍ତଖତ ଥିବା ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଜିଲା ସରପଞ୍ଚ ମହାସଂଘର ସଭାପତି ବୀରବର ସାହୁ, କାର୍ଯ୍ୟକାରୀ ସଭାପତି ବଳଦେବ ସାହୁ, ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ଗୀତାଞ୍ଜଳି ପଣ୍ଡା, ପ୍ରଦୀପ ବେହେରା, ସଞ୍ଜୟ ଗଡ଼ତିଆ, ବବିତା ପରୁଆ, ସୁଶୀଲ ଗୁରୁ, ରଞ୍ଜିତା ଭୋଇ, କୌସ୍ତୁଭ ସାହୁ, ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ସମିତିସଭ୍ୟ ବୀରେନ୍ଦ୍ର ସାହୁଙ୍କ ସମେତ ଜିଲ୍ଲାର ବହୁ ସରପଞ୍ଚ ଏବଂ ସମିତିସଭ୍ୟ ଉପସ୍ଥିତ ଥିଲେ।

## ଗାଡି ଡ୍ରାଇଭରଙ୍କ ଆତ୍ମହତ୍ୟା

ବାଲିଅନ୍ତା,୧୮।୬(ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ଅଧୀନ ହୀରାପୁର ଗ୍ରାମରେ ଜଣେ ଯୁବକ ଆଜି ବେକରେ ରସି ବାନ୍ଧି ଫ୍ୟାନ ହୁକରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ବାଲକାଟି ଫାଣ୍ଡି ଅଧୀନ ହୀରାପୁର ଗ୍ରାମ ତଳସାହିର ମିଥୁନ ଦାସ (୩୨)। ଖବର ପାଇ ବାଲକାଟି ଫାଣ୍ଡି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନେଇ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ସୂଚନା ଅନୁସାରେ ମିଥୁନ ଜଣେ ଗାଡି ଡ୍ରାଇଭର। ତେବେ ତାଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ କଣ ଜଣାପଡ଼ିନଥିବା ବେଳେ ପାରିବାରିକ କଳହରୁ ମିଥୁନ ଆତ୍ମହତ୍ୟା କରିଥିବା କୁହାଯାଉଛି। ମିଥୁନ ଭିତରପଟୁ କବାଟ ଦେଇ ଫ୍ୟାନରେ ଝୁଲି ପଡ଼ିଥିଲେ। ପରିବାର ଲୋକ ମିଥୁନକୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ମିଥୁନକୁ ମୃତ ଘୋଷଣା କରିଥିଲେ। ମିଥୁନଙ୍କର ୨ଟି ଝିଅ ଓ ଗୋଟିଏ ପୁଅ ଅଛି। ମିଥୁନଙ୍କ ପତ୍ନୀଙ୍କ ଅଭିଯୋଗକୁ ଭିତ୍ତି କରି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଚୋରା ଗଞ୍ଜେଇ ଚାଲାଣକାରୀ ମାଫିଆ ସହ କାର ଜବତ



ଫୁଲବାଣୀ,୧୮।୬(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ପକ୍ଷରୁ ପୋଲିସ ତରଫରୁ ପେଟ୍ରୋଲିଂ ବେଳେ ଚୋରା ଗଞ୍ଜେଇ ଚାଲାଣକାରୀ ମାଫିଆ ସହ ଏକ କାର ଜବତ ହୋଇଥିବା ଜଣାପଡ଼ିଛି। ଉକ୍ତ ପୋଲିସ ପେଟ୍ରୋଲିଂ କରୁ ଥିବା ସମୟ ରେ ଥାନା ଅଧିକାରୀ କେଲୁଚରଣ ଜେନାଙ୍କ ସହ ଏସଆଇ ଅଶୋକ କୁମାର ତ୍ରିପାଠୀ, ଏସଆଇ ବାସୁଦେବ ପଣ୍ଡା ଓ ସୁରେନ୍ଦ୍ର ରାଜହଂସଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିବା ବେଳେ ସିତିଗୁଡା ପଞ୍ଚାୟତ ଅନ୍ତର୍ଗତ ଜୁରୁକୁପୁଡା ଛକରେ ଏକ କାର ସହ ପୋଲିସ ହାବୁଡ଼ରେ ପଡ଼ିଥିଲା। ତଲାସୀ ପରେ କାରରେ ରଖି ଥିବା ସିଟ ମଧ୍ୟରେ ଗଞ୍ଜେଇ ପକେଟକୁ ପୋଲିସ ଜବତ କରିଥିଲେ ଉକ୍ତ ସ୍ଥାନରେ ମାଜିଷ୍ଟ୍ରେଟ ଭାବେ କ.ନୂଆ ଅତିରିକ୍ତ ତହସିଲଦାର ବସୁଧା ପ୍ରଧାନ ଉପସ୍ଥିତି ରେ ପକେଟରେ ରେ ଥିବା ୨୨ କେଜି ଗଞ୍ଜେଇ ଗଞ୍ଜେଇ ଜବତ କରିବା ସହ ମାଫିଅ ବରହମପୁର ଲାଠିର ସୁରେଶ ନାୟକ ଥାନା କେସ ୯୫/୨୬ ରେ ଏକ ଏକ ମାମଲା ରୁଜୁ କରି ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କେଲୁଚରଣ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଷ୍ଟପ ଡାଇରିଆ ପାଳନ

ଖୋର୍ଦ୍ଧା,୧୮।୬ (ସଂଚାର ବ୍ୟୁରୋ): ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ କାର୍ଯ୍ୟାଳୟ ମାତୃ ଓ ଶିଶୁ କଲ୍ୟାଣ ସଭା ଗୃହରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଷ୍ଟପ ଡାଇରିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ପରିବାର କଲ୍ୟାଣ, ଡାକ୍ତର ପ୍ରଦୀପ କୁମାର ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଭେକ୍ଟର ବାହିତ ରୋଗ, ଡାକ୍ତର ଜୀବନ୍ତ ଆଚାର୍ଜୀ, ଶିଶୁ ରୋଗ ବିଶେଷଜ୍ଞ, ଡାକ୍ତର ଅବିନାଶ ରାଉତରାୟ ସମେତ ଆଶା ଓ ଅଙ୍ଗନ୍ୱାଡ଼ି କର୍ମୀ ଯୋଗ ଦେଇଥିଲେ। ଡାଇରିଆକୁ କିପରି ରୋକିବା, ସ୍ୱଚ୍ଛତା କୁ ଆପଣେଇବା, ଓ ଆର ଏସ ପାନୀୟ ଉପରେ ଧ୍ୟାନ ରଖିବା, ଡାଇରିଆ ର ପ୍ରତିଷେଧକ ଜିଙ୍କ ବଟିକା ଏବଂ ଓ ଆର ଏସ ବ୍ୟବହାର ଉପରେ ସୁନିଶ୍ଚିତ କରିବା, ୫ ବର୍ଷର କମ ଶିଶୁଙ୍କୁ ଅଧିକ ଧ୍ୟାନରେ ରଖିବା ଉପରେ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ଶ୍ରୀ ସରୋଜ କୁମାର ସିଂ ଆଲୋକପାତ କରିଥିଲେ। ଭେକ୍ଟର ବାହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଶୁଦ୍ଧ ପିଇବା ପାଣି ପିଇବା, ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ ରେ ଧୋଇବା ତଥା ରୋଟା ଭାଇରସ ଓ ମିଳିମିଳା ଟୀକାକରଣ ଉପରେ ସଚେତନତା ସୂଚନା ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଡି ଏମ ଆର ସି ଏସ, ଶ୍ରୀମତୀ ରୋଜାଲିନ ମହାପାତ୍ର ଓ ସହାୟକ ଜନସ୍ୱାସ୍ଥ୍ୟ ସଂଚାରଣ ଅଧିକାରୀ ରବୀନ୍ଦ୍ର କୁମାର ପାରମାଣିକ ଆଶା କର୍ମୀ ମାନଙ୍କର ଆଜ ଦିନଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଘରକୁ ଘର ଯାଇ ଷ୍ଟପ ଡାଇରିଆ ବାର୍ତ୍ତା ଓ ପରାମର୍ଶ ଦେବା ଏବଂ ଓ ଆର ଏସ ଏବଂ ଜିଙ୍କ ବଟିକା ପ୍ରଦାନ କରିବାର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଘର ଓ ଚତୁର୍ପାର୍ଶ୍ୱିକ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା, ବିଶୁଦ୍ଧ ପାଣି ବ୍ୟବହାର, ହାତ ଧୋଇବା, ଖାଦ୍ୟ ପଦାର୍ଥ ଘୋଡାଇ ରଖିବା, କୂଅ ପାଣି ବିଶୋଧନ, ଶୌଚାଳୟ ବ୍ୟବହାର ଦିଗରେ ଆଶା କର୍ମୀଙ୍କ ଦାୟିତ୍ୱ ସମ୍ପର୍କରେ ମଧ୍ୟ ବକ୍ତବ୍ୟ ରଖିଥିଲେ।

## ଧାରଣାରେ ବସିଲେ ୧୯ ସ୍ୱଚ୍ଛ ଭାରତ କର୍ମୀ




ଯାଜପୁର ରୋଡ଼, ୧୮।୬(ସଂଚାର ବ୍ୟୁରୋ): ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଆଜି ମ୍ୟୁନିସିପାଲିଟିର ସଚ୍ଛଭାରତ କର୍ମୀ ସଂଘ ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ର ରଖି ୧୯ଜଣ ସ୍ୱଚ୍ଛଭାରତ କର୍ମୀଙ୍କୁ ଅନ୍ୟାୟରେ ଛଟେଇ କରାଯିବାକୁ ନେଇ 'ମହିଳା ଛଟେଇ କର୍ମଚାରୀ'ମାନେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିବା ସହ ପୁନଃନିଯୁକ୍ତି ଦାବିରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଏଠାରେ ଧାରଣ ଦେଉଥିବା ମହିଳାମାନେ ୨୦୧୯ ମସିହାରୁ ସ୍ୱଚ୍ଛ ଭାରତ କର୍ମୀ ଭାବରେ ବ୍ୟାଟେରୀ ଗାଡ଼ି ଚଳାଇ ଆସୁଥିଲେ। ସମସ୍ତ ୱାର୍ଡ଼ରେ ଅଳିଆ ଆବର୍ଜନାକୁ ଗାଡ଼ିରେ ଆଣୁଥିଲେ ଓ କରୋନା ସମୟରେ ମଧ୍ୟ ଏହି କାମ ଏମାନେ କରିଛନ୍ତି। ପୌରସହରର ଥିବା ୨୬ଟି ୱାର୍ଡ଼ରେ ନାଗରିକ ମାନଙ୍କୁ ମଧ୍ୟ ସ୍ୱଚ୍ଛତା ସେବା ଯୋଗାଇ ଆସୁଛନ୍ତି। କିନ୍ତୁ ଗତ ମେ ମାସର ୧୬ ତାରିଖ ଦିନ ବିନା ନୋଟିସ୍‌ରେ ୧୯ ଜଣ ମହିଳା କର୍ମଚାରୀଙ୍କୁ ଛଟେଇ କରାଯାଇଥିବା ବେଳେ ଆଉ ୭ ଜଣ ସ୍ୱଚ୍ଛ ଭାରତ କର୍ମୀଙ୍କୁ କିନ୍ତୁ କାର୍ଯ୍ୟରେ ରଖାଯାଇଛି। ଯାହାକି ଶ୍ରମ ଆଇନର ଖୋଲାଖୋଲି ଉଲଙ୍ଘନ କରୁଛି ଏବଂ ଉକ୍ତ ଛଟେଇ କେତେ ଦୂର ଆଇନ ସମ୍ମତ ଓ ଯଥାର୍ଥ ତାହାକୁ ନେଇ ଧାରଣା ସ୍ଥଳରେ ବସିଥିବା ମହିଳା ମାନେ ପ୍ରଶ୍ନ ଉଠାଇଛନ୍ତି। ତେଣୁ ୧୯ଜଣ ଛଟେଇ କରାଯାଇଥିବା ସ୍ୱଚ୍ଛ ଭାରତ କର୍ମୀଙ୍କୁ ତୁରନ୍ତ ପୁନଃନିଯୁକ୍ତି ନଦେଲେ ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଧିଷ୍ଟ ସମୟ ପର୍ଯ୍ୟନ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।ତେବେ ଏପଟେ ଏହି ଧାରଣା ସମୟରେ ସ୍ୱଚ୍ଛଭାରତ କର୍ମୀ ସାବିତ୍ରୀ ମଣ୍ଡଳ ଅସୁସ୍ଥ ହୋଇ ପଡ଼ିଥିଲେ ତାଙ୍କୁ ଯାଜପୁର ରୋଡ଼ ମେଡ଼ିକାଲକୁ ନିଆଯାଇଥିଲା।

### ବାଲି ଉଠାଣରେ ସୃଷ୍ଟି ହୋଇଥିବା କୃତ୍ରିମ ପୋଖରୀ ନେଲା ଛାତ୍ରଙ୍କ ଜୀବନ

## ସାଙ୍ଗ ଆଖି ଆଗରେ ବୁଡ଼ିଗଲେ ପ୍ରସନଜିତ୍



ଯାଜପୁର,୧୮।୬(ସଂଚାର ବ୍ୟୁରୋ): ଯାଜପୁର ସହର ଦେବୀଗଡ଼ା ଘାଟଠାରେ ବୈତରଣୀ ନଦୀରେ ବେଆଇନ ବାଲି ଉଠାଣ ପରେ ନଦୀ ଭିତରେ ସୃଷ୍ଟି ହୋଇଥିବା ବିଶାଳ କୃତ୍ରିମ ପୋଖରୀ ପୁଣି ନେଇଛି ଏକ ନିରୀହ ଜୀବନ।ଶୁକ୍ରବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିବା ବେଳେ ଜଣେ ୧୬ ବର୍ଷୀୟ ଛାତ୍ରଙ୍କ ବୁଡ଼ି ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ପ୍ରଶାସନର ଉଦାସୀନତାକୁ ନେଇ ସାଧାରଣରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ମୃତ ଛାତ୍ର ହେଲେ ପ୍ରସଞ୍ଜିତ ନାୟକ (୧୬)। ତାଙ୍କ ଘର ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକର ବରାହ ନୂଆପଡ଼ା ଗାଁରେ। ସେ ଯାଜପୁର ନଗରସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ।ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧ଟା ସମୟରେ ପ୍ରସଞ୍ଜିତ ତାଙ୍କ ଦୁଇ ସାଙ୍ଗ ଦିବ୍ୟଂ ଜ୍ୟୋତି ଜେନା ଓ ରାକେଶ ଜେନାଙ୍କ ସହ ଦେବୀଗଡ଼ା ଘାଟକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ବାଲି ଉଠାଣ ଯୋଗୁଁ ସୃଷ୍ଟି ହୋଇଥିବା ଗଭୀର କୃତ୍ରିମ ପୋଖରୀରେ ସେ ହଠାତ୍ ଖସି ପଡ଼ି ଗଭୀର ପାଣିରେ ବୁଡ଼ିଯାଇଥିଲେ। ସାଙ୍ଗମାନେ ଚିତ୍କାର କରି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଅନେକ ଖୋଜାଖୋଜି ପରେ ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ପ୍ରସଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ।ଘଟଣା ପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ପୁଅର ଅକାଳ ବିୟୋଗରେ ପରିବାର ଲୋକଙ୍କ କାନ୍ଦବୋବାଳିରେ ପରିବେଶ ଭାରାକ୍ରାନ୍ତ ହୋଇପଡ଼ିଥିଲା।ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ଦେବୀଗଡ଼ା ଘାଟ ଅଞ୍ଚଳରେ ଦୀର୍ଘଦିନ ଧରି ବାଲି ଉଠାଣ ଫଳରେ ବିରାଟ ଗଭୀର ଗାତ ସୃଷ୍ଟି ହୋଇଛି। ବିପଦ ସମ୍ପର୍କରେ ପ୍ରଶାସନ ଅବଗତ ଥିଲେ ମଧ୍ୟ ନା ଚେତାବନୀ ବୋର୍ଡ ଲଗାଯାଇଛି, ନା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଫଳରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ନିରବ ଦର୍ଶକ ସାଜିଥିବା ଅଭିଯୋଗ ହେଉଛି।

## ଲାଇନ କାଟିବାକୁ ନେଇ ବଢୁଛି ଅସନ୍ତୋଷ



ବାଲିଆପାଳ, ୧୮।୬(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବସ୍ତା ଗ୍ରୀଡ଼ ଅଧୀନ ରେ ଥିବା ଅଧିକାରୀ ମାନଙ୍କ ର ମନମାନି କୁ ନେଇ ବଢୁଛି ଅସନ୍ତୋଷ ସୂଚନା ଅନୁସାରେ ଆଜି ବସ୍ତା ଗ୍ରୀଡ଼ ଅଧୀନ ରେ ଦିନ ଗୋଟାଏ ପଚାଶ ମିନିଟ ଠାରୁ ହଠାତ ଲାଇନ କଟାଯାଇଥିଲା। ସେହିସମୟ ରେ ଦିନ ର ତାପମାତ୍ରା ୩୫ ଡିଗ୍ରୀ ରହିଥିବା ବେଳେ, ଗରମ ରେ ଲୋକେ ଛଟ ପଟ ହେଉଥିବା ଦେଖିବାକୁ ମିଳିଥିଲା। କିଏ ଟିପିଏନ୍‌ଓଡିଏଲ୍ ର କଷ୍ଟମର କେୟାର ନମ୍ବର କୁ କଲ କରୁଥିଲା ତ କିଏ ଜେଇ, ଏସଡ଼ିଓ ଙ୍କୁ ଫୋନ କରି ଜଲଦି ଲାଇନ ଦେବାକୁ ନିବେଦନ କରୁଥିଲେ। ତେବେ ଦୀର୍ଘ ଏକ ଘଣ୍ଟା କୋଡିଏ ମିନିଟ ଲାଇନ କାଟ ମଧ୍ୟରେ ଟିପିଏନ୍‌ଓଡିଏଲ୍ ଟିପିଏନ୍‌ଓଡିଏଲ୍ ର ଅଧିକାରୀ ମାନଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଥିଲା। କୌଣସି ଖବର ନଦେଇ ଗ୍ରୀଡ଼ ପକ୍ଷରୁ ପାୱାର କାଟ କରଯାଇଥିବା କଷ୍ଟମାରକେୟାର ପକ୍ଷରୁ ଲୋକମାନଙ୍କୁ ସଫେଇ ଦିଆଯାଇଥିବା ବେଳେ, ପ୍ରକୃତ କାରଣ କୁ ନେଇ ଟିପିଏନ୍‌ଓଡିଏଲ୍ ର ଅଧିକାରୀ ମାନେ ବ୍ୟସ୍ତ ବିବ୍ରତ ହୋଇପଡିଥିବା ଦେଖିବାକୁ ମିଳିଥିଲା। ତେବେ ଏହା କେବଳ ଆଜିର ଘଟଣା ନୁହଁ, ବାରମ୍ବାର ଗ୍ରୀଡ଼ କର୍ତୃପକ୍ଷ କୌଣସି ଖବର ନ ଦେଇ ମନଇଛା ପାୱାର କାଟ କରୁଥିବା ରୁ ସାଧାରଣ ରେ ଉଠୁଛି ଅନେକ ପ୍ରଶ୍ନ। ସରକାର ୨୪ ଘଣ୍ଟା ଲାଇନ ଯୋଗାଇ ଦେବାକୁ ଜନସାଧାରଣ ଙ୍କୁ ପ୍ରତିଶୃତି ଦେଉଥିବା ବେଳେ ବସ୍ତା ଗ୍ରୀଡ଼ ର ଅଧିକାରୀ ଆନନ୍ଦ ସାହୁ, ଏବଂ ଦେବାଶିଷ ପଣ୍ଡା କାହାରିକୁ ଯୋଗାଯୋଗ ନ କରି ଗ୍ରୀଡ଼ରୁ ଲାଇନ କାଟି ଦେବା ଦୁଃଖ ଓ ପରିତାପର ବିଷୟ ପାଲଟିଛି.ତେବେ ଘଟଣା କୁ ନେଇ ଗ୍ରୀଡ଼ ର ଉଭୟ ଅଧିକାରୀ ଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ରିସିଭ କରି ନ ଥିଲେ।

## ଶିବ-ପାର୍ବତୀ ବିବାହ ଉତ୍ସବ: ଦେବ ବିବାହ ସମ୍ପନ୍ନ



ସତ୍ୟବାଦୀ, ୧୮।୬ (ସଂଚାର ବ୍ୟୁରୋ): ଶୀତଳ ଷଷ୍ଠୀ ପର୍ବର ଅବ୍ୟବହିତ ପୂର୍ବରୁ ବିଭିନ୍ନ ଶୈବ ପୀଠ ଓ ଗ୍ରାମ୍ୟ ମନ୍ଦିରରେ ଦେବାଦିଦେବ ମହାଦେବଙ୍କ ବୈଦିକ ରୀତିନୀତିରେ ବିବାହ ଉତ୍ସବ ଭକ୍ତି ଓ ଆଡ଼ମ୍ବରର ସହ ସମ୍ପନ୍ନ ହୋଇଛି। ପ୍ରଥମ ଥର ପାଇଁ ସେବକସାହି ଗ୍ରାମର ଅନନ୍ତେଶ୍ୱର ଦେବଙ୍କ ବିବାହ ଉତ୍ସବ ଆୟୋଜିତ ହୋଇଥିଲା। ସୁସଜ୍ଜିତ ରଥରେ ବୃଷଭ ପୃଷ୍ଠରେ ବିରାଜମାନ ଅନନ୍ତେଶ୍ୱର ଦେବ ବରଯାତ୍ରୀଙ୍କ ସହ ଶୋଭାଯାତ୍ରାରେ ବିବାହ ମଣ୍ଡପରେ ପହଞ୍ଚିଥିଲେ। କନ୍ୟା ପକ୍ଷ ତରଫରୁ ନିମନ୍ତ୍ରଣ, ବାଟବରଣ, ଫୁଲ, ଚନ୍ଦନ, ଫୁଲମାଳ ଓ ବସ୍ତ୍ର ପ୍ରଦାନ କରାଯାଇ ଠାକୁର ଓ ବରଯାତ୍ରୀଙ୍କୁ ପାଛୋଟି ନିଆଯାଇଥିଲା। ସୂର୍ଯ୍ୟ ପ୍ରସାଦ ରଥ ଓ ମାନସୀ ରଥ ଶାସ୍ତ୍ରୀୟ ବିଧିରେ କନ୍ୟାଦାନ କରିଥିବା ବେଳେ ଅର୍ପିତା ବିଶ୍ୱନାଥ ମହାପାତ୍ର ଓ ତପସ୍ୱିନୀ ମହାପାତ୍ର ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପଦ୍ମନାଭ ଷଡ଼ଙ୍ଗୀ ଓ ରବି ନାରାୟଣ ମହାପାତ୍ର ପୁରୋହିତ ଭାବେ ଏବଂ ସୋମନାଥ ମହାପାତ୍ର ଓ ବ୍ରଜରାଜ ପଣ୍ଡା ପୂଜକ ଭାବେ ଦେବନୀତି ସମ୍ପାଦନ କରିଥିଲେ। ଏହି ଅବସରରେ ମନ୍ଦିରକୁ ଫୁଲମାଳ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିବା ବେଳେ ବାଜା, ବାଣ ଓ ରୋଷଣୀ ସହ ଆୟୋଜିତ ଶୋଭାଯାତ୍ରାରେ ସେବକସାହି ଓ ସେନାପତିସାହି ଗ୍ରାମବାସୀ ସାମିଲ ହୋଇଥିଲେ।ଏହି ଅବସରରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ୪ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଭୀମସେନ ପାଇକରାୟ ଉପସ୍ଥିତ ରହି ବରଯାତ୍ରୀଙ୍କୁ ଲଡୁ ବାଣ୍ଟିଥିଲେ।ସେହିପରି ସାକ୍ଷୀଗୋପାଳ ମନ୍ଦିରରେ ଗୁପ୍ତେଶ୍ୱର ଓ ପାର୍ବତୀଙ୍କ ବିବାହ ମଧ୍ୟ ଅନୁଷ୍ଠିତ ହୋଇଥିଲା। କନ୍ୟା ପିତା ଭାବେ ବିଜୟ ମହାପାତ୍ର ଏବଂ ଅର୍ପିତା କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହଯୋଗରେ ପୁରୋଧା ହରିହର ଦାଶ ଓ ଗୋପୀନାଥ ଦାଶ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହାଛଡ଼ା ରତ୍ନେଶ୍ୱର, ବରାଳ ବାଲୁଙ୍କେଶ୍ୱର, ଗଣେଶ୍ୱର, କୋଶଳେଶ୍ୱର, ଲୋକନାଥ ଓ ନୀଳକଣ୍ଠେଶ୍ୱର ଦେବଙ୍କ ବିବାହ ଉତ୍ସବ ମଧ୍ୟ ଆୟୋଜିତ ହୋଇଥିଲା।

## ଆଇସକ୍ରିମରେ ଗେଣ୍ଡା



ନୀଳଗିରି, ୧୮।୬ (ସଂଚାର ବ୍ୟୁରୋ): ନୀଳଗିରି ଅଞ୍ଚଳରେ ଆଇସକ୍ରିମରେ ଗେଣ୍ଡା ବାହାରିବା ଘଟଣା କୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗତ କାଲି ଆଇସକ୍ରିମ ଖାଇବାକୁ ଭାଲୁକପୋଷି ଛକ ନିକଟ ଚଣ୍ଡିଗଡ଼ ଅଞ୍ଚଳକୁ ଦୌଡ଼ିଥିଲେ ସ୍ଥାନୀୟ ଅକ୍ଷୟ ମୁଖୀଙ୍କ ନାତିମାନେ। ବରହମପୁର ଅଞ୍ଚଳର ଜଣେ ବେପାରୀ ଏଠାରେ ଆଇସକ୍ରିମ ବିକ୍ରି କରି ଅନ୍ୟ ଗାଁକୁ ପଳାଇଥିଲା। ପିଲାଟି ନଡ଼ିଆ ଆଇସକ୍ରିମ ଖାଇ ଚାଲିଥିବା ବେଳେ ଆଇସ ସରି ଆସିବା ବେଳକୁ ଏହା ଭିତରେ ଏକ ଗେଣ୍ଡା ଲାଗିଥିବା ଦେଖିବାକୁ ମିଳିଥିଲା। ଯାହା ପିଲାଙ୍କ ଜୀବନ ପ୍ରତି ବିପଦ ରହିଥିବା ହୋଇଛି। ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଉକ୍ତଅଞ୍ଚଳ ରେ ଆଇସକ୍ରିମ ବିକୁଥିବା ବ୍ୟବସାଇ ଙ୍କୁ ତଦାରଖ କରିବାସହିତ ଆଇସକ୍ରିମ କାରଖାନାର ମାଲିକଙ୍କୁ ଗିରଫ କରିବାକୁ ଅଞ୍ଚଳରେ ଦାବି ହୋଇଛି।

- ସରପଞ୍ଚ ଚାମେଲି ଓଝାଙ୍କ ଉପରେ ପୁଲିସ୍ କର୍ମଚାରୀ ଓ ରାଜନେତାଙ୍କ ଅମାନବୀୟ ଅତ୍ୟାଚାର ପ୍ରସଙ୍ଗ

## ଅନ୍ୟାୟକୁ ବିରୋଧ ଓ ନ୍ୟାୟ ପ୍ରଦାନ ଦାବିରେ ସର୍ବଦଳୀୟ ଗଣଧାରଣା




ନୀଳଗିରି,୧୮।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ଗ୍ରାମ ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ଙ୍କ ଉପରେ ରାଜ୍ୟ ପୋଲିସ୍ କର୍ମଚାରୀ ଓ ରାଜନେତାଙ୍କ ଅମାନବୀୟ ଅତ୍ୟାଚାର ବିରୋଧରେ ନୀଳଗିରିରେ ସର୍ବଦଳୀୟ ଗଣଧାରଣା ଦିଆଯାଇଥିଲା। ଏନେଇ ନୀଳଗିରିରେ ବିଜେଡ଼ି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ସିପିଆଇ ନେତା ନିରଞ୍ଜନ ବାରିକ, ଦକ୍ଷିଣ ନରସିଂହ ପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଦ୍ୟାଧରମହାନ୍ତି, ସିପିଆଇ(ଏମ) ଦଳ ନେତା ବିଜୟ କୁମାର ପାତ୍ର ଙ୍କ ନେତୃତ୍ୱ ରେ ପୂର୍ବାହ୍ନ ୧୧ଘଟିକା ସମୟରେ ନୀଳଗିରିଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଚାମେଲି ଓଝାଙ୍କ ଉପରେ ହୋଇଥିବା ସମସ୍ତ ମୋକଦ୍ଦମାକୁ ହଟାଯାଉ ଓ ତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ, ଏହିଭଳିଘଟଣାଘଟାଇଥିବା ସରକାରୀ ଅଧିକାରୀଙ୍କୁ ଚାକିରୀରୁ ନିଲମ୍ବନ ସହିତ ଗିରଫ୍ ଦାବୀ, ମୁଖ୍ୟ ଅଭିଯୁକ୍ତ ଙ୍କୁ ଉଚିତ୍ ଦଣ୍ଡ ବିଧାନ ପାଇଁ ଦାବୀକରାଯାଇଥିଲା। ପରେ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟ ରେ ଏକ ସ୍ମାରକୀ ପତ୍ର ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଯୋଗାନନ୍ଦ ଦାଶ, ଅଜୟ ପଟ୍ଟନାୟକ, ଗାୟତ୍ରୀ ପଣ୍ଡା, ରବୀନ୍ଦ୍ର ପରିଡ଼ା, ବିଜୟ କୁମାର ସ, ଗଙ୍ଗାଧର ମିଶ୍ର, ଅଚ୍ୟୁତ ପ୍ରଧାନ, ସୁନୀଲ ପ୍ରଧାନ, ବୁଦ୍ଧଦେବ ସରକାର, ପ୍ରକାଶ ସିଂ, କୁଳମଣି ନାୟକ, ବ୍ଲକର ଜନ ପ୍ରତିନିଧି, ଦଳୀୟ ନେତା ଓ କର୍ମୀ ଏହି ବିକ୍ଷୋଭ ରେ ସାମିଲ ଥିଲେ।

### ଝିଅ ଜନ୍ମ ହେବାରୁ ସ୍ତ୍ରୀ ଓ ନବଜାତକୁ ଘରେଛାଡି ସ୍ୱାମୀ ଫେରାର

## ଶିଶୁ ସହ ମା'କୁ ମେଡିକାଲରେ ଭର୍ତ୍ତି କଲେ ଆଶାକର୍ମୀ



ଫୁଲବାଣୀ, ୧୮।୬(ସଂଚାର ବ୍ୟୁରୋ): ବିବାହ ବନ୍ଧନରେ ବାନ୍ଧି ହେଲା ପରେ ସ୍ୱାମୀ ଯେ ଏତେ ନିଷ୍ଠୁର ହୋଇପାରେ ତାହା କଳ୍ପନା ମଧ୍ୟ କରିହେବ ନାହିଁ ଏଭଳି ଜଣେ ସ୍ୱାମୀ ନିଜ ସ୍ତ୍ରୀ ପ୍ରତି କରିଥିବା ନିଷ୍ଠୁରତା ଭଳି ଏକ ଅଭାବନୀୟ ଖବର ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପାଙ୍ଗା ଉପର ସାହି ପଞ୍ଚାୟତ ର କାଳାଡି ଗାଁରୁ ଝିଅ ଜନ୍ମ ହେବା ଜାଣିବା ପରେ ସ୍ୱାମୀ ଜଣକ ନବଜାତ ଶିଶୁ ଓ ନିଜର ବିବାହିତ ସ୍ତ୍ରୀ କୁ ଘରେ ଏକୁଟିଆ ଛାଡି ଫେରାର ହୋଇଯିବା ଓ ପରେ ଖବର ପାଇଁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଆଶା କର୍ମୀଙ୍କ ସହଯୋଗରେ ଉଭୟ ମା ଓ ଶିଶୁ ମେଡିକାଲ ରେ ଭର୍ତି ହେବା ପରେ ଏଭଳି ଏକ ସାଙ୍ଘାତିକ ଘଟଣା ସାମନା କୁ ଆସିଛି ଏହି ପାଙ୍ଗା ଉପସାହି ପଞ୍ଚାୟତ ଅଧୀନରେ ଥିବା କାଳାଡି ଗ୍ରାମର ରଘୁନାଥ କହଁର ଙ୍କ ସ୍ତ୍ରୀ ପଦ୍ମା କହଁର ନିଜ ଘରେ ମଙ୍ଗଳବାର ରାତି ପ୍ରାୟ ଦଶ ଟା ସମୟରେ ଏକ କନ୍ୟା ସନ୍ତାନ କୁ ଜନ୍ମ ଦେଇଥିଲେ କନ୍ୟା ସନ୍ତାନ କୁ ଜନ୍ମ ଦେବା ପରେ ନବଜାତ ଶିଶୁ ଓ ମାକୁ ସ୍ୱାମୀ ରଘୁନାଥ ଘରେ ଛାଡି ଦେଇ ଘରୁ କୁଆଡେ ଫେରାର ହୋଇଯାଇଥିଲେ ଏମିତିକି ମହିଳା ଜଣକ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ଜାଣିବା ପରେ ତାଙ୍କ ପରିବାର ଲୋକ ମଧ୍ୟ ମହିଳା ଜଣକୁ କୌଣସି ପ୍ରକାର ସହଯୋଗ କରିନଥିଲେ ସକାଳେ ସ୍ଥାନୀୟ ଆଶା କର୍ମୀ ସୁଲୋଚନା ଦିଗାଲ ମହିଳା ଙ୍କ ଘରକୁ ଯାଇ ଉଭୟ ନବଜାତ ଶିଶୁ ଓ ମହିଳା ଙ୍କ ଅବସ୍ଥା ଗୁରୁତର ଥିବା ଦେଖିବାକୁ ପାଇଥିଲେ ପରେ ପରିବାର ଲୋକଙ୍କୁ ମେଡିକାଲ ନେବା ପାଇଁ କହିବାରୁ ପରିବାର ଲୋକେ ସମ୍ପୂର୍ଣ୍ଣ ମନା କରିଦେଇଥିଲେ ବାଧ୍ୟ ହୋଇ ଆଶା କର୍ମୀ ଜଣକ ଗାଁ ର କିଛି ଲୋକଙ୍କ ସହାୟତାରେ ମହିଳା ଜଣକୁ ବହୁ କଷ୍ଟରେ ପ୍ରଥମେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତି କରିଥିଲେ ଫିରିଙ୍ଗିଆ ମେଡିକାଲ ରେ ମହିଳା ଓ ନବଜାତ ଶିଶୁ ଙ୍କୁ ଭର୍ତି କରିବାର ଚାରି ରୁ ପାଞ୍ଚ ଘଣ୍ଟା ବିତିଯାଇଥିଲେ ମଧ୍ୟ ତାଙ୍କ ସ୍ୱାମି କିମ୍ବା କୌଣସି ପରିବାର ଲୋକେ ନଆସିବାରୁ ଦାୟିତ୍ୱ ରେ ଥିବା ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ମାଝୀ ପୁଲିସ କୁ ଖବର ଦେଇଥିଲେ ପରେ ମହିଳା ଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ନଥିବାରୁ ପୁଲିସ ଓ ବିଧାୟକଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଦାୟିତ୍ୱ ରେ ଥିବା ଅକ୍ଷୟ କୁମାର କଟା ପହଞ୍ଚି ସମ୍ପୃକ୍ତ ମହିଳା ଓ ନବଜାତ ଶିଶୁଙ୍କୁ ସେହି ଆଶା କର୍ମୀ ଙ୍କ ଜରିଆରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଚିକିତ୍ସା ପାଇଁ ପଠେଇ ଦେଇଛନ୍ତି।

### ପାଣିରେ ବୁଡ଼ି ମୃତ୍ୟୁ ରୋକିବାକୁ ଅଣ୍ଟା ଭିଡ଼ିଲେ ମୁଖ୍ୟ ସଚିବ

# ସହରାଞ୍ଚଳ ପିଲାଙ୍କୁ ଦିଆଯିବ ସୁଇମିଂ ଟ୍ରେନିଂ

ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ରାଜ୍ୟରେ ବିଭିନ୍ନ ନଦୀ, କେନାଲ, ଜଳାଶୟ ଏବଂ ସମୁଦ୍ର ଆଦିରେ ପାଣିରେ ବୁଡ଼ି ମୃତ୍ୟୁ ଘଟୁଥିବା ଭଳି ଦୁର୍ଘଟଣା ଏକ ଗଭୀର ଚିନ୍ତାଜନକ ବିଷୟ। ପ୍ରତିବର୍ଷ ଏଥିଯୋଗୁଁ ଶହ ଶହ ସଂଖ୍ୟାରେ ଜୀବନହାନି ଘଟୁଛି। ସୂଚନାନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୯ ହଜାର ଜଣ ପାଣିରେ ବୁଡ଼ିଯିବା

- ୫ ବର୍ଷରେ ପାଣିରେ ବୁଡ଼ି ମଲେଣି ୯ହଜାର
- ବ୍ଲାକସ୍ପଟ୍ ଭାବେ ଚିହ୍ନଟ ହେବ ବିପଦସଙ୍କୁଳ ଜଳାଶୟ

ହେତୁ ପ୍ରାଣ ହରାଇଛନ୍ତି, ଯାହା ମଧ୍ୟରେ ଅଧିକାଂଶ ଶିଶୁ ଓ ଯୁବବର୍ଗ ରହିଛନ୍ତି। ଅସାବଧାନତା ହେତୁ ତଥା ବିଭିନ୍ନ କାରଣରୁ ପୋଖରୀ, ଖୋଲା କୂଅ, ବିପଦପୂର୍ଣ୍ଣ ଜଳାଶୟ, ନଦୀଘାଟ, ସମୁଦ୍ର, ଜଳପ୍ରପାତ ଓ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ



ଏପରି ଜଳବୁଡ଼ି ଘଟଣା ଦେଖାଦେଉଛି।

ଏହି ପରିପ୍ରେକ୍ଷୀରେ ପାଣିରେ ବୁଡ଼ି ମୃତ୍ୟୁକୁ ରୋକିବା ପାଇଁ ପ୍ରତିକାରାତ୍ମକ ବ୍ୟବସ୍ଥା ଓ ଜନ ସଚେତନତା ସୃଷ୍ଟି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଏକ ସମୀକ୍ଷା ବୈଠକ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସରକାରୀ ବିଭାଗ, ସ୍ଥାନୀୟ ପ୍ରଶାସନ, ବିଭିନ୍ନ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନ ଓ ଜନସାଧାରଣଙ୍କ ମିଳିତ ସହଯୋଗ ଦ୍ୱାରା ପ୍ରତିକାରାତ୍ମକ ବ୍ୟବସ୍ଥା ଫଳରେ ଜଳରେ ବୁଡ଼ି ମୃତ୍ୟୁ ଦୁର୍ଘଟଣାରୁ ମୂଲ୍ୟବାନ ଜୀବନକୁ ରକ୍ଷା କରାଯାଇପାରିବ ବୋଲି ଅଗ୍ନିଶମ ଡିଜି କହିଥିଲେ। ଆଗାମୀ ଦିନରେ ଭୌଗୋଳିକ ସ୍ଥିତି ଓ ଜଳାଶୟର ପ୍ରକୃତିକୁ ଆଧାରରେ ତଥ୍ୟ ବିଶ୍ଳେଷଣ କରାଯାଇ ବିପଦପୂର୍ଣ୍ଣ ସ୍ଥାନ ବା 'ବୁଡ଼ି ପ୍ରବଣ ବ୍ଲାକ୍ ସ୍ପଟ୍'ଗୁଡ଼ିକୁ ଚିହ୍ନଟ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ତରରେ ଅତି କମ୍‌ରେ ଜଣେ ଦୁଇ ଜଣଙ୍କୁ ସ୍ଥାନୀୟ ଜୀବନରକ୍ଷକ (ଲାଇଫ୍‌ଗାର୍ଡ) ରୂପେ ପ୍ରଶିକ୍ଷଣ ଦିଆଯିବାକୁ ପ୍ରସ୍ତାବ ଦିଆଯାଇଛି। ସମସ୍ତ ବିପଦପୂର୍ଣ୍ଣ ସ୍ଥାନରେ ସତର୍କ ସଂକେତ, ସୁରକ୍ଷା ରେଲିଂ, ବ୍ୟାରିକେଡ୍ ବ୍ୟବସ୍ଥା ଆଦି ସୁନିଶ୍ଚିତ କରାଯିବ। ସମୁଦ୍ରରେ ସ୍ନାନ ସମୟରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଥିପାଇଁ ସୁରକ୍ଷିତ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଭାସମାନ ବୁଏ, ଦଉଡ଼ି ଆଦି ସାଙ୍କେତିକ ସତର୍କ ବ୍ୟବସ୍ଥା ସହ ଅନ୍ୟ ରାଜ୍ୟ ଓ ଦେଶରେ ପ୍ରଚଳିତ ଉତ୍ତମ ସୁରକ୍ଷା ବ୍ୟବସ୍ଥାଗୁଡ଼ିକର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯିବ। ଖୋଲା କୂଅରେ ଆବରଣଯୁକ୍ତ ତାରଜାଲି ବ୍ୟବସ୍ଥା, ପର୍ଯ୍ୟଟନ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ବିଭିନ୍ନ ବିପଦସଂକୁଳ ସ୍ଥଳୀମାନଙ୍କରେ ଲାଇଫ୍ ଗାର୍ଡ ମୁତୟନ କରାଯିବାକୁ ଆଲୋଚନା କରାଯାଇଛି। ଏହାବ୍ୟତୀତ ପହଁରିବାକୁ ଏକ ଜୀବନ ରକ୍ଷାକାରୀ କୌଶଳ ଭାବେ ଗ୍ରହଣ କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ମଧ୍ୟରେ ବ୍ୟାପକ ଭାବେ ପହଁରା ପ୍ରଶିକ୍ଷଣ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି।

## ଆଧ୍ୟାତ୍ମିକତା ଓ ଲୋକ ସଂସ୍କୃତିର ସମାହାର 'ଶୀତଳ ଷଷ୍ଠୀ'

ଭୁବନେଶ୍ୱର/ସମ୍ବଲପୁର, ୧୮।୬ (ସଂଚାର ବ୍ୟୁରୋ) : ଓଡ଼ିଶାର ଗୌରବମୟ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ବ 'ପବିତ୍ର ଶୀତଳ ଷଷ୍ଠୀ' ଅବସରରେ ସମଗ୍ର ଓଡ଼ିଶାବାସୀ, ବିଶେଷକରି ସମ୍ବଲପୁରର ଗୁରୁଜନ, ମା', ଭଉଣୀ ଓ ଭାଇମାନଙ୍କୁ ଏକ ଭିଡିଓ ବାର୍ତ୍ତା ଯୋଗେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆମ ଓଡ଼ିଆ ଜାତିର ସଂସ୍କୃତି ହେଉଛି ଭାବ ଓ ଭକ୍ତିର ସଂସ୍କୃତି। ଏଠାରେ ପ୍ରତିଟି ପରମ୍ପରା ପଛରେ ସମାଜ ମଙ୍ଗଳର ଏକ ମହାନ୍ ବାର୍ତ୍ତା ଲୁଚି ରହିଥାଏ। ଯେତେବେଳେ ପ୍ରଚଣ୍ଡ ଖରାରେ ଧରିତ୍ରୀ ଆକୁଳ ହୋଇଉଠେ, ସେତେବେଳେ ସଂସାରକୁ ସୁଖ ଓ ଶୀତଳତା ପ୍ରଦାନ କରିବାକୁ ପ୍ରଭୁ ଶିବ ନିଜେ ଆଗେଇ ଆସନ୍ତି। ସେପରି ଏକ ଅନନ୍ୟ ଆଧ୍ୟାତ୍ମିକ ଓ ସାମାଜିକ ପରମ୍ପରା ହେଉଛି 'ପବିତ୍ର ଶୀତଳ ଷଷ୍ଠୀ'। ଶ୍ରୀ ପ୍ରଧାନ ଏହି ପର୍ବର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି କହିଛନ୍ତି ଯେ ଶୀତଳ ଷଷ୍ଠୀର ସବୁଠାରୁ ବଡ଼ ସ୍ୱତନ୍ତ୍ରତା ହେଉଛି ଏହାର 'ମାନବୀୟ ଲୀଳା'। ଯେଉଁଠି ସ୍ୱୟଂ ଭଗବାନ ଜଣେ ସାଧାରଣ ମଣିଷ ଭଳି ବରଯାତ୍ରୀ ନେଇ କନ୍ୟାପିତାଙ୍କ



କେନ୍ଦ୍ରମନ୍ତ୍ରୀଙ୍କ ଶୁଭେଚ୍ଛା

- ଓଡ଼ିଆ ଜାତିର ସଂସ୍କୃତି ଭାବ ଓ ଭକ୍ତିର ସଂସ୍କୃତି
- 'ଏକ ପେଡ୍ ମା' କେ ନାମ' ଅଭିଯାନରେ ସାମିଲ ହେବାକୁ ନିବେଦନ

ଦୁଆରକୁ ଯାଆନ୍ତି। ଏହି ଉତ୍ସବରେ ଜଣେ ସାଧାରଣ ମଣିଷ ଭଗବାନଙ୍କ ଉପରେ ନିଜର ଅଧିକାର ଜାହିର୍ କରେ ଓ ପ୍ରଭୁ ମଧ୍ୟ ଭକ୍ତର ଗୁହାରୀ ଶୁଣି ତା'ର ସୁଖଦୁଃଖରେ ସାମିଲ ହୁଅନ୍ତି। ଏହି ଅବସରରେ ସମଗ୍ର ସମାଜ ଭେଦଭାବ ଭୁଲି ଏକାଠି ହୋଇଥାଏ।

ଶୀତଳ ଷଷ୍ଠୀ କେବଳ ଏକ ପର୍ବ ନୁହେଁ, ଏହା ଆମ ଓଡ଼ିଆ ସଂସ୍କୃତିର ଅନନ୍ୟ ଗାରିମା ଓ ଭାବମୟ ପରିଚୟ। ଏହା ଆଧ୍ୟାତ୍ମିକତା, ଧର୍ମଧାରା ଓ ଲୋକ ସଂସ୍କୃତିର ବିରଳ ସମାହାର। 'ଥାଳ ଉଠା', 'ପତର ପେଣ୍ଡି', 'ଗୁଆ ଗୁଣା', 'ଦେବ ନିମନ୍ତ୍ରଣ', 'ଦେବ ବିବାହ' ଓ 'ନଗର ପରିକ୍ରମା' ଭଳି ପ୍ରତିଟି ପାରମ୍ପରିକ ରୀତିନୀତି ଏହି ପର୍ବକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି। ମାତା ପାର୍ବତୀ ଓ ପ୍ରଭୁ ଶିବଙ୍କର ଏହି ବିବାହ ପଛରେ ସମଗ୍ର ଜଗତର କଲ୍ୟାଣ ଚେତନା ରହିଛି। ଶୀତଳ ଷଷ୍ଠୀ ଦେଶର 'ଇନଟାଞ୍ଜିବଲ୍ କଲଚରାଲ ହେରିଟେଜ'ର ଏକ ଭବ୍ୟ ରୂପ, ଯେଉଁଠି ବିଭିନ୍ନ ଲୋକକଳା, ସାଂସ୍କୃତିକ ବାଦ୍ୟ, ପାରମ୍ପରିକ ନୃତ୍ୟ ଓ ଲୋକଗୀତର ଏକ ଅପୂର୍ବ ମହାସଙ୍ଗମ ଦେଖିବାକୁ ମିଳେ। ଭାରତ ସରକାର ଏହି ଅନନ୍ୟ ଲୋକ ସଂସ୍କୃତିକୁ ସମ୍ମାନ ଜଣାଇ ଏକ ସ୍ମାରକୀ ଡାକଟିକେଟ ପ୍ରଚଳନ କରିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ତାଙ୍କ ବାର୍ତ୍ତାରେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ ଶୀତଳ ଷଷ୍ଠୀ ପ୍ରକୃତିକୁ ସୁରକ୍ଷା ଦେବାର ଓ ପରିବେଶକୁ ସବୁଜ ସୁନ୍ଦର କରିବାର ଏକ ମହାନ ବାର୍ତ୍ତା ଦିଏ।

---

- ବାଇକ୍ ଚୋରି ର୍ୟାକେଟ୍ ଠାବ

## ୭ ଗିରଫ, ୯ ବାଇକ୍ ଉଦ୍ଧାର



ମ.ରାମପୁର,୧୮।୬(ସଂଚାର ବ୍ୟୁରୋ): ଗତ ମଙ୍ଗଳବାର ମ. ରାମପୁର ପୁଲିସ୍‌କୁ ମିଳିଛି ବଡ଼ ସଫଳତା। ଆନ୍ତଃରାଜ୍ୟ ଡକାୟତି ଘଟଣାରେ ୭ ଜଣଙ୍କୁ ଗିରଫ କରିଛି ମ. ରାମପୁର ପୁଲିସ। ବାଇକ୍ ଚୋରି ଘଟଣାରେ କଳାହାଣ୍ଡି ଏସପି ନାଗରାଜ ଦେବକରାକୋଣ୍ଡାଙ୍କ ନିର୍ଦ୍ଦେଶରେ ତଥା କେସିଙ୍ଗା ଏସଡିପିଓ ସନ୍ଦୀପ କୁମାର ମାଝୀଙ୍କ ନେତୃତ୍ୱରେ ମ. ରାମପୁର ଥାନାଧିକାରୀ ସଂଯୁକ୍ତା ପଧାନ, ରିଷିଡ଼ା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ତଥା ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଏହି ଟିମ କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଥିଲେ। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ କଳାହାଣ୍ଡିର ମ. ରାମପୁର ଥାନା ଅନ୍ତର୍ଗତ ଅଳାଁପାଲି ଗ୍ରାମର ଆଶିଷ ମାଝୀ, ବାଞ୍ଜିପଦର ଗ୍ରାମର ସୁଦାମ ସୁନା, ବାଞ୍ଜିପଦର ଗ୍ରାମର ସୂରଜ ସାହୁ, ବଲାଙ୍ଗୀର ଜିଲା ସଇଁନ୍ତଲା ଥାନା ବଡମାଳ ଗ୍ରାମର ଯୁଧିଷ୍ଠିର ବାଗ (ଚିଣ୍ଟୁ), ଅଳାଁପାଲି ଗ୍ରାମର ରଘୁନାଥ ସାହୁ (ବବଲୁ), କିଶାନ ମାଝୀ। ସେମାନଙ୍କଠାରୁ ୮ଟି ଦାମୀ ବାଇକ ଜବତ କରାଯାଇଛି। ଆଜି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ସେଠାରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ମ. ରାମପୁର ଥାନାରେ ୧୫୬/୨୬ରେ ଏକ ମାମଲା ରୁଜୁ କରାଯାଇଛି।

## ଅନୁଗୋଳରେ ଡବଲ୍ ଏନକାଉଣ୍ଟର

- ଲୁଟ୍ କରି ଫେରାର ଥିଲେ ୫ ଲୁଟେରା



ଅନୁଗୋଳ,୧୮।୬(ସଂଚାର ବ୍ୟୁରୋ): ଅନୁଗୋଳରେ ଘଟିଛି ଡବଲ ଏନକାଉଣ୍ଟର। ଦୁଇ ସୁନା ଲୁଟେରାଙ୍କ ଏନକାଉଣ୍ଟର କରିଛି ଅନୁଗୋଳ ପୁଲିସ୍। ନିଜକୁ ରକ୍ଷା କରିବା ସକାଶେ ପୁଲିସ୍ ପକ୍ଷରୁ ଏପରି ଏନ୍‌କାଉଣ୍ଟର୍ କରାଯାଇଛି। ଏନକାଉଣ୍ଟର୍‌ର ଶିକାର ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ମହାରାଷ୍ଟ୍ରର ସଚିନ ଗେଜଗେ ଓ ପ୍ରକାଶ ମାଦନେ। ସଚିନଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିବା ବେଳେ ପ୍ରକାଶଙ୍କ ବାମ ଗୋଡ଼ରେ ଗୁଳି ବାଜିଛି। ହଣ୍ଡପା ଥାନା ଅନ୍ତର୍ଗତ ହଣ୍ଡପା ଜଙ୍ଗଲ ନିକଟରେ ହୋଇଛି ଏହି ଏନକାଉଣ୍ଟର। ମିଳିଥିବା ସୂଚନାନୁସାରେ, ଗତକାଲି ତାଳଚେର ହାଟତୋଟା ଛକସ୍ଥିତ ଶ୍ରୀ ବାଲାଜୀ ଗୋଲ୍ଡ ରିଫାଇନାରୀରୁ ବିପୁଳ ପରିମାଣର ସୁନା ଓ ରୁପା ଲୁଟି ୫ ଜଣ ଲୁଟେରା ଫେରାର ହୋଇଯାଇଥିଲେ। ଏହାପରେ ଅପରାଧୀଙ୍କୁ ଧରିବା ପାଇଁ ପୁଲିସ୍ ଜିଲ୍ଲାର ସବୁ ପ୍ରବେଶ ପଥରେ ନାକାବନ୍ଦୀ କରିଥିଲା। ତେବେ ହଣ୍ଡପା ନିକଟରେ ପୁଲିସ ସେମାନଙ୍କୁ ଠାବ କରିବା ସମୟରେ ସେମାନେ ପୁଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିଲେ। ପୁଲିସ ଏହାର ପାଲଟା ଜବାବ ଦେବାରୁ ଉଭୟ ଆହତ ହୋଇଛନ୍ତି। ସେମାନଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଏସ୍‌ଆଇଆର୍ କାର୍ଯ୍ୟରେ ଅବହେଳା, ୨ ବିଏଲଓ ନିଲମ୍ବିତ

ବୌଦ୍ଧ,୧୮।୬(ସଂଚାର ବ୍ୟୁରୋ): ବୌଦ୍ଧ ଜିଲ୍ଲାରେ ଭୋଟର୍ ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମ ଜାରି ରହିଛି। ତେବେ କର୍ତ୍ତବ୍ୟରେ ଅବହେଳା ଓ କାର୍ଯ୍ୟସ୍ଥଳରେ ଅନୁପସ୍ଥିତ ଅଭିଯୋଗରେ ଦୁଇ ବୁଥ୍ ଲେବଲ ଅଫିସର (ବିଏଲଓ)ଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ନିଲମ୍ବିତ ଦୁଇ ଅଧିକାରୀ ହେଲେ ୮୬-ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀ ଗଣ୍ଡିସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବୀରେନ୍ଦ୍ର ବେହେରା ଓ ଖରଭୂଇଁ ଉଚ୍ଚ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ଶିବଚନ୍ଦ୍ର ଗାଆଣି। ସୂଚନାନୁଯାୟୀ, ଉଭୟ ଅଧିକାରୀଙ୍କୁ ୧୭୬-ଗଣ୍ଡିସର ଓ ୧୬୯-ଖରଭୂଇଁ ମତଦାନ କେନ୍ଦ୍ରର ବୁଥ୍ ଲେବଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସେମାନେ ଅନୁପସ୍ଥିତ ରହିଥିଲେ। ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ସେମାନଙ୍କ ଅନୁପସ୍ଥିତି ଚିହ୍ନଟ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଉଭୟଙ୍କୁ ତୁରନ୍ତ ନିଲମ୍ବନ କରିବା ସହ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆଦେଶ ଦେଇଛନ୍ତି।

## ଚାକିରିରୁ ବିଦା ହେଲେ ଲାଞ୍ଚୁଆ ଏଏସ୍‌ଆଇ

- ୨୦ ହଜାର ଟଙ୍କା ନେବାବେଳେ ଧରାପଡ଼ିଥିଲେ



ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ଚାକିରିରୁ ବିଦା ହେଲେ ଲାଞ୍ଚୁଆ ଏଏସ୍‌ଆଇ। ଏଏସଆଇ ରାଜେଶ କୁଲୁଙ୍କୁ ନିଲମ୍ବିତ କରିଛି କମିଶନରେଟ୍ ପୁଲିସ୍। ତାଙ୍କ ବିରୋଧରେ ସର୍ଭିସ୍ ରୁଲ ଅନୁସାରେ ବିଭାଗୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବା ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତକାଲି ମୋବାଇଲ୍ ଫେରାଇବା ପାଇଁ ୨୦ ହଜାର ଟଙ୍କା ନେବା ବେଳେ ମଞ୍ଚେଶ୍ୱର ଥାନାରେ ତାଙ୍କୁ ଧରିଥିଲା ଭିଜିଲାନ୍ସ ଟିମ୍। ତାଙ୍କ ସହ ଧରାପଡ଼ିଥିବା ହୋମଗାର୍ଡ ଜ୍ୟୋତି ରଞ୍ଜନ ବେହେରାଙ୍କ ସହ ଏହି ଘଟଣାରୁ ଖସିଯାଇଥିବା ସର୍ଫରାଜ ଖାନ୍‌ଙ୍କୁ ମଧ୍ୟ ଏକ ମାସ ମଧ୍ୟରେ ଚାକିରି ଛାଡ଼ିବା ପାଇଁ ନୋଟିସ କରାଯାଇଛି। ଜଣେ ପୂର୍ବରୁ ଗିରଫ ଅଭିଯୁକ୍ତର ସିଜ୍ ହୋଇଥିବା ମୋବାଇଲ୍‌କୁ ଥାନାରୁ ମୁକୁଳେଇବା ସକାଶେ ୫୦ ହଜାର ଟଙ୍କା ଦାବି କରିଥିଲେ ଏଏସଆଇ ରାଜେଶ। ପୂର୍ବରୁ ୩୦ ହଜାର ଟଙ୍କା ସହ ଗତକାଲି ୨୦ ହଜାର ଟଙ୍କା ନେବା ସମୟରେ ମଞ୍ଚେଶ୍ୱର ଥାନାରୁ ଧରାପଡ଼ିଥିଲେ ଦୁଇ ଜଣ। ସେମାନଙ୍କ ମଧ୍ୟରେ ଜଣେ ଏଏସ୍‌ଆଇ ରାଜେଶ କୁଲୁ ହୋଇଥିବା ବେଳେ ଅନ୍ୟ ଜଣଙ୍କ ହୋମଗାର୍ଡ ଜ୍ୟୋତି ରଞ୍ଜନ ଭୋଇ।

## ଭିଜିଲାନ୍ସ ହାବୁଡ଼ରେ ପଡ଼ିଲେ ଫରେଷ୍ଟର୍

- ଟ୍ରାକ୍ଟର ମାଲିକଙ୍କଠାରୁ ନେଉଥିଲେ ୨୫ ହଜାର



ଡେଲାଙ୍ଗ, ୧୮।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଡେଲାଙ୍ଗ ରେଞ୍ଜ ଅନ୍ତର୍ଗତ ଆଙ୍ଗୁଇର ଫରେଷ୍ଟର ରାକେଶ କୁମାର ପଣ୍ଡାଙ୍କୁ ଓଡ଼ିଶା ଭିଜିଲାନ୍ସ ଗୁରୁବାର ଗିରଫ କରିଛି। ସେ ଜଣେ ଟ୍ରାକ୍ଟର ମାଲିକଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ମାଗୁଥିଲେ ଓ ତାଙ୍କ କ୍ଷେତରେ ଖନନ କରାଯାଇଥିବା ମାଟି ବୋହି ନେଉଥିବା ଟ୍ରାକ୍ଟରକୁ ଜଙ୍ଗଲ ରାସ୍ତା ଦେଇ ଯିବାକୁ ଦେବା ସକାଶେ ଅନୁମତି ଦେଇଥିଲେ। ଅଭିଯୁକ୍ତ ଫରେଷ୍ଟର ପୂର୍ବରୁ ଧମକ ଦେଇଥିଲେ ଯେ ଯଦି ପୂର୍ବ ଅନୁମତି ବିନା ଜଙ୍ଗଲ ରାସ୍ତା ବ୍ୟବହାର କରୁଥିବାର ଦେଖାଯାଏ, ତା'ହେଲେ ଗାଡ଼ିକୁ ଜବତ କରାଯିବ। କିନ୍ତୁ ଅଭିଯୁକ୍ତ ଫରେଷ୍ଟର ଜଙ୍ଗଲ ରାସ୍ତା ବ୍ୟବହାର କରିବାକୁ ଟ୍ରାକ୍ଟର ମାଲିକଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ।

ତେବେ ଉକ୍ତ ଟ୍ରାକ୍ଟର ମାଲିକ ଜଣଙ୍କ ଅନ୍ୟ କୌଣସି ଉପାୟ ନ ପାଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଏହାପରେ ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଆଜି ଅଭିଯୋଗକାରୀଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଫରେଷ୍ଟର ଶ୍ରୀ ପଣ୍ଡାଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଶ୍ରୀ ପଣ୍ଡାଙ୍କ କବ୍‌ଜାରୁ ସମସ୍ତ ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇ ପ୍ରମାଣ ସ୍ୱରୂପ ଜବତ କରାଯାଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଶ୍ରୀ ପଣ୍ଡାଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ଜାରି ରହିଛି। ତଦନ୍ତ ସରିବା ପରେ ତାଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରକାଶ ପାଇବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

- କୋଡ଼ିଙ୍ଗାମାଳି ଖଣି ଉତ୍ତୋଳନ ବୃଦ୍ଧି ପ୍ରସ୍ତାବକୁ ବିରୋଧ

## ଜନଶୁଣାଣି ବାତିଲ୍ ଦାବିରେ ଜିଲ୍ଲାପାଳଙ୍କୁ ଭେଟିଲେ



କୋରାପୁଟ,୧୮।୬(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କୋଡ଼ିଙ୍ଗାମାଳି ବକ୍ସାଇଟ୍ ଖଣିର ଉତ୍ତୋଳନ କ୍ଷମତାକୁ ବାର୍ଷିକ ୩ ମିଲିୟନ ଟନରୁ ୬ ମିଲିୟନ ଟନ୍‌କୁ ବୃଦ୍ଧି କରିବା ପ୍ରସ୍ତାବକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ପ୍ରସ୍ତାବକୁ ବିରୋଧ କରି ଖଣି ପ୍ରଭାବିତ ଓ ପାରିପାର୍ଶ୍ୱିକ ଅଞ୍ଚଳର ଶତାଧିକ ବାସିନ୍ଦା ଆଜି କୋରାପୁଟ ଜିଲ୍ଲାପାଳଙ୍କୁ ଭେଟି ଆସନ୍ତା ୨୫ ତାରିଖରେ ହେବାକୁ ଥିବା ଜନଶୁଣାଣିକୁ ବାତିଲ୍ କରିବା ସକାଶେ ଦାବି କରିଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୮ରୁ ୯ ବର୍ଷ ଧରି କୋଡ଼ିଙ୍ଗାମାଳି ଖଣିରୁ ବ୍ୟାପକ ପରିମାଣର ବକ୍ସାଇଟ ଉତ୍ତୋଳନ କରାଯାଉଥିଲେ ମଧ୍ୟ ଅଞ୍ଚଳର ବିକାଶ, ମୌଳିକ ସୁବିଧା ବୃଦ୍ଧି ଓ ସ୍ଥାନୀୟ ଶିକ୍ଷିତ ଯୁବକଯୁବତୀଙ୍କ ନିଯୁକ୍ତି ଦିଗରେ କୌଣସି ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇନାହିଁ। ଏଭଳି ପରିସ୍ଥିତିରେ ଖଣି ଉତ୍ତୋଳନକୁ ଦୁଇ ଗୁଣା କରିବା ଯୋଜନାକୁ ସେମାନେ ବିରୋଧ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଦାବି ହେଉଛି, କେବଳ ଖଣିଜ ସମ୍ପଦ ବାହାରକୁ ନେବା ପରିବର୍ତ୍ତେ ଅଞ୍ଚଳରେ ଶିଳ୍ପ କିମ୍ବା କାରଖାନା ସ୍ଥାପନ କରାଯାଇ ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯାଉ। ଖଣିରୁ ବକ୍ସାଇଟ ପରିବହନ ସମୟରେ ରାସ୍ତା ଉପରେ ମାଟି ଓ ଧୂଳି ପଡ଼ି ଯୋଗାଯୋଗ ବ୍ୟବସ୍ଥା ନଷ୍ଟ ହେଉଥିବା ବେଳେ ଚାଷଜମି ମଧ୍ୟ ପ୍ରଭାବିତ ହେଉଛି। ଏଥିସହ ଖଣି କାର୍ଯ୍ୟକଳାପ ଯୋଗୁଁ ପରିବେଶ ପ୍ରଦୂଷିତ ହେଉଥିବା ବେଳେ ପାହାଡ଼ିଆ ଝରଣା ଶୁଖିଯାଉଛି ଓ କୃଷି କ୍ଷେତ୍ରରେ ମଧ୍ୟ ଏହାର କୁପ୍ରଭାବ ପଡୁଛି। ତେଣୁ ପରିବେଶ ଓ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣି ଉତ୍ତୋଳନ ବୃଦ୍ଧି ପ୍ରସ୍ତାବକୁ ବାତିଲ୍ କରିବା ସହ ୨୫ରେ ଧାର୍ଯ୍ୟ ହୋଇଥିବା ଜନଶୁଣାଣିକୁ ତୁରନ୍ତ ବାତିଲ୍ କରିବା ପାଇଁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବି ଉପସ୍ଥାପନ କରିଛନ୍ତି।

## ଝାରସୁଗୁଡ଼ା ଜେଲ୍‌ରୁ ଆପତ୍ତିଜନକ ସାମଗ୍ରୀ ଜବତ

ଝାରସୁଗୁଡ଼ା,୧୮।୬(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ଜିଲ୍ଲାରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଜେଲ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଆଜି ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଅଚାନକ ଜେଲ୍ ଉପରେ ଚଢ଼ାଉ କରିଥିଲା। ଜେଲ ପରିସରର ସୁରକ୍ଷା ଓ ଜେଲ ଭିତରକୁ ଆପତ୍ତିଜନକ ସାମଗ୍ରୀ ଯିବା ନେଇ ଝାନ୍‌ଭିନ କରାଯାଇଥିଲା। ଚଢ଼ାଉ ସମୟରେ ଜେଲ ଭିତରୁ କଏଦୀଙ୍କ ନିକଟରୁ ଅନେକ ଆପତ୍ତିଜନକ ସାମଗ୍ରୀ ମିଳିଥିଲା। କଏଦୀଙ୍କ ପାଖରୁ ବିଡ଼ି, ଟବାକୋ, ଗୁଟ୍‌ଖା ପ୍ୟାକେଜ, ଦିଆସିଲି,



ବ୍ଲେଡ୍, ଲାଇଟର ଭଳି ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିଲା। ଜେଲ୍ ସିସିଟିଭି, ଜେଲ୍‌ରେ ରହୁଥିବା କଏଦୀଙ୍କ କାର୍ଯ୍ୟକଳାପ, ଭିଜିଟର ମନଟରିଂ ବ୍ୟବସ୍ଥାର ମଧ୍ୟ ଏସପି ସମୀକ୍ଷା କରିଥିଲେ। ଜେଲ୍‌ର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେବା ସହ ଜେଲ ମାନୁଆଲର ସଠିକ ଅନୁପାଳନ ପାଇଁ ଜେଲ ଅଧିକାରୀଙ୍କୁ କୁହାଯାଇଛି।

### ଓଏଏସ୍ ଅଧିକାରୀ ସ୍ତରରେ ଅଦଳବଦଳ

## ୨ ଦିନ ଭିତରେ କାର୍ଯ୍ୟମୁକ୍ତ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଆଜି ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏହି ଅଦଳବଦଳ ଅନୁସାରେ, ଓସ୍‌ଡମାର ମୁଖ୍ୟ ମହାପ୍ରବନ୍ଧକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ଝାରସୁଗୁଡ଼ାର ଅତିରିକ୍ତ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ରାଜସ୍ୱ ପର୍ଷଦର ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଥିବା ଓଏଏସ୍ ଅଫିସର ବସନ୍ତ କୁମାର ସେଠୀଙ୍କୁ ବ୍ରହ୍ମପୁର ଆଞ୍ଚଳିକ ଶିଳ୍ପକେନ୍ଦ୍ରର ପରିଚାଳକ ଭାବେ ବଦଳି କରାଯାଇଛି। ନବରଙ୍ଗପୁରର ଅତିରିକ୍ତ ଉପଜିଲ୍ଲାପାଳ ଥିବା ଶରତ ମାଝୀଙ୍କୁ କୋରାପୁଟର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଥିବା ଜଣାପଡ଼ିଛି। ଏହି ବଦଳି ଆଦେଶ ଅଧୀନରେ ଥିବା ସମ୍ପୃକ୍ତ ଅଧିକାରୀଙ୍କ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କୁ ବିଜ୍ଞପ୍ତି ଜାରି ହେବାର ୨ ଦିନ ମଧ୍ୟରେ ସ୍ଥାନାନ୍ତର ହୋଇଥିବା ଅଧିକାରୀମାନଙ୍କୁ କାର୍ଯ୍ୟମୁକ୍ତ କରିବାକୁ ନିର୍ଦ୍ଦେଶ ହୋଇଛି। ନଚେତ୍ ସମ୍ପୃକ୍ତ ଅଧିକାରୀଙ୍କୁ ୧୯ ତାରିଖରୁ କେନ୍ଦ୍ରୀୟ ଭାବେ ମୁକ୍ତ କରାଗଲା ବୋଲି ବିବେଚନା କରାଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

## ବଦଳିଲେ ଶରଣକୂଳ ଥାନା ଆଇଆଇସି



ଶରଣକୂଳ,୧୮।୬(ସଂଚାର ବ୍ୟୁରୋ): ବଦଳିଲେ ଶରଣକୂଳ ଥାନା ଆଇଆଇସି। ଇନ୍‌ସପେକ୍ଟରଙ୍କ ବିରୋଧରେ ମହିଳାଙ୍କ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ବଦଳି କରାଯାଇଛି। ନୟାଗଡ଼ ଜିଲ୍ଲାର ଶରଣକୂଳ ଥାନାର ଇନ୍‌ସପେକ୍ଟର ସୁଜିତ ଦାସଙ୍କ ବିରୋଧରେ ଜଣୈକା ମହିଳା ଅଭିଯୋଗ କରିଥିବା ବେଳେ ଏହାକୁ ଗୁରୁତର ସହ ଗ୍ରହଣ କରାଯାଇଛି। ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସଠିକ୍ ତଦନ୍ତ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଦ୍ୱାରା କରାଯିବ। ତଦନ୍ତ ପ୍ରକ୍ରିୟାର ସ୍ୱଚ୍ଛତା ଓ ନିରପେକ୍ଷତାକୁ ଦୃଷ୍ଟିରେ ରଖି ଇନ୍‌ସପେକ୍ଟର ସୁଜିତ ଦାସଙ୍କୁ ଶରଣକୂଳ ଥାନାରୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ଶରଣକୂଳ ଥାନା ଅଧିକାରୀଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆସିଥିଲା। କିଛି ଦିନ ତଳେ ଶରଣକୂଳ ଥାନା ଅଂଚଳ ର ଜଣେ ମହିଳାଙ୍କ ଘରକୁ ଗାଁ ବିବାଦ କୁ ନେଇ ଗ୍ରାମବାସୀ ମାନେ ମାଡ଼ ପିଟି କରି ଘର ଭାଙ୍ଗିଦେଇଥିଲେ। ଏନେଇ ପୀଡିତା ଥାନାରେ ଗ୍ରାମବାସୀ ଙ୍କ ନାମରେ ଏକ ମାମଲା ରୁଜୁ କରିଥିଲେ। ଥାନା ଅଧିକାରୀ କେଶ ରେ ସହଯୋଗ କରିବାକୁ କହି ଫୋନ ନମ୍ବର ନେଇଥିଲେ। ଫୋନ ରେ ଭିଡିଓ କଲ, ଅଶ୍ଳୀଳ ମେସେଜ, ଫଟୋ ଓ ଅଶ୍ଳୀଳ କଥା କହିଥିବା ମହିଳା ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ତାଙ୍କ ଭଡା ଘରକୁ ନେଇ ଜୋର ଜବରଦସ୍ତି ଦୁଷ୍କର୍ମ କରିଥିବା ଅଭିଯୋଗ କରିଛନ୍ତି। ମହିଳା ଜଣଙ୍କ ଥାନା ଅଧିକାରୀଙ୍କ ଭିଡିଓ କଲର ତଥ୍ୟ ସୋସିଆଲ ମିଡ଼ିଆ ରେ ଫଟୋ ଛାଡିବାରୁ ମିଛ ମାମଲାରେ ଜେଲ ପଠାଇଥିବା ଅଭିଯୋଗ ହୋଇଛି। ଏନେଇ ଆଜି ମହିଳା ଜଣକ ନୟାଗଡ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ।

- ପାହାଳ ହତ୍ୟାକାଣ୍ଡ ଘଟଣା

## ଆଉ ଜଣଙ୍କୁ ଉଠାଇଆଣିଲା ପୁଲିସ୍

ଭୁବନେଶ୍ୱର,୧୮।୬(ସଂଚାର ବ୍ୟୁରୋ): ଭୁବନେଶ୍ୱର ପାହାଳ ଅନନ୍ତପୁର ପ୍ରଭାତ ବେହେରା ହତ୍ୟାକାଣ୍ଡ ଘଟଣାରେ ଆଉ ଜଣଙ୍କୁ ପୁଲିସ୍ ଉଠାଇ ଆଣିଛି। ଅନନ୍ତପୁରର କୁନୁ ଭୋଇଙ୍କୁ ଅଟକ ରଖିଛି ପାହାଳ ପୁଲିସ। ଘରୁ କୁନୁ ସହ ସ୍କୁଟିରେ ବାହାରିଥିଲେ ପ୍ରଭାତ। ଘରୁ ବାହାରିବା ପରେ ସେ ହତ୍ୟାକାଣ୍ଡ ଘଟିଥିବା ସ୍ଥାନକୁ ଆସିଥିଲେ, ଯେଉଁଠି ତାଙ୍କ ମୁହଁକୁ ମଦ ବୋତଲରେ ଆକ୍ରମଣ କରାଯିବା ସହ ମାଡ଼ ମାରି ହତ୍ୟା କରାଯାଇଥିଲା। ସିସିଟିଭିରୁ ପୁଲିସ କୁନୁର ପ୍ରମାଣ ପାଇବା ପରେ ତାକୁ ଉଠାଇନେଇଛି। ଏନେଇ କୁନୁକୁ ପୁଲିସ୍ ପକ୍ଷରୁ ବ୍ୟାପକ ପଚରାଉଚରା କରାଯାଉଛି। ଗତକାଲି ଅନନ୍ତପୁର ପେଟ୍ରୋଲ ପମ୍ପ କଡ଼ରୁ ମିଳିଥିଲା ପ୍ରଭାତଙ୍କ ମୃତଦେହ। ଏହାକୁ ନେଇ ଗାଁ ଲୋକେ ଗିରଫ ଦାବିରେ ନିଆଳି ଓ ନଖରା ରାସ୍ତା ଅବରୋଧ କରିଥିଲେ। ପରେ ପୁଲିସ ବୁଝାସୁଝା କରିବା ପରେ ଆନ୍ଦୋଳନ ହଟିଥିଲା। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗତକାଲି ଅଟକ ରଖି ପଚରାଉଚରା କରୁଥିଲା। ସେମାନେ ହେଲେ ହାଇୱା ମାଲିକ ଓ ତାଙ୍କ ଭାଇ। ଏବେ କୁନୁକୁ ଅଟକ ରଖିବା ସହ ପୁଲିସ୍ ହତ୍ୟାର କାରଣ ଖୋଜୁଛି।

## ନଦୀରେ ଭାସିଗଲେ ୩: ଦୁଇ ଉଦ୍ଧାର, ଜଣେ ନିଖୋଜ

ଚାନ୍ଦବାଲି,୧୮।୬(ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ବାଲିଆପାଳ ନଦୀରେ ଆଜି ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ଏକ ଅଘଟଣ ଘଟିଛି। ନଦୀରେ ବାଲିଆପାଳ ପଟୁ ଅନ୍ୟ ପଟକୁ କାର୍ଯ୍ୟ ପାଇଁ ଯାଉଥିବା ସମୟରେ ୩ ଜଣ ନଦୀରେ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନିଖୋଜ ଥିବା ବେଳେ ଅନ୍ୟ ୨ ଜଣକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଘଟଣାସ୍ଥଳରେ ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀ ବିରଞ୍ଚି ନାରାୟଣ ଅମାନ୍ତ ପହଞ୍ଚିଥିବା ବେଳେ ଓଡ୍ରାଫ୍ ଟିମ୍ ଖୋଜାଖୋଜି ଆରମ୍ଭ କରିଛି। ତେବେ ନିଖୋଜ ବ୍ୟକ୍ତି ଜଣଙ୍କ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଯଶିପୁର ପଞ୍ଚାୟତର ଚକ୍ରଧର ବେହେରାଙ୍କ ପୁଅ ବିଜୟ (୨୪) ବୋଲି ଜଣାପଡ଼ିଛି। ତେବେ ରାତି ପାହିଥିଲେ ତାଙ୍କ ଭଉଣୀଙ୍କ ବାହାଘର ହୋଇଥାନ୍ତା। କିନ୍ତୁ ଏହାର ଦିନକ ପୂର୍ବରୁ ଭାଇ କୁଆଡ଼େ ନିଖୋଜ ହୋଇଯାଇଛନ୍ତି। ତେଣୁ ତାଙ୍କ ପରିବାର ଲୋକେ ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି।

# ବିକାଶର ଧାରା ଓଡ଼ିଶା ସାରା ଜିଲ୍ଲାସ୍ତରୀୟ ସମ୍ମିଳନୀ

କଟକ, ୧୮।୬ (ସଂଚାର ବ୍ୟୁରୋ):ଓଡ଼ିଆ ବଜାର ସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ଗୁରୁବାର 'ବିକାଶର ଧାରା ଓଡ଼ିଶା ସାରା' ଜିଲ୍ଲାସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ଆଗକୁ ନେବା ସରକାରଙ୍କ ଲକ୍ଷ୍ୟ ବୋଲି କହିଥିଲେ। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଛବି ମଲ୍ଲିକ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶର ଧାରା ସମ୍ପର୍କରେ




ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟିକା ସୋଫିଆ ଫିରଦୋସ, କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ରାମନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ମତାମତ ରଖିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ହିତାଧିକାରୀଙ୍କୁ କାର୍ଡ, ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ , ଆୟୁଷ୍ମାନ ବୟୋ ବନ୍ଦନ ଯୋଜନାରେ କାର୍ଡ ବଣ୍ଟନ କରିବା ସହ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରଣଦୀପ କୌର ସହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଟ୍ୟାକ୍ସପେୟର୍ସଙ୍କ ପାଇଁ ଆଇଟିଆର୍ ଡେଡଲାଇନ୍




ନୂଆଦିଲ୍ଲୀ, ୧୮।୬ଃ ଟ୍ୟାକ୍ସପେୟର୍ସ ବା କରଦାତାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଆୟକର ରିଟର୍ଣ୍ଣ (ଆଇଟିଆର୍) ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଆୟକର ବିଭାଗ ପକ୍ଷରୁ ଆସେସମେଣ୍ଟ ଇୟର ୨୦୨୬-୨୭ ପାଇଁ ଭିନ୍ନ ଭିନ୍ନ ବର୍ଗର କରଦାତାଙ୍କ ନିମନ୍ତେ ଅଲଗା ଅଲଗା ଡେଡଲାଇନ୍ ବା ଶେଷ ତାରିଖ ସ୍ଥିର କରାଯାଇଛି। ଆପଣଙ୍କ ରୋଜଗାରର ମାଧ୍ୟମ କ'ଣ ଏବଂ ଆପଣଙ୍କ ଆକାଉଣ୍ଟର ଅଡିଟ୍ ଜରୁରୀ କି ନୁହେଁ, ସେହି ଆଧାରରେ ଏହି ଡେଡଲାଇନ୍ ନିର୍ଦ୍ଧାରଣ ହୋଇଥାଏ। ସମୟ ସୀମା ମଧ୍ୟରେ ଆଇଟିଆର୍ ଦାଖଲ କରିବା ଅତ୍ୟନ୍ତ ଜରୁରୀ। ଏଥିରେ ବିଳମ୍ବ ହେଲେ ମୋଟା ଅଙ୍କର ଜରିମାନା ଏବଂ ସୁଧ ଦେବାକୁ ପଡ଼ିପାରେ। ଏହାଛଡ଼ା ଅନେକ ପ୍ରକାରର ଟ୍ୟାକ୍ସ ବେନିଫିଟ୍ ମଧ୍ୟ ହାତଛଡ଼ା ହୋଇଯିବାର ଆଶଙ୍କା ରହିଛି। ତେଣୁ ଶେଷ ମୁହୂର୍ତ୍ତର ଅସୁବିଧାରୁ ବଞ୍ଚିବା ପାଇଁ ନିଜ ବର୍ଗ ଅନୁସାରେ ସଠିକ୍ ଫର୍ମ ଏବଂ ଡେଡଲାଇନ୍ ବିଷୟରେ ଜାଣିରଖନ୍ତୁ। ଦରମା, ପେନସନ, ଗୋଟିଏ ଘରୁ ଭଡ଼ା ବାବଦ ଆୟ, ବ୍ୟାଙ୍କ ସୁଧ କିମ୍ବା କ୍ୟାପିଟାଲ ଗେନ୍ସ ମାଧ୍ୟମରେ ରୋଜଗାର କରୁଥିବା ବ୍ୟକ୍ତିମାନଙ୍କୁ ସାଧାରଣତଃ ଆଇଟିଆର୍-୧ କିମ୍ବା ଆଇଟିଆର୍-୨ ଫର୍ମ ପୂରଣ କରିବାକୁ ପଡ଼ିଥାଏ। ଏଭଳି କରଦାତାଙ୍କ ପାଇଁ ଆଇଟିଆର୍ ଦାଖଲ କରିବାର ଶେଷ ତାରିଖ ୩୧ ଜୁଲାଇ ୨୦୨୬ ଧାର୍ଯ୍ୟ କରାଯାଇଛି।

ଯେଉଁମାନଙ୍କର ବାର୍ଷିକ ଆୟ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଆୟର ସୀମିତ ଉତ୍ସ ରହିଛି, ସେମାନେ ଏହି ଫର୍ମ ବ୍ୟବହାର କରିବେ। ଯେଉଁମାନଙ୍କର ଏକରୁ ଅଧିକ ଘର ଅଛି, ଅଧିକ କ୍ୟାପିଟାଲ ଗେନ୍ସ ଅଛି କିମ୍ବା ଅନ୍ୟାନ୍ୟ ଅତିରିକ୍ତ ଆୟ ଅଛି କିନ୍ତୁ କୌଣସି ବ୍ୟବସାୟ ନାହିଁ, ସେମାନଙ୍କ ପାଇଁ ଏହି ଫର୍ମ ଉଦ୍ଦିଷ୍ଟ। ଏହି ସବୁ ଫର୍ମ ପାଇଁ ଆବଶ୍ୟକୀୟ ୟୁଟିଲିଟି ବ୍ୟବସ୍ଥା ଉପଲବ୍ଧ କରାଇ ଦିଆଯାଇଛି। ଯେଉଁମାନେ ବ୍ୟବସାୟ କିମ୍ବା କୌଣସି ବୃତ୍ତି ମାଧ୍ୟମରେ ରୋଜଗାର କରୁଛନ୍ତି, ସେମାନଙ୍କ ପାଇଁ ଡେଡଲାଇନ୍ ଅଲଗା ରହିଛି। ଯେଉଁ କରଦାତାଙ୍କ ଆକାଉଣ୍ଟର ଅଡିଟ୍ କରିବା ଜରୁରୀ ନୁହେଁ, ସେମାନେ ଆଇଟିଆର୍-3 କିମ୍ବା ଆଇଟିଆର୍-୪ ଫର୍ମ ଜରିଆରେ ୩୧ ଅଗଷ୍ଟ ୨୦୨୬ ସୁଦ୍ଧା ରିଟର୍ଣ୍ଣ ଦାଖଲ କରିପାରିବେ। ଏହା ଛୋଟ ବ୍ୟବସାୟୀ ଏବଂ ପ୍ରଫେସନାଲମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ପ୍ରିଜମ୍ପଟିଭ୍ ଟ୍ୟାକ୍ସେସନ ସ୍କିମ୍ ର ଲାଭ ଉଠାଉଛନ୍ତି। ତେବେ କମ୍ପାନୀର ଡିରେକ୍ଟର କିମ୍ବା ବିଦେଶରୁ ଆୟ କରୁଥିବା ଲୋକେ ଏହି ଫର୍ମ ବ୍ୟବହାର କରିପାରିବେ ନାହିଁ। ଯେଉଁ ବ୍ୟବସାୟୀ କିମ୍ବା ସଂସ୍ଥାଗୁଡ଼ିକର ଆକାଉଣ୍ଟ ଅଡିଟ୍ ହେବା ବାଧ୍ୟତାମୂଳକ, ସେମାନଙ୍କ ପାଇଁ ଶେଷ ତାରିଖ ୩୧ ଅକ୍ଟୋବର ୨୦୨୬ ରଖାଯାଇଛି।

୩୦ ନଭେମ୍ବର ୨୦୨୬ଃ ଯେଉଁ ମାମଲାରେ ଟ୍ରାନ୍ସଫର ପ୍ରାଇସିଂ ରିପୋର୍ଟ ଦାଖଲ କରିବାକୁ ପଡ଼ିଥାଏ, ସେମାନଙ୍କ ପାଇଁ ଏହି ତାରିଖ ଶେଷ।

୩୧ ଡିସେମ୍ବର ୨୦୨୬ଃ ଯଦି କେହି ନିର୍ଦ୍ଧାରିତ ସମୟ ମଧ୍ୟରେ ରିଟର୍ଣ୍ଣ ଭରିପାରି ନାହାନ୍ତି, ତେବେ ସେମାନେ ଜରିମାନା ସହ ବିଳମ୍ବିତ ରିଟର୍ଣ୍ଣ ଦାଖଲ କରିପାରିବେ।

୩୧ ମାର୍ଚ୍ଚ ୨୦୨୭ଃ ଯଦି ଆପଣ ଦାଖଲ କରିଥିବା ରିଟର୍ଣ୍ଣରେ କିଛି ଭୁଲ୍ ରହିଯାଇଛି, ତେବେ ଏହି ତାରିଖ ସୁଦ୍ଧା ସେଥିରେ ସଂଶୋଧନ କରିପାରିବେ।

୩୧ ମାର୍ଚ୍ଚ ୨୦୩୧ଃ କରଦାତାମାନଙ୍କୁ ଅପଡେଟେଡ୍ ରିଟର୍ଣ୍ଣ (ଆଇଟିଆର୍-ୟୁ) ଦାଖଲ କରିବାର ସୁବିଧା ମଧ୍ୟ ମିଳିବ, ଯେଉଁଥିରେ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ୨୦୩୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରିଟର୍ଣ୍ଣ ଅପଡେଟ୍ କରାଯାଇପାରିବ।

ଆର୍ଥିକ ବିଶେଷଜ୍ଞଙ୍କ ଅନୁସାରେ, ସମସ୍ତ କରଦାତା ନିଜର ଫର୍ମ-୧୬, ବ୍ୟାଙ୍କ ଷ୍ଟେଟମେଣ୍ଟ, ନିବେଶ ସମ୍ବନ୍ଧୀୟ ଦଲିଲ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ପୂର୍ବରୁ ପ୍ରସ୍ତୁତ କରି ରଖିବା ଉଚିତ୍। ସମୟ ପୂର୍ବରୁ ଆଇଟିଆର୍ ଦାଖଲ କଲେ କେବଳ ଜରିମାନାରୁ ମୁକ୍ତି ମିଳେ ନାହିଁ, ବରଂ ଟ୍ୟାକ୍ସ ସହ ଜଡ଼ିତ ଅନେକ ଲାଭ ମଧ୍ୟ ଠିକ୍ ସମୟରେ ମିଳିଥାଏ।




# ଚଳିତ ମାସରେ ଜମା ହେବ ଇପିଏଫ୍ ସୁଧ

ନୂଆଦିଲ୍ଲୀ,୧୮।୬ଃ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ସଦସ୍ୟମାନଙ୍କ ଲାଗି ଖୁସି ଖବର। ଖୁବ୍‌ଶୀଘ୍ର ସେମାନଙ୍କ ଖାତାରେ ୨୦୨୫-୨୬ ଆର୍ଥିକ ବର୍ଷର ସୁଧ ଟଙ୍କା ଜମା ହେବାକୁ ଯାଉଛି। କେନ୍ଦ୍ର ସରକାର ଏହି ବର୍ଷ ପାଇଁ ୮.୨୫ ପ୍ରତିଶତ ସୁଧକୁ ମଞ୍ଜୁର କରିଛନ୍ତି। ଚଳିତ ମାସରେ ସୁଧ ଜମା କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଗତ ମାର୍ଚ୍ଚରେ ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇପିଏଫ୍ଓରେ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ୮.୨୫ ପ୍ରତିଶତ ସୁଧ ଧାର୍ଯ୍ୟ କରାଯିବା ସହ ତାହାକୁ ମଞ୍ଜୁର କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ସେହି ପ୍ରସ୍ତାବକୁ ଗ୍ରହଣ କରିଛି। ତେଣୁ ଚଳିତ ମାସରେ ଇପିଏଫ୍ଓରୁ ୭ କୋଟିରୁ ଅଧିକ ସଦସ୍ୟଙ୍କ ଖାତାରେ ୨୦୨୫-୨୬ର ସୁଧ ଜମା କରାଯିବ। ସୁଧ ଜମା କରିବାକୁ ଶ୍ରମ ମନ୍ତ୍ରଣାଳୟକୁ ଅର୍ଥ ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେଇଛି।

ସଦସ୍ୟମାନଙ୍କ ଖାତାରେ ସୁଧ ଟଙ୍କା ତତ୍କାଳ ଜମା କରିବାକୁ ଇପିଏଫ୍ଓ ପକ୍ଷରୁ ବ୍ୟବସ୍ଥା ବିକାଶ କରାଯାଇଛି। ୨୦୧୫-୧୬ରେ ଇପିଏଫ୍ ସୁଧ ହାର ୮.୮ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା। ୨୦୧୬-୧୭ରେ ତାହା ୮.୬୫ ପ୍ରତିଶତକୁ ଏବଂ ୨୦୧୭-୧୮ରେ ୮.୫୫ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୮-୧୯ରେ ସୁଧ ହାର ୮.୫ ପ୍ରତିଶତକୁ ଖସିଯାଇଥିଲା। ୨୦୨୦-୨୧ରେ କିନ୍ତୁ ଇପିଏଫ୍ଓ ମାତ୍ର ୮.୧୦ ପ୍ରତିଶତର ସୁଧ ଦେଇଥିଲା ଯାହା ୧୯୭୭-୭୮ ପରେ ସର୍ବନିମ୍ନ ଥିଲା। ଇପିଏଫ୍ଓ ୨୦୨୨-୨୩ରେ ଏହାର ସଦସ୍ୟମାନଙ୍କୁ ୮.୧୫ ପ୍ରତିଶତ ସୁଧ ଦେଇଥିଲା। ୨୦୨୩-୨୪ରେ ତାହା ୮.୨୫ ପ୍ରତିଶତକୁ ବୃଦ୍ଧି ପାଇଥିଲା। ୨୦୨୪-୨୫ରେ ସେହି ହାର ବଜାୟ ରଖାଯାଇଛି।

# ଫୋନପେ ୱାଲେଟ୍ ବ୍ୟବହାର ନ କଲେ ଦେବାକୁ ପଡ଼ିବ ୧୦୦ ଟଙ୍କା ଶୁଳ୍କ

ଭୁବନେଶ୍ୱର,୧୮।୬ଃଡିଜିଟାଲ୍ ପେମେଣ୍ଟ ଆପ୍ 'ଫୋନପେ' ନିଜର ୱାଲେଟ୍ ସେବାକୁ ନେଇ ଏକ ନୂଆ ନିୟମ ଲାଗୁ କରିଛି। କମ୍ପାନୀର ନୂଆ ନିୟମ ଅନୁଯାୟୀ, ଯଦି ଜଣେ ବ୍ୟବହାରକାରୀ ନିଜ ୱାଲେଟକୁ ଦୀର୍ଘ ଦିନ ଧରି ବ୍ୟବହାର କରୁ ନାହାଁନ୍ତି, ତେବେ ତାଙ୍କୁ ୧୦୦ ଟଙ୍କା ପର୍ଯ୍ୟନ୍ତ ମେଣ୍ଟେନାନ୍ସ ଫି' ଦେବାକୁ ପଡିପାରେ। ଫୋନପେର ନୂଆ ଗାଇଡଲାଇନ ଅନୁଯାୟୀ, ଯଦି କୌଣସି ୟୁଜର ଗତ ୩୬୫ ଦିନ ବା ବର୍ଷକ ମଧ୍ୟରେ ୱାଲେଟ୍ ମାଧ୍ୟମରେ କୌଣସି ପ୍ରକାର ଆର୍ଥିକ କାରବାର କରି ନାହାଁନ୍ତି, ତେବେ ସେହି ୱାଲେଟକୁ 'ଇନଆକ୍ଟିଭ୍' ବା ଅଚଳ ବୋଲି ବିବେଚନା କରାଯିବ। ଏଭଳି ସ୍ଥିତିରେ କମ୍ପାନୀ ୧୦୦ ଟଙ୍କା ତ୍ରୈମାସିକ ଶୁଳ୍କ ଆଦାୟ କରିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେବଳ ଫୋନପେ ଆପ୍ ଖୋଲିବା କିମ୍ବା ବ୍ୟାଙ୍କ ଆକାଉଣ୍ଟରୁ ସିଧାସଳଖ ୟୁପିଆଇ (UPI) ପେମେଣ୍ଟ କରିବା ଏହି ଶୁଳ୍କରୁ ରକ୍ଷା ପାଇବା ପାଇଁ ଯଥେଷ୍ଟ ନୁହେଁ। ଏହି ଶୁଳ୍କରୁ ବଞ୍ଚିବା ପାଇଁ ୱାଲେଟ୍ ମାଧ୍ୟମରେ କିଛି ନା କିଛି କାରବାର କରିବା ବାଧ୍ୟତାମୂଳକ। ଶୁଳ୍କ କାଟିବାର ୧୫ ଦିନ ପୂର୍ବରୁ କମ୍ପାନୀ ୟୁଜରଙ୍କୁ ନୋଟିସ୍ ପଠାଇବ। ଯଦି ୱାଲେଟରେ ୧୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ବାଲାନ୍ସ ଥିବ, ତେବେ କମ୍ପାନୀ ସିଧାସଳଖ ତାହା କାଟିନେବ। ଯଦି ୱାଲେଟରେ ୧୦୦ ଟଙ୍କାରୁ କମ୍ ବାଲାନ୍ସ ଥିବ, ତେବେ ୱାଲେଟରେ ଥିବା ସମସ୍ତ ଅର୍ଥ କଟିଯିବ ଏବଂ ବାଲାନ୍ସ ଶୂନ ହୋଇଯିବ। କିନ୍ତୁ ଆକାଉଣ୍ଟ କେବେବି ନେଗେଟିଭ୍ ହେବ ନାହିଁ। ଫୋନପେର ଏହି ନିଷ୍ପତ୍ତିକୁ ନେଇ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୟୁଜରମାନେ ଅଭିଯୋଗ କରିଛନ୍ତି ଯେ, ଅଧିକାଂଶ ଲୋକ ବ୍ୟାଙ୍କ ଖାତାରୁ ସିଧାସଳଖ ୟୁପିଆଇ ପେମେଣ୍ଟ କରୁଛନ୍ତି, ତେଣୁ ୱାଲେଟ୍ ବ୍ୟବହାର କରୁନଥିବା ୟୁଜରଙ୍କ ଉପରେ ଏଭଳି ଶୁଳ୍କ ଲଦିବା ଠିକ୍ ନୁହେଁ। ଅଭିଷେକ ଯାଦବ ନାମକ ଜଣେ ବ୍ୟବହାରକାରୀ ଏହାକୁ "ଅବ୍ୟବହୃତ ସେବା ପାଇଁ ଜରିମାନା" ବୋଲି ବର୍ଣ୍ଣନା କରିଛନ୍ତି। ସୂଚନାଯୋଗ୍ୟ, ଫୋନପେ ପ୍ରଥମ କମ୍ପାନୀ ନୁହେଁ ଯିଏ ଏଭଳି ଶୁଳ୍କ ଲାଗୁ କରିଛି। ଏହା ପୂର୍ବରୁ ମୋବିକ୍ୱିକ୍ ଓ ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କ ମଧ୍ୟ ଅଚଳ ୱାଲେଟ୍ ଉପରେ ସମାନ ଧରଣର ଶୁଳ୍କ ନୀତି ଲାଗୁ କରିସାରିଛନ୍ତି।



# ଆମେରିକା ନିବେଶକ ହରାଇଲେ ୨ ଘଣ୍ଟାରେ ୧.୨ ଟ୍ରିଲିୟନ ଡଲାର

ନୂଆଦିଲ୍ଲୀ, ୧୮।୬ଃ ମାତ୍ର ଦୁଇ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଏସଆଣ୍ଡପି ୫୦୦ ଇଣ୍ଡେକ୍ସ ପ୍ରାୟ ୮୦୦ ପଏଣ୍ଟ ହ୍ରାସ ପାଇଛି। ଏହି କାରଣରୁ ନିବେଶକମାନେ ପ୍ରାୟ ୧.୨ ଟ୍ରିଲିୟନ ଡଲାର ହରାଇଛନ୍ତି, ଯାହା ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ମୋଟ ସମ୍ପତ୍ତି ସହିତ ସମାନ। ବିଶେଷ କରି ଟେକ୍ନୋଲୋଜି ସେକ୍ଟରର ଶେୟାରଗୁଡ଼ିକରେ ସବୁଠାରୁ ବଡ଼ ହ୍ରାସ ରେକର୍ଡ କରାଯାଇଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ 'ଫେଡ୍ ରିଜର୍ଭ' ର ଏକ ନିଷ୍ପତ୍ତି ଯୋଗୁଁ ବଜାରର ଏଭଳି ଅବସ୍ଥା ହୋଇଥିବା କୁହାଯାଉଛି।

ଫେଡ୍ ରିଜର୍ଭର ନୂତନ ଚେୟାରମ୍ୟାନ କେଭିନ୍ ୱାର୍ଶଙ୍କ ଅଧ୍ୟକ୍ଷତାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ପଲିସି କମିଟି ବୈଠକରେ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। କମିଟି ଆଗାମୀ ଦିନ ପାଇଁ 'ଫରୱାର୍ଡ ଗାଇଡାନ୍ସ' ଦେବା ବନ୍ଦ କରିଦେଇଛି ଏବଂ ଚଳିତ ବର୍ଷ ଶେଷ ସୁଦ୍ଧା ସୁଦ୍ଧ ହାର ବୃଦ୍ଧି କରାଯାଇପାରେ ବୋଲି ସଙ୍କେତ ଦେଇଛି। କେଭିନ୍ ୱାର୍ଶ କହିଛନ୍ତି ଯେ, ଫରୱାର୍ଡ ଗାଇଡାନ୍ସ ବନ୍ଦ ହେବା ଅର୍ଥ ଏବେ ନିବେଶକମାନଙ୍କ ପାଖରେ ଫେଡ୍ର ଆଗାମୀ ରଣନୀତିକୁ ନେଇ ଅଧିକ ସୂଚନା ରହିବ ନାହିଁ, ଯାହା ବଜାରରେ ଅନିଶ୍ଚିତତା ବଢ଼ାଇବ। ଏହି




କାରଣରୁ ନିବେଶକମାନଙ୍କ ମଧ୍ୟରେ କାଳଭୈରବୀ ସୃଷ୍ଟି ହୋଇଥିଲା ଏବଂ ସେମାନେ ଶେୟାର ବିକ୍ରି କରିବା ଆରମ୍ଭ କରିଦେଇଥିଲେ। ସୂଚନାଯୋଗ୍ୟ ଯେ, ଫେଡ୍ ରିଜର୍ଭ କ୍ରମାଗତ ଚତୁର୍ଥ ଥର ପାଇଁ ସୁଦ୍ଧ ହାରରେ କୌଣସି ପରିବର୍ତ୍ତନ କରିନାହିଁ।

ଫେଡ୍ର ଏହି ନିଷ୍ପତ୍ତି ଯୋଗୁଁ ମାଇକ୍ରୋସଫ୍ଟ, ମେଟା, ଆଲଫାବେଟ୍, ଆମାଜନ ଏବଂ ନିକଟରେ ଶେୟାର ବଜାରରେ ତାଲିକାଭୁକ୍ତ ହୋଇଥିବା ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସ୍ଏକ୍ସର ଶେୟାର ବହୁତ ତଳକୁ ଖସିଯାଇଛି।

ଶେୟାର ସବୁଠାରୁ ଅଧିକ ୪.୯ କଣ୍ଟେଣ୍ଟ ପ୍ରତିଶତ ହ୍ରାସ ପାଇଛି। ଏହା ସହିତ ମାର୍କେଟ୍ କ୍ୟାପ୍ ମାମଲାରେ ସ୍ପେସ୍ଏକ୍ସ ଷଷ୍ଠ ସ୍ଥାନକୁ ଖସି ଆସିଛି। ମାଇକ୍ରୋସଫ୍ଟ ଶେୟାର ମୂଲ୍ୟ ୩.୭୯% ହ୍ରାସ ପାଇଛି। ଆମାଜନ ଶେୟାର ୩.୪୬% ହ୍ରାସ ପାଇଛି, କିନ୍ତୁ ଏହା ସତ୍ତ୍ୱେ କମ୍ପାନୀ ଟପ୍-୫ କମ୍ପାନୀ ତାଲିକାରେ ପୁଣି ସ୍ଥାନ ପାଇଛି। ଆଲଫାବେଟ୍ (ଗୁଗଲ୍) ଶେୟାର ୨.୪୩% ହ୍ରାସ ପାଇଛି। ଏନଭିଡିଆ ଶେୟାର ୧.୩୩% ଏବଂ ଆପଲ୍ ଶେୟାର ୧.୧୦% ହ୍ରାସ ପାଇଛି।

# ମୁଦ୍ରିତ ମୂଲ୍ୟରୁ ଅଧିକ ଦରରେ ସିଗାରେଟ୍ ବିକ୍ରି ପାଇଁ ନିର୍ମାତା ଓ ଖୁଚୁରା ବିକ୍ରେତାଙ୍କ ଉପରେ ଲାଗିଲା ୧୦ଲକ୍ଷ ଟଙ୍କା ଜରିମନା

ଅଲିଗଡ଼,୧୮।୬ଃ ଆଲିଗଡ଼ ଜିଲ୍ଲା ଖାଉଟି ଆୟୋଗ ସିଗାରେଟ ନିର୍ମାତା ଓ ଜନୈକ ବିକ୍ରେତାଙ୍କୁ ମିଳିତ ରୂପେ ଖାଉଟି କଲ୍ୟାଣ ପାଣ୍ଠିକୁ ୧୦ ଲକ୍ଷ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉପଭୋକ୍ତା ବିବାଦ ନିବାରଣ ଆୟୋଗ ଜନୈକ ଗ୍ରାହକଙ୍କ ଅଭିଯୋଗ ଆଧାରରେ ଏହି ଆଦେଶ ଜାରି କରିଛନ୍ତି, ଯେଉଁଥିରେ ଅଭିଯୋଗକାରୀ କହିଥିଲେ ଯେ କ୍ଲାସିକ ବ୍ରାଣ୍ଡ ସିଗାରେଟର ପ୍ୟାକେଟ ଉପରେ ମୁଦ୍ରିତ ମୂଲ୍ୟରୁ ବିକ୍ରେତା ତାଙ୍କଠାରୁ ଅଧିକ ୨୦ ଟଙ୍କା ଆଦାୟ କରିଛନ୍ତି। ଅଭିଯୋଗକାରୀ କହିଛନ୍ତି ଯେ ୨୯ ଜାନୁୟାରୀ ୨୦୨୬ରେ ସେ ଅଲିଗଡ଼ର ଏକ ଦୋକାନରୁ କ୍ଲାସିକ ବ୍ରାଣ୍ଡ ସିଗାରେଟର ଏକ ପ୍ୟାକେଟ କ୍ରୟ କରିଥିଲେ। ପ୍ୟାକେଟରେ ଅଧିକତମ ଖୁଚୁରା ମୂଲ୍ୟ (ଏମଆରପି) ୩୪୦ ଟଙ୍କା ପ୍ରିଣ୍ଟ ଥିଲା, ହେଲେ ଦୋକାନୀ ତାଙ୍କଠାରୁ ୩୬୦ ଟଙ୍କା ନେଇଛନ୍ତି। ଏ ନେଇ ଉପଭୋକ୍ତା ଆପତ୍ତି କରିଥିଲେ ହେଲେ ଦୋକାନୀ ନ ମାନିବାରୁ ଅତିରିକ୍ତ ୨୦ ଟଙ୍କା ସେ ଅନଲାଇନ ପୈଠ କରିଥିଲେ।



ଉପଭୋକ୍ତା ତର୍କ ଦେଇଛନ୍ତି ଯେ ମୁଦ୍ରିତ ଏମଆରପିରୁ ଅଧିକ ମୂଲ୍ୟରେ ଉତ୍ପାଦ ବିକ୍ରି କରିବା ଆଇନ ବିରୁଦ୍ଧ ଓ ଅନୁଚିତ ବ୍ୟାପାର ପ୍ରଥା ଅଟେ।

ଉପଭୋକ୍ତା ଏଥି ପାଇଁ ବିକ୍ରେତା ଓ ନିର୍ମାତା କ୍ଲାସିକ ସିଗାରେଟ ତିଆରି କରୁଥିବା କମ୍ପାନୀ ଉଭୟଙ୍କ ବିରୋଧରେ ଅଭିଯୋଗ ରୁଜୁ କରିଥିଲେ। ଏଥିରେ ସେ ତାଙ୍କର ଅତିରିକ୍ତ ୨୦ ଟଙ୍କା ବାର୍ଷିକ ୨୪ ପ୍ରତିଶତ ସୁଧହାରରେ ଫେରସ୍ତ କରିବାକୁ ତଥା ମାନସିକ ପୀଡ଼ା ପାଇଁ କ୍ଷତିପୂରଣ ରୂପେ ୧୦ଲକ୍ଷ ଟଙ୍କା, ଉପଭୋକ୍ତା ସଂରକ୍ଷଣ ଅଧିନିୟମ ୨୦୧୯ ଅନୁସାରେ ଉଭୟ ପକ୍ଷଙ୍କ ଉପରେ ୨୫ ଲକ୍ଷ ଟଙ୍କା ଜରିମନା ତଥା ତାଙ୍କ ଓକିଲଙ୍କ ଦେୟ ବାବଦକୁ ୭୫ ହଜାର ଟଙ୍କା ପୈଠ କରିବାକୁ ଦାବି କରିଥିଲେ। ଏହି ମାମଲାରେ ସିଗାରେଟ ବିକ୍ରେତା କୌଣସି ପ୍ରତିକ୍ରିୟା ଦେଇନଥିଲେ। ଏଣୁ ଆୟୋଗ ତାଙ୍କ ପକ୍ଷ ଶୁଣିବା ବିନା କାର୍ଯ୍ୟାନୁଷ୍ଠାନ କରିଛନ୍ତି। ତେବେ ମାମଲାରେ ସିଗାରେଟ ନିର୍ମାତା ଲିଖିତ ଜବାବ ଦାଖଲ କରି ଏଥିରୁ ନିଜକୁ ଦୋଷ ମୁକ୍ତ ରଖିବାକୁ ଉଦ୍ୟମ କରିଥିଲେ। ଏଥିରେ କମ୍ପାନୀ କହିଥିଲା ଯେ ସେ କେବେବି ସିଧାସଳଖ ଅଭିଯୋଗକାରୀଙ୍କୁ କୌଣସି ଦ୍ରବ୍ୟ ବିକ୍ରୟ କରି ନାହାନ୍ତି। ସେହିପରି ଯେଉଁ ଖୁଚୁରା ବିକ୍ରେତା ଏହି ସିଗାରେଟ୍ ପ୍ୟାକେଟ୍ ବିକ୍ରୟ କରିଛନ୍ତି କମ୍ପାନୀ ତାଙ୍କୁ କେବେବି ଅଧିକୃତ ବିକ୍ରେତା ନିଯୁକ୍ତ କରିନଥିଲା। ଏଣୁ ଗ୍ରାହକଙ୍କ ଠାରୁ ଅସୁଲ କରାଯାଇଥିବା ମୂଲ୍ୟ ଉପରେ କମ୍ପାନୀର କୌଣସି ନିୟନ୍ତ୍ରଣ ନଥିଲା। ଏହାଛଡା ନିର୍ମାତା ଏହା ବି କହିଛନ୍ତି ଯେ ଏ କଥାର କୌଣସି ପ୍ରମାଣ ନାହିଁ ଯେ ଉପଭୋକ୍ତା ଗୋଟେ ପ୍ୟାକେଟ୍ ସିଗାରେଟ ପାଇଁ ୩୬୦ ଟଙ୍କା ପୈଠ କରିଛନ୍ତି। ଏଣୁ ଆୟୋଗଙ୍କୁ ଅଭିଯୋଗ ଖାରଜ କରିବାକୁ କମ୍ପାନୀ ନିବେଦନ କରିଥିଲା। ତେବେ ଉପଭୋକ୍ତା ବିବାଦ ନିବାରଣ ଆୟୋଗ ଅଧ୍ୟକ୍ଷ ହସନୈନ କ୍ୟୁରେସୀ ଓ ସଦସ୍ୟା ପୂର୍ଣ୍ଣିମା ସିଂହ ରାଜପୁତଙ୍କ ଦୁଇ ସଦସୀୟ ପୀଠ ସ୍ୱୀକାର କରିଛନ୍ତି ଯେ ସିଗାରେଟ ପ୍ୟାକେଟ ଛବି ସହିତ ପ୍ରସ୍ତୁତ ଅନଲାଇନ ପୈଠ ରେକର୍ଡରୁ ଏହା ସାବ୍ୟସ୍ତ କରିବାକୁ ପର୍ଯ୍ୟାପ୍ତ ଯେ ଅଭିଯୋଗକାରୀ ଉତ୍ପାଦ କ୍ରୟ କରିଥିଲେ ଓ ଏମଆରପିଠାରୁ ଅତିରିକ୍ତ ୨୦ ଟଙ୍କା ପୈଠ କରିଥିଲେ। ଆୟୋଗ ଏହା ବି ଜାଣିବାକୁ ପାଇଥିଲେ ଯେ ବିକ୍ରେତା ଅଭିଯୋଗକାରୀଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ସ୍ପଷ୍ଟ ରୂପେ ଖଣ୍ଡନ କରି ନାହାନ୍ତି। ସେହିପରି ନିର୍ମାତାଙ୍କ ଭୂମିକା ସମ୍ପର୍କରେ ଆୟୋଗ ଏହା ଜାଣିବାକୁ ପାଇଛନ୍ତିଯେ ଯେହେତୁ ବିକ୍ରେତା କମ୍ପାନୀ ଦ୍ୱାରା ନିର୍ମିତ ଉତ୍ପାଦ ବିକ୍ରୟ କରୁଥିଲା ଏଣୁ ଔପଚାରିକ ଅନୁବନ୍ଧ ବିନା ମଧ୍ୟ ସେ ପ୍ରଭାବୀ ରୂପେ କମ୍ପାନୀର ଏଜେଣ୍ଟ ହୋଇସାରିଥିଲା।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୧,୧୦୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୮,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୧,୧୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୮,୫୦୦ ଟଙ୍କାକୁ ପହଁଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୧,୧୦୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୮,୫୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୧,୨୫୦ ଟଙ୍କା ଓ ୨୨ କ୍ୟାରଟେ ୧,୩୮,୬୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୦୬୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୧,୧୦୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୮,୫୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୫,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୭୪ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୪୭ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୫ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୬ ପଇସା ରହିଛି ।

# ବିଗୁଡୁଛି ସ୍ଥିତି,ବାୟୁ ପାଲଟୁଛି ବିଷ



ଢେଙ୍କାନାଳ,୧୮।୬ (ସଂଚାର ବ୍ୟୁରୋ): ଜିଲ୍ଲାର ବିଭିନ୍ନ ଅଞ୍ଚଳ ବିଶେଷ କରି ଜିଲ୍ଲାର ହିନ୍ଦୋଳ ଓ ଓଡ଼ାପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଗଢ଼ି ଉଠିଥିବା ଖଣିଖାଦାନ,ଶିଳ୍ପାନୁଷ୍ଠାନ,ମାତ୍ରାଧିକ ଯାନବାହାନ ଇତ୍ୟାଦି ଗୁଡ଼ିକ ବାୟୁମଣ୍ଡଳର ସନ୍ତୁଳନକୁ ବିଗାଡ଼ି ଚାଲିଛନ୍ତି। ବିଷ ପାଲଟିଯାଣି ଏଠାକାର ବାୟୁ। ସ୍ଥିତି ଏଭଳି ହେଲାଣି ଯେ ଆଖି ଜଳାପୋଡ଼ା ହେବା ସହ ନିଃଶ୍ୱାସ ନେବା କଷ୍ଟକର ହୋଇପଡ଼ିଛି। ଜିଲ୍ଲାରେ ଆଉ ପ୍ରକୃତିର ବାତାବରଣ ସଠିକ ଢଙ୍ଗରେ ପରିଚାଳନା ହେଉନାହିଁ।ପୂର୍ବ ଅଞ୍ଚଳରେ ଉପରମୁହାଁ ହେଲେ ସିଧାସଳଖ ନୀଳବର୍ଣ୍ଣର ଆକାଶ ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନ ଅଞ୍ଚଳର ବକ୍ଷରେ ଠିଆହୋଇ ଉପରକୁ ଚାହିଁଲେ ଆକାଶକୁ କଳାଚକ୍ଷର ଆସ୍ତରଣ ଢାଙ୍କି ରଖିଲା ଭଳି ଦେଖାଯାଉଛି। ପୂର୍ବରୁ ଲୋକଙ୍କ ଚାଳଛପର ଘର ଥିଲା ଏବଂ ଯଦି ସେହି ଚାଳଛପର ଘର ଉପରେ କଣାଟିଏ ଥାଏ ତେବେ ସେହି କଣା ଦେଇ ସୂର୍ଯ୍ୟଙ୍କ ଯେଉଁ ଆଲୋକ ପଡ଼ିଥାଏ ସେଥିରେ ଦେଖିହୁଏ ଯେ ଘର ଭିତରେ ରହିଥିବା ବାୟୁରେ ମିଶିଥିବା ଧୂଳିକଣା। ତାହାର ମାପିବାର ଯନ୍ତ୍ର ନଥିଲେ ମଧ୍ୟ ଜାଣିହୁଏ। ପୂର୍ବପରି ସବୁଜ ବୃକ୍ଷଭରା ଓଡ଼ାପଡ଼ା ଅଞ୍ଚଳରେ ଏବେ ପ୍ରଦୂଷଣ ବଳୟରେ ଜର୍ଜରିତ ସରକାରୀ ଓ ବେସରକାରୀ ରିପୋର୍ଟ ଅନୁସାରେ ବାୟୁ ଗୁଣବତ୍ତା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ବାୟୁମଣ୍ଡଳରେ ନିରବଚ୍ଛିନ୍ନ ଅମ୍ଳଜାନ,ଅଙ୍ଗାରକାମ୍ଳ,ଯବକ୍ଷାରଜାନ,ଉଦଜାନ ଆଦି ଫେଣ୍ଟି ହୋଇଗଲାଣି,ଯାହା ବାୟୁମଣ୍ଡଳକୁ ବିଷାକ୍ତ କରି ମୁଖ୍ୟ ଭୂମିକା ନିର୍ବାହ କରୁଛି। ଶୀତ,ଖରା,ବର୍ଷା ତାରି ମାସ ହୋଇଥିଲେ ହେଁ ତାହା ସମ୍ପୂର୍ଣ୍ଣ ଭାବେ ପରିଚାଳିତ ହୋଇ ପାରୁନାହିଁ। ଏହାର ମୁଖ୍ୟକାରଣ ଜଙ୍ଗଲ କ୍ଷୟ ସହିତ ଉତ୍ତପ୍ତ ବାୟୁମଣ୍ଡଳ ଯାହା ପ୍ରକୃତିର ପରିଚାଳନାରେ ବାଧାସୃଷ୍ଟି କରୁଛି। ଆହୁରି ମଧ୍ୟ ଅଞ୍ଚଳରେ କାଗଜକଲମରେ ଚାରାରୋପଣ କରାଯାଉଛି। ସବୁଠୁ ଚିନ୍ତାର କଥା ହେଉଛି ପ୍ରଦୂଷଣ। ଏପରି ସମସ୍ୟା ଯୋଗୁଁ ଯଥାସମ୍ଭବ ଲୋକଙ୍କୁ ଘରେ ରହିବାକୁ ଡାକ୍ତରମାନେ ପରାମର୍ଶ ମଧ୍ଯ ଦେଉଛନ୍ତି। ବିଶେଷକରି ଶ୍ୱାସ ଜନିତ ସମସ୍ୟା ଉପୁଜୁଛି। ସ୍ଥିତି ଏଭଳି ହେଉଛି ଯେ ବିଭିନ୍ନ ସରକାରୀ ଘରୋଇ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ବଢୁଛି।ଛାତି,ଚକ୍ଷୁ,ଗଳା,ଚର୍ମ ଓ ନାକଜନିତ ରୋଗ ପରିଲକ୍ଷିତ ହେଉଛି। ଏଥିସହ ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି,ବାୟୁ ପ୍ରଦୂଷଣ ମାନସିକ ସ୍ତରରେ ମଧ୍ୟ ପ୍ରଭାବ ପକାଉଛି। ପ୍ରଦୂଷଣ ଯୋଗୁଁ ଛାତିରେ ସଂକ୍ରମଣ ହେଉଥିବାରୁ ବହୁ ରୋଗୀଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ବୟସ୍କ ଲୋକଙ୍କ ନିକଟରେ ପ୍ରଦୂଷଣ ପାଇଁ ହୃଦଘାତ ସମ୍ଭବନା ୧୦ଗୁଣ ବୃଦ୍ଧି ପାଉଛି। ଅଞ୍ଚଳରେ ବାୟୁମଣ୍ଡଳ ଦିନକୁ ଦିନ ବିଷ ପାଲଟୁଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ମଧ୍ୟ ହେଉଛି। ତେଣୁ ବେଳଥାଉଥାଉ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ଏହାର ନିରାକରଣ ହୋଇପାରିବ ବୋଲି ପ୍ରକୃତିପ୍ରେମୀ ଓ ପରିବେଶବିତ ମହଲରେ ଦାବି ହେଉଛି।

● ଛତ୍ରତୋଟା-ଏରକଣା ପୂର୍ତ୍ତ ରାସ୍ତାର ବରାହିପୁର କଲଭର୍ଟ ନିକଟରେ ଗାତ

# ଯାତାୟାତ ବାଧାପ୍ରାପ୍ତ, ମରାମତି ଦାବି



ମାହାଙ୍ଗା,୧୮।୬ (ସଂଚାର ବ୍ୟୁରୋ): ମାହାଙ୍ଗା ପୂର୍ବ ବିଭାଗ ଅଧିନ ଛତ୍ରତୋଟା-ଏରକଣା ପୂର୍ତ୍ତ ରାସ୍ତାର ବରାହିପୁର କଲର୍ଭଟ ନିକଟରେ ଗତ ଗର୍ତ୍ତ ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତାଟି ଗୋଟିଏ ପଟେ ସାଲେପୁର -କୁଆଁପାଳ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ବେଳେ ଅନ୍ୟ ପଟରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ମଧ୍ୟ ସଂଯୋଗ କରୁଅଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣମାନେ ସ୍କୁଲ, କଲେଜ, ବ୍ୟାଙ୍କ, ବ୍ଲକ, ତହସିଲ, ଡାକଘର, ଡାକ୍ତରଖାନା, ଥାନା ଆଦି ଗରୁତ୍ୱପୁର୍ଣ୍ଣ କାର୍ଯ୍ୟରେ ଯାତାୟତ କରିଥାନ୍ତି। ସେହିପରି ଶହ ଶହ ବାଇକ ଠାରୁ ଆରମ୍ଭ କରି ଭାରିଯାନ ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ଏହି ରାସ୍ତାରେ ଗର୍ତ୍ତ ସୃଷ୍ଟି ହେବା ସହ ଅନେକ ସ୍ଥାନରେ ଖାଲ ଖମା ହୋଇଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଯାତାୟତରେ ଅସୁବିଧା ହେବା ସହ ଛୋଟ ବଡ ଦୁର୍ଘଟଣା ମାନ ଘଟୁଥିବା ନଜିର ରହିଛି।।ତେଣୁ ବିଭାଗୀୟ ଉଚ୍ଚ କତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ରାସ୍ତାର ମରାମତି ପାଇଁ ସ୍ଥାନୀୟ ଅଞ୍ଚଳ ବାସୀ ଦାବି କରିଛନ୍ତି।

## ଟାଟା ଷ୍ଟିଲ୍ ପକ୍ଷରୁ ରକ୍ତଦାନ ଶିବିର



ଯାଜପୁର ରୋଡ୍,୧୮।୬(ସଂଚାର ବ୍ୟୁରୋ): ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବା ଲକ୍ଷ୍ୟରେ, ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ଗୁରୁବାର ପ୍ଲଟ୍-୨ ଅଡିଟୋରିୟମ୍‌ଠାରେ ଏକ ମେଗା ରକ୍ତଦାନ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଶିବିରରେ କାରଖାନାର ଶ୍ରମିକ ଓ କର୍ମଚାରୀଙ୍କ ଭିତରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହାଫଳରେ ସଫଳତାର ସହ ୨୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇପାରିଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ମଚାରୀ, ସେମାନଙ୍କ ପରିବାର ବର୍ଗ ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନେ ସ୍ୱେଚ୍ଛାକୃତ ଭାବେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହା କମ୍ପାନୀର ସ୍ୱେଚ୍ଛାକୃତ ରକ୍ତଦାନ ଏବଂ ନାଗରିକ ଦାୟିତ୍ୱବୋଧ ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବକୁ ପ୍ରଦର୍ଶିତ କରୁଛି। ଏହି ମେଗା ରକ୍ତଦାନ ଶିବିରରେ ପ୍ରବଳ ଘୋଷ, ଟାଟା ଷ୍ଟିଲ୍‌ର ଆସେଟ୍ ଆଣ୍ଡ ଏନର୍ଜି ମ୍ୟାନେଜମେଣ୍ଟ ବିଭାଗର ଭାଇସ ପ୍ରେସିଡେଣ୍ଟ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଟିଏସ୍‌କେର 'ଅକ୍ୟୁପେସନାଲ୍ ହେଲ୍‌ଥ ସେଣ୍ଟର' ଏବଂ 'ୱେଲ୍‌ନେସ୍ କର୍ଣ୍ଣର' ପକ୍ଷରୁ ଆୟୋଜିତ ଏହି ଜନହିତକର କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର, ସେଣ୍ଟ୍ରାଲ ରେଡକ୍ରସ ରକ୍ତଭଣ୍ଡାର, କଟକ, ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରକ୍ତଭଣ୍ଡାର, ଯାଜପୁର ରୋଡ ସକ୍ରିୟ ସହଯୋଗ କରିଥିଲେ। ରକ୍ତଦାତାମାନଙ୍କ ପ୍ରତି କୃତଜ୍ଞତା ଜଣାଇ ମୁଖ୍ୟ ଅତିଥି ଶ୍ରୀ ଘୋଷ, ସମସ୍ତ ଅଂଶଗ୍ରହଣକାରୀ ଏବଂ ଏଥିରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସାମୂହିକ ସେବା ମନୋଭାବକୁ ଉଚ୍ଚ ପ୍ରଶଂସା କରିଥିଲେ। ସ୍ଥାନୀୟ ରକ୍ତ ଭଣ୍ଡାରଗୁଡ଼ିକରେ ଜୀବନ ରକ୍ଷାକାରୀ ରକ୍ତର ଜରୁରୀ ଆବଶ୍ୟକତାକୁ ପୂରଣ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ନୀଳଗିରି ବିଜେଡି ପକ୍ଷରୁ ବିଏଲଏ ପ୍ରଶିକ୍ଷଣ ଶିବିର



ନୀଳଗିରି,୧୮।୬(ସଂଚାର ବ୍ୟୁରୋ): ଭୋଟର ତାଲିକା ସଂଶୋଧନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା କରଣ କରୁଥିବା ବେଳେ ନୀଳଗିରି ବିଜେଡ଼ି ପକ୍ଷରୁ ବିଏଲଏ ପ୍ରଶିକ୍ଷଣ ଶିବିର ସ୍ଥାନୀୟ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନ ୮ଘଟିକା ରୁ ୧୧ ଘଟିକା ପର୍ଯ୍ୟନ୍ତ ଦଳୀୟ କର୍ମୀ ମାନଙ୍କୁ ନେଇ ବୁଥ ସ୍ତରୀୟ ବିଏଲଏ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଙ୍କ ପ୍ରତ୍ୟକ ତତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ନୀଳଗିରି ବ୍ଲକର ୨୫ ଗୋଟି ପଞ୍ଚାୟତ ରୁ ନିର୍ବାଚିତ ଜନ ପ୍ରତିନିଧି, ଦଳୀୟ ନେତା ଓ କର୍ମୀ ଯୋଗ ଦେଇ ବୁଥ ସ୍ତରୀୟ ଏଜେଣ୍ଟ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଶେଷ କରି ଆଗକୁ ପଞ୍ଚାୟତ ନିର୍ବାଚନ କୁ ଦୃଷ୍ଟିରେ ରଖି ଭୋଟର ମାନଙ୍କ ତାଲିକା ସଂଶୋଧନ ସହିତ ମୃତ ଓ ଅନ୍ୟତ୍ର ବସବାସ କରୁଥିବା, ବିବାହିତା ମହିଳା ମାନଙ୍କ ନାମ କୁ ବାଦ ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭୋଟର ଭାଇ ଭଉଣୀ, ମା, ମାଉସୀ ମାନେ ଯେଭଳି ଭାବେ ବିନା ଅସୁବିଧାରେ ତାଙ୍କର ଭୋଟର ତାଲିକା ସଂଶୋଧନ କରାଯାଇପାରିବ ଏବଂ ଦଳୀୟ କର୍ମୀ ମାନେ ସହଯୋଗ ଓ ସଚେତନ କରାଇବେ ସେନେଇ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ନାୟକ ଉପସ୍ଥିତ ସମସ୍ତ ବିଏଲଏ କର୍ମୀ ଓ ଦଳୀୟ ନେତୃତ୍ୱ ଙ୍କୁ ଅନୁରୋଧ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ନଗର ପାଳ କ୍ଷେତ୍ରମୋହନ ସିଂ, ଗଙ୍ଗାଧର ମିଶ୍ର, କମଳା ମଣୀ ପରିଡ଼ା, ଅଚ୍ୟୁତ ପ୍ରଧାନ, ସୁନୀଲ ପ୍ରଧାନ, ଖଗେନ୍ଦ୍ର ସାହୁ, କୁଳମଣି ନାୟକ, ବୁଦ୍ଧଦେବ ସରକାର, ପ୍ରକାଶ ସିଂ, ପ୍ରମୁଖ ତିନି ଶହ ରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାଲିଅନ୍ତା,୧୮।୬(ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଧୀନ ସରକଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱପ୍ନା ସାମଲଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ଭୁବନେଶ୍ୱର ୟୁନିଟ -୧ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ସ୍ୱପ୍ନାଙ୍କୁ ଏଠାରେ ଅବସ୍ଥାପିତ କରାଯାଇଛି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବି ପୂରଣ କରାଯାଇଥିବାରୁ ଗ୍ରାମବାସୀ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଆଜି ଗ୍ରାମବାସୀ, ପୂରାତନ ଛାତ୍ର, ଶିକ୍ଷକ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଦେଇ ସ୍ୱପ୍ନାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ବଦ୍ୟାଳୟ ଶ୍ରେଣୀଗୃହରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ଦାସ, ରାଜେନ୍ଦ୍ର ସାହୁ, ସମିତି ସଭ୍ୟ ନାରାୟଣ ସାହୁ ଲଲାଟେନ୍ଦୁ ଦୀକ୍ଷିତ, ଶିକ୍ଷା କମିଟି ସଭାପତି କାଳନ୍ଦୀ ମହାପାତ୍ର, ସୁଦର୍ଶନ ଜେନା, ସିଆରସିସି ଭାଗିରଥୀ ସାହୁ, ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ମଧୁସ୍ମିତା ସାହୁ, କଳ୍ପନା ମିଶ୍ର, ଗୋଦାବରୀ ସାମଲ, ସୌଭାଗ୍ୟଲକ୍ଷ୍ମୀ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି କର୍ମଶାଳା



ଫୁଲବାଣୀ,୧୮।୬(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଆନୁକୂଲ୍ୟରେ ଏବଂ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସହଯୋଗରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ 'ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ଓ ମାନସିକ ମନ୍ଥନ କାର୍ଯ୍ୟକ୍ରମ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପୂର୍ବ ପ୍ରସ୍ତୁତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।ଏହି ବୈଠକରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ଯୁଧିଷ୍ଠିର ମେହେର ଏବଂ ରାଜ୍ୟ ସ୍ତରୀୟ ପର୍ଯ୍ୟବେକ୍ଷକ ଶ୍ରୀ କାଦିମ ଖାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାସହ ଜିଲ୍ଲା ଏବଂ ବ୍ଲକ ସ୍ତରର ସମସ୍ତ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ବିଶେଷ ଭାବେ ଉପସ୍ଥିତ ଥିଲେ।ବୈଠକରେ ସମ୍ଭାବ୍ୟ ବାତ୍ୟା, ବନ୍ୟା ବା ଅନ୍ୟାନ୍ୟ ଜରୁରୀକାଳୀନ ସ୍ଥିତିର ମୁକାବିଲା ପାଇଁ ଏକ ରଣନୀତି ପ୍ରସ୍ତୁତ କରାଯିବା ସହ ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଅତିଥିମାନେ ବିଶେଷ ଗୁରୁତ୍ୱ ଦେଇଥିଲେ। ବିପର୍ଯ୍ୟୟ ସମୟରେ ତୃଣମୂଳ ସ୍ତରରୁ କିଭଳି ସଠିକ୍ ସୂଚନା ଶୀଘ୍ର ପହଞ୍ଚିବ, କମ୍ ସମୟ ମଧ୍ୟରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ଏବଂ ଉଦ୍ଧାର କାର୍ଯ୍ୟ ସହ ସାହାଯ୍ୟ ସାମଗ୍ରୀ ବଣ୍ଟନ ପ୍ରକ୍ରିୟା କିଭଳି ତ୍ୱରାନ୍ୱିତ ହେବ, ସେନେଇ ଏକ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ ହୋଇଥିଲା।

## ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବଣ୍ଟନ



କୋରେଇ,୧୮।୬(ସଂଚାର ବ୍ୟୁରୋ): କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ପ୍ରଥମ ଠାରୁ ଅଷ୍ଟମ ପର୍ଯ୍ୟନ୍ତ ବିଦ୍ୟାଳୟ ୟୁନିଫର୍ମ ପ୍ରଦାନ କରଯାଇଛି। ବିଦ୍ୟାଳୟର ପ୍ରତ୍ୟେକ ପିଲାଙ୍କୁ ଦୁଇହଳ ପୋଷାକ ସହିତ ଏକ ହଳ ଜୋତା, ମୋଜା ସହିତ ଟୋପି, ଏକ ହଳ ଟ୍ରାକ ପ୍ୟାଂଟ, ବ୍ୟାନିୟନ ଦିଆ ଯାଇଥିଲା।ପ୍ରଧାନ ଶିକ୍ଷୟିତ୍ରୀ ସୋର୍ଣ୍ଣପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବରୁଣ୍ଡେଇ ସରପଞ୍ଚ ଶ୍ରୀମତୀ ଲିପ୍ସା ପରିଡ଼ା, ସମିତି ସଭ୍ୟ ରଶ୍ମୀରଞ୍ଜନ ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ପାତ୍ର, ମୋ ସ୍କୁଲ ଅଧକ୍ଷ୍ୟ ଅକ୍ଷୟ କୁମାର ପରିଡ଼ା ଯୋଗ ଦେଇ ସରକାରଙ୍କ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟରେ ସରକାର ଦେଉଥିବା ସାହାଯ୍ୟ କିପରି ସବୁ ପିଲା ମାନଙ୍କ ପାଖରେ ପହଂଚା ଯାଇପାରିବ ସେଥିପାଇଁ ଯତ୍ନବାନ ହେବାକୁ ଶିକ୍ଷକ ମାନଙ୍କୁ ପରାମର୍ଶ ଦେବା ସହିତ ଶିକ୍ଷାଦାନର ମାନକୁ ଉର୍ନ୍ନତ କରିବା ସହିତ ଆଗାମୀ ଦିନରେ ବିଦ୍ୟାଳୟ କିପରି ଅଧିକ ସଂଖ୍ୟକ ପିଲା ଏ-୧ ପାଇବେ ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ବିଦାୟୀ ପ୍ରଧାନ ଶିକ୍ଷକ ଅବଦୁଲ ମୁସ୍ତାକିନ ଖାନଙ୍କ ଉପଦେଷ୍ଟାରେ ପରିଚାଳନା କରିଥିବା ବେଳେ ନିରଞ୍ଜନ ବାହାଲିଆ, ଲୋପାମୁଦ୍ରା ନାୟକ, ନମିତା ରାଣୀ ବୈଠରୁ, ଅପର୍ଣ୍ଣା ଦତ, ଦେବଦତ ସ୍ୱାଇଁ, ରଙ୍ଗାଧର କାଣ୍ଡି, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଦୀପ୍ତି ଜେନା, ଅମିତ କୁମାର ବରାଳ, ଖେଳ ଶିକ୍ଷକ ଧର୍ମାନନ୍ଦ ସାହୁ, ଅଫିସ ପରିଚାଳକ ନୀଳାଦ୍ରି ଭୂଷଣ ଦାସ ଓ ବିଦ୍ୟାଳୟର କର୍ମଚାରୀ ପୁଷ୍ପାରଞ୍ଜନ ସାହୁ, ଦେବାଶିଷ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଜେଲ୍‌ରୁ ମୁକୁଳିବା ପରେ ଫୁଲହାର ଦେଇ ସ୍ୱାଗତ



ନୀଳଗିରି, ୧୮।୬(ସଂଚାର ବ୍ୟୁରୋ): ବିଭିନ୍ନ ମିଥ୍ୟା ମାମଲା ରେ ଜେଲ ଥିବା ୬ ଜଣ ଅଭିଯୁକ୍ତ ଆଜି ଜାମିନ ପାଇବା ପରେ ଜେଲ୍ ରୁ ମୁକୁଳି ଛନ୍ତି।ସୂଚନା ଯୋଗ୍ୟ ଦୀର୍ଘ ଆଠ ଦିନ ପୂର୍ବରୁ ଦକ୍ଷିଣ ନରସିଂହପୁର ପଞ୍ଚାୟତ, ପ୍ରତାପଡ଼ା ଗାଁରଲକ୍ଷ୍ମୀକାନ୍ତରାଉତ, ଦିବ୍ୟଜ୍ୟୋତି ରାଉତ, ରତିକାନ୍ତ ରାଉତ ଓ ଈଶ୍ୱରପୁର ପଞ୍ଚାୟତ, ମରେଇ ଗାଁ ର ପର୍ଶୁରାମ ପଲେଇ, ମାନସ କୁମାର ପଲେଇ ଓ ରାଜେଶ ଉପାଧ୍ୟାୟ ବିଭିନ୍ନ ମିଛ ମାମଲା ରେ ସରକାରୀ ଦଳର. ଚାପରେ ନିଳଗିରିପୋଲିସ ଗିରଫ କରିବା ପରେ ସେମାନେ ବିଚାରାଧୀନ ବନ୍ଦୀ ଭାବେ ନୀଳଗିରି ସବ୍ ଜେଲ କୁ ପଠାଇ ଥିଲେ।ଆଜିଅପରାହ୍ନ ରେଜେଲରୁମୁକୁଳିବାପରେ, କଂଗ୍ରେସ ର ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଯଶୋଦା ନନ୍ଦନ ସିଂହ, ଏନ୍ ଏ ସି ସଭାପତିଉପେନ୍ଦ୍ର ବେହେରା, ମିଡିଆ ସଂଯୋଜକ ପ୍ରଫୁଲ୍ଲ କୁମାର ମହାନ୍ତି, ବିଦ୍ୟାଧର ମହାନ୍ତି, ବାପୁଜୀ ମହାନ୍ତି, କମଳାକାନ୍ତ ରାଉତ, ସଚିନ୍ଦ୍ର ସାହୁ, ଦିବାକର ବିଶ୍ୱାଳ, ଲମ୍ବୋଦର୍ ବର୍ଷଲ, ଭରତ ନାୟକ, ଭଜ ରାଉତ, ନବ ସ, ସପନ ସ, ବିଷ୍ଣୁ ମୋହନ ସ, ପ୍ରହଲ୍ଲାଦ ସ, ରମାକାନ୍ତ ବାରିକ, ସୁକୁଟା ଜେନା, ଅଜୟ ଜେନା ଓ ବିଶ୍ୱନାଥ ଦାସପ୍ରମୁଖ ମୁକୁଳି ଥିବା ଯୁବକ ମାନଙ୍କୁ ଫୁଲ ହାର ଦେଇ ସ୍ୱାଗତ କରିଥିଲେ।ଏଠାରେ ସୂଚନା ଯୋଗ୍ୟ, ମୁଦାଲା ଙ୍କ ପକ୍ଷରୁ ଆଇନଜୀବୀ ଗୌରହରି ବେହେରା, ଗଦାଧର ପରିଡା, କିଶୋର ଦାସ ମୋକଦ୍ଦମା ପରିଚାଳନା କରିଥିଲେ।

## ବାଲି ଟ୍ରାକ୍ଟର ଜବତ

ଗଞ୍ଜାମ, ୧୮।୬ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୁଲିସ ଗତ ରାତିରେ ପାଟ୍ରୋଲିଙ୍ଗ ବେଳେ ବେଆଇନ ଭାବେ ବାଲିଚାଲାଣ ହେଉଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ବ୍ରାହ୍ମଣଛାଇରୁ ଜବତ କରିଛି। ଏନେଇ ହିଞ୍ଜିଳି ଥାନାରେ ୪୨୦/୨୬ରେ ଏକ ମାମଲା ରୁଜୁ କରି ବାଲି ଟ୍ରାକ୍ଟରକୁ ଜବତ କରିଛି ବୋଲି ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

## ଅପହରଣ ମାମଲାରେ ୪ ଅଭିଯୁକ୍ତ ଗିରଫ

ଗଞ୍ଜାମ, ୧୮।୬ (ସଂଚାର ବ୍ୟୁରୋ): କେ ନୂଆଗାଁ ଥାନା ପୁଲିସ ଅପହରଣ ଅଭିଯୋଗରେ ୪ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ନିଗମ ଗୌଡ଼, ଶଙ୍କର ଗୌଡ଼, ସଂଗ୍ରାମ ପାଣିଗ୍ରାହୀ ଓ ଅମରନାଥ ସାହୁ। ସେମାନଙ୍କ ଠାରୁ ଗୋଟିଏ ଛୁରୀ, ଦୁଇଟି ବାଇକ୍ ଓ ଚାରିଟି ମୋବାଇଲ ଜବତ ହୋଇଛି। ଗତ ସନ୍ଧ୍ୟାରେ ଧାନଘର ଛକରେ ବିଜୟ ବିଷୋଇ ବସ୍ ଧରିବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ ମାନେ ବିଜୟକୁ ମାଡମାରି ଖୋସାବାଡି ଶ୍ମଶାନ ରାସ୍ତାକୁ ନେଇଥିଲେ ହତ୍ୟା କରିବା ପାଇଁ। କିନ୍ତୁ, ବିଜୟ ସେମାନଙ୍କ କବଳରୁ ଖସିଯାଇ ଥାନାରେ ଅଭିଯୋଗ କରିଥିଲେ। କେ ନୂଆଗାଁ ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମନ୍ଦିରରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଉତ୍ସବ



ବୋରିଗୁମ୍ମା, ୧୮।୬ (ସଂଚାର ବ୍ୟୁରୋ): ପ୍ରକୃତି ଓ ପରିବେଶର ଅନନ୍ୟ ମିଳନର ନୀତି ଶୀତଳ ଷଷ୍ଠୀ। ଆଜି ଅନୁଷ୍ଠିତ ହୋଇଛି ଦେବ ଦେବଧି ଦେବ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ଏବଂ ଜଗତଜନନୀ ମା' ପାର୍ବତୀଙ୍କ ଦିବ୍ୟ ଓ ଭବ୍ୟ ବିବାହ ଉତ୍ସବ। ଏନେଇ କମିଟି ପକ୍ଷରୁ ଜୋରସୋରରେ କାର୍ଯ୍ୟକ୍ରମ ଚାଲିଛି ଏବଂ ସେଥି ନିମନ୍ତେ ଆଜି ଉତ୍ସବ ମୁଖର ହୋଇ ଉଠିଛି ବୋରିଗୁମ୍ମା ସହର। ଆଜି ବିବାହ ପାଇଁ ମା'ଙ୍କ ଅଳଙ୍କାର ଧାରଣ ଉତ୍ସବ ଓ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଛି। ବରପକ୍ଷ ସ୍ଥାନୀୟ ପାଇଲୁ ସାହି ସ୍ଥିତ ରଜତ ପଣ୍ଡାଙ୍କ ପରିବାର ପକ୍ଷରୁ ସ୍ଥାନୀୟ ସଂଲଗ୍ନ ନୀଳକଣ୍ଠେଶ୍ୱର ମନ୍ଦିରକୁ ଭାର ଆଦିରେ ଦେବଦମ୍ପତି ବିବାହ ପାଇଁ ଫଳମୂଳ ମିଠା ପିଠା ଚୁଡ଼ା ଗୁଡ଼, ବସ୍ତ୍ର ଅଳଙ୍କାର ଆଦି ନେଇ ଶହ ଶହ ଭକ୍ତଙ୍କ ଗହଳିରେ ପଞ୍ଚବାଦ୍ୟ ସଂକୀର୍ତ୍ତନ ଘଣ୍ଟ ଶଙ୍ଖ ବାଜା ବାଜଣା ଆଦିସହ ନଗର ପରିକ୍ରମା କରି ନୀଳକଣ୍ଠେଶ୍ୱର ମନ୍ଦିର ସ୍ଥିତ ବିବାହବେଦୀରେ ପହଞ୍ଚି ପୁରୋହିତ ଓ ବ୍ରାହ୍ମଣଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁଯାୟୀ ସନ୍ଧ୍ୟା ୫ଟାରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ମହାଦେବ ଶିବ ଏବଂ ଦେବୀ ପାର୍ବତୀଙ୍କ ବିବାହ ନୀତି ସମ୍ପନ୍ନ କରିଛନ୍ତି। ଉଭୟ ମହାଦେବ ଓ ଦେବୀ ପାର୍ବତୀଙ୍କୁ ସାଜସଜ୍ଜା କରାଯାଇ ଶଭାଯାତ୍ରାରେ ବାଜାବାଜଣା ସହିତ ନଗର ପରିକ୍ରମା କରାଯାଇଥିଲା।

## ନେଟୱାର୍କ କମ୍ପାନୀଙ୍କ ମନମାନୀ ଯୋଗୁଁ ହନ୍ତସନ୍ତ ହେଉଛନ୍ତି ସାଧାରଣ ଲୋକେ

ବାଲିଆପାଳ,୧୮।୬(ସଂଚାର ବ୍ୟୁରୋ): ସାରା ଭାରତ ବର୍ଷ ରେ ଅନଲାଇନ ସେବା କୁ ସରକାର ଅଧିକ ଗୁରୁତ୍ୱ ଦେଉଥିବା ବେଳେ, ବାଲିଆପାଳ, ବସ୍ତା ଅଞ୍ଚଳ ରେ ତାର ବ୍ୟତିକ୍ରମ ଦେଖାଦେଇଛି. ବିଏସଏନଏଲ, ଏଆରଟେଲ, ଜିଓ ଭଳି ବଡ଼ ବଡ଼ ନେଟୱର୍କ କମ୍ପାନୀ ପ୍ରତ୍ୟେକ ଦିନ ଲୋକମାନଙ୍କ ଠାରୁ କୋଟି କୋଟି ଟଙ୍କା ଅଗ୍ରିମ ନେଇ ନେଟୱର୍କ ସେବା ଯୋଗାଇ ଆସୁଥିବା ବେଳେ, ବସ୍ତା ତଥା ଆଖ ପାଖ ଅଞ୍ଚଳ ରେ ନିମ୍ନ ମାନ ର ନେଟୱାର୍କ ସେବା ଉପଲବ୍ଧ ହେଉଛି. ଫଳ ସ୍ୱରୂପ ଲୋକେ ଘର ପହଂଚିବା ପରେ ମୋବଇଲ ନେଟ କାମ କରୁନାହିଁ.ନେଟୱାର୍କ କୁ ନେଇ ଲୋକେ ଏୟାର ଟେଲ ଏବଂ ଜିଓ କମ୍ପାନୀ ର କଷ୍ଟମାରକେୟାର କୁ ସମଷ୍ୟା ନେଇ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ. ସରକାର ଜନସାଧାରଣ ଙ୍କୁ ଡିଜିଟାଲ ଇଣ୍ଡିଆ ର ସ୍ୱପ୍ନ ଦେଖାଉଥିବା ବେଳେ ଦୁଇଟି ବଡ଼ ବଡ଼ କମ୍ପାନୀ ର ନେଟୱାର୍କ ସେବା କୁ ନେଇ ସନ୍ଦେହ ସୃଷ୍ଟି ହୋଇଛି.ତେବେ ଗ୍ରାମାଞ୍ଚଳ ରୁ ସହରାଞ୍ଚଳ ହୋଇଥିବା ବସ୍ତା ଅଞ୍ଚଳ ରେ ନିମ୍ନ ମାନର ନେଟୱାର୍କ ସେବା ଯୋଗୁଁ ଲୋକେ ଘଣ୍ଟା ଘଣ୍ଟା ବ୍ୟାଙ୍କ ରେ ଛିଡା ହୋଇ ରହିବା, ରେଜିଷ୍ଟ୍ରେସନ ସହିତ ଅଫିସିଆଲ କାର୍ଯ୍ୟ ବିଳମ୍ବରେ ହେଉଥିବାରୁ ସାଧାରଣ ରେ ଦେଖା ଦେଇଛି ଅସନ୍ତୋଷ।

## ୧୫୦ ଲିଟରର ଦେଶୀ ମଦ ଜବତ, ୧୫୦୦ ଲିଟର ମହୁଲ ପୋଚ ନଷ୍ଟ କରାଗଲା

ଭୁବନ,୧୮।୬ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ଦ୍ୱାରାଆଜି ଗୁରୁବାର ୧୫୦ ଲିଟର ଦେଶୀ ମଦ ଜବତ ହେବା ସହ ୧୫୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନାନୁଯାୟୀ ଭୁବନ ଥାନା ଅନ୍ତର୍ଗତ ଏକତାଳି ଗ୍ରାମରେ ଦେଶୀମଦର ବିପୁଳ ଚୋରା କାରବାର ହେଉଥିବା ଖବର ପାଇ ଅବକାରୀ ନିରୀକ୍ଷକ ବୁଲୁ ପାତ୍ର ଗୁରୁବାର ସକାଳ ୬ଟା ସମୟରେ ସଦଳ ବଳେ ଚଢ଼ଉ କରିବାକୁ ଯାଇଥିଲେ। ତେବେ ମାଫିଆଙ୍କର କୌଣସି ସନ୍ଧାନ ମିଳି ନଥିବା ବେଳେ ଅତ୍ୟନ୍ତ ଚତୁରତାର ସହ ନଦୀ ପଠାରେ ବ୍ୟାରେଲ ଓ ଜାରକିନ୍ ରେ ଦେଶୀ ମଦ ଲୁଚାଇ ରଖାଯାଇଥିବା ବେଳେ ଗାତ ଖୋଳି ମହୁଲ ପୋଚକୁ ମଦ ମାଫିଆ ପୋତି ଦେଇଥିଲେ।ଅବକାରୀ ବିଭାଗ କର୍ମଚାରୀ ମାନେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ମଦ ଓ ପୋଚ ସବୁ ଉଦ୍ଧାର କରିଥିଲେ। ଭୁବନ ଅବକାରୀ ଇନ୍ସପେକ୍ଟରଙ୍କ ତତ୍ୱାବଧାନରେ କନଷ୍ଟେବଳ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ, ସହଯୋଗ କରିଥିଲେ।

# ପୀରଜାହାନିଆଁରେ ୬୫ ଏକର ରକ୍ଷିତ ଜମିରେ ୭ କଟେଜ୍

କାକଟପୁର/ଅସ୍ତରଙ୍ଗ,୧୮।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଛୁରିଆନା ପଞ୍ଚାୟତର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ପୀର ଜାହାନିଆଁ ବେଳାଭୂମି ନିକଟରେ ୬୫. ୧୪୦ ଏକର ସରକାରୀ ଜମିରେ ଚାଲିଥିବା ୭ ଟି ବେଆଇନ କଟେଜ୍ ନିର୍ମାଣକୁ ତହସିଲ୍ ପ୍ରଶାସନ ବନ୍ଦ କରିଦେଇଛି। ଆରଓଆର ରେକର୍ଡ ଅନୁଯାୟୀ ଜମିର ଖାତା ନଂ ୪୫୮, ପ୍ଲଟ୍ ନଂ ୨୨୬୧, କ୍ଷେତ୍ରଫଳ ୨୬. ୩୬୨ ହେକ୍ଟର ବା ୬୫. ୧୪୦ ଏକର। ଜମିର ମାଲିକ 'ରକ୍ଷିତ ଅବାଦ ଯୋଗ୍ୟ ଅନାବାଦୀ'। ଓଏଲଆର ଆକ୍ଟ ୧୯୭୨ଧାରା ୨(ସ) ଅନୁଯାୟୀ ଏଇ ଜମି ସରକାରୀ ସମ୍ପତ୍ତି। ବିନା ଅନୁମତିରେ ବ୍ୟବହାର ଅପରାଧ।



ମାଣ୍ଡୁକି ସର୍କଲ ରାଜସ୍ୱ ନିରୀକ୍ଷକ ତପନ କୁମାର ପୃଷ୍ଟିଙ୍କ ରିପୋର୍ଟ ପରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ବୁଧବାର ଘଟଣାସ୍ଥଳ ପରିଦର୍ଶନ କଲେ।

ତଦନ୍ତରେ ଜଣାପଡ଼ିଲା ଜନୈକ ବ୍ୟକ୍ତି ବିନା ଅନୁମତିରେ ୭ଟି ପର୍ଯ୍ୟଟନ କଟେଜ୍ ନିର୍ମାଣ କରୁଛନ୍ତି। ତହସିଲଦାର ତତ୍କାଳ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ ଦେଇ କହିଛନ୍ତି, ଖୁବଶୀଘ୍ର ପ୍ରଶାସନ ପକ୍ଷରୁ ଏହା ଭଙ୍ଗାଯିବ। ପ୍ରଶ୍ନ ଉଠୁଛି - ୬୫ ଏକର ରକ୍ଷିତ ଜମିରେ ୭ ଟି କଂକ୍ରିଟ୍ କଟେଜ୍ ରାତାରାତି ଉଠିଲା କି? ପ୍ରତିଦିନ ସିମେଣ୍ଟ, ବାଲି, ଲେବର୍ ଗଲା। ସ୍ଥାନୀୟ ରାଜସ୍ୱ କର୍ମଚାରୀ, ପଞ୍ଚାୟତ ପ୍ରତିନିଧି, ପୋଲିସ୍ କ'ଣ ଦେଖିନଥିଲେ? ଓଏଲଆର ଧାରା ୭ଏ ଅନୁଯାୟୀ ବେଆଇନ ଜବରଦଖଲ ହେଲେ ତହସିଲଦାର ତତ୍କାଳ ଉଚ୍ଛେଦ ସହ ଜରିମାନା କରିପାରିବେ। ଧାରା ୨୩ ଅନୁଯାୟୀ ଦଣ୍ଡ ବ୍ୟବସ୍ଥା ମଧ୍ୟ ଅଛି। ଆରଓଆର ରେକର୍ଡ, ସାଟେଲାଇଟ୍ ଇମେଜ୍, ଘଟଣାସ୍ଥଳ ଫଟୋ ସବୁ ପ୍ରମାଣ ଏବେ ପ୍ରଶାସନ ପାଖରେ। ସ୍ଥାନୀୟ ଲୋକେ ପୁରୀ ଜିଲ୍ଲାପାଳଙ୍କ ପାଖରେ ସମ୍ପୂର୍ଣ୍ଣ ଉଚ୍ଛେଦ ଦାବି କରିଛନ୍ତି। ଜାହାନିଆଁର ଉନ୍ନତି ପାଇଁ କୋଟି କୋଟି ଟଙ୍କା ପଡ଼ିଥିବା ବେଳେ ସରକାରୀ ଜମି ଲୁଟ୍ ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଲୋକେ କହୁଛନ୍ତି - 'ବିକାଶ ଟଙ୍କା ନୁହେଁ, ବିକାଶ ହେଲା ଜମି ରକ୍ଷା। ଦୋଷୀ ଧରାପଡ଼ୁ, ଜମି ମୁକ୍ତ ହେଉ'। ଓଏଲଆର ଧାରା ୭ଏ ଅନୁଯାୟୀ ନିର୍ଦ୍ଧାରିତ ସମୟ ଭିତରେ ଉଚ୍ଛେଦ ଓ ଜବରଦଖଲକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହେଲେ ପ୍ରଶାସନର ନିଷ୍କ୍ରିୟତା ପ୍ରଶ୍ନ ଉଠିବ। କିଏ କଲା, କିପରି କଲା, କିଏ ସହଯୋଗ କଲା - ତଦନ୍ତ ହେବା ଦରକାର।




# ଶୋଇକି ଉଠିଲା ପରେ ଲାଗୁଛି କି ନିଦ



ଜଣେ ସୁସ୍ଥ ବ୍ୟକ୍ତି ପାଇଁ ଆଠ ଘଣ୍ଟା ନିଦ ଜରୁରୀ। ଅନେକ ଲୋକ ପ୍ରାୟତଃ ଏହି ନିଦ କୋଟା ପୂରଣ କରିବାରେ ବିଫଳ ହୁଅନ୍ତି। ଯାହା ଫଳରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ତଥାପି, କେତେକ ସମୟରେ ଜଣେ ବ୍ୟକ୍ତି ଆଠ ଘଣ୍ଟା ଶୋଇବା ପରେ ମଧ୍ୟ କ୍ଳାନ୍ତ ଏବଂ ଅଳସୁଆପଣ ଅନୁଭବ କରିଥାନ୍ତି। ଏହା ଇଡିଓପାଥିକ୍ ହାଇପରସୋମନିଆ (IH) ନାମକ ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ସୂଚାଇଥାଏ। ଏହି ଅବସ୍ଥା ଲୋକଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ନେବା ପରେ ମଧ୍ୟ ନିଦ୍ରା ଅନୁଭବ କରାଇଥାଏ।

ସରଳ ଭାଷାରେ କହିବାକୁ ଗଲେ, ଏହା ନିଦ ସହିତ ଜଡିତ ଏକ ସ୍ନାୟୁଗତ ରୋଗ । ଏହି ରୋଗରେ ପୀଡିତ ଲୋକମାନେ ପ୍ରାୟତଃ ଦିନରେ ବାରମ୍ବାର ଶୋଇପଡ଼ନ୍ତି। କିଛି ଲୋକ ଦୀର୍ଘ ସମୟ ପାଇଁ ଶୋଇପଡ଼ିଥାନ୍ତି। ଏହି ରୋଗରେ ପୀଡିତ ଲୋକମାନେ ପ୍ରାୟତଃ ନିରନ୍ତର ଥକ୍କା ଅନୁଭବ କରିଥାନ୍ତି। ରାତିର ଭଲ ନିଦ ପରେ ମଧ୍ୟ, ସେମାନଙ୍କୁ ଦିନରେ ଜାଗ୍ରତ ରହିବାରେ ଅସୁବିଧା ହୁଏ ଏବଂ ଉଠିବା ସମୟରେ ନିଦୁଆ ନିଦୁଆ ଅନୁଭବ ହୋଇଥାଏ।

ଏହାର ଲକ୍ଷଣଗୁଡ଼ିକ ଅନ୍ୟ ନିଦ୍ରା ରୋଗ କିମ୍ବା ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସହିତ ସମାନ। ଅନେକ ରୋଗୀଙ୍କ କ୍ଷେତ୍ରରେ ସଠିକ୍ ରୋଗ ନିର୍ଣ୍ଣୟ କରିବରେ ବିଳମ୍ବ ହୋଇଥାଏ। ପୂର୍ବ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି, ଇଡିଓପାଥିକ୍ ହାଇପରସୋମନିଆ ଅପସ୍ମାର କିମ୍ବା ବାଇପୋଲାର ଡିସଅର୍ଡର ଭଳି ରୋଗ ଅପେକ୍ଷା ଅଧିକ ସାଧାରଣ ହୋଇପାରେ। ତେବେ ଏହି ରୋଗର କାରଣ ସ୍ପଷ୍ଟ ନୁହେଁ। ସାଇନ୍ସ ଡାଇରେକ୍ଟ ଡଟ୍ କମରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ଏହା ପ୍ରକାଶ କରିଛି। ରିପୋର୍ଟ ଅନୁସାରେ, ଏହା ମସ୍ତିଷ୍କ ଦ୍ୱାରା ନିଦ ଏବଂ ଜାଗ୍ରତ ଚକ୍ରକୁ ନିୟନ୍ତ୍ରଣ କରିବା ସହିତ ଆରମ୍ଭ ହୋଇଥାଏ। ଏହି ସମସ୍ୟାରେ ପୀଡିତ ବ୍ୟକ୍ତି ଦିନରେ ମଧ୍ୟ ବହୁ ସମୟ ଶୋଇଥାନ୍ତି।

ଏହି ରୋଗର ଚିକିତ୍ସା ବିଷୟରେ କୌଣସି ଠୋସ୍ ସୂଚନା ଉପଲବ୍ଧ ନାହିଁ। ଗବେଷଣା ରିପୋର୍ଟଗୁଡ଼ିକ ସଠିକ୍ ଶୋଇବା ଅବସ୍ଥା, ସଫା ବିଛଣା ଏବଂ ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରିଥାଏ। ଗବେଷକଙ୍କ ଅନୁସାରେ, ଚିକିତ୍ସା ମୁଖ୍ୟତଃ ଲକ୍ଷଣ ପରିଚାଳନା ଏବଂ ରୋଗୀଙ୍କୁ ଦୈନନ୍ଦିନ କାର୍ଯ୍ୟକଳାପ କରିବାରେ ସାହାଯ୍ୟ କରିବା ଉପରେ ଧ୍ୟାନ ଦେଇଥାଏ।।



# ଫେସ୍‌ର ମେକଅପ୍

ଶୀତ ଦିନ ଆସିବା ମାତ୍ରେ ଆମ ତ୍ୱଚାକୁ ନେଇ ବହୁ ଚିନ୍ତାରେ ରହିଥାଉ। କାହିଁକି ନା ଶୀତ ଦିନେ ଆମ ତ୍ୱଚା ବହୁତ ଡ୍ରାଏ ହୋଇଯାଏ। ସେଥିପାଇଁ ଆମେ ଯଦି ତ୍ୱଚା ଉପରେ ଧ୍ୟାନ ନଦେବା , ଆଗକୁ ଯାଇ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଆହୁରୀ ବଢ଼ିଯିବ। ଏହି ପରିସ୍ଥିତିରେ ଯଦି ଆପଣ କୌଣସି ବାହାଘର କିମ୍ବା ପାର୍ଟିକୁ ଯାଉଛନ୍ତି , ତାହାଲେ ମେକଅପ ପ୍ରତି ଧ୍ୟାନ ଦଅନ୍ତୁ। ନହେଲେ ଡ୍ରାଏ ପାଇଁ ମେକଅପ ପୂରା ଖରାପ ହୋଇଯିବ । ଶୀତଦିନେ ମେକ୍‌ଅପ୍ ନେବା ପୂର୍ବରୁ, ସ୍କିନ୍‌କୁ ଏକ ଭଲ ମଶ୍ଚରାଇଜରରେ ଧୀରେ ଧୀରେ ମସାଜ କରିବେ। ଅତିକମ୍‌ରେ ୨ ମିନିଟ୍ ପାଇଁ ମସାଜ୍ କରିବା ଜରୁରୀ। ଯାହାଦ୍ୱାରା ମୁହଁରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବ ଏବଂ ମେକ୍‌ଅପ୍ ପରେ ଚେହେରା ଅଧିକ ସୁନ୍ଦର ଦେଖାଯିବ। ଏହାସହ ମେକ୍‌ଅପ୍ ପରେ ମୁହଁ ଶୁଖିଲା ମଧ୍ୟ ଦେଖାଯିବ ନାହିଁ । ଯଦି ଆପଣଙ୍କ ସ୍କିନ୍ ଡ୍ରାଏ, ତାହେଲେ ଆପଣ ମେକ୍‌ଅପ୍ କରିବା ପୂର୍ବରୁ ଫାଉଣ୍ଡେସନ୍‌ରେ ଦୁଇ ବୁନ୍ଦା ମୁହଁରେ ବ୍ୟବହାର ହେଉଥିବା ତେଲ ମିଶାଇ ଦିଅନ୍ତୁ। ତାପରେ ହିଁ ସେହି ଜିନିଷକୁ ବେକ, ମୁହଁ ଓ ହାତରେ ଲଗାଇ ଦିଅନ୍ତୁ। ତେବେ ଏପରି କରିବା ଦ୍ୱାରା ଆପଣ ମେକ୍‌ଅପ୍ ନେବା ପରେ ଆପଣଙ୍କ ମୁହଁ ଡ୍ରାଏ ଦେଖାଯିବ ନାହିଁ । ଶୀତଦିନେ ଅତ୍ୟଧିକ ମେକଅପ୍ ଲଗାଇବା ଦ୍ୱାରା ସ୍କିନ୍ର ପ୍ରାକୃତିକ ଚମକ କମିଯାଏ। ଯଦି ଆପଣ କେବଳ ହାଲୁକା ମେକଅପ୍ କରନ୍ତି ତେବେ ଏହା ଭଲ ହେବ। କିନ୍ତୁ ଫାଉଣ୍ଡେସନ୍ ଲଗାଇବା ପରେ ହାଇଲଟ୍‌ର ବ୍ୟବହାର କରିବେ।

# ଅଫିସରେ ବେଶୀ ସମୟ ବସିଲେ ସ୍ୱାସ୍ଥ୍ୟ ପ୍ରତି ବିପଦ

ଆଜିକାଲି ପ୍ରତି ଅଫିସରେ କାମ ଚାପ ବଢ଼ିଲାଣି। ଏଆଇ ଯୁଗରେ ଗୋଟେ ପଟେ ଛଟେଇ ବଢୁଥିବା ବେଳେ ଏଆଇକୁ ମାତ୍ ଦେବାକୁ କାମର ପ୍ରତିଯୋଗିତା ବି ବଢ଼ିଲାଣି। ଲମ୍ବା ସମୟ ଧରି ମିଟିଂ ଏବଂ କାମ ଚାପ ଭିତରେ କର୍ମଚାରୀମାନେ ଘଣ୍ଟା ଘଣ୍ଟା ଧରି ଚେୟାରରେ ଗୋଟେ ସ୍ଥାନରେ ବସି ରହୁଥିବା ଦେଖିବାକୁ ମିଳୁଛି। ଯାହା ପରବର୍ତ୍ତୀ ସମୟରେ ଅଣ୍ଟା ଦରଜ ସହ ଅନ୍ୟାନ୍ୟ ରୋଗର କାରଣ ସାଜୁଛି। ଆଜିକାଲି ଅଧିକାଂଶ ଲୋକଙ୍କ ଜୀବନଶୈଳୀ ଏବଂ କାର୍ଯ୍ୟ ସଂସ୍କୃତି ଏପରି ହୋଇଯାଇଛି ଯେ ସେମାନଙ୍କୁ ଗୋଟିଏ ସ୍ଥାନରେ ଘଣ୍ଟା ଘଣ୍ଟା ବସି କାମ କରିବାକୁ ପଡୁଛି। ଯାହା ଯୋଗୁଁ ସେମାନେ ପ୍ରାୟ ଚାଲିପାରୁନାହାଁନ୍ତି। କାର୍ଯ୍ୟ ସମୟ ସାରଣୀ ଏତେ କଠିନ ଯେ ବହୁତ କମ୍ ଲୋକ ଜିମ୍ ଯିବା ପାଇଁ ସମୟ ବାହାର କରିପାରନ୍ତି। କିନ୍ତୁ ଆପଣ କଣ ଜାଣନ୍ତି ଯେ ଏପରି ଭାବରେ ବସି ଲଗାତାର କାମ କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ହୋଇପାରେ। ବିଶେଷଜ୍ଞଙ୍କ ମତରେ, 'ନିରନ୍ତର ବସିବା ଧୂମପାନ ପରି ବିପଦପୂର୍ଣ୍ଣ'। ଆମର ଶରୀର ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ ଏହା ଯଥାସମ୍ଭବ ସକ୍ରିୟ ରହିଥାଏ। ଏପରି ପରିସ୍ଥିତିରେ, ଯେତେବେଳେ ଆମେ ଦୀର୍ଘ ସମୟ ଧରି ଲଗାତାର ବସିଥାଉ, ଏହା ଆମର ସାମଗ୍ରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଜାଣନ୍ତୁ ଅଧିକ ସମୟ ଧରି କୌଣସି ସ୍ଥାନରେ ବସି ରହିଲେ କଣ ସବୁ ସମସ୍ୟା ଦେଖାଯାଏ।

## କ'ଣ ବିପଦ

- ଘଣ୍ଟା ଘଣ୍ଟା ବସି ରହିବା ଦ୍ୱାରା ଦେଖାଯାଏ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା
- ନିଦ୍ରାହୀନତା ସହ ମନ କ୍ଳାନ୍ତ ହୁଏ, ଓଜନ ବଢ଼ିବାକୁ ଲାଗେ
- ପ୍ରତିଦିନ ଜିମ୍ ଯାଉଥିବା ଲୋକ ମଧ୍ୟ ଏହାର ଶିକାର ହୋଇଥାନ୍ତି
- ଗୋଟିଏ ସ୍ଥାନରେ ବସି ରହିବା କାରଣରୁ ଶରୀରରେ ଚର୍ବି ବୃଦ୍ଧି ହୋଇଥାଏ
- ଉଚ୍ଚ ରକ୍ତଚାପ ଏବଂ ହୃଦରୋଗର ଆଶଙ୍କା ମଧ୍ୟ ବଢ଼ିଥାଏ
- ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ
- ଦୀର୍ଘ ସମୟ ବସି ରହୁଥିବା ଲୋକଙ୍କଠାରେ କର୍କଟ ରୋଗର ଆଶଙ୍କା ବୃଦ୍ଧି



# ଅପରାଜିତା ଫୁଲ ସ୍ୱାସ୍ଥ୍ୟ ପାଇଁ ହିତକର



ଅପରାଜିତା ଗାଁ ଗହଳିରୁ ନେଇ ସହର ପର୍ଯ୍ୟନ୍ତ ମିଳୁଥିବା ସାଧାରଣ ଗଛଟିଏ l ଏହା ଯେଉଁଠି ସେଇଠି ଲଟା ପରି ମାଡି ଯାଏ l ଆୟୁର୍ବେଦରେ ଅପରାଜିତାଙ୍କୁ ଗୋଟିଏ ଜଡିବୁଟି ଭାବରେ ଗୁରୁତ୍ୱ ଦିଆଯାଇଛି l ବିଶେଷ କରି ଅପରାଜିତା ଫୁଲ ବର୍ଷା ଋତୁରେ ଅଧିକ ଫୁଟିଥାଏ l ଏହାର ଆୟୁର୍ବେଦରେ ବହୁଳ ପରିମାଣରେ ବିଭିନ୍ନ ରୋଗ ପାଇଁ ଉପଚାର କରାଯାଇଥାଏ। ଅପରାଜିତା ଦୁଇ ପ୍ରକାରର ଦେଖିବାକୁ ମିଳେ ଗୋଟିଏ ହେଉଛି ଧଳା ଓ ଅନ୍ୟଟି ହେଉଛି ନୀଳ l ଅପରାଜିତା ଫୁଲରେ ହେଉଥିବା ରୋଗର ଉପଚାର ବିଷୟରେ ଆସନ୍ତୁ ସେ ସମ୍ପର୍କରେ ଜାଣିବା l

ମୁଣ୍ଡବିନ୍ଧା ହେଉଥିଲେ ଅପରାଜିତାର ବ୍ୟବହାର କରାଯାଇଥାଏ। ଯାହାକୁ ଗୋଟିଏ ଯନ୍ତ୍ରଣା ନାଶକ ଔଷଧ ଭାବେ ବିବେଚନା କରାଯାଏ। ଯେତେବେଳେ ମୁଣ୍ଡବିନ୍ଧା ହେଉଛି ସେତେବେଳେ କଞ୍ଚା ଅପରାଜିତା ମଞ୍ଜିରୁ ରସ ତିଆରି କରି ଖାଲି ପେଟରେ ସକାଳୁ ସେବନ କରିବା ଦ୍ୱାରା ଲାଭ ମିଳିଥାଏ l ଏଥି ସହିତ କିଛି ବୁନ୍ଦା ଏହାର ରସ ନାକରେ ପକାଇବା ଦ୍ୱାରା ମାଇଗ୍ରେନ୍ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ। ଅନେକ ଲୋକଙ୍କର ଥଣ୍ଡାରୁ ମଧ୍ୟ କାନ ବିନ୍ଧା ହୋଇଥାଏ। ଏହାର ରସକୁ ଗରମ କରି କାନରେ ଲେପ ଭଳି ଲଗାଇବା ଦ୍ୱାରା କାନ ଯନ୍ତ୍ରଣାରୁ ଉପଶମ ମିଳିପାରିବ।

ଆଜିକାଲି ଅବସାଦ ଗ୍ରସ୍ତ ହେବ ଗୋଟିଏ ସାଧାରଣ ଜିନିଷ l କିନ୍ତୁ ଧ୍ୟାନରେ ରଖନ୍ତୁ ଯେ ଅପରାଜିତାର ଅବସାଦ ଦୂର କରିବାର ଗୁଣ ରହିଛି। ଅବସାଦ ଗ୍ରସ୍ତ ବ୍ୟକ୍ତିକୁ ଅପରାଜିତା ଫୁଲକୁ ବାଟି ମୁଣ୍ଡରେ ଲେପ ଦିଆଗଲେ ଅବସାଦ ଦୂର ହୋଇଥାଏ। ମଧୁମେହ ରୋଗରେ ଅପରାଜିତା ରକ୍ତ ସର୍କରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ l ମଧୁମେହ ରୋଗୀ ମାନଙ୍କୁ ସକାଳ ଓ ରାତ୍ରିର ଭୋଜନ ପରେ ଅପରାଜିତା ଫୁଲରେ ଚାହା ପ୍ରସ୍ତୁତ କରି ପିଇବାକୁ ଦେବା ଦ୍ୱାରା ସେମାନଙ୍କର ରକ୍ତ ସର୍କରା ନିୟନ୍ତ୍ରିତ ରହିଥାଏ l ଗଳା ଯନ୍ତ୍ରଣା କିମ୍ବା ଟନସିଲ୍ ପାଇଁ ପ୍ରାୟ ୧୦ ଗ୍ରାମ ଅପରାଜିତା ପତ୍ରକୁ ଅଧ ଲିଟର ପାଣିରେ ଫୁଟାନ୍ତୁ। ପାଣି ଅଧା ହୋଇଗଲେ, ଏହାକୁ ଛାଣି ପିଅନ୍ତୁ। ଏହାକୁ କାଢା ପରି ପିଅନ୍ତୁ। ଏହା ଆପଣଙ୍କ ଗଳା ଯନ୍ତ୍ରଣାରୁ ଯଥେଷ୍ଟ ଆରାମ ଦେବ।

କିଡନୀ ଜନିତ ସମସ୍ୟା ପାଇଁ ମଧ୍ୟ ଅପରାଜିତା ଫୁଲ ଖୁବ୍ ଲାଭକାରୀ ହୋଇଥାଏ। ଯଦି ଆପଣ ଏହି ଯନ୍ତ୍ରଣା ପାଉଛନ୍ତି ତେବେ ୫ ଗ୍ରାମ ଅପରାଜିତା ଚେରକୁ ଚାଉଳ ପାଣିରେ ବାଟି ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟା ସମୟରେ ପିଇବା ଦ୍ୱାରା କିଡ଼ନୀ ସମସ୍ୟାରୁ ମୁକ୍ତି ମିଳିଥାଏ l ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିକୁ ଭଜା ହୋଇଥିବା ଅପରାଜିତା ମଞ୍ଜି ଖୁବ୍ ଫଳପ୍ରଦ ହୋଇଥାଏ। ଏହାକୁ ଅଧଗ୍ରାମ ଗୁଣ୍ଡ କରି ମହୁ ମିଶାଇ ଦିନକୁ ଦୁଇଥର ସେବନ କରିବା ଦ୍ୱାରା ଜଣ୍ଡିସରୁ ଆରମ୍ ମିଳିବ l ତା ସହିତ ଅପରାଜିତା ଚେର ୬ ଗ୍ରାମ ନେଇ ଗୁଣ୍ଡ କରନ୍ତୁ ତାହାକୁ ଦହି ସହିତ ମିଶାଇ ଜଣ୍ଡିସ ରୋଗୀକୁ ଖାଇବାକୁ ଦିଅନ୍ତୁ। ଜଣ୍ଡିସ ରୋଗ ଦୂର ହେବ। ଏହି ସବୁ ସମସ୍ୟା ଥିଲେ ଅପରାଜିତା ଫୁଲର ଏପରି ବ୍ୟବହାର କରନ୍ତୁ।

### ଉଦ୍‌ଘାଟନ ଅପେକ୍ଷାରେ ଜିଲ୍ଲାର ୫ରୁ ଅଧିକ ସ୍ୱାସ୍ଥ୍ୟକେନ୍ଦ୍ର

# ବାରଣ୍ଡାରେ ଶୋଉଛନ୍ତି ରୋଗୀ



**ବୌଦ୍ଧ,୧୮।୬(ସଂଚାର ବ୍ୟୁରୋ):** ସାଧାରଣ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ସରକାର ବିଭିନ୍ନ ଜିଲ୍ଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରୁଛନ୍ତି ଅତ୍ୟାଧୁନିକ ହସ୍ପିଟାଲ । ହେଲେ ବୌଦ୍ଧ ଜିଲ୍ଲାରେ ଦେଖିବାକୁ ମିଳିଛି ଏହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର । ହସ୍ପିଟାଲର ନୂଆ କୋଠା ନିର୍ମାଣ ସରିଛି । ହେଲେ ତାଲା ପଡ଼ିଛି । ଗୋଟିଏ କି ଦୁଇଟି ନୁହେଁ, ଉଦ୍‌ଘାଟନ ଅପେକ୍ଷାରେ ରହିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ସମେତ ୫ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟ କେନ୍ଦ୍ର । ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବାରଣ୍ଡାରେ ଶୋଇଛନ୍ତି ଗର୍ଭବତୀ ମହିଳା । କାରଣ ହସ୍ପିଟାଲ୍‌ରେ ନାହିଁ ପର୍ଯ୍ୟାପ୍ତ ବେଡ୍ । ଏମିତି ନୁହେଁ ଯେ ଭିତ୍ତିଭୂମି ନାହିଁ । ସରକାର ଢେର୍ ଆଗରୁ ବିଶାଳ କୋଠା ନିର୍ମାଣ କରିଛନ୍ତି । ହେଲେ ତାହା ରୋଗୀଙ୍କ କାମରେ ଲାଗୁନି । ୨୦୨୫ରୁ ମୁଖ୍ୟ ଚିକିତ୍ସାଳୟର ୩ ଶହ ଶଯ୍ୟା ବିଶିଷ୍ଟ ନୂଆ କୋଠା ନିର୍ମାଣ ସରି ଉଦ୍‌ଘାଟନ ଅପେକ୍ଷାରେ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥାନ୍ତେ । ଗସ୍ତ ବାତିଲ୍ ହେଲା । କର୍ତ୍ତୃପକ୍ଷ ଅପେକ୍ଷା କରିଛନ୍ତି, ପୁଣି କେବେ ମୁଖ୍ୟମନ୍ତ୍ରୀ ସମୟ ଦେଲେ, ଏ କୋଠା କାମରେ ଲାଗିବ । ଜିଲ୍ଲାର ଅନେକ ଅଞ୍ଚଳରେ ସମାନ ସ୍ଥିତି । ପୁରୁଣା କଟକ ହସ୍ପିଟାଲ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ସରିଛି । ଉଦଘାଟନ ହୋଇପାରୁନି । ବଘିଆପଡ଼ା, ଟିକରପଡ଼ା ଓ ଶିମିଳିପଦର ଅଞ୍ଚଳରେ ହସ୍ପିଟାଲ ନିର୍ମାଣ ସରି ବର୍ଷ ବର୍ଷ ହେଲା ଝୁଲୁଛି ତାଲା । ମନମୁଣ୍ଡାରେ ୮ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଚାଲିଛି । ୨୦୨୩ରେ ସରିବା କଥା, ଏଯାଏଁ ଚାଲିଛି । ବୋଝ ଉପରେ ନଳିତା ବିଡ଼ା ସାଜିଛି ଡାକ୍ତର ଅଭାବ । ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧାରୁ ଅଧିକ ଡାକ୍ତର ପଦ ଖାଲି ପଡ଼ିଛି । ବିଶେଷଜ୍ଞ ଡାକ୍ତରଙ୍କ କଥା ନକହିବା ଭଲ । ଯଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ଏମିତି ତେବେ ଉପାନ୍ତରେ ରୋଗୀ କିଭଳି ସେବା ପାଉଥିବେ ତାହା ସହଜରେ ଅନୁମେୟ ।

## ଓଭରବ୍ରିଜ୍ ଓ ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣକୁ ଗ୍ରାମବାସୀଙ୍କ ବିରୋଧ



**ଭବାନୀପାଟଣା,୧୮।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡ଼ି ଚାରିଛକ ନିକଟରେ ଜାତୀୟ ରାଜପଥ-୨୬ ଉପରେ ନିର୍ମାଣ ହେବାକୁ ଥିବା ଓଭରବ୍ରିଜ୍ ଓ ଚାରିଥାକିଆ ରାସ୍ତା ପ୍ରକଳ୍ପ ପାଇଁ ଚାଲିଥିବା ଜମି ଅଧିଗ୍ରହଣ କାର୍ଯ୍ୟକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି।ଜମି ଅଧିଗ୍ରହଣ ପ୍ରକ୍ରିୟା ପାଇଁ ସରକାରୀ ଅଧିକାରୀ ଓ ପୋଲିସ ପ୍ରଶାସନ ପାଷ୍ଟିକୁଡ଼ି ଅଞ୍ଚଳରେ ପହଞ୍ଚିଥିବା ବେଳେ ଗ୍ରାମବାସୀମାନେ ସ୍ଥାନୀୟ ପାଷ୍ଟିକୁଡ଼ି ବାସିନ୍ଦା ଲୋକେ ସମସ୍ତ ଦୋକାନ ଓ ବଜାର ବନ୍ଦ ରଖି ଏକଜୁଟ ହୋଇ ପ୍ରତିବାଦ କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବର୍ଷା ଋତୁ ଆସନ୍ନ ଥିବାରୁ ବର୍ତ୍ତମାନ ସମୟରେ ଉଚ୍ଛେଦ କିମ୍ବା ଜମି ଅଧିଗ୍ରହଣ କାର୍ଯ୍ୟ ହେଲେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ଏହି ପ୍ରକ୍ରିୟାକୁ କିଛି ସମୟ ପାଇଁ ସ୍ଥଗିତ ରଖିବାକୁ ସେମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି।ଏନେଇ ଗ୍ରାମବାସୀ ସ୍ଥାନୀୟ ବାସିନ୍ଦା ପାଷ୍ଟିକୁଡ଼ି ଲୋକେମାନେ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗ ମଧ୍ୟ ଦାଖଲ କରିଛନ୍ତି। ବର୍ତ୍ତମାନ ସ୍ଥିତିରେ ପ୍ରଶାସନ ଓ ସରକାର ଏହି ପ୍ରସଙ୍ଗରେ କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ କଲେ ବିଧାୟକ

**ଜୟପୁର,୧୮।୬(ସଂଚାର ବ୍ୟୁରୋ):** ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ଗ୍ରାମ ପଞ୍ଚାୟତ ଠାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ କରକମଳରେ ପାଞ୍ଜିଆଗୁଡ଼ା ଠାରେ ନିର୍ମିତ ବଜାର ଗୃହ ଏବଂ ବାଲିଆ ଠାରେ ନିର୍ମିତ ଗ୍ରାମ ପଞ୍ଚାୟତ ସହାୟତା କେନ୍ଦ୍ରର ଲୋକାର୍ପଣ ହୋଇଛି।ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ରେ ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି, ଉପାଧ୍ୟାକ୍ଷା ଗଣେଶ୍ୱର ପ୍ରସାଦ ପାଢ଼ୀ, ବିଡ଼ିଓ ଶକ୍ତି ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଅସ୍ତା ନାୟକ, ସରପଞ୍ଚ ସରସ୍ୱତୀ ମାଝୀ, ବାଲିଆ ଗ୍ରାମ ପଞ୍ଚାୟତ; ସମିତି ସଭ୍ୟ ମକରଧ୍ୱଜ ହରିଜନ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ, କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପାତ୍ର, ବ୍ଲକ ସଭାପତି ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ କ୍ଷଉଦ୍ଘାଟିତ ବଜାର ଗୃହ ସ୍ଥାନୀୟ ବ୍ୟବସାୟୀ ଓ ଚାଷୀମାନଙ୍କ ପାଇଁ ଉନ୍ନତ ବଜାର ସୁବିଧା ସୃଷ୍ଟି କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବ। ସେହିପରି ଗ୍ରାମ ପଞ୍ଚାୟତ ସହାୟତା କେନ୍ଦ୍ର ସାଧାରଣ ଲୋକଙ୍କୁ ସରକାରୀ ସେବା ଓ ସୁବିଧା ସହଜରେ ଉପଲବ୍ଧ କରାଇବାରେ ସହାୟକ ହେବ।

### ବାଲିପାଟଣାରେ ଅଞ୍ଚଳରେ ବଢୁଛି ଚୋରଙ୍କ ଆତଙ୍କ

## ୨ମାସରେ ୧୩ ଚୋରି, ହାତବାନ୍ଧି ବସିଛି ପୁଲିସ




**ବାଲିପାଟଣା,୧୮।୬(ସଂଚାର ବ୍ୟୁରୋ):** କମିଶନରେଟ୍ ପୋଲିସ ଅଧିନ ବାଲିପାଟଣା ଥାନା ଅଞ୍ଚଳରେ ଚୋରି ଓ ଲୁଟ୍ ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଓ ଅସନ୍ତୋଷ ବଢ଼ିଛି। ଏହି କ୍ରମରେ ଗତକାଲି ବିଳମ୍ବିତ ରାତିରେ ପାଣିକଟାସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ହୁଣ୍ଡି ଭାଙ୍ଗି ପ୍ରାୟ ୩୦ ହଜାର ରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।ସୂଚନା ଅନୁଯାୟୀ, ଆଜି ସକାଳେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ପାଇଁ ମନ୍ଦିରକୁ ଆସିଥିବା ବେଳେ ଦାନବାକ୍ସ (ହୁଣ୍ଡି) ଭଙ୍ଗା ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଏହାପରେ ଘଟଣା ସମ୍ପର୍କରେ ମନ୍ଦିର କମିଟି ପୁଲିସକୁ ଅବଗତ କରିଥିଲେ।ଅଞ୍ଚଳରେ ମନ୍ଦିର ଚୋରି ଏବଂ ଲୁଟ୍ ଘଟଣା ଏବେ ନୂଆ ନୁହେଁ। କିଛି ଦିନ ପୂର୍ବରୁ ଦେଉଳିଧରପୁର ବୁଦ୍ଧିକେଶ୍ୱର ମନ୍ଦିରରୁ ଦୁଇଥର ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ବେଳେ ରାଜସ ନୀଳକଣ୍ଠେଶ୍ୱର ମନ୍ଦିରରୁ ମଧ୍ୟ ସମାନ ଢ଼ଙ୍ଗରେ ଦାନବାକ୍ସ ଭାଙ୍ଗି ଟଙ୍କା ଲୁଟ୍ ହୋଇଥିଲା। ସେହିପରି ଦୁଇ ଦିନ ତଳେ କୁଳନ୍ତିରା ଶାସନର ବିଜୟ ମଲ୍ଲିକଙ୍କ ଗୁହାଳରୁ ୧୦ଟି ଛେଳି ଓ ଏକ ପାଣି ମୋଟର ଚୋରି ହୋଇଥିବା ନେଇ ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା।କେବଳ ମନ୍ଦିର ନୁହେଁ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସାଧାରଣ ଲୋକଙ୍କ ଘର ମଧ୍ୟ ଏବେ ଅସୁରକ୍ଷିତ ହୋଇପଡ଼ିଛି। କିଛି ଦିନ ତଳେ ବନମାଳୀପୁରର ବାସୁଦେବ ଜୁଏଲାରୀରୁ ପ୍ରାୟ ୭ ଲକ୍ଷ ଟଙ୍କାର ଗହଣା ଲୁଟ୍ ହୋଇଥିବା ବେଳେ ଅଠାନ୍ତର ମେଡିକାଲ ଛକ ନିକଟରେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଘରୁ ମଧ୍ୟ ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ରହିଛି।ଏକାଧିକ ଚୋରି ଓ ଲୁଟ୍ ଘଟଣା ସତ୍ତ୍ୱେ ଅପରାଧୀମାନେ ଧରାପଡ଼ୁ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ବୃଦ୍ଧି କରିବା, ଚୋରି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ପ୍ରଗତିଶୀଳ କୃଷି ଆଲୋଚନାରେ ଜୈବିକ କୃଷି ଉପରେ ଗୁରୁତ୍ୱ



**ପାଟଣା,୧୮।୬(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ଜିଲା ପାଟଣା ବ୍ଲକସ୍ତରୀୟ ୨ୟ ବାର୍ଷିକ କୃଷକ ସମ୍ବାଦ କାର୍ଯ୍ୟକ୍ରମ ଗୁରୁବାର ପାଟଣା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି ଚଳିତ ବର୍ଷ ପ୍ରସଙ୍ଗ ଥିଲା ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନା ଓ କର୍ମଶାଳା। ଆୟୋଜିତ ସଭା ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ବ୍ଲକ ପ୍ରତିନିଧି କମଳା କାନ୍ତ ଦାଶ, ପାଟଣା ବିଡିଓ ମାନସ ରଞ୍ଜନ ଦଣ୍ଡପାଟ, ସହକାରୀ କୃଷି ଅଧିକାରୀ ଦେବାର୍ଚ୍ଚନ ଦ୍ୱିବେଦୀ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ ରୋହିତ ନାଏକ, ଉଦ୍ୟାନ କୃଷି ଅଧିକାରୀ ତପନ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଜୈବିକ ଚାଷ ଉପରେ ଗୁରୁତ୍ୱ ଦେଇଥିଲେ। ଶତାଧିକ ଚାଷୀ ସହ ୩ କୃଷି ଉତ୍ପାଦକ ଗୋଷ୍ଠୀର ସଦସ୍ୟ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଯନ୍ତ୍ରୀ ସସ୍ମିତା ବେହେରା ଡବ୍ଲ୍ୟୁଇଓ ସିପ୍ରା ରାଣୀ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ଏହାପରେ ମୁଖ୍ୟ ଅତିଥି ନାୟକ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ଓ ଆଦିବାସୀ ହରିଜନ ବିଭାଗ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ପରେ ଅତିଥିମାନେ ବୁଲି ଦେଖିଥିଲେ।

## ବନ୍ୟା ଓ ଅତିବୃଷ୍ଟି ମୁକାବିଲା ପାଇଁ ଟେବୁଲ ଟପ୍ ଅଭ୍ୟାସ



**ସୁବର୍ଣ୍ଣପୁର,୧୮।୬(ସଂଚାର ବ୍ୟୁରୋ):** ଆସନ୍ତା ବର୍ଷା ଋତୁରେ ସମ୍ଭାବ୍ୟ ଅତିବୃଷ୍ଟି ଓ ବନ୍ୟାଜନିତ ପରିସ୍ଥିତିର ସଫଳ ମୁକାବିଲା ଏବଂ ଜିଲ୍ଲାସ୍ତରୀୟ ପ୍ରସ୍ତୁତିର ସମୀକ୍ଷା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନର ଜରୁରୀକାଳୀନ ଶାଖା ପକ୍ଷରୁ ଏକ ଟେବୁଲ ଟପ୍ ଅଭ୍ୟାସ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ସମସ୍ତ ବିଭାଗ ଅଂଶଗ୍ରହଣ କରି ସେମାନଙ୍କର ପ୍ରସ୍ତୁତି ଏବଂ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରଣୀ ଦାସ ପ୍ରମୁଖ ଉପସ୍ଥିତ। ଅଭ୍ୟାସକୁ ପରିଚାଳନା କରିଥିଲେ ଡେପୁଟି କଲେକ୍ଟର ଜରୁରୀ ଶାଖା ରାଜେଶ ସାହୁ। ବିଭିନ୍ନ ବିଭାଗ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ (ପିପିଟି) ମାଧ୍ୟମରେ ବନ୍ୟା ଓ ଅତିବୃଷ୍ଟି ସମୟରେ ଉପଲବ୍ଧ ମାନବ ସମ୍ବଳ, ଯନ୍ତ୍ରପାତି, ଉଦ୍ଧାର ସାମଗ୍ରୀ ଓ ଆବଶ୍ୟକ ସମ୍ବଳ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ୨୮ ତାରିଖରେ ଘଟିଥିବା କାଳବୈଶାଖୀ ଓ ପବନ-ବର୍ଷା ସମୟରେ ଅଗ୍ନିଶମ, ବିଦ୍ୟୁତ, ପୌରସଂସ୍ଥା ଓ ଅନ୍ୟାନ୍ୟ ବିଭାଗର ସମନ୍ୱିତ ପ୍ରୟାସ ଯୋଗୁଁ ଚାରି ଦିନ ମଧ୍ୟରେ ସାଧାରଣ ଜନଜୀବନ ସ୍ୱାଭାବିକ ହୋଇଥିବା ଅନୁଭୂତି ମଧ୍ୟ ସମ୍ପୃକ୍ତ ଅଧିକାରୀମାନେ ବାଣ୍ଟିଥିଲେ।

## ମନ୍ଦିରରୁ ଚୋରି, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ଜୟପୁର,୧୮।୬(ସଂଚାର ବ୍ୟୁରୋ):** ଜୟପୁର ସହର ବାଙ୍କମଠ ପରିସରରେ ଥିବା ମନ୍ଦିରରୁ ଚୋରି ହୋଇଛି। ମନ୍ଦିର ପରିସରରେ ଥିବା ଗୋପିନାଥ ମନ୍ଦିର, ବାଙ୍କେଶ୍ୱର ମନ୍ଦିର ଓ ରୋଷେଇ ଶାଳାର ତାଲା ଭାଙ୍ଗି ଥିବା ନେଇ ପୁଜକ ସନ୍ତୋଷ କୁମାର ପଣ୍ଡା ଦେଖି ଦେବୋତର ବିଭାଗକୁ ସୂଚନା ଦେଇଥିଲେ। ପରେ ଟାଉନ ଥାନାରେ ଲିଖତ ଅଭିଯୋଗ କରିଛନ୍ତି। ଗୋପିନାଥ ମନ୍ଦିର ଓ ବାଙ୍କେଶ୍ୱର ମନ୍ଦିର ହୁଣ୍ଡିର ଟଙ୍କା ସହ ରୁପା ମୁକୁଟ ୨ଟି ଚୋରି ହୋଇଛି। ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ସାଇଂଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ଏସଡିପିଓ ଅର୍ଚ୍ଚିତା ମିତଲଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଚଢ଼ଉ ଜାରି ରହିଛି।

## ପୁଲିସ୍‌କୁ ସଫଳତା, କୁଖ୍ୟାତ ଚୋର ପୁନିଆ ଗିରଫ



**ତିର୍ତ୍ତୋଲ,୧୮।୬(ସଂଚାର ବ୍ୟୁରୋ):** ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଏରସମା ରାସ୍ତାର ନରୁଆ ଦୁର୍ଗା ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ନେଇ ଯାଉଥିବା ସି.ସି ଟିଭି ଭିଡିଓ କୁ ନେଇ ଅଞ୍ଚଳରେ ଚର୍ଚ୍ଚା କୁ ନେଇ ତିର୍ତ୍ତୋଲ ପୋଲିସ୍ ର ପରିବା ପଣିଆ କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ପୋଲିସ୍ ଆଖିରେ ଧୂଳି ଦେଇ ଦିନରେ ଟାର୍ଗେଟ ରାତିରେ ଆଚିବ୍ କରୁଥିଲା ଏହି ମାଷ୍ଟର ମାଇଣ୍ଡ ଚୋର। କିନ୍ତୁ ବିଳମ୍ବରେ ହେଲେ ମଧ୍ୟ ଜିଲ୍ଲା ଏସ୍ପି ଙ୍କ ଚାପ ଓ ତିର୍ତ୍ତୋଲ ଯୁବ ପୋଲିସ୍ ଅଫିସର୍ ଜୟଦେବ ମହାନ୍ତି ଙ୍କ ନେତୃତ୍ୱ ର ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇ ଦୁର୍ଦ୍ଧାନ୍ତ ଡକାୟତ ପୂର୍ଣ୍ଣ ଚନ୍ଦ୍ର ମାଝି( ପୁନିଆଁ) (୫୧ ବର୍ଷ ) କୁ 'ବଣିତ' ଠାରୁ ଗତକାଲି ରାତିରେ ଗିରଫ କରିବା ପରେ ଅଭିଯୁକ୍ତ କିଭଳି ଚୋରି କରିଥିଲା ସବୁ ମାନି ଯାଇଛି। ଅଭିଯୁକ୍ତ ପୁନିଆଁ ଘର ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ଗଣପତି ପୁର ଗ୍ରାମ ହୋଇଥିବା ବେଳେ ପିତା ସ୍ୱର୍ଗତ ବୈଷ୍ଣବ ମାଝି ବୋଲି ଜଣାପଡ଼ିଛି। ଅଭିଯୁକ୍ତ ନିକଟରୁ ନୀଳ ରଙ୍ଗର ହ୍ୟାଣ୍ଡଲ ଲାଗିଥିବା ଷ୍ଟିଲ ରେ ତିଆରି କଟର, ବୋଲ୍ଟ କଟର ଦୁଇଟି ରବର ଗ୍ରିପ୍ ଜବତ ହୋଇଛି। ଅଭିଯୁକ୍ତ ପୁନିଆଁ କୁ ତିର୍ତ୍ତୋଲ ପୋଲିସ୍ କେଶ୍ ନଂ ୩୭/୨୦୨୬, ୟୁ/ଏସ୍ -୩୦୩(୨) ଦଫା ଲଗାଇ ବି.ଏନ୍.ଏସ. ରେ ଅଟକ ରଖିଛି ତିର୍ତ୍ତୋଲ ପୋଲିସ୍। ଅଭିଯୁକ୍ତ ର ସ୍ଥାନୀୟ ନରୁଆ ଛକ ଠାରେ କିଛି ନିସାଡି ଙ୍କ ସହିତ ସମ୍ପର୍କ ରହିଥିବା ପୋଲିସ୍ ହାତରେ ସୁରାଗ ଲାଗିଛି ! ଖୁବ୍ ଶୀଘ୍ର ପୋଲିସ୍ ଅଭିଯୁକ୍ତ ର ପାଖ ଲୋକ ଙ୍କ ପାଖରେ ପହଞ୍ଚି ଉଠାଇପାରେ ବୋଲି ଜଣାପଡ଼ିଛି। କିନ୍ତୁ ପୂର୍ବରୁ ନରୁଆ ଦୁର୍ଗା ମନ୍ଦୀର କବାଟ ତାଡି ମା ଙ୍କ ସୁନା, ରୂପା ଗହଣା, ପିତଳ ବାସନ କୁସନ ଘଣ୍ଟ ଘଣ୍ଟି ଚୋରି ହୋଇଥିବା ଘଟଣା ରେ ପୋଲିସ୍ ହାତ ଖାଲିଥିବା ଜଣା ପଡ଼ିଛି।

## ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର,୧୮।୬(ସଂଚାର ବ୍ୟୁରୋ):** ରଜ ଛୁଟି ପରେ ସୋନପୁର ସହରରେ ତିଆରି ହେଉଥିବା ବସଷ୍ଟାଣ୍ଡକୁ ହଠାତ୍ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ତଦାରଖ କଲେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ। କାର୍ଯ୍ୟ ସବୁ ର ତଦାରଖ କରି ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ଓ ଉଚ୍ଚ ମାନ ତଥା କ୍ୱାଲିଟି କାମ ପାଇଁ ଦାୟିତ୍ୱ ରେ ଥିବା ଇଞ୍ଜିନିଅରିଙ୍କୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଙ୍କ ସମେତ ସହରର ସଚେତନ ନାଗରିକ ତଥା କର୍ମଯୋଗୀ ଗୋବିନ୍ଦ ମହାରଣା ଓ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଯେ ରଜ ଛୁଟି ପୂର୍ବ ରୁ ମଧ୍ୟ ଜିଲ୍ଲାପାଳ ଡ଼ ସାହୁ ଏହି ତିଆରି ହେଉଥିବା ବସଷ୍ଟାଣ୍ଡ ର ନିର୍ମାଣ କାର୍ଯ୍ୟ ର ତଦାରଖ କରି ଅସ୍ଥାୟୀ ବସଷ୍ଟାଣ୍ଡ ର ନୂଆଁ ଶେଡ୍ ତୁରନ୍ତ ନିର୍ମାଣ ପାଇଁ ପୌର ପରିଷଦ କୁ ନିର୍ଦ୍ଦେଶ କରିଥିଲେ। ବସ ଯାତ୍ରୀ ଙ୍କ ପାଇଁ ଉଦ୍ଦିଷ୍ଟ ସୁରକ୍ଷା ବ୍ୟବସ୍ଥା, ସ୍ୱଚ୍ଛତା, ପାନୀୟ ଜଳ, ଶୌଚାଳୟ ଇତ୍ୟାଦି ମୌଳିକ ସୁବିଧା ର ଯାଞ୍ଚ କରିଥିଲେ। ପରେ ପରେ ସୋନପୁର ସହର ର ବ୍ଲକ୍ ଛକ ରୁ ବଲାଙ୍ଗିର ରାସ୍ତା ରେ ଓ ମହାନଦୀ ବ୍ରିଜ୍ ନିକଟରେ ନିର୍ମାଣ ହେବାକୁ ଥିବା ପୌର ପରିଷଦ ର ଭବ୍ୟ ସ୍ୱାଗତଂ ଗେଟ୍ ନିର୍ମାଣ ସ୍ପଟ୍ ପରିଦର୍ଶନ କରି ଶୀଘ୍ର କାର୍ଯ୍ୟ ଶୁଭାରମ୍ଭ ପାଇଁ ପୌର ପରିଷଦ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଭିଜିଲାନ୍ସ ତଦନ୍ତ ସହ ବିପିଓଙ୍କ ବଦଳି ଦାବି

**ଗଞ୍ଜାମ,୧୮।୬(ସଂଚାର ବ୍ୟୁରୋ):** କୁକୁଡାଖଣ୍ଡି ସିଏଚସିର ବିପିଓଙ୍କ ବିରୁଦ୍ଧରେ ଭିଜିଲାନ୍ସ ତଦନ୍ତ ସହ ତୁରନ୍ତ ଅନ୍ୟତ୍ର ବଦଳି ପାଇଁ ଜନସାଧାରଣରେ ଦାବି ହେଉଛି। ସେ ଏଠାରେ ଦୀର୍ଘ ଦିନ ହେଲା ରହି ବହୁ ଅନୈତିକ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପାଇଁ ଆସୁଥିବା ଅର୍ଥ ବାଟମାରଣା କରିବା ସହ ବିଭିନ୍ନ ବାବଦରେ ଆସୁଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଉଣା ନଦେଇ ବାଟମାରଣା କରୁଥିବା ଅଭିଯୋଗ ହେଉଛି। ସବୁଠାରୁ ବିସ୍ମୟ ଘଟଣାଯେ, ଏହି ବିପିଓଙ୍କ ନିଜ ଘର କୁକୁଡାଖଣ୍ଡି ହୋଇଥିବା ବେଳେ ଜଣେ ଅଧିକାରୀଙ୍କୁ କିପରି ନିଜ ଗାଁରେ ନିଯୁକ୍ତି ମିଳିଛି ?ଗଂଜାମ ସିଡିଏମଓ ଘଟଣାର ତଦନ୍ତ କରିବା ସହ ତାଙ୍କ ବିରୁଦ୍ଧରେ ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ହେଉଛି।

### ବିଧବାଙ୍କ ରାସନ କାର୍ଡକୁ ନେଇ ବିବାଦ

## ରାସନ କାର୍ଡ କାଟିଦେବାକୁ ଧମକ



**ବାଲିଆପାଳ,୧୮।୬(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବସ୍ତା ତାଲୁକ ଆଇନ ସେବା ପ୍ରାଧିକରଣ ଅଧୀନରେ ପାରାଲିଗାଲ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ ରାଜକିଶୋର ପାତ୍ର ଦୀର୍ଘଦିନ ଧରି ଆଦିବାସୀ, ଭିନ୍ନକ୍ଷମ, ଅସହାୟ ମହିଳା ଓ ସମାଜର ଅବହେଳିତ ବର୍ଗଙ୍କୁ ନ୍ୟାୟ ଓ ସରକାରୀ ସହାୟତା ପହଞ୍ଚାଇବା ଦିଗରେ କାର୍ଯ୍ୟ କରିଆସୁଛନ୍ତି। ପ୍ରଶାସନର ସହଯୋଗରେ ଅନେକ ହିତାଧିକାରୀଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ସାମାଜିକ ସୁରକ୍ଷା ଭତ୍ତା, ରାସନ କାର୍ଡ ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ସେ ଅଞ୍ଚଳରେ ଏକ ପରିଚିତ ନାମ ହୋଇପାରିଛନ୍ତି। ତେବେ ସମ୍ପ୍ରତି ଏକ ରାସନ କାର୍ଡ ଘଟଣାକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଛି। ଅଭିଯୋଗ ଅନୁସାରେ, ବାଲିଆପାଳ ବ୍ଲକ ବାଳକୁଟି ପଞ୍ଚାୟତର କେଶୁଡିହା ଗ୍ରାମର ବିଧବା ମହିଳା ମଞ୍ଜୁଲତା ଦାସ ସ୍ୱାମୀଙ୍କ ମୃତ୍ୟୁ ଓ ଏକମାତ୍ର ଝିଅର ବିବାହ ପରେ ଅସହାୟ ଅବସ୍ଥାରେ ଜୀବନଯାପନ କରୁଥିଲେ। ଯୋଗ୍ୟ ହେବା ସତ୍ତ୍ୱେ ସେ ଦୀର୍ଘଦିନ ଧରି ରାସନ କାର୍ଡ ପାଇବାରୁ ବଞ୍ଚିତ ଥିଲେ। ଗତ ଜନଗଣନା ସର୍ଭେ ସମୟରେ ସରକାରୀ ଶିକ୍ଷକ ହରିପଦ ଭୂୟାଁଙ୍କ ମାଧ୍ୟମରେ ମଞ୍ଜୁଲତା ଦାସ ନିଜ ସମସ୍ୟା ବିଷୟରେ ରାଜକିଶୋର ପାତ୍ରଙ୍କୁ ଅବଗତ କରାଇଥିଲେ। ଏହାପରେ ଶ୍ରୀ ପାତ୍ର ଗତ ୧୯ ମଇ ୨୦୨୬ ତାରିଖରେ ବାଲିଆପାଳ ବିଡିଓଙ୍କୁ ମଞ୍ଜୁଲତାଙ୍କ ରାସନ କାର୍ଡ ପ୍ରଦାନ ପାଇଁ ଲିଖିତ ଭାବେ ଅନୁରୋଧ କରିଥିଲେ। ପ୍ରଶାସନିକ ସୂଚନା ଅନୁଯାୟୀ ପରେ ମଞ୍ଜୁଲତାଙ୍କ ନାମରେ ରାସନ କାର୍ଡ ପ୍ରସ୍ତୁତ ହୋଇଥିଲା। ରଜ ପର୍ବ ଅବସରରେ "ଆମ ଅଧିକାର ଫାଉଣ୍ଡେସନ"ର ସହଯୋଗରେ ଓ ହରିପଦ ଭୂୟାଁଙ୍କ ଉପସ୍ଥିତିରେ ମଞ୍ଜୁଲତା ଦାସଙ୍କୁ ରଙ୍ଗିନ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ମାତ୍ର ଏହି ସାମାଜିକ କାର୍ଯ୍ୟକ୍ରମ ପରେ କିଛି ଦଳୀୟ ନେତା ଓ କର୍ମୀ ଅସନ୍ତୋଷ ପ୍ରକାଶ କରିଥିବା ଅଭିଯୋଗ ହୋଇଛି।

## ଦ୍ୱିତୀୟ ସ୍ୱତନ୍ତ୍ର ଯୁଗ୍ମ ଜଣାଶୁଣାଣି ଶିବିର କେବେ ?

**ବୈଶିଙ୍ଗା,୧୮।୬(ସଂଚାର ବ୍ୟୁରୋ):** ସଦର ଉପ ଖଣ୍ଡ ବାରିପଦା ଅଧୀନରେ ୧୦ ଗୋଟି ବ୍ଲକ ଥିବାରୁ ଜିଲାପାଳଙ୍କ ଜନଶୁଣାଣି ଅଭିଯୋଗ ଶିବିରରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ବେତନଟୀ ଓ ବଡ଼ସାହି ବ୍ଲକର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ସଠିକ ଭାବେ ହୋଇପାରୁନଥିବାରୁ ଲୋକମାନେ ଏହି ସୁଯୋଗରୁ ବଞ୍ଚିତ ହେଉଥିଲେ। ପ୍ରଥମଥର ନିମନ୍ତେ ଗତ ୨୦୨୫ ମସିହା ଜୁନମାସ ୨୫ ତାରିଖରେ ଏହି ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ବେତନଟୀ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା। ମୟୁରଭଞ୍ଜ ଜିଲାପାଳ ହେମକାନ୍ତ ସୟ, ଜିଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ତତ୍କାଳୀନ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ଉଭୟ ବ୍ଲକର ବହୁ ଅଧିକାରୀ ପ୍ରମୁଖ ଏହି ଶିବିରରେ ଯୋଗଦାନ କରି ଅଭିଯୋଗ ଶୁଣିବାସହ ସହଜ ମାମଲାର ସମାଧାନ ମଧ୍ୟ କରିଥିଲେ। ଏହି ଶିବିରରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଉପସ୍ଥିତ ରହି ଏହି ଶୁଣାଣିରେ ଅଂଶ ଗ୍ରହଣ କରିଥିଲେ। ଲୋକମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ବାରିପଦା ଯାଉଥିଲେହେଁ ଅଭିଯୋଗ ଶୁଣାଣିରେ ସନ୍ତୁଷ୍ଟ ହୋଇପାରୁନଥିଲେ। ନିଜ ବ୍ଲକରେ ଏହି ଶୁଣାଣି ହେଉଥିବାରୁ ସେମାନଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁନଥିଲା। ଲୋକମାନେ ସମସ୍ତେ ଅଭିଯୋଗ ଥିଲେ ମଧ୍ୟ ଶୁଣାଣି ପାଇଁ ବାରିପଦା ଯାଇପାରୁନଥିବାରୁ ଉଭୟ ବ୍ଲକର ମୋଟ ୯୫୫ ଟି ଅଭିଯୋଗ ଶୁଣାଣି ପାଇଁ ଆସିଥିଲା। ଏହି ଅଭିଯୋଗ ପ୍ରକୋଷ୍ଠ ରେ ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଠାରେ ନିର୍ମିତ ହୋଇ ଛାତ ପଡ଼ିବାକୁ ଯାଉଥିବା ସାମ୍ବାଦିକ ଭବନର ଛାତ ପକାଇବାକୁ ସେ ସମୟର ବିଡ଼ିଓ ସୁଶାନ୍ତ କୁମାର ସୁତାର କୌଣସି ବିଶେଷ କାରଣ ନଥାଇ ଛାତ ପକାଇବା କାମକୁ ବନ୍ଦ କରିଦେବା ନିମନ୍ତେ ବୈଶିଙ୍ଗା ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ।

## ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ କାର୍ଯ୍ୟକ୍ରମ

**କେସିଙ୍ଗା,୧୮।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବ୍ଲକ ସ୍ତରୀୟ ଜାତି ଜନଜାତି ସମ୍ବାଦ କାର୍ଯ୍ୟକ୍ରମ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସଭାପତିତ୍ୱରେ ଗୁରୁବାର କାର୍ଯ୍ୟକ୍ରମ ଅନୁଷ୍ଠିତ ପୂର୍ବରୁ ଅଗ୍ରପୂଜ୍ୟ ଗଣେଶଙ୍କୁ ପୂଜା କରିବାକୁ ପ୍ରସ୍ତୁତି ଚାଲିଥିଲା। ଏହି ସମୟରେ ବାହାଦୂର ପଦର ଗ୍ରାମର କଲୋନୀ ପଡ଼ାର ଜଣେ ବିଜେଡି କର୍ମୀ ଅଗ୍ର ପୂଜ୍ୟ ଗଣେଶଙ୍କୁ ପୂଜା କରାଯିବ ନାହିଁ। ଆମର ଏସ୍ ଟି,ଏସ୍‌ସିମାନଙ୍କ ଦେବତା ତଥା ମାଟିକୁ ପୂଜା କରାହେବ ନଚେତ୍ ଏଇଠୁ ଚାଲିଯିବୁ ବୋଲି କହିଥିଲେ। ପରେ ପାଟିତୁଣ୍ଡ କରିବାରୁ ବିନା ପୂଜାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଣେ ହିନ୍ଦୁ ଲୋକ ହୋଇ ସନାତନ ଧର୍ମକୁ ବିରୋଧ କରିବାରୁ ଉପସ୍ଥିତ ଜନସାଧାରଣଙ୍କ ମନେରେ ଗଭୀର ଦୁଃଖ ପହଞ୍ଚି ଥିଲା। ଏହି କାର୍ଯ୍ୟକ୍ରମ ୧୮ରୁ ୨୦ ତାରିଖ ଯାଏ ଏବଂ ୨୨ରୁ ୨୫ ଯାଏ ଏହି କାର୍ଯ୍ୟକ୍ରମ ପାଳନ କରିବା ପାଇଁ ରାଜ୍ୟ ସରକାରଙ୍କ ପି .ଆର.ଏବଂ ଡବ୍ଲ୍ୟୁ.ଡ଼ି.ଡ଼ି ପାର୍ଟମେଣ୍ଟ ଚିଠି ନ.୧୫୫୧୦/୫.୬.୨୬ ନିର୍ଦ୍ଦେଶ କ୍ରମେ ଏହି ପ୍ରୋଗ୍ରାମ ପାଳନ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ହୋଇଛି।

## ସୂଚନା ଅଧିକାର ଆଇନ ଉଲ୍ଲଂଘନ: ପ୍ରଥମ ଅପିଲ୍ ପରେ ବି ମିଳୁନି ସୂଚନା




**କର୍ଲାମୁଣ୍ଡା,୧୮।୬(ସଂଚାର ବ୍ୟୁରୋ):** ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା, ଦୁର୍ନୀତି କମାଇବା, ଜନସାଧାରଣଙ୍କୁ ଅଧିକାର ଦେବା ତଥା ଲୋକେ ସରକାରୀ କାର୍ଯ୍ୟ, ଯୋଜନା, ଫାଇଲ ଅବସ୍ଥା, ଖର୍ଚ୍ଚ ବିବରଣୀ ଆଦି ପାଇବା ଉଦ୍ଦେଶ୍ୟରେ ୨୦୦୫ରେ ସୂଚନା ଅଧିକାର ଆଇନ ତିଆରି ହୋଇଥିଲା। ସୂଚନା ମାଗିବାର ୩୦ ଦିନ ଭିତରେ ତଥ୍ୟ ପ୍ରଦାନ କରିବାକୁ ଏହି ଆଇନରେ ଉଲ୍ଲେଖ ରହିଛି। ତେବେ ଏହି ଆଇନକୁ ଖୁଲମଖୋଲା ଭାବେ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଭବାନୀପାଟଣା ରାମନଗର ପଡ଼ାର ଯୁବ ସମାଜସେବୀ ଚିନ୍ମୟ ମିଶ୍ର ଏହି ବ୍ଲକରେ ବିକଶିତ ଗାଁ, ବିକଶିତ ଓଡ଼ିଶା ପାଣ୍ଠି ବିନିଯୋଗରେ ଅନିୟମିତତା ହେଉଥିବା ଲୋକଙ୍କଠାରୁ ଖବର ପାଇ ଏହାର ସତ୍ୟତା ଜାଣିବା ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ପକ୍ଷରୁ ୨୦୨୫/୨୬ ଅର୍ଥିକ ବର୍ଷରେ କର୍ଲାମୁଣ୍ଡା ପଞ୍ଚାୟତ ସମିତିରେ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ପ୍ରକଳ୍ପଗୁଡିକ କେଉଁ କେଉଁ ଆଧାରରେ ଚୟନ ହୋଇଛି, ସେ ସବୁର ବିସ୍ତୃତ ବିବରଣୀ, କର୍ଲାମୁଣ୍ଡା ବ୍ଲକର କେଉଁ କେଉଁ ପଞ୍ଚାୟତର କେଉଁ କେଉଁ ଗାଁର କେଉଁ ସବୁ ସ୍ଥାନରେ ବିକଶିତ ଗାଁ ବିକଶିତ ଓଡ଼ିଶାର ଅନୁଦାନ ପାଣ୍ଠି ବିନିଯୋଗ ହୋଇଛି, ସେ ସବୁ ପ୍ରକଳ୍ପଗୁଡିକର ନିର୍ମାଣ ହୋଇଥିବା ସ୍ଥାନର କିସମ, ସ୍କେଚ ମ୍ୟାପ, ଆର୍‌ଓଆର୍, ଓ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜମି କିସମର ବିବରଣୀ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ କର୍ଲାମୁଣ୍ଡା ବ୍ଲକରେ ବର୍ତ୍ତମାନ ସୁଦ୍ଧା କେତୋଟି ପ୍ରକଳ୍ପ କେଉଁ କେଉଁ ସ୍ଥାନରେ ସମ୍ପୂର୍ଣ୍ଣ ହୋଇଛି।